ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୬ ସଂସ୍କରଣ



## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍.ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଭାରତର ସ୍ୱାଧୀନତା ଦିବସ ଉପଲକ୍ଷେ**
**ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୦୯ |
| **ଗଳ୍ପ ବିଭାଗ** | | **୧୦୩** |
| ଅନେକ କଳାଛାଇ - ୪୨ | ଅଶୋକ ବିଶ୍ୱାଳ | ୧୦୪ |
| ବଡ଼ବାବୁ (ଧାରାବାହିକ କାହାଣୀ) | | ୧୧୩ |
| ଅସ୍ତିତ୍ୱ | ନିବେଦିତା ରଥ | ୧୧୮ |
| ସର୍ତ୍ତରେ ମହାପ୍ରଭୁ | ଦେବାଶିଷ ମାଇତି | ୧୨୪ |
| ଶାଶୁଙ୍କ ସର୍ତ୍ତ | ନିତ୍ୟ ରଞ୍ଜନ ନନ୍ଦ | ୧୨୭ |
| କେମିତି ସମ୍ପର୍କ ଇଏ | ବିବାସିନୀ ପଟ୍ଟନାୟକ | ୧୩୩ |
| ଲଣ୍ଠନ | ନିବେଦିତା ପଣ୍ଡା | ୧୩୯ |
| ଅଧା ରହିଯାଇଥିବା ଚିଠି | ଚନ୍ଦନ କୁମାର ପାତ୍ର | ୧୪୦ |
| ଆଖିରେ ପ୍ରେମର ଭାଷା | ଆଶୁତୋଷ ମେହେର | ୧୪୨ |
| ଜୀବନର ମୋଡ଼ | ମନୀଷା ଦେବୀ ପାତ୍ର | ୧୪୬ |
| **କବିତା ବିଭାଗ** | | **୧୪୯** |
| ତୁମେ ଯଦି ଯିବ ଯାଅ ଦୂରେ | ଶିବନାରାୟଣ ଦାସ | ୧୫୦ |
| କଲମ କହୁଛି କଥା | ମଧୁସ୍ମିତା ସାହୁ | ୧୫୫ |
| ଦେଖିବ ଆସ ରଥଯାତ୍ରା | ଦୁଷ୍ମନ୍ତ ବେହେରା | ୧୫୬ |
| ମୁଁ ନଥିବା ବେଳର ପୃଥିବୀ | ଅନସୂୟା ଲେଙ୍କା | ୧୫୮ |
| କର୍ମ ହିଁ ଭଗବାନ | ବାସନ୍ତୀ ଲତା ଜେନା | ୧୬୦ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଅନଲାଇନ ର ପୁଅ | ଶିଶିର କୁମାର ପଣ୍ଡା | ୧୬୨ |
| ବଡ଼ ଦାଣ୍ଡ | ସୁଜିତ କୁମାର ମିଶ୍ର | ୧୬୩ |
| ଦାସେ ଆପଣେ | ରାମ ଚନ୍ଦ୍ର ପ୍ରଧାନ | ୧୬୪ |
| ଗାଳି ଦେବାକୁ ମନ ବଳିଲା | ବୈଦ୍ୟନାଥ ମହାନ୍ତି | ୧୬୬ |
| ଦାମ୍ପତ୍ୟ | ଅରୁଣ କୁମାର ଦାସ | ୧୬୮ |
| ଲୁହ ମୋ ଓଠକୁ ଚୁମେ | ତାରା ପ୍ରସାଦ ଜେନା | ୧୭୦ |
| ଆମେ ଓଡ଼ିଆ ଭାରି ବଢ଼ିଆ | ଆଶିଷ କୁମାର ସାହୁ | ୧୭୧ |
| ଜହ୍ନ ପାଖେ ମନ | ସୁଭାଗିନୀ ସିଂହ | ୧୭୩ |
| ମୋ ଦେଶ ଭାରତ | ନୀଳମଣି ଚାନ୍ଦ | ୧୭୪ |
| ଜୀବନର ଗାଥା | ସୁଷମା ହୋତା | ୧୭୬ |
| ଆଶା | ନିରଞ୍ଜନ ସାହୁ | ୧୭୭ |
| ମେଘରାଣୀ ଆସିଲା ଓହ୍ଲାଇ | ଗୋଲୋକବିହାରୀ ବେହେରା | ୧୭୯ |
| ବର୍ଷାର ଚେତାବନୀ | ସରୋଜିନୀ ମିଶ୍ର | ୧୮୦ |
| ବର୍ଷା | ସୁନିତା ଦାଶ | ୧୮୨ |
| ସେଇ ଅଭୁଲା ମୁହୂର୍ତ୍ତ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୮୩ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୮୪ |
| ଅଭୁଲା ସ୍ମୃତି | ଅନ୍ନପୂର୍ଣ୍ଣା ପାଲ | ୧୮୬ |
| | ନରେନ୍ଦ୍ର କୁମାର ଦାସ | ୧୮୮ |
| | ବୀଣା ସାହୁ | ୧୯୦ |
| | ନଳିନୀ ପ୍ରଭା ମିଶ୍ର | ୧୯୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ଡଃ ମଞ୍ଜୁଳା ପ୍ରଧାନ | ୧୯୩ |
| | ଟି ରତ୍ନମାଳା ସୁବୁଦ୍ଧି | ୧୯୪ |
| | କ୍ରିଷ୍ଣା ସେନାପତି | ୧୯୫ |
| | ଅନାମ ଚରଣ ସାହୁ | ୧୯୬ |
| | ସୁସ୍ମିତା ପଣ୍ଡା | ୧୯୭ |
| | ପୁଷ୍ପଲତା ମିଶ୍ର | ୧୯୮ |
| | ରମେଶ ଟାକ୍ରୀ | ୨୦୦ |
| | ରଞ୍ଜିତା ତ୍ରିପାଠୀ | ୨୦୧ |
| | ଶ୍ୟାମା ପ୍ରସାଦ ବୋଷ | ୨୦୨ |
| | ସନ୍ତୋଷ କୁମାର ସାହୁ | ୨୦୪ |
| | ଅନୀତା ମିଶ୍ର | ୨୦୫ |
| | ଏଲିଜା ଜେନା | ୨୦୭ |
| | ରୀତାରାଣୀ ଦାଶ | ୨୦୮ |
| | ସଂଯୁକ୍ତା ସାହୁ | ୨୦୯ |
| | ଭାସ୍କର ରାଉତ | ୨୧୦ |
| | ସୁନିତା ମହାନ୍ତି | ୨୧୧ |
| ଆହେ ମନୁଆ ଠାକୁର | କାହ୍ନୁ ଚରଣ ପାଣିଗ୍ରାହୀ | ୨୧୨ |
| ଆଗ୍ନେୟଗିରିରେ ବଣଭୋଜି | ଚନ୍ଦନ କୁମାର ପାତ୍ର | ୨୧୪ |
| ଭୋକ | ନିବେଦିତା ରଥ | ୨୧୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ହେ ଗୁରୁ ତୁମେ | କଳ୍ପନା ବିନ୍ଧାଣୀ | ୨୧୬ |
| ପାଟବସ୍ତ୍ର ରସଗୋଲା ଭାଙ୍ଗିଲା ମାନ | ବଟକୃଷ୍ଣ ପଣ୍ଡା | ୨୧୭ |
| ଉପହାର | ସ୍ୱାଗତିକା ଦିସ୍ତ୍ରି | ୨୧୯ |
| ଅଗତିର ଗତି କାଳିଆ | ବିକାଶ କୁମାର ମହନ୍ତ | ୨୨୦ |
| କିଏ ବା ପାରିବ କହି | ସନ୍ଧ୍ୟାରାଣୀ ବେହେରା | ୨୨୧ |
| ନିଷ୍କାମ କର୍ମ | ଅବିନାଶ ରଥ | ୨୨୩ |
| ବନ୍ଧୁ | ବିଷ୍ଣୁ ପ୍ରସାଦ ମିଶ୍ର | ୨୨୪ |
| ମନର ସ୍କେଚ୍ | ସାଗରିକା ଦାସ | ୨୨୬ |
| ନାରୀ | ନନ୍ଦିତା ବଡ଼ାଇ | ୨୨୮ |
| ଝିପିଝିପି ବର୍ଷା | କିରନ୍ ସ୍ୱାଇଁ | ୨୨୯ |
| ଶିକ୍ଷା ସବୁ ସମ୍ପର୍କଠୁ ଆଗରେ | ଅଭିମନ୍ୟୁ ପାତ୍ର | ୨୩୦ |
| ଅଭିସାରିକା | ଶୁଭେନ୍ଦୁ କୁମାର ପାଢ଼ୀ | ୨୩୨ |
| ମୁଁ ଓ ମୋର ଅଭିମାନୀ ମନ | ସୁଶାନ୍ତ ଶେଖର ଦାଶ | ୨୩୪ |
| ତୁମକୁ ଲେଖୁଛି ଚିଠି | ଆକୁଳାନନ୍ଦ ପୃଷ୍ଟି | ୨୩୬ |
| ଏ ଜୀବନ ଏକ ପଥ | ହେମନ୍ତ କୁମାର ଗନ୍ତାୟତ | ୨୩୮ |
| ଆଶ୍ୱିନ ପ୍ରିୟା | ପ୍ରିନ୍ସ୍ କୁମାରୀ ପାଣିଗ୍ରାହୀ | ୨୪୦ |
| ମା ଆସିଲେଣି ? | ଅଭୟ କୁଣ୍ଡ | ୨୪୨ |
| ଭସ୍ମାସୁର | ଅମୃତନାରାୟଣ ଶତପଥୀ | ୨୪୪ |
| ବିଜ୍ଞାପନର କରୁଣ କାହାଣୀ | ଚନ୍ଦ୍ରମଣୀ ବେହେରା | ୨୪୫ |
| ଏକାନ୍ତର ସ୍ୱଗତୋକ୍ତି | କୃଷ୍ଣା କାବେରୀ ଖଣ୍ଡାଇ | ୨୪୭ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ମନ ଭଲ କରିବାର ଠିକଣା | ସନାତନ ମହାକୁଡ଼ | ୨୪୯ |
| ଇଟା ଦୁନିଆଁରେ ନୀତି | ଅମରେଶ ଚନ୍ଦ୍ର ଭଇଁନା | ୨୫୧ |
| **ପ୍ରବନ୍ଧ ବିଭାଗ** | | **୨୫୨** |
| ରଥ ଯାତ୍ରା | ଶାନ୍ତିଲତା ସାହୁ | ୨୫୩ |
| ବାସ୍ତବିକ ରଥଯାତ୍ରା : ଜୀବନର ଲକ୍ଷ୍ୟ | ନିତ୍ୟ ରଞ୍ଜନ ନନ୍ଦ | ୨୫୭ |
| ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ | ଆଶୁତୋଷ ନାୟକ | ୨୬୩ |
| ଶ୍ରାବଣ ଓ କାଉଡ଼ି ଯାତ୍ରା | ହେମନ୍ତ କୁମାର ଗନ୍ତାୟତ | ୨୭୦ |
| ଜଗତର ନାଥ, କାଳିଆ ସାଆନ୍ତ | ଆଶିଷ କୁମାର ସାହୁ | ୨୭୪ |
| ରୁଷୋ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୭୭ |
| ଆମ ରାଜଧାନୀ ସାହିତ୍ୟ ହାଟ | କୃଷ୍ଣ ଚନ୍ଦ୍ର ମହାପାତ୍ର | ୨୮୦ |
| ବାସ୍ତୁଶାସ୍ତ୍ର ମାନିବା ଆବଶ୍ୟକ କି ? | ସରୋଜିନୀ ବେହେରା | ୨୮୩ |
| ବାସ୍ତୁଶାସ୍ତ୍ର ମାନିବା ଆବଶ୍ୟକ କି ? | ନିବେଦିତା ପଣ୍ଡା | ୨୮୫ |
| ଆଜି ବି ଆମେ ଅନ୍ଧବିଶ୍ୱାସୀ କି ? | କାହ୍ନୁଚରଣ ପାଣିଗ୍ରାହୀ | ୨୮୮ |
| ଆଜି ବି ଆମେ ଅନ୍ଧବିଶ୍ୱାସୀ କି ? | ଅନୁସୂୟା ଦେବତା | ୨୯୨ |
| ପ୍ରକୃତରେ ଶ୍ରବଣକୁମାର କଣ ପିତୃମାତୃ ଭକ୍ତ ? | ହରପ୍ରିୟା ରାଉତରାୟଆ | ୨୯୪ |
| ପ୍ରକୃତରେ ଶ୍ରବଣକୁମାର କଣ ପିତୃମାତୃ ଭକ୍ତ ? | ସୀମା କାନୁନଗୋ | ୨୯୬ |
| ଭକ୍ତ ଅଧିକ, ଭକ୍ତି ନାହିଁ | ଜସ୍ମିନ୍ ସାହୁ | ୨୯୭ |
| **ବିଶେଷ ସୂଚନା** | | **୩୦୦** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅଗଷ୍ଟ ୨୦୨୬ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ବର୍ଷର ସାତ ମାସ ବିତି ସାରିଲାଣି । ଏହା ପରବର୍ତ୍ତୀ ମାସଗୁଡ଼ିକ ଉତ୍ସବ ମୁଖର ହେବ । ଗଣେଶ ପୂଜା, ଜନ୍ମାଷ୍ଟମୀ, ରକ୍ଷା ବନ୍ଧନ ଆଦି ପର୍ବରୁ ଆରମ୍ଭ କରି ପବିତ୍ର ପାର୍ବଣ ଋତୁର ଆଗମନ ମଧ୍ୟ ହେବ । ବିଶେଷକରି ଏହି ମାସମାନଙ୍କରେ ଜନମାନସରେ ଆନନ୍ଦଉଲ୍ଲାସର ପରିବେଶ ଦେଖିବାକୁ ମିଳିଥାଏ । ଆମେ ଆଶା କରିବା ସମସ୍ତେ ଖୁସିରେ ରହନ୍ତୁ । ଏଲ୍ ନିନୋ ପ୍ରଭାବରେ ବର୍ତ୍ତମାନ ସମଗ୍ର ଦେଶରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆସାମର ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଅନନ୍ୟ କଷ୍ଟ ଆଣି ଦେଇଛି । ସମଗ୍ର ରାଜ୍ୟ ବନ୍ୟା ବିଭିଷିକାରେ ତ୍ରସ୍ତ । ଲୋକମାନେ ଆଶା ଓ ସହାୟତା ଅପେକ୍ଷାରେ ଅଛନ୍ତି । ଯଦି ଆପଣ ପାରୁଛନ୍ତି ତା ହେଲେ ବନ୍ୟାପାଇଁ କିଛି କିଛି ଦାନ ଅବଶ୍ୟ କରିବେ ।

ଅଗଷ୍ଟ ମାସ ହେଉଛି ଭାରତର ସ୍ୱାଧୀନତାର ମାସ । ଆଉ ଅଳ୍ପଦିନ ପରେ ଆମେ ସ୍ୱାଧୀନତା ଦିବସ ପାଳନ କରିବା । ଆହ୍ୱାନ ଇ-ପତ୍ରିକାର ସମସ୍ତ ଶ୍ରଦ୍ଧାଳୁଙ୍କୁ ଭାରତୀୟ ଗଣତନ୍ତ୍ରର ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଚଳିତ ମାସ ଓ ବିଗତ ମାସ ଭାରତରେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟି ଯାଇଛି । ଆସନ୍ତୁ ସେ ସବୁ ବିଷୟରେ ସଂକ୍ଷେପରେ ଜାଣିବା ।

ରାଜ୍ୟରେ ଜାରି ରହିଛି ବର୍ଷାର ପ୍ରଭାବ । ଏହାରି ମଧ୍ୟରେ ଆସୁଛି ଆଉ ଏକ ଲଘୁଚାପ । ଅଗଷ୍ଟ ୧୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷାର ପ୍ରକୋପ ଆହୁରି ବଢ଼ିପାରେ ।

ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି । ଏହି ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ ହେବା ସହ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଆକଳନ କରାଯାଉଛି ।

ଆସନ୍ତା ୨୪ ଘଣ୍ଟା ପାଇଁ ସମଗ୍ର ଓଡ଼ିଶାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ୫ଟି ଜିଲ୍ଲାକୁ ବାଦ ଦେଲେ ଅନ୍ୟ ସମସ୍ତ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଦିଆଯାଇଛି । ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ ।

ବୈଧ ବୀମା ନଥିବା ଗାଡ଼ି ବିରୋଧରେ ପରିବହନ ବିଭାଗର କଠୋର ଆଭିମୁଖ୍ୟ । ଟୋଲଗେଟ୍‌ରେ ଇ- ଡିଟେକ୍ସନ ପଦ୍ଧତିରେ କଡ଼ାକଡ଼ି ଯାଞ୍ଚ କରାଯିବ । ବୀମା, ଫିଟନେସ, ପ୍ରଦୂଷଣ ପ୍ରମାଣପତ୍ର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ ହେବ । ବୈଧ କାଗଜପତ୍ର ନ ଥିଲେ ସଙ୍ଗେ ସଙ୍ଗେ ଇ-ଚାଲାଣ ଜାରି କରାଯିବ । ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ ଆଇନଗତ ପଦକ୍ଷେପ । ପଞ୍ଜୀକରଣ ରଦ୍ଦ ଓ ଗାଡ଼ିଗୁଡ଼ିକୁ ଜବତ କରିବାକୁ ପଦକ୍ଷେପ ନିଆଯିବ । ୬୫,୭୩,୬୩୩ଟି ଗାଡ଼ିର ବୀମା ବୈଧ ନ ଥିବା ନେଇ ସୂଚନା ମିଳିଛି ।

ପଞ୍ଚାୟତ ଓ ପୌର ନିର୍ବାଚନ ଯେତିକି ପାଖାଉଛି ରାଜନୈତିକ ଉଷ୍ମତା ସେତିକି ବଢୁଛି । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶାସକ ଭାଜପା ଆଗୁଆ ଥିବା ଜଣାପଡିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଜପା ଜିଲା ସଭାପତି ସରୋଜ ସାବତ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ଅନୁମୋଦନ କ୍ରମେ ଆଶୁତୋଷ ଦାସ ଗଞ୍ଜାମ ଏନଏସି ଯୁବମୋର୍ଚ୍ଚା ସଭାପତି ଏବଂ ହୁମା ମଣ୍ଡଳ ପାଇଁ ପ୍ରଶାନ୍ତ ପରିଡା ଯୁବମୋର୍ଚ୍ଚା ସଭାପତି ନିଯୁକ୍ତି ହୋଇଥିବା ଜଣାପଡିଛି । ନିଯୁକ୍ତି ପରେ ଉଭୟ ସଭାପତି ରାଜ୍ୟ ସଭାପତିଙ୍କ ସମେତ, ଜିଲା ଓ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଅନ୍ୟପଟେ ନବ ନିଯୁକ୍ତ ଦୁଇ ସଭାପତିଙ୍କୁ ହୁମା ମଣ୍ଡଳ ସଭାପତି ଧ୍ରୁବ ଚରଣ ପଲାଇ, ଏନଏସି ମଣ୍ଡଳ ସଭାପତି ଭଗବାନ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ଦଳୀୟ ସଂଗଠନ ପ୍ରତି ଅଧିକ ଧ୍ୟାନ ଦେବା ସହ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଂଚାଇବା ଦିଗରେ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି ।

ଗୁଣିଆର ଅନ୍ଧବିଶ୍ୱାସୀ କଥାରେ ପଡ଼ି ଜଣେ ଯୁବକ ନାଗସାପର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ମାରିଦେବା ଭଳି ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ଘଟଣାଟି ଘଟିଛି ଲାଇକେରା ଥାନା ପାକେଲପଡ଼ା ଓ କର୍ମାପଡ଼ା ଅଞ୍ଚଳରେ । ଯାହା ଏବେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, କର୍ମାପଡ଼ାର ଧର୍ମସିଂ ଖଡ଼ିଆ ନାମକ ଜଣେ ଯୁବକ ରବିବାର ସନ୍ଧ୍ୟା ସମୟରେ ନିଜ ବିଲକୁ ଯାଉଥିବା ବେଳେ ରାସ୍ତାରେ ହଠାତ୍ ତାଙ୍କ ପାଦ ଏକ ନାଗସାପ ଉପରେ ପଡ଼ିଯାଇଥିଲା । ଫଳରେ ସାପଟି ଫଣା ଟେକି ତାଙ୍କୁ କାମୁଡ଼ି ଦେଇଥିଲା । ତେବେ ପୂର୍ବରୁ ଜଣେ ଗୁଣିଆଙ୍କଠାରୁ ସାପ କାମୁଡ଼ିବା ପରେ ତାକୁ ସଙ୍ଗେ ସଙ୍ଗେ କାମୁଡ଼ି ଦେଲେ ବିଷ ଲାଗେନାହିଁ ବୋଲି ଶୁଣିଥିବା କଥାକୁ ବିଶ୍ୱାସ କରି ଧର୍ମସିଂ ଭୟଭୀତ ଅବସ୍ଥାରେ ସାପଟିକୁ ହାତରେ ଧରି ତା'ର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ଦେଇଥିଲେ । ଫଳରେ ସାପଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଏହା ପରେ ଧର୍ମସିଂ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କୁ ତୁରନ୍ତ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କୁ ୨୪ ଘଣ୍ଟା ପାଇଁ ଡାକ୍ତରୀ ନିରୀକ୍ଷଣରେ ରଖିଛନ୍ତି । ଯୁବକ ଜଣଙ୍କ ବର୍ତ୍ତମାନ ସୁସ୍ଥ ଥିବା ଗୋବିନ୍ଦପୁର ମେଡିକାଲ ଅଫିସର ସୂଚନା ଦେଇଛନ୍ତି ଏବଂ କହିଛନ୍ତି ଯେ ସାପକୁ କାମୁଡ଼ିଲେ ବିଷ ନଷ୍ଟ ହୋଇଯାଏ ବୋଲି ପ୍ରଚଳିତ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଅନ୍ଧବିଶ୍ୱାସ । ବିଷଧର ସାପ କାମୁଡ଼ିଲେ ଗୁଣିଆ, ଝାଡ଼ଫୁଙ୍କା କିମ୍ବା ଘରୋଇ ଉପଚାର ଉପରେ ନିର୍ଭର ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯିବା ହିଁ ସବୁଠାରୁ ଜରୁରୀ ।

ରାଜ୍ୟର ଯୁବପିଢ଼ିଙ୍କୁ ରୋଜଗାର ସୁଯୋଗ ପ୍ରଦାନ ଓ ସରକାରୀ ସେବାରେ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଛି । ଏହି ଅବସରରେ ୧୩୨୬ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନୂତନ ଭାବେ ଚୟନିତ ପ୍ରାର୍ଥୀମାନେ ଏହି ନିଯୁକ୍ତି ପତ୍ର ପାଇଛନ୍ତି । ମୋଟ ୯ଟି ବିଭାଗରେ ଚୟନିତ ପ୍ରାର୍ଥୀମାନଙ୍କୁ ଏହି ଅବସରରେ ନିଯୁକ୍ତି ପତ୍ର ଦିଆଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ଦାୟିତ୍ୱକୁ ନିଷ୍ଠା, ସ୍ୱଚ୍ଛତା ଓ ଦକ୍ଷତାର ସହ ତୁଲାଇବାକୁ ପରାମର୍ଶ ଦେଇଥିଲେ । ସରକାରୀ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ରାଜ୍ୟବାସୀଙ୍କୁ ଉନ୍ନତମାନର ସେବା ଯୋଗାଇବାରେ ନବନିଯୁକ୍ତ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି କୁହାଯାଇଥିଲା ।

ନିଯୁକ୍ତି ପତ୍ର ପାଇଥିବା ପ୍ରାର୍ଥୀମାନେ ଏହି ନୂତନ ସୁଯୋଗ ପାଇଁ ଖୁସି ପ୍ରକାଶ କରିବା ସହ ସରକାରୀ ସେବାରେ ଯୋଗଦେଇ ରାଜ୍ୟର ବିକାଶ ଓ ଜନସାଧାରଣଙ୍କ ସେବାରେ ନିଜର ଅବଦାନ ରଖିବାକୁ ଆଶା ପ୍ରକାଶ କରିଥିଲେ । ରାଜ୍ୟରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଯୁବପିଢ଼ିଙ୍କୁ ସରକାରୀ ଚାକିରିର ସୁଯୋଗ ଦେବା ଏବଂ ବିଭିନ୍ନ ବିଭାଗରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନବ ସମ୍ବଳକୁ ସୁଦୃଢ଼ କରିବା ଦିଗରେ ଏହି ନିଯୁକ୍ତି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି ।

କନ୍ଧମାଳ ଜିଲା ରାଇକିଆ ବ୍ଲକ ଇନ୍ଦ୍ରଗଡ ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ପୁଣି ଭୂସ୍ଖଳନ ହୋଇଛି । ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି । ଗାଁକୁ ସଂଯୋଗ କରିଥିବା କଂକ୍ରିଟ ରାସ୍ତାରେ ଗତ କିଛି ଦିନର ଲଗାଣ ବର୍ଷାରେ ୧୨ ଫୁଟ ଗାତ ସୃଷ୍ଟି ହେବାରୁ ଲୋକେ ଯାତାୟାତ କରୁନାହାନ୍ତି । ସେଠାରେ ୧୫ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ୪ ପରିବାରଙ୍କୁ ନିକଟ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି । ବ୍ଲକ ପ୍ରଶାସନ ତରଫରୁ ଗାଁ ପରିସ୍ଥିତି ଅନୁଧ୍ୟାନ କରିବା ସହ ଯୁଦ୍ଧ କାଳୀନ ଭିତ୍ତିରେ ରାସ୍ତା ମରାମତି ପାଇଁ ଜିଲା ପ୍ରଶାସନକୁ ରିପୋର୍ଟ କରଯାଇଛି ।

ଅନ୍ୟପକ୍ଷରେ ପାଖାପାଖି ୧୦ ବର୍ଷ ତଳେ ଏହି ଢେପାଗୁଡ଼ା ଗ୍ରାମରେ ସମାନ ରାସ୍ତାରେ ପ୍ରବଳ ଜଳସ୍ରୋତ ଆସି ଭୂସ୍ଖଳନ ସୃଷ୍ଟି ହୋଇ ୧୫ ଫୁଟର ଦୁଇଟି ଗାତ ସୃଷ୍ଟି ହେବା ସହ ରାସ୍ତା ଧସିବା ଆରମ୍ଭ ହୋଇଥିଲା । ଗ୍ରାମବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇନ୍ଦ୍ରଗଡ଼ରେ ଏକ ବିଦ୍ୟାଳୟ ଗୃହରେ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଥିଲା । ପରବର୍ତ୍ତୀ ସମୟରେ ଗ୍ରାମର ଅନ୍ୟ ଏକ ସ୍ଥାନରେ ୧୮ ପରିବାରଙ୍କୁ ଜମିପଟ୍ଟା ଯୋଗାଇଦେବା ସହ ଘର ତିଆରି ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା । ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଜଣେ ଦୁଇ ଜଣ ପରିବାରକୁ ଛାଡ଼ି ଦେଲେ ପ୍ରଥମ କିସ୍ତି ଟଙ୍କା ନେଇ କେହି ମଧ୍ୟ ଘର କାମ କରିନାହାନ୍ତି । ସେମାନେ ପୁଣିଥରେ ପୂର୍ବ ବିପଦ ପୂର୍ଣ୍ଣ ଜାଗାରେ ହିଁ ରହି ଆସୁଥିଲେ । ବର୍ତ୍ତମାନ ସେହି ସ୍ଥାନରେ ପୁଣି ଥରେ ଭୂସ୍ଖଳନ ଅନ୍ୟତ୍ର ସ୍ଥାନାନ୍ତରକୁ ନେଇ ପ୍ରଶ୍ନ ଉଠିବା ସହ ଏହା ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି ।

ଏ ନେଇ ରାଇକିଆ ବିଡିଓ ସବ୍ୟସାଚୀ ସାହୁ କହିଛନ୍ତି, ରାସ୍ତା ଓ ସୃଷ୍ଟି ହୋଇଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗର୍ତ୍ତକୁ ମରାମତି କରାଯାଇ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ସେମାନଙ୍କର ଅସମ୍ପୂର୍ଣ୍ଣ ଘର କାମକୁ ନେଇ ସମସ୍ୟା ସୃଷ୍ଟି ହୋଇଛି । ପୂର୍ବରୁ ପ୍ରଶାସନ ତରଫରୁ ସମସ୍ତ ସହାୟତା ସତ୍ତ୍ୱେ ଟଙ୍କା ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଘରକାମ ନ କରିବା ଯୋଗୁ ଗ୍ରାମବାସୀଙ୍କୁ ଘର ତିଆରି ସହାୟତାକୁ ନେଇ ଅସୁବିଧା ଉପୁଜୁଛି ।

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ଅନ୍ତର୍ଗତ ଖମାର ମୁଣ୍ଡା ଗ୍ରାମଠାରେ ଜଣେ ଅବିବାହିତା ମହିଳା ଏକୁଟିଆ ଘରେ ଥିବା ବେଳେ ଦୁର୍ବୃତ୍ତ ଘରକୁ ପଶି ଆସି ମୁଣ୍ଡକୁ ପଥରରେ ଛେଚି ମାରିଦେଇଥିବା ଜଣାପଡ଼ିଛି । ମୃତ ମହିଳା ଜଣକ ହେଲେ ଗୀତାଞ୍ଜଳି ଷଡ଼ଙ୍ଗୀ (୪୫) ଘଟଣାସ୍ଥଳରେ ପୁଇନ୍ତଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ଗୀତାଞ୍ଜଳି ବିବାହ କରି ନ ଥିବାବେଳେ ଜମିବାଡ଼ି ବିକ୍ରିବଟା ଓ ଟଙ୍କା ନେଣଦେଣକୁ ନେଇ ହତ୍ୟା କରାଯାଇଥିବା ଏବେ ଗାଁରେ ଜୋର୍‌ଦାର ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି । ହତ୍ୟାକାରୀଙ୍କୁ ଗ୍ରାମରେ କେହି ଦେଖି ନଥିବା ବେଳେ ହତ୍ୟାକାରୀମାନେ ଶନିବାର ରାତିରେ ପଥରେ ଛେଚି ଚତୁର ସହିତ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସନ୍ଦେହ କରାଯାଉଛି । ପରିବାର ପକ୍ଷରୁ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି ।

ନୟାଗଡ଼ ଟାଉନ ଥାନା ସାଇ ସାହାରା ଆବାସିକ ସ୍କୁଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ଲୁହାରଡ୍‌ରେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଗତ ୪ ତାରିଖ ରାତିରେ ସ୍କୁଲ ହଷ୍ଟେଲ ଭିତରେ ଏହି ଘଟଣା ଘଟିଥିଲା ।

ଅଭିଯୋଗ ଅନୁଯାୟୀ, ଦଶମ ଶ୍ରେଣୀର ୩ ଜଣ ଓ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର ଏପରି ମୋଟ୍ ୪ ଜଣ ଛାତ୍ର ମିଳିତ ଭାବେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଆକ୍ରମଣ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିସ୍କୁଟ ଓ ମିକ୍ସଚର ନ ଦେବାରୁ ରାଗିଯାଇ ଛାତ୍ରମାନେ ଲୁହାରଡ୍‌ରେ ତାଙ୍କୁ ପିଟିଥିବା କୁହାଯାଉଛି ।

ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଚପାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଛାତ୍ରଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଶନିବାର ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୋଟ ୩୮ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଫଳରେ ଓଡ଼ିଶାକୁ ୭୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହିତ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ-୨୦୨୬'ର ବ୍ୟାପକ ସଫଳତା ପରେ ଶନିବାର ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଓ୍ୱାନ୍ ଅନ୍ ଓ୍ୱାନ୍ ବୈଠକ କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ନୋଏଡାସ୍ଥିତ ହାୟର କମ୍ପାନୀ ଉତ୍ପାଦନ କେନ୍ଦ୍ର ମଧ୍ୟ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି, ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ ଆଡିଶନ ହୋଇପାରିବ । ସରକାରଙ୍କ ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବତୀ, ଯୁବକଙ୍କ ପାଇଁ ନୂତନ ସୁଯୋଗ ଖୋଲିବା । ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ସହଯୋଗୀ ଭାବେ ଦେଖିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦରକାର । ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବୁଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି । ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ ଆସୋସିଏଷନ୍ ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ, ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳ ଏକତ୍ରୀକରଣ ନେଇ ଆଲୋଚନା ହୋଇଛି । ନୋଏଡା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟର ସହଯୋଗରେ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବୁଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅବସରରେ ମୋଟ୍ ୩୮ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହାସହ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଛି, ଯଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଦୁଇ ଦିନରେ ଶିଳ୍ପ ଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦିଲ୍ଲୀ- ଏନ୍‌ସିଆର୍‌ରେ ଶିଳ୍ପଗୁଡ଼ିକରୁ ମିଳିଥିବା ପ୍ରତିକ୍ରିୟା ଓଡ଼ିଶାର ନିବେଶ ବାତାବରଣ ପ୍ରତି ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି । ସରକାରଙ୍କ ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ବୋଲି ସେ କହିଛନ୍ତି । ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ ରୋଡ୍ ଶୋ ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ୍ ୨୦୮ଟି ଆଲୋଚନା ହୋଇପାରିଛି ।

ରାଜ୍ୟରେ ଜଣେ ମାତ୍ର ଶିକ୍ଷକରେ ଚାଲୁଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂର କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଏଭଳି ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

UDISE+ ତଥ୍ୟ ଅନୁଯାୟୀ, ରାଜ୍ୟର କେତେକ ବିଦ୍ୟାଳୟ ମାତ୍ର ଜଣେ ଶିକ୍ଷକଙ୍କ ଭରସାରେ ଚାଲୁଥିବା ଜଣାପଡ଼ିଛି । ଏଭଳି ସ୍କୁଲ୍‌ରେ ଶିକ୍ଷାଦାନ ସହ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଜଣେ ଶିକ୍ଷକଙ୍କୁ ସମ୍ଭାଳିବାକୁ ପଡୁଥିବାରୁ ପାଠପଢ଼ା ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଏକକ ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଶିକ୍ଷକ ପଦବୀ ପୂରଣ କରିବାକୁ ବିଭାଗ ଗୁରୁତ୍ୱ ଦେଇଛି ।

ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ଜିଲାରେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରାଯିବ । ଏହାପରେ ସେହି ସ୍କୁଲ୍‌ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଶିକ୍ଷକ ନିଯୁକ୍ତି କିମ୍ବା ଶିକ୍ଷକଙ୍କ ପଦସ୍ଥାପନ ନେଇ ବ୍ୟବସ୍ଥା କରାଯିବ । ଏଥିପାଇଁ ୧୫ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପ୍ରଶାସନକୁ କୁହାଯାଇଛି ।

ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା, ଉପଲବ୍ଧ ଶିକ୍ଷକ ଏବଂ ଆବଶ୍ୟକ ଶିକ୍ଷକ ପଦବୀ ସମ୍ପର୍କିତ ତଥ୍ୟ ଯାଞ୍ଚ କରିବା ସହ ଏକକ ଶିକ୍ଷକ ଥିବା ସ୍କୁଲ୍‌ଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ରହିଛି । ଏହାଦ୍ୱାରା ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବ ।

ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଏକକ ଶିକ୍ଷକରେ ଚାଲୁଥିବା ସ୍କୁଲ୍‌ଗୁଡ଼ିକର ଦୀର୍ଘଦିନର ସମସ୍ୟା ଦୂର ହେବା ସହ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାଦାନର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପର ବାରାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆନୀ କ୍ୟାମ୍ପ ନିକଟରେ (କୋର କ୍ଷେତ୍ର) ପ୍ରାୟ ୫ ବର୍ଷ ବୟସର ଏକ କଳା ବାଘୁଣୀର ମୃତଦେହ ମିଳିଛି । ୬ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଟିଆନୀ କ୍ୟାମ୍ପର ପଟ୍ରୋଲିଂ କର୍ମଚାରୀଙ୍କ ଦ୍ୱାରା ଏହି ମୃତଦେହ ଚିହ୍ନଟ ହୋଇଥିଲା । ଘଟଣାସ୍ଥଳକୁ ତୁରନ୍ତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ ।

ଶୁକ୍ରବାର ନ୍ୟାଶନାଲ ଟାଇଗର କଞ୍ଜରଭେସନ ଅଥରିଟି (ଏନଟିସିଏ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ଅନୁଯାୟୀ ମୃତଦେହର ପୋଷ୍ଟମର୍ଟମ ପରୀକ୍ଷା କରାଯାଇଥିଲା । ଡ. ଗୋଗିନେନୀଙ୍କ ସହ ଡା ଅଭିଲାଷ ଆଚାର୍ଯ୍ୟ, ଏସଟିଆର ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଡା ଜୋଏଲ, ଆସିଷ୍ଟାଣ୍ଟ ଭେଟେରିନାରୀ ସର୍ଜନ (ଏଭିଏସ), ମୋବାଇଲ ଭେଟେରିନାରୀ ୟୁନିଟଶିମିଳିପାଳ ବାୟୋସ୍ପିୟର ରିଜର୍ଭ (ଏମଭିୟୁ-ଏସବିଆର), ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ୱିଟିଆଇ), ଡା ପ୍ରୀତିପ୍ରସନ୍ନା ସାହୁ, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଠାକୁରମୁଣ୍ଡା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ଓ ସୁଭାନୀ ରଥ, ଆସିଷ୍ଟାଣ୍ଟ ପ୍ରଫେସର, ୱାଇଲ୍ଡଲାଇଫ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ ବିଭାଗ, ମହାରାଷ୍ଟ୍ର (ଏନଟିସିଏ ମନୋନୀତ ପ୍ରତିନିଧି) ଘଟଣାସ୍ଥଳକୁ ତୁରନ୍ତ ସୁରକ୍ଷିତ କରାଯାଇ ଏନଟିସିଏ ଏସଓପି ଅନୁଯାୟୀ ସମସ୍ତ ଆବଶ୍ୟକୀୟ ଜୈବିକ ନମୁନା ସଂଗ୍ରହ କରାଯାଇଛି । ପ୍ରାଥମିକ ପର୍ଯ୍ୟବେକ୍ଷଣରେ ମୃତଦେହଟି ତାଜା ଥିଲା ଏବଂ କୌଣସି ଆଘାତ ଚିହ୍ନ କିମ୍ବା ସ୍ପଷ୍ଟ କାରଣ ଦେଖାଯାଇ ନଥିଲା । ସଂଗୃହୀତ ନମୁନାଗୁଡ଼ିକୁ ବିସ୍ତୃତ ଲ୍ୟାବୋରେଟରୀ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍‌ଥ (ସିଡବ୍ଲୁଏଚ)କୁ ପଠାଯାଇଛି । ଲ୍ୟାବ ରିପୋର୍ଟ ଆସିବା ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୃତ୍ୟୁର ସଠିକ କାରଣ ନିର୍ଣ୍ଣୟ ହେବ । ପୋଷ୍ଟମର୍ଟମ ପରୀକ୍ଷା ଶେଷ ହେବା ପରେ ଫିଲ୍ଡ ଡାଇରେକ୍ଟର ଓ କର୍ମଚାରୀଙ୍କ ଉପସ୍ଥିତିରେ ମୃତଦେହକୁ ଦହନ କରି ନଷ୍ଟ କରାଯାଇଛି । ପୋଷ୍ଟମର୍ଟମରୁ ଆରମ୍ଭ କରି ମୃତଦେହକୁ ଭସ୍ମ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯାଇଛି ।

ଚର୍ଚ୍ଚିତ ଜିଆର୍‌ପି (GRP) କନଷ୍ଟେବଲ ସୌମ୍ୟ ରଞ୍ଜନ ମହାପାତ୍ର ହତ୍ୟା ମାମଲାରେ କୋର୍ଟଙ୍କ ପକ୍ଷରୁ ୬ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି । ଏହି ମାମଲାରେ ପୂର୍ବରୁ ମୋଟ ୨୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ, ପ୍ରମାଣ ଅଭାବରୁ ସେମାନଙ୍କ ମଧ୍ୟରୁ ଏହି ୬ ଜଣଙ୍କୁ ଜାମିନ ମିଳିଛି ।

ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ପୂର୍ବରୁ ଯାଞ୍ଚ ସମୟରେ ପ୍ରମାଣ ଅଭାବକୁ ଦୃଷ୍ଟିରେ ରଖି ମୋଟ ୯ ଜଣଙ୍କ ନାମ ଚାର୍ଜସିଟ୍‌ରୁ ବାଦ ଦେଇଥିଲା । ବର୍ତ୍ତମାନ ଏହି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ, ଘଟଣାରେ ଅନ୍ୟ ୫ ରୁ ୬ ଅଭିଯୁକ୍ତ ଏବେ ବି ଫେରାର ଥିବା ନେଇ ସୂଚନା ମିଳିଛି । ପୋଲିସ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରିଛି ।

ରାକ୍ଷୀପୂର୍ଣ୍ଣିମା ଅବସରରେ ରାଜ୍ୟର ମହିଳାମାନଙ୍କୁ 'ସୁଭଦ୍ରା' ଯୋଜନାର ଟଙ୍କା ମିଳିବ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଜୁଲାଇ ୨୫ ତାରିଖ ସୁଦ୍ଧା ଜିଲାସ୍ତରରୁ ଯେଉଁ ଯୋଗ୍ୟ ହିତାଧିକାରୀଙ୍କ ନାମ ଆସିଥିବ, ସେମାନଙ୍କୁ ମଧ୍ୟ ସୁଭଦ୍ରା ଯୋଜନାର ଟଙ୍କା ପ୍ରଦାନ କରାଯିବ । ଏଥିପାଇଁ ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ।

'ସୁଭଦ୍ରା' ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଯୋଜନାର ପରବର୍ତ୍ତୀ କିସ୍ତି ରାକ୍ଷୀପୂର୍ଣ୍ଣିମାରେ ହିତାଧିକାରୀଙ୍କ ଖାତାକୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଜୁଲାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨୫ ସୁଦ୍ଧା ଜିଲାସ୍ତରରୁ ଆସିଥିବା ନୂଆ ନାମଗୁଡ଼ିକ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ମଧ୍ୟ ଏହି ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ । ଫଳରେ ଅଧିକ ସଂଖ୍ୟକ ଯୋଗ୍ୟ ମହିଳା ଏହି ଆର୍ଥିକ ସହାୟତାର ସୁଯୋଗ ପାଇପାରିବେ ।

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି । ବଲାଙ୍ଗୀର ଜିଲା ପାଇଁ ପାଟଣା ମହାରାଜାଙ୍କ ଶୈଳଶ୍ରୀ ପ୍ୟାଲେସରୁ ଶୁକ୍ରବାର ଘୋଷଣା କରାଯାଇଛି ନୂଆଖାଇଁ ଲଗ୍ନ । ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ସକାଳ ୯ଟା ୩୬ ମିନିଟରୁ ୧୦ଟା ୧୦ ମିନିଟ ଯାଏ ଅମୃତ ବେଳା ଥିବାରୁ ଏହି ସମୟ ମଧ୍ୟରେ ସମସ୍ତ ଦେବାଦେବୀଙ୍କ ଠାରେ ନୂଆଁ ଅର୍ପଣ କରାଯିବ ବୋଲି ରାଜପୁରୋହିତ ସନ୍ତୋଷ କୁମାର ଦାଶ ସୂଚନା ଦେଇଛନ୍ତି । ଲଗ୍ନ ଧାର୍ଯ୍ୟ ହେବା ପରଠାରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଉତ୍ସାହ ଆରମ୍ଭ ହୋଇଯାଇଛି ।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆରରେ ଗୁରୁବାର ଅଗ୍ନି -୪ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ଏହି ପରୀକ୍ଷଣ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ତତ୍ତ୍ୱାବଧାନରେ ଚାଲିଥିବା ନିୟମିତ ୟୁଜର୍ ଟ୍ରେନିଂ ଲଞ୍ଚର ଏକ ଅଂଶବିଶେଷ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପରମାଣୁ ଯୁଦ୍ଧାସ୍ତ୍ର ବହନ କ୍ଷମତା ଥିବା ଅଗ୍ନି – ୪ କ୍ଷେପଣାସ୍ତ୍ର ୪,୦୦୦ କି.ମି. ଦୂରରେ ଥିବା ଟାର୍ଗେଟକୁ ସଫଳତାର ସହ ଲକ୍ଷ୍ୟଭେଦ କରିଥିଲା । ଅଗ୍ନି -୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଭାରତର 'ସର୍ବନିମ୍ନ ବିଶ୍ୱସନୀୟ ପ୍ରତିରୋଧ' ନୀତିର କ୍ଷମତା ପ୍ରମାଣିତ କରିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୨୦ ମିଟର, ବ୍ୟାସ ୨ ମିଟର ଓ ଓଜନ ୧୭ ମେଟ୍ରିକ୍ ଟନ୍ । ଏହା ହଜାରେ କିଲୋଗ୍ରାମ ଓଜନ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିପାରିବ । ଏହି ପରୀକ୍ଷଣର ସଫଳତାକୁ ନେଇ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଷେପଣାସ୍ତ୍ର ବିଶେଷଜ୍ଞଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

କଳାହାଣ୍ଡି ଜିଲା କଲମପୁର ଥାନା ନୂଆଗୁଡ଼ାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବାପର କାଠ ଫାଳିଆ ମାଡରେ ଭେଣ୍ଡିଆ ପୁଅର ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ନୁଆଗୁଡା ଗାଁ ର ମାନସିଂହ ଗହୀର ଘରୋଇ ଅଶାନ୍ତିକୁ ନେଇ ପୁଅ ଆଲୋକ ରଞ୍ଜନ ସହ ବଚସା ହୋଇଥିଲା । ପରବର୍ତ୍ତୀ ସମୟରେ ବାପା ମାନସିଂହ ଉତକ୍ଷିପ୍ତ ହେଇ ପୁଅ ଆଲୋକର ମୁଣ୍ଡରେ ଏକ କାଠ ଫାଳିଆ ଦ୍ୱାରା ଆକ୍ରମଣ କରିଥିଲେ । ଫଳରେ ଆଲୋକ ରକ୍ତାକ୍ତ ଅବସ୍ଥାରେ ଘର ସମ୍ମୁଖରେ ପଡିଯାଇଥିଲା ।

ପରିବାର ଲୋକ ଗୁରୁତର ଅବସ୍ଥାରେ ଆଲୋକକୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲା । ଅନ୍ୟପକ୍ଷରେ ପୋଲିସ ଆକ୍ରମଣକାରୀ ବାପ ମାନସିଂହକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

ରାଜ୍ୟର କର୍କଟ ରୋଗୀଙ୍କୁ ଅଧିକ ଉନ୍ନତମାନର ଦେୟମୁକ୍ତ ଚିକିତ୍ସା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାନ୍ସର କେୟାର ଅଭିଯାନ ଅଧୀନରେ ଆଉ ୯୧ଟି ସ୍ୱତନ୍ତ୍ର କ୍ୟାନ୍ସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ)-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ସାମିଲ କରିଛନ୍ତି । ଫଳରେ ଆୟୁଷ୍ମାନ୍ କାର୍ଡରେ ମୋଟ ଚିକିତ୍ସା ପ୍ୟାକେଜ ସଂଖ୍ୟା ୨୨୫୪ରେ ପହଞ୍ଚିଛି । ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କ୍ୟାନ୍ସର ରୋଗୀମାନେ ଆଉ ଆର୍ଥିକ ଚାପରେ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ । ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କ ଉଦ୍ୟମରେ ସେମାନଙ୍କୁ ଦେୟମୁକ୍ତ ସୁପର ସ୍ପେଶାଲିଟି ଚିକିତ୍ସା ଉପଲବ୍ଧ କରାଯିବ । ଏଥିପାଇଁ ୨୦୨୬-୨୭ ବଜେଟରେ ୩୧୧ କୋଟି ଟଙ୍କାର ପ୍ରାବଧାନ କରାଯାଇଥିବାବେଳେ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ ହବ୍-ଆଣ୍ଡ-ସ୍ପୋକ୍ ମଡେଲ ଓ ମାଗଣା ଯାତାୟାତ ସୁବିଧା ପାଇଁ ଏହି ଅର୍ଥ ବ୍ୟୟ କରାଯିବ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍ଏଚ୍ଏ) ନୂତନ ୯୧ଟି କ୍ୟାନ୍ସର ପ୍ୟାକେଜକୁ ଅନୁମୋଦନ କରିବା ପରେ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲରେ ଏହି ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ଆରମ୍ଭ ହୋଇଛି । ଇତିମଧ୍ୟରେ ଯାଜପୁରର ଆର୍ଯ୍ୟଭାନୁ ମହାନ୍ତି ଓ ଭଦ୍ରକର ଜ୍ୟୋତ୍ସ୍ନାରାଣୀ ମହାନ୍ତି ଏହି ଯୋଜନାରେ ସଫଳ ଅସ୍ତ୍ରୋପଚାର କରାଇ ସୁସ୍ଥତା ଆଡ଼କୁ ଅଗ୍ରସର ହୋଇଥିବାବେଳେ ସରକାରଙ୍କ ଏହି ପଦକ୍ଷେପକୁ ସେମାନେ ପ୍ରଶଂସା କରିଛନ୍ତି । ଏହି ଯୋଜନା ନ ଥିଲେ ଏତେ ବ୍ୟୟବହୁଳ ଚିକିତ୍ସା କରାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନଥାନ୍ତା । ସରକାରଙ୍କ ଏହି ଜନହିତକର ପଦକ୍ଷେପ ସେମାନଙ୍କୁ ଏକ ନୂଆ ଜୀବନ ଦେଇଛି ।

ପ୍ରଥମ ଶ୍ରେଣୀ ସାହିତ୍ୟ ବହିରେ ତ୍ରୁଟି ସାମ୍ନାକୁ ଆସିଛି । ସଂଶୋଧନ ପରେ ତ୍ରୁଟିକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି । ଅ ଆ ବଦଳରେ ଚ ଠାରୁ ବର୍ଣ୍ଣମାଳା ଆରମ୍ଭ ହୋଇଛି । ଚ ପରେ ରହିଛି ଟ, ମ, ଗ ଓ ର । ସେହିପରି ଜାତୀୟ ସଙ୍ଗୀତରେ ଉତ୍କଳର ବନାନ ମଧ୍ୟ ଭୁଲ୍ ଲେଖାଯାଇଛି ।

ତେବେ ପ୍ରଥମ ଥର ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ଅନେକ ବାଦ ବିବାଦ ଦେଖାଯାଇଥିବା ବେଳେ ସଂଶୋଧନ ପରେ ପୁଣି ତ୍ରୁଟି ନୂଆ ବିବାଦ ଯୋଡିଛି । ପ୍ରଥମ ଶ୍ରେଣୀ ସାହିତ୍ୟ ବହିରେ ପୁନଃ ତ୍ରୁଟିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂଶୋଧନ କରି ପୁନଃ ବଣ୍ଟନ କରିବାକୁ ଦାବି ଉଠିଛି । ତେବେ ଏହା ପରେ ସରକାରଙ୍କ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ସାମ୍ନାକୁ ଆସିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଶୋଧିତ ପାଠ୍ୟ ପୁସ୍ତକ ତ୍ରୁଟି ସମ୍ପର୍କିତ ଖବର ନେଇ ସ୍ପଷ୍ଟୀକରଣ କଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ତ୍ରୁଟି ସମ୍ପର୍କିତ ଖବରର କୌଣସି ଯଥାର୍ଥତା ନାହିଁ ବୋଲି କୁହାଯାଇଛି । ଶିକ୍ଷାବିତ ଓ ବିଶେଷଜ୍ଞଙ୍କ ମତାମତ ଆଧାରରେ ସଂଶୋଧନ ଜାରି ରହିଛି । ଖୁବ ଶୀଘ୍ର ସଂଶୋଧିତ ପାଠ୍ୟ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି ।

ମୁଁ ଘରକୁ ଯିବିନି । ମୋତେ ଜେଲରେ ଥିବା ମୋ ପ୍ରେମିକ ପାଖରେ ଛାଡିଦିଅ..। ଭୁବନେଶ୍ୱର କୋର୍ଟ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ଣରେ ଏମିତି ଚିତ୍କାର କରି ହ୍ରାଇଡ୍ରାମା କରିଥିଲେ ଜଣେ ନାବାଳିକା । ନାବାଳିକା ଜଣକ ମଞ୍ଚେଶ୍ୱର ଥାନା ଝରଣାବସ୍ତି(ଖ) ଅଞ୍ଚଳରେ ରହୁଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି ସୁଧାର ଗୃହରେ ଛାଡିଛି ।

ଅନୁଯାୟୀ, ଝରଣାବସ୍ତିରେ ରହୁଥିବା ଯୁବତୀଙ୍କ ପ୍ରେମିକ ପୋକ୍‌ସୋ ମାମଲାରେ ଗିରଫ ହୋଇ ମାସେ ହେବ ଜେଲରେ ଅଛନ୍ତି । ନାବାଳିକା ପ୍ରେମିକଙ୍କ ଘରେ ଥିବା ବେଳେ ତାଙ୍କ ମା'ବାପା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ । ଏହା ପରେ ପୋଲିସ ପ୍ରେମିକଙ୍କୁ ଗିରଫ କରି ଜେଲ ପଠାଇବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ମଙ୍ଗଳବାର ଏହି ମାମଲାରେ ବୟାନ ରେକର୍ଡ ପାଇଁ ନାବାଳିକା ଜଣକ କୋର୍ଟକୁ ଯାଇଥିଲେ । ପରେ ବାପା-ମାଙ୍କ ସହିତ ଘରକୁ ଆସିବାକୁ ରାଜି ନ ହୋଇ ରାସ୍ତାରେ ଚିତ୍କାର କରିଥିଲେ । ଏହି ଘଟଣାକୁ ନେଇ କୋର୍ଟ ସାମ୍ନାରେ କିଛି ସମୟ ଭିଡ ଦେଖିବାକୁ ମିଳିଥିଲା ।

ରାୟଗଡ଼ା ଜିଲାରେ ଥିବା ଆବାସିକ ବିଦ୍ୟାଳୟରେ ହିଂସାକାଣ୍ଡ ବଢ଼ିବାରେ ଲାଗିଛି । କୋଲନରା ବ୍ଲକ୍ ଅନ୍ତର୍ଗତ ରିଭଲକଣାସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ସିନିୟର ଛାତ୍ରଙ୍କ ଦାଦାଗିରି ଓ ରାଗିଂର ଏକ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି । ଉକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୟାଳୟ ହଷ୍ଟେଲରେ ଗତ ଶନିବାର ଓ ରବିବାର ଦଶମ ଶ୍ରେଣୀର କେତେଜଣ ଛାତ୍ର ନଡ଼ିଆ ବାହୁଙ୍ଗା, ବାଡ଼ି ସାହାଯ୍ୟରେ ୯ମ ଓ ୮ମ ଶ୍ରେଣୀର ପ୍ରାୟ ୩୦ଛାତ୍ରଙ୍କୁ ଅମାନୁଷିକ ଭାବେ ନିସ୍ତୁକ ମାଡ଼ ମାରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଘଟଣା ସମ୍ପର୍କରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଡମ୍ବରୁଧର ତ୍ରିପାଠୀ କହିଛନ୍ତି, ଘଟଣା ସାମ୍ନାକୁ ଆସିବା ପରେ ମାଡ଼ ମାରିଥିବା ଅଭିଯୁକ୍ତ ଛାତ୍ରମାନଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ସାଉନ୍ତା ଏ ନେଇ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ନିର୍ଦ୍ଦେଶ କ୍ରମେ କୋଲନରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡ ମଙ୍ଗଳବାର ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି ।

ପୀଡ଼ିତ ଛାତ୍ରମାନଙ୍କ କହିବା ଅନୁଯାୟୀ, ଶନିବାର ସେମାନେ କ୍ରିକେଟ ଖେଳୁଥିବା ସମୟରେ ସ୍କୁଲରେ ସଫେଇ କାର୍ଯ୍ୟ ପାଇଁ ଘଣ୍ଟି ବାଜିଥିଲା । ଖେଳରେ ବ୍ୟସ୍ତ ଥିବାରୁ ସେମାନେ ସଫେଇ କାର୍ଯ୍ୟ ପାଇଁ ଯାଇପାରି ନ ଥିଲେ । ଏହାକୁ ନେଇ ରୋଲ କଲ୍‌ରେ ଉପସ୍ଥିତ ନ ହେବା କାରଣ ଦର୍ଶାଇ ୧୦ମ ଶ୍ରେଣୀର କେତେଜଣ ଛାତ୍ର ନବମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ଡାକି ନିସ୍ତୁକ ମାଡ଼ ମାରିଥିଲେ । ଏହି ବିଷୟରେ କାହାକୁ କିଛି ନ କହିବା ପାଇଁ ମଧ୍ୟ ଧମକ ଦିଆଯାଇଥିଲା । ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ମଙ୍ଗଳବାର ଏହି ଘଟଣା ସାମ୍ନାକୁ ଆସିଛି । ତେବେ ସ୍କୁଲ ପରିସରରେ ହଷ୍ଟେଲ ରହିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ୨ ଦିନ ପର୍ଯ୍ୟନ୍ତ କିପରି ଘଟଣା ସମ୍ପର୍କରେ କିଛି ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷେ ସ୍କୁଲ ପରିସରରେ ମୋବାଇଲ ବ୍ୟବହାର ମନା ଥିବା ବେଳେ ହଷ୍ଟେଲକୁ ମୋବାଇଲ ଆସିଲା କିପରି ଏବଂ ଶିକ୍ଷକଙ୍କ ଅଜାଣତରେ ଏତେ ବଡ଼ ଘଟଣା କିପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଡମ୍ବରୁଧର ତ୍ରିପାଠୀ କହିଛନ୍ତି, ନିୟମିତ କାଉନସେଲିଂ ସତ୍ତ୍ୱେ ଭୟଭୀତ ହୋଇ ପିଲାମାନେ ପୂର୍ବରୁ କିଛି କହି ନ ଥିଲେ । ସୂଚନାଯୋଗ୍ୟ, ବିଷମ କଟକ ସରକାରୀ ଉଚ୍ଚବିଦ୍ୟାଳୟରେ ଗତ ଶୁକ୍ରବାର ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୩ ଛାତ୍ର ଆହତ ହୋଇଥିଲେ ।

ଦେଶର ପ୍ରଥମ ନାଗରିକ ତଥା ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗଞ୍ଜାମ-ଗଜପତି ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଗସ୍ତ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି । ତପ୍ତପାଣିର ପ୍ରକୃତିଦତ୍ତ ଉଷ୍ଣ ପ୍ରସବଣ ଏବଂ ଆଦିବାସୀଙ୍କ ଆସ୍ଥାର ପ୍ରତୀକ ମା’ କନ୍ଧୁଣୀ ଦେବୀଙ୍କ ପୀଠ ପରିଦର୍ଶନ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ।

ମଙ୍ଗଳବାର ଅପରାହ୍ନ ପ୍ରାୟ ୧ ଟା ସମୟରେ ଝିପିଝିପି ବର୍ଷା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ପାନ୍ଥନିବାସରେ ପହଞ୍ଚିଥିଲେ । ସେଠାରୁ କିଛି ସମୟ ବିଶ୍ରାମ ପରେ ସେ ସ୍ୱତନ୍ତ୍ର ସୁଟ୍ ପିନ୍ଧି ଉଷ୍ଣ ପ୍ରସବଣର ପାଇପ୍ ଯୋଗେ ଆସୁଥିବା ଗନ୍ଧକଯୁକ୍ତ ଗରମ ପାଣିରେ ସ୍ନାନ କରିଥିଲେ । ପରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ଉଷ୍ଣ ପ୍ରସବଣ କୁଣ୍ଡରେ ବିରାଜିତ ମା’ କନ୍ଧୁଣୀ ଦେବୀଙ୍କ ମନ୍ଦିର ଯାଏ ଆଦରରେ ପାଛୋଟି ନେଇଥିଲେ ।

ଏହି ଗସ୍ତ ସମୟରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଙ୍ଗରେ ଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ପରିବେଷ ସୃଷ୍ଟି ହୋଇଥିଲା । ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇ ଉଠିଥିଲା । ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ଲୋକେ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ ।

ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ରାଷ୍ଟ୍ରପତି ମା' କନ୍ଧୁଣି ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ । ପରେ ସେ ନିକଟସ୍ଥ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ । ପରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମଞ୍ଚରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଗୀତ ଉପଭୋଗ କରିଥିଲେ । ସେଠାରେ ଉପସ୍ଥିତ କୁନି କୁନି ପିଲା ଓ ଛାତ୍ରୀମାନଙ୍କୁ ରାଷ୍ଟ୍ରପତି ଚୋକଲେଟ୍ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସ.ପି. ଡା. ଶ୍ରବଣା ବିବେକ ଏମ., ଗଞ୍ଜାମ ଏସ.ପି. ହରିଶ୍ ବି. ସି., ଆସିକା ଏମ.ପି. ଅନିତା ଶୁଭଦର୍ଶିନୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସାନଖେମୁଣ୍ଡି ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବଂ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଓ ଗଜପତି ଜିଲାର ବହୁ ସଂଖ୍ୟକ ପଦସ୍ଥ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତି ପାନ୍ଥ ନିବାସରେ ମଧ୍ୟାହ୍ନ ଭୋଜନ କରି କିଛି ସମୟ ବିଶ୍ରାମ ପରେ ଅପରାହ୍ନ ପ୍ରାୟ ୪ ଟାରେ ତପ୍ତପାଣିରୁ ବାହାରି ଠିକ୍ ସାଢେ ୪ ଟାରେ ଦିଗପହଣ୍ଡି ଅତିକ୍ରମ କରି ଭାୟା ବ୍ରହ୍ମପୁର ଦେଇ ଗୋପାଳପୁର ଅଭିମୁଖେ ଯାଇଥିଲେ । ଏହି ଅବିସ୍ମରଣୀୟ ଦିବସ ଅବସରରେ ମା' କନ୍ଧୁଣି ଦେବୀଙ୍କ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ ଯେ ରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ ଏବଂ ମା' କନ୍ଧୁଣି ଦେବୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ସେ ଅଭିହିତ କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମଗ୍ର ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି କରିବା ସହ ଜନଜାତି ସଂସ୍କୃତି, ପରମ୍ପରା ଏବଂ ଧାର୍ମିକ ପର୍ଯ୍ୟଟନକୁ ଜାତୀୟ ସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିଛି ।

ଗଞ୍ଜାମ – ଗଜପତି ସୀମାନ୍ତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣିକୁ ମଙ୍ଗଳବାର ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ସମୟରେ ସେ କନ୍ଧୁଣୀ ଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି । ଏହାପରେ ରାସ୍ତାରେ ଅଟକି ରାଷ୍ଟ୍ରପତି ଦିଗପହଣ୍ଡି କଲେଜ ଆଗରେ ଛାତ୍ରୀମାନଙ୍କୁ ନିଜେ ଚକୋଲେଟ ବାଣ୍ଟିଛନ୍ତି ।

ରାଷ୍ଟ୍ରପତିଙ୍କ ଗ୍ରସ୍ତକୁ ଦୃଷ୍ଟିରେ ରଖି ତପ୍ତପାଣିର ସମଗ୍ର ଅଞ୍ଚଳରେ ସୋମବାର ଠାରୁ ପୋଲିସ ଛାଉଣୀ ହୋଇଯାଇଛି । ବ୍ରହ୍ମପୁର ଠାରୁ ତପ୍ତପାଣି ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୋମବାର ଅପରାହ୍ନରେ ଏନେଇ ବରିଷ୍ଠ ପୋଲିସ ଅଧିକାରୀ ବୃନ୍ଦଙ୍କ ସହ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ତପ୍ତପାଣିରେ ପହଞ୍ଚି କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ପ୍ରସ୍ତୁତି ତଦାରଖ କରିଥିଲେ । ପରେ ପୋଲିସ ପକ୍ଷରୁ ମକଡ୍ରିଲ କରାଯାଇଥିଲା ।

ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପିଜି ଓ ପିଏଚ୍.ଡି ଛାତ୍ରୀଛାତ୍ରଙ୍କ ପାଇଁ ମାସିକ ଷ୍ଟାଇପେଣ୍ଡ ବା ଭତ୍ତା ଘୋଷଣା କରାଯାଇଛି । ପିଜି ଛାତ୍ରୀଛାତ୍ରଙ୍କୁ ମାସିକ ଦୁଇବର୍ଷ ପର୍ଯ୍ୟନ୍ତ ୧୦ ହଜାର ଏବଂ ପିଏଚ୍.ଡି. ଗବେଷକଙ୍କୁ ୩ ବର୍ଷ ଯାଏ ମାସିକ ୧୫ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବିଶେଷ ପ୍ରଚେଷ୍ଟାରେ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଷ୍ପତ୍ତି ନିଆଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଯୁବ ଗବେଷକଙ୍କ ଉପରେ ବିନିଯୋଗ କରିବା ଅର୍ଥ ଓଡ଼ିଶାର ଚାଷୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା । ଏହି ସହାୟତା ଦ୍ୱାରା ଛାତ୍ରୀଛାତ୍ର ଆର୍ଥିକ ଚିନ୍ତାରୁ ମୁକ୍ତ ହୋଇ ନବସୃଜନ ଓ ଗବେଷଣା କାର୍ଯ୍ୟରେ ଅଧିକ ମନୋନିବେଶ କରିପାରିବେ । ଏହି ସୁବିଧା ଓୟୁଏଟିର କୃଷି ଓ ଆନୁଷଙ୍ଗିକ ବିଷୟରେ ଅଧ୍ୟୟନ କରୁଥିବା ନିୟମିତ ପିଜି ଓ ପିଏଚ୍.ଡି ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ହେବ । ସରକାରଙ୍କ ଏହି ପଦକ୍ଷେପ କୃଷି ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ରାଜ୍ୟରେ ଉଚ୍ଚଶିକ୍ଷା ଓ ନବସୃଜନକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକଙ୍କୁ କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ୪୮ ଘଣ୍ଟା ନ ପୂରୁଣୁ ରବିବାର ଗିରଫ କରିଛନ୍ତି । ଅଭିଯୁକ୍ତ ଜଣକ ନିଜ ଗ୍ରାମରେ ଲୁଚିକି ଥିବା ବେଳେ ଯାନ୍ତ୍ରିକ ପଦ୍ଧତି ସହାୟତା ନେଇ ଗିରଫ କରାଯାଇଛି । ଏଥିସହ ଗୋଟିଏ ମୋବାଇଲ ଅଭିଯୁକ୍ତଙ୍କଠାରୁ ଜବତ ହୋଇଛି । ଗିରଫ ଅଭିଯୁକ୍ତ କଳିଙ୍ଗା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସୁବାସ ଦାସଙ୍କ ପୁଅ ସୁଶାନ୍ତ (୨୮) ।

ସୂଚନାନୁସାରେ, ସୁଶାନ୍ତ ନିଜ ଫେସ୍‌ବୁକ୍ ଆଇଡି 'ଦାସ କୁମାର ଦାସ ସୁଶାନ୍ତ'ରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ପ୍ରତି ସାଙ୍ଘାତିକ ଅଶାଳୀନ ମନ୍ତବ୍ୟ ଲେଖି ଭିଡିଓ ପୋଷ୍ଟ କରିଥିଲେ । ଏପରିକି ଉକ୍ତ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା । ଅପର ପକ୍ଷେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ଜିଲାରେ ଚକ୍ରାନ୍ତ କରି ବଦନାମ ଉଦ୍ୟମ କରାଯାଉଥିବା ନେଇ ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା କର୍ମୀ ଏବଂ ନେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ନେଇ କଳିଙ୍ଗା ଗ୍ରାମର କହ୍ନେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚରଣ ଦାସ ନନ୍ଦୀପଦା ଥାନାରେ ଗତ ଜୁଲାଇ ୩୧ ଶୁକ୍ରବାର ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ପୋଲିସ କେସ୍ ନଂ ୩୧୪/୨୦୨୬ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା । ଏଥିସହ ଅଭିଯୋଗକାରୀ କହ୍ନେଇ ଫେସ୍‌ବୁକ୍‌ରେ ପୋଷ୍ଟ ହୋଇଥିବା ଭିଡିଓର ରେକର୍ଡ ଥାନାଧିକାରୀଙ୍କୁ ପ୍ରଦାନ କରିଥିଲେ । ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି ଯେ, ଅଭିଯୁକ୍ତ ସୁଶାନ୍ତଙ୍କୁ ରବିବାର ସକାଳୁ ଗିରଫ କରାଯାଇଛି । ଘଟଣା ବାବଦରେ ଆହୁରି ଅନେକ ଦିଗ ପ୍ରତି ତର୍ଜମା କରାଯାଉଛି ।

ରାଜ୍ୟର ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ପାଇଁ ଏକ ବଡ଼ ଖୁସିଖବର ଆସିବାର ସମ୍ଭାବନା ରହିଛି । ରାଜ୍ୟ ସରକାରୀ ସ୍ତରରେ ସେମାନଙ୍କ ଦରମା ବୃଦ୍ଧି ନେଇ ଚିନ୍ତା କରାଯାଉଛି । ଜନ୍ମଠାରୁ ଆରମ୍ଭ କରି ଜୁଇ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଯତ୍ନବାନ ଥିବା କଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି । ଆଗାମୀ ବିଧାନସଭା ଅଧିବେଶନରେ ସରକାର ଏହି ପ୍ରସଙ୍ଗରେ ଏକ ବଡ଼ ଧରଣର ଘୋଷଣା କରିପାରନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ସମ୍ଭାବ୍ୟ ଘୋଷଣା ସେମାନଙ୍କର ମାସିକ ମାନ୍ୟତା କିମ୍ବା ଦରମା ବୃଦ୍ଧି ସଂକ୍ରାନ୍ତରେ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି । କର୍ମୀମାନେ ଦରମା ୧୮,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି ଜଣାଇ ଆସୁଛନ୍ତି, ତଥାପି ସରକାରୀ ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ: ଅଙ୍ଗନବାଡ଼ି କର୍ମୀ: ଦରମା ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇ ପାରେ । ସହାୟିକା: ଦରମା ୧୨,୦୦୦ ଟଙ୍କା କରିବାକୁ ଯୋଜନା ଚାଲିଥିବା ନେଇ ରାଜ୍ୟର ରାଜନୈତିକ ମହଲରେ ବେଶ୍ ଆଲୋଚନା ହେଉଛି ।

ଓଡ଼ିଶାର ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଆର୍ଥିକ ସାକ୍ଷରତା ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ରହଣ କରିଛନ୍ତି । ବାଣିଜ୍ୟ, ମ୍ୟାନେଜମେଣ୍ଟ ଏବଂ ଅର୍ଥନୀତି ପ୍ରଭୃତି ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମ୍ୟୁଚୁଆଲ୍ ଫଣ୍ଡ ସମ୍ପର୍କିତ ଏକ ସାର୍ଟିଫିକେଟ ପ୍ରୋଗ୍ରାମ୍ ଆରମ୍ଭ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ଏହି ସାର୍ଟିଫିକେଟ ପ୍ରୋଗ୍ରାମଟି ମୋଟ ୩୦ ଘଣ୍ଟାର ହେବ। ବିକମ୍, ବିବିଏ, ବ୍ୟାଚ୍‌ଲର ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଏମ୍‌ଏସ୍), ବିଏ (ଅର୍ଥନୀତି ଓ ବାଣିଜ୍ୟ), ଏମ୍‌ବିଏ ଏବଂ ଏମ୍‌କମ୍ କୋର୍ସରେ ନାମଲେଖାଇଥିବା ଛାତ୍ରୀଛାତ୍ରମାନେ ଏଥିପାଇଁ ଯୋଗ୍ୟ ହେବେ । ଏହି ତାଲିମ ଦ୍ୱାରା ଛାତ୍ରୀଛାତ୍ରମାନେ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସିକ୍ୟୁରିଟିଜ୍ ମାର୍କେଟ୍‌ସ' (ଏନ୍‌ଆଇଏସ୍‌ଏମ୍) ସିରିଜ ଭି-ଏ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ସାର୍ଟିଫିକେଶନ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ବ୍ରହ୍ମପୁର, ଭଦ୍ରକ, ଢେଙ୍କାନାଳ, ଜୟପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ରାଉରକେଲା ଏବଂ ସମ୍ବଲପୁର ଭଳି ପ୍ରମୁଖ ସହରାଞ୍ଚଳର ୧୦୦ କିଲୋମିଟର ପରିଧି ମଧ୍ୟରେ ଥିବା ୯୭ଟି ଚୟନକୃତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏହା ଆରମ୍ଭ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ପ୍ରାୟ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ଏହି କୋର୍ସ ପାଇଁ ମନୋନୀତ କରାଯିବ ଏବଂ ତାଲିମ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ । ଚଳିତ ବର୍ଷ ମେ' ମାସରେ ଉଚ୍ଚଶିକ୍ଷା ବିଭାଗ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ର (ଏମ୍‌ଓୟୁ) ଆଧାରରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ଏହି ସାର୍ଟିଫିକେଟ ପାଠ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ଆର୍ଥିକ ସେବା କ୍ଷେତ୍ରରେ ଆବଶ୍ୟକ ଜ୍ଞାନ ଆହରଣ କରିବା ସହ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର୍, ଫାଇନାନ୍‌ସିଆଲ ଆଡଭାଇଜର୍, ଇନ୍‌ସୁରାନ୍‌ସ ଆଡଭାଇଜର୍ ଏବଂ ଷ୍ଟକ ବ୍ରୋକର୍ ଭାବେ ନିଜର କ୍ୟାରିୟର ଗଢ଼ିବାରେ ସଫଳ ହୋଇପାରିବେ ବୋଲି ଆଶା କରାଯାଉଛି ।

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଫୁଲବାଣୀର ନୂତନ ସରକାରୀ ମେଡିକାଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେଜ ଓ ହସ୍ପିଟାଲର ନାମ ପରିବର୍ତ୍ତନ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି ପ୍ରତିଷ୍ଠାନର ନୂତନ ନାମ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଫୁଲବାଣୀ' ରଖାଯାଇଛି । ସ୍ୱାସ୍ଥ୍ୟ ବିଭାଗର କମିଶନର-କମ୍-ସଚିବଙ୍କ ସ୍ୱାକ୍ଷରିତ ଏହି ବିଜ୍ଞପ୍ତି ଜୁଲାଇ ୨୮ରୁ କାର୍ଯ୍ୟକାରୀ ହୋଇଛି ।

ବିଜ୍ଞପ୍ତିର ନକଲ ଓଡ଼ିଶା ଗେଜେଟରେ ପ୍ରକାଶ ସହ ଜାତୀୟ ମେଡିକାଲ କମିଶନ (ଏନ୍ଏମ୍ସି), ଡିଏମ୍ଇଟି, ସମସ୍ତ ସରକାରୀ ମେଡିକାଲ କଲେଜ, ସମ୍ପୃକ୍ତ ବିଭାଗ ଓ ଜିଲା ପ୍ରଶାସନଙ୍କୁ ଅବଗତି ପାଇଁ ପଠାଯାଇଛି । ସୂଚନାଯୋଗ୍ୟ, କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସେବା ଓ ଆଦିବାସୀ ସମାଜ ପ୍ରତି ତାଙ୍କର ଅବଦାନକୁ ସମ୍ମାନ ଜଣାଇବା ସହ ତାଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଲାଗି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଥିଲେ ।

ଓଡ଼ିଶା ଫେରିଛନ୍ତି ଇଣ୍ଡିଆନ ଆଇଡଲ ବିଜେତା ଜ୍ୟୋତିର୍ମୟୀ ନାୟକ । ଇଣ୍ଡିଆନ ଆଇଡଲ ଟ୍ରଫି ସହ ଜ୍ୟୋତିର୍ମୟୀ ସୋମବାର ସକାଳେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଛନ୍ତି । ସେ ପହଞ୍ଚିବା ପରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପହଞ୍ଚି ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ତାଙ୍କର ଏହି ବିଜୟ ପାଇଁ ସେ ମହାପ୍ରଭୁ ଜଗନ୍ନାଥ ଓ ଓଡ଼ିଶାବାସୀଙ୍କୁ ଶ୍ରେୟ ଦେଇଛନ୍ତି ।

ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଲୋକପ୍ରିୟ ସଙ୍ଗୀତ ରିୟାଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ୍-୧୬'ରେ ଚମକିଛନ୍ତି ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ । ଶୋ'ର ଗ୍ରାଣ୍ଡ ଫିନାଲେରେ ସେ ବିଜେତା ଘୋଷିତ ହୋଇ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛନ୍ତି । ଏହି ସଫଳତା ସହ ସେ ଓଡ଼ିଶାର ଗର୍ବକୁ ଜାତୀୟ ସ୍ତରରେ ଆହୁରି ଉଚ୍ଚକୁ ନେଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାୟ ୧୦ ମାସ ଧରି ଚାଲିଥିବା ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଜ୍ୟୋତିର୍ମୟୀ ନିଜର ସୁମଧୁର କଣ୍ଠ, ସଙ୍ଗୀତ ପ୍ରତି ସମର୍ପଣ ଓ ନିରନ୍ତର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ବିଚାରକ ଏବଂ ଦର୍ଶକଙ୍କ ହୃଦୟ ଜିତିଥିଲେ । ସେହିପରି ଗ୍ରାଣ୍ଡ ଫିନାଲେରେ ଅଂଶିକା ଚୋଙ୍କର, ଜ୍ୟୋତିର୍ମୟୀ ନାୟକ, ମନରାଜ ବୀର ସିଂହ, ମାଇସ୍ମେ ବସୁ, ସୁହେଲ ସୁଫି ଏବଂ ତନିଷ୍କ ଶୁକ୍ଲା ଟ୍ରଫି ପାଇଁ ମୁହାଁମୁହିଁ ହୋଇଥିଲାବେଳେ ଜବଲପୁରର ତନିଷ୍କ ଶୁକ୍ଲା ପ୍ରଥମ ରନର୍ ଅପ୍ ହୋଇଥିଲେ । ଏଥର ସିଜନ୍‌ର ବିଚାରକ ଭାବେ ଶ୍ରେୟା ଘୋଷାଲ, ବିଶାଲ ଦଦ୍‌ଲାନି ଓ ବାଦ୍‌ଶା ଦାୟିତ୍ୱ ତୁଲାଇଥିବାବେଳେ, 'ୟାଦୋଁ କି ପ୍ଲେଲିଷ୍ଟ' ଥିମ୍ ଦର୍ଶକଙ୍କ ମଧ୍ୟରେ ବ୍ୟାପକ ଲୋକପ୍ରିୟତା ପାଇଥିଲା । ଏହାର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଶୋ'ର ସମୟସୀମାକୁ ୨ଥର ବଢ଼ାଯାଇଥିଲା । ବିଜେତା ହେବା ପରେ ଜ୍ୟୋତିର୍ମୟୀ କହିଛନ୍ତି, ସେ ଏହି ସଫଳତାର ଶ୍ରେୟ ସଙ୍ଗୀତ ଚିକିତ୍ସା ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀମାନଙ୍କୁ ଦେଉଛନ୍ତି । ତାଙ୍କ କହିବାନୁସାରେ, ପ୍ରାୟ ୧ ବର୍ଷର ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ଅଧ୍ୟାୟ ଥିଲା । ସେ ୧୪ ସେପ୍ଟେମ୍ବର ୨୦୨୫ରେ ମୁମ୍ବାଇ ପହଞ୍ଚିଥିଲେ ଏବଂ ସେହି ଦିନଠାରୁ ଆରମ୍ଭ ହୋଇଥିବା ଯାତ୍ରା ଶେଷରେ ବିଜୟରେ ପରିଣତ ହୋଇଛି । ଜ୍ୟୋତିର୍ମୟୀ କହିଛନ୍ତି, ଶୋ'ରେ ଅଂଶଗ୍ରହଣ ସମୟରେ ସେ କେବେ ପୁରସ୍କାର ରାଶି ବିଷୟରେ ଚିନ୍ତା କରି ନ ଥିଲେ । ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ପ୍ରତିଟି ମଞ୍ଚରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରି ବିଚାରକଙ୍କ ପ୍ରଶଂସା ଅର୍ଜନ କରିବା । ବିଜୟ ପରେ ମିଳିଥିବା ପୁରସ୍କାର ରାଶିକୁ କିଭଳି ବ୍ୟବହାର କରିବେ, ସେନେଇ ଏବେ ଚିନ୍ତା କରିବେ ବୋଲି ସେ ମତପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଜ୍ୟୋତିର୍ମୟୀଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବାଉଁଶନାଳ ।

ଏହି ମାସରେ ଦେଶରେ ଘଟିଥିବା କିଛି ଉଲ୍ଲେଖନୀୟ ଘଟଣା ବିଷୟରେ ସଂକ୍ଷେପରେ ଜାଣିବା ଚାଲନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ବେଳେ ଦିଲ୍ଲୀର ଲାଲ୍‌କିଲ୍ଲାରେ ପ୍ରଥମ ଥର ପାଇଁ ଜାତୀୟ ଗାନ 'ବନ୍ଦେ ମାତରମ୍' ଗାୟନ କରାଯିବ । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଗଢ଼ିବା ଦିଗରେ ଯୁବଶକ୍ତିର ଅବଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ସରକାର ସୋମବାର ଘୋଷଣା କରିଛନ୍ତି । ଯୁବବର୍ଗଙ୍କ ସଫଳତା ଓ ଅବଦାନକୁ ପାଳନ କରିବାର ଯୋଜନା ଯନ୍ତରମନ୍ତର ଛାତ୍ର ଆନ୍ଦୋଳନ ପୂର୍ବରୁ ହୋଇଥିଲା ବୋଲି ପ୍ରତିରକ୍ଷା ସଚିବ ଆର୍.କେ. ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ବିକଶିତ ଭାରତ ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛନ୍ତି ଯୁବବର୍ଗ । ୧୫ ତାରିଖରେ ଭାରତ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଉତ୍ସବ ପାଳନର ନେତୃତ୍ୱ ନେବେ । ଜାତୀୟ ଗାନ 'ବନ୍ଦେ ମାତରମ୍' ମଧ୍ୟ ଚଳିତ ବର୍ଷ ୧୫୦ତମ ବର୍ଷରେ ପଦାର୍ପଣ କରିଛି । ସ୍ୱାଧୀନତା ଆନ୍ଦୋଳନ ବେଳେ ଏହି ଗାନ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଥିଲା । ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରେ ପହଞ୍ଚିବା ପରେ ପ୍ରଥମେ ବନ୍ଦେ ମାତରମ୍ ଗାନ କରାଯିବ । ଏହା ପରେ ଜାତୀୟ ପତାକା ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ ବୋଲି ପ୍ରତିରକ୍ଷା ସଚିବ କହିଛନ୍ତି ।

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ଗୁପ୍ତ ଏଜେଣ୍ଟ ବୋଲି ପରିଚୟ ଦେଉଥିବା ଜଣେ ନକଲି ଆଇଏଏସ୍ ଅଫିସରଙ୍କୁ ପୋଲିସ ସୋମବାର ଗିରଫ କରିଛି । 'ଭାରତ ସରକାର' ବୋର୍ଡ ଲାଗିଥିବା ଏକ କାର୍‌କୁ ପୋଲିସ ଜବତ କରିଛି ।

ମନୀଷ ଗୁପ୍ତା ନାମକ ଉକ୍ତ ନକଲି ଅଫିସର ଟେସ୍‌ଲା କାର୍‌ରେ ବିହାର ସାରା ଭ୍ରମଣ କରୁଥିଲେ । ଜମଲପୁର ବାସଭବନରୁ ମନୀଷଙ୍କୁ ଗିରଫ କରାଯିବା ପରେ ଘରେ ତଲାସି କରାଯାଇ ଟେସ୍‌ଲା କାର୍‌କୁ ଜବତ କରାଯାଇଥିଲା । ଏହା ବ୍ୟତୀତ ତାଙ୍କ ଘରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଟାଟା ସଫାରି, ଆମଦାନୀ ମଦ, ଅନେକ ମୋବାଇଲ୍ ଫୋନ୍, ବ୍ୟାଙ୍କ କାର୍ଡ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ ହୋଇଛି । ମନୀଷ ନିଜକୁ ଆଇଏଏସ୍ ଅଫିସରର ପରିଚୟ ଦେଇ ବିହାରର ବିଭିନ୍ନ ଅଞ୍ଚଳରେ ଠକେଇ ଓ ଜାଲିଆତି ଚଳାଇଥିଲେ ବୋଲି ଖଗରିଆ ଏସ୍‌ପି ଭାନୁପ୍ରତାପ ସିଂ କହିଛନ୍ତି ।

ସୋସିଆଲ ମିଡିଆରେ ଅନେକ ଫଟୋ ଏବଂ ଭିଡିଓ ପ୍ରାୟତଃ ଭାଇରାଲ ହୁଏ । ଏଥିରେ ପ୍ରାୟତଃ ସରକାରୀ ଘୋଷଣା ଏବଂ ଯୋଜନା ବିଷୟରେ ସୂଚନା ଥାଏ । ଏହି ପୋଷ୍ଟଗୁଡ଼ିକ ମଧ୍ୟରୁ କିଛି ସତ୍ୟ ହୋଇଥିବା ବେଳେ ଅନ୍ୟଗୁଡ଼ିକ ମିଥ୍ୟା ଥାଏ । ସମ୍ପ୍ରତି ଏପରି ଏକ ଭିଡିଓ ଭାଇରାଲ ହେଉଛି ।

ଏହି ଭିଡିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହୁଥିବା ଦେଖାଯାଉଛି ଯେ, ସ୍ୱାଧୀନତା ଦିବସ ଅବସରରେ ସେ ମହିଳାମାନଙ୍କୁ ଗୋଟିଏ ବର୍ଷ ପାଇଁ ମାଗଣା ମୋବାଇଲ ଫୋନ ରିଚାର୍ଜ ପ୍ରଦାନ କରିବେ । ଭିଡିଓଟି ଏତେ ଭାଇରାଲ ହୋଇଛି ଯେ ଏହା ସରକାରଙ୍କ ଦୃଷ୍ଟିକୁ ମଧ୍ୟ ଆସିଛି । ସରକାର ଏବେ ଭିଡିଓ ପଛରେ ଥିବା ସତ୍ୟକୁ ସ୍ପଷ୍ଟ କରିଛନ୍ତି ।

ଭିଡିଓଟି ଭାଇରାଲ ହେବା ମାତ୍ରେ, ସରକାରୀ ସଂସ୍ଥା 'PIB ଫ୍ୟାକ୍ଟ ଚେକ' ତଥ୍ୟ ପ୍ରକାଶ କରିଛି । ଭିଡିଓଟି ଶେୟାର କରି ସେମାନେ ଏହାକୁ ସମ୍ପୂର୍ଣ୍ଣ ନକଲି ଘୋଷଣା କରିଛନ୍ତି । ଫେକ ଭିଡିଓଠାରୁ ସାବଧାନ ରୁହନ୍ତୁ ବୋଲି PIB ଫ୍ୟାକ୍ଟ ଚେକ ପକ୍ଷରୁ କୁହାଯାଇଛି । ଭିଡିଓଟି AI ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ତିଆରି କରାଯାଇଛି ବୋଲି ଜଣାପଡ଼ିଛି ।

ରାଜସ୍ଥାନର ରାଜଧାନୀ ଜୟପୁରରୁ ସାଇବର ଠକେଇ ଏବଂ ଡିଜିଟାଲ ବ୍ଲାକମେଲ୍ର ଏକ ଆଶ୍ଚର୍ଯ୍ୟଜନକ ଏବଂ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଏଠାରେ ଚତୁର ସାଇବର ଅପରାଧୀମାନେ ଜଣେ ୯୦ ବର୍ଷୀୟ ବୃଦ୍ଧଙ୍କୁ ବିବାହ କରିବା ବାହାନାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫସାଇଥିଲେ ଏବଂ ପରେ ତାଙ୍କୁ ମିଥ୍ୟା ଆଇନଗତ ମାମଲାରେ ଫସାଇ ସମାଜରେ ତାଙ୍କ ପ୍ରତିଷ୍ଠା ନଷ୍ଟ କରିବାର ଧମକ ଦେଇ ପ୍ରାୟ ୯ ଲକ୍ଷ ଟଙ୍କା ଆଦାୟ କରିଥିଲେ ।

ବ୍ଲାକମେଲ ଏବଂ ଠକେଇର ଏହି ଭୟଙ୍କର ଖେଳ ଗତ ତିନି ବର୍ଷ ଧରି ଚାଲିଥିଲା । ଘଟଣାର ପର୍ଦ୍ଦାଫାସ ହେବା ପରେ, ପୀଡିତଙ୍କ ପୁଅ ଜୟପୁରର ମହେଶ ନଗର ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କରୁଥିବା ASI କୈଳାସ ଚାନ୍ଦ କହିଛନ୍ତି ଯେ, ମହେଶ ନଗରର ଜଣେ ୭୯ ବର୍ଷୀୟ ବୃଦ୍ଧ ତାଙ୍କ ୯୦ ବର୍ଷୀୟ ପିତାଙ୍କ ବିରୋଧରେ ହୋଇଥିବା ଠକେଇ ସମ୍ପର୍କରେ ରିପୋର୍ଟ ଦାଖଲ କରିଥିଲେ ।

ଅଭିଯୋଗ ଅନୁଯାୟୀ, ଘଟଣାର ସମ୍ପୂର୍ଣ୍ଣ କ୍ରମ ୨୦୨୨ ମସିହାରେ ଆରମ୍ଭ ହୋଇଥିଲା । 'shaadi center.com' ନାମକ ଏକ କଥିତ ବିବାହ ବ୍ୟୁରୋର କର୍ମଚାରୀ ବୋଲି ଦାବି କରୁଥିବା ଅଜ୍ଞାତ ବ୍ୟକ୍ତିମାନେ ବୃଦ୍ଧ ବ୍ୟକ୍ତିଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରିଥିଲେ । ପ୍ରାରମ୍ଭରେ ଅଭିଯୁକ୍ତମାନେ ମଧୁର କଥାବାର୍ତ୍ତା ମାଧ୍ୟମରେ ବୃଦ୍ଧଙ୍କ ବିଶ୍ୱାସ ଜିତିଥିଲେ ଏବଂ ଧୀରେ ଧୀରେ ବିବାହ କରାଇଦେବା ନାଁରେ ତାଙ୍କୁ ନିଜ ଜାଲରେ ଫସାଇ ଦେଇଥିଲେ ।

କିଛି ଦିନ ଧରି ସାଧାରଣ ଆଲୋଚନା ପରେ, ଠକମାନେ ସେମାନଙ୍କର ପ୍ରକୃତ ରୂପ ପ୍ରକାଶ କଲେ । ଧୂର୍ତ୍ତ ଠକମାନେ ବୃଦ୍ଧ ବ୍ୟକ୍ତିଙ୍କୁ ମିଥ୍ୟା ମାମଲାରେ ଫସାଇ ପରିବାର ଏବଂ ସମାଜ ମଧ୍ୟରେ ତାଙ୍କର ପ୍ରତିଷ୍ଠା ନଷ୍ଟ କରିବାକୁ ଧମକ ଦେବା ଆରମ୍ଭ କଲେ । ତାଙ୍କର ସାମାଜିକ ପ୍ରତିଷ୍ଠା ହରାଇବା ଏବଂ ଆଇନଗତ ଜଞ୍ଜାଳ ଭୟରେ ଭୟଭୀତ ହୋଇ ୯୦ ବର୍ଷୀୟ ବୃଦ୍ଧ ପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ଠକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରି ଚାଲିଲେ । ତିନି ବର୍ଷ ଧରି ଠକମାନେ ତାଙ୍କଠାରୁ ପ୍ରାୟ ୯ ଲକ୍ଷ ଟଙ୍କା କିସ୍ତିରେ ଆଦାୟ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ବଡ଼ ଠକେଇ ସେତେବେଳେ ଜଣାପଡ଼ିଲା ଯେତେବେଳେ ବୃଦ୍ଧ ବ୍ୟକ୍ତିଙ୍କ ପୁଅକୁ ପରିବାର ଖର୍ଚ୍ଚ ପାଇଁ ଟଙ୍କା ଆବଶ୍ୟକ ଥିଲା । ପୁଅ ଯେତେବେଳେ ତାଙ୍କ ବାପାଙ୍କୁ ବ୍ୟାଙ୍କ ଆକାଉଣ୍ଟ ଏବଂ ପାସବୁକ ବିଷୟରେ ବିବରଣୀ ମାଗିଥିଲେ । ବୃଦ୍ଧ ବ୍ୟକ୍ତି ଏଡ଼ାଇବାକୁ ଚେଷ୍ଟା କଲେ । ତାଙ୍କ ପୁଅ କିଛି ଭୁଲ ଅନୁଭବ କରି ଧୀରେ ଧୀରେ ତାଙ୍କୁ ଏ ବିଷୟରେ ପଚାରିଲେ, ୯୦ ବର୍ଷୀୟ ବୃଦ୍ଧ ତାଙ୍କ ଲୁହକୁ ରୋକି ନ ପାରି ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ । ବ୍ୟାଙ୍କ ଷ୍ଟେଟମେଣ୍ଟ ପାଇବା ପରେ ପରିବାର ଜାଣିବାକୁ ପାଇଲେ ଯେ ପ୍ରାୟ ୯ ଲକ୍ଷ ବିଭିନ୍ନ କିସ୍ତିରେ ଆକାଉଣ୍ଟରୁ ବ୍ଲାକମେଲର୍ସଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଛି ।

ଘଟଣା ବିଷୟରେ ଜାଣିବା ପରେ, ପୀଡିତ ପରିବାର ତୁରନ୍ତ ମହେଶ ନଗର ପୋଲିସ ଷ୍ଟେଶନକୁ ଯାଇଥିଲେ । ପୋଲିସ ଠକେଇ, ଅପରାଧିକ ବିଶ୍ୱାସ ଭଙ୍ଗ ଏବଂ ବ୍ଲାକମେଲିଂ ସହିତ ଜଡିତ ଗୁରୁତର ଅଭିଯୋଗରେ ଏକ ମାମଲା ରୁଜୁ କରିଛି । ସେମାନେ ବର୍ତ୍ତମାନ ପାଣ୍ଠି ସ୍ଥାନାନ୍ତର ପାଇଁ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ନମ୍ବର ଏବଂ UPI/ଡିଜିଟାଲ କାରବାର ବିବରଣୀର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି । ସାଇବର ସେଲ ସହାୟତାରେ ବ୍ଲାକମେଲର୍ସଙ୍କ ସ୍ଥାନ ଠାବ କରିବା ପାଇଁ ମଧ୍ୟ ପ୍ରୟାସ ଚାଲିଛି ।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ସୋମବାର ବିଧାନସଭାରେ ଏକ ପ୍ରସ୍ତାବ ଆଗତ କରିଛନ୍ତି । ଏହି ପ୍ରସ୍ତାବ ଅନୁଯାୟୀ, ରାଜ୍ୟ ସାରା ସରକାରୀ କାର୍ଯ୍ୟ ଆରମ୍ଭରେ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଜଥୁ' ଗାନକୁ ବାଧ୍ୟତାମୂଳକ କରାଯାଇଛି ।

ବିଧାନସଭାରେ ପ୍ରସ୍ତାବ ଆଗତ କରିବା ସମୟରେ, ବିଜୟ କହିଥିଲେ ଯେ ତାଙ୍କର ତାମିଜାଗା ଭେଟ୍ରି କାଝାଗମ (ଟିଭିକେ) ସରକାର ତାମିଲନାଡୁର ଭାଷାଗତ ଏବଂ ସାଂସ୍କୃତିକ ଅଧିକାର ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ । ସେ ରାଜନୈତିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଶାନ୍ତ କିଶୋର କହିଛନ୍ତି ଯେ ବାଙ୍କିପୁର ନିର୍ବାଚନ ଫଳାଫଳ ଭାଜପା ନେତୃତ୍ୱ ପାଇଁ ଏକ ଚେତାବନୀ, ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରୁ ଶିକ୍ଷା ନେବା ଉଚିତ । ସେ ପରାମର୍ଶ ଦେଇଛନ୍ତି ଯେ ଯଦି ସମ୍ରାଟ ଚୌଧୁରୀଙ୍କୁ ଜାତି ସମୀକରଣ ଆଧାରରେ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯାଏ, ତେବେ ନେତୃତ୍ୱ ସେହି ସମ୍ପ୍ରଦାୟର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବା ଉଚିତ ଯାହାଙ୍କର ଏକ ସ୍ୱଚ୍ଛ ଭାବମୂର୍ତ୍ତି ଅଛି ।

ଇଣ୍ଡିଆ ଆଲାଇନ୍‌ସର ନେତାମାନେ ମଧ୍ୟ ବାଙ୍କିପୁର ଉପନିର୍ବାଚନ ଫଳାଫଳକୁ ସାମ୍ପ୍ରତିକ ଛାତ୍ର ଆନ୍ଦୋଳନ ସହିତ ଯୋଡିଛନ୍ତି । ସିପିଆଇ (ଏମଏଲ) ଲିବରେଶନର ମହାସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଏହାକୁ ଭାଜପା ବିରୁଦ୍ଧରେ ଏକ ସ୍ପଷ୍ଟ ବିଜୟ ଭାବରେ ବର୍ଣ୍ଣନା କରିଛନ୍ତି । ଜନ୍ତର ମନ୍ତରରେ ପ୍ରତିବାଦ ଜନସାଧାରଣଙ୍କ ମନୋଭାବରେ ପରିବର୍ତ୍ତନର ସଙ୍କେତ ଦେଉଛି । କଂଗ୍ରେସ ମୁଖପାତ୍ର ସୁମନ କୁମାର ମଲିକ କହିଛନ୍ତି ଯେ ବାଙ୍କିପୁରର ଲୋକମାନେ କ୍ଷମତାର ଅହଂକାର ଏବଂ ସ୍ୱେଚ୍ଛାଚାରିତା ବିରୁଦ୍ଧରେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ।

ଏହା ଉଲ୍ଲେଖନୀୟ ଯେ ପ୍ରଶାନ୍ତ କିଶୋର ବାଙ୍କିପୁର ବିଧାନସଭା ଉପନିର୍ବାଚନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଜପା ପ୍ରାର୍ଥୀ ନୀରଜ କୁମାରଙ୍କୁ ୧୯,୦୦୦ରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ । ୧୯୯୫ ମସିହାରୁ ଭାଜପା ଏହି ଆସନରେ ଥିଲା । ରାଜ୍ୟସଭା ସଦସ୍ୟ ହେବା ପରେ ବର୍ତ୍ତମାନର ବିଧାୟକ ଆସନ ଛାଡିବା ପରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା ।

ତାମିଲନାଡୁ ରାଜନୀତିରେ ମଙ୍ଗଳବାର ସକାଳେ ହଠାତ୍ ବଡ଼ ରାଜନୈତିକ ହଙ୍ଗାମା ଦେଖିବାକୁ ମିଳିଛି । ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୋଲିସ ତାଙ୍କ ବାସଭବନରୁ ଗିରଫ କରିଛି ।

ଅଭିନେତ୍ରୀ ତ୍ରିଶା କୃଷ୍ଣନଙ୍କ ବିରୋଧରେ ଦିଆଯାଇଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । ଗିରଫ ପରେ ଉଦୟନିଧି କହିଛନ୍ତି ଯେ, ସେ ଏହି ମାମଲାର ଆଇନଗତ ଭାବେ ଦୃଢ଼ତାର ସହ ସାମ୍ନା କରିବେ ।

ସେ ଏହି ପୋଲିସ କାର୍ଯ୍ୟାନୁଷ୍ଠାନକୁ "ଏକ ପ୍ରହସନ" ବୋଲି କହିବା ସହ ଡିଏମକେ (DMK)ର କୌଣସି କର୍ମୀ ଏଭଳି ପଦକ୍ଷେପକୁ ଭୟ କରନ୍ତି ନାହିଁ ବୋଲି ମଧ୍ୟ କହିଛନ୍ତି ।

ସୋମବାର ଏକ ରାଲିରେ ସେ ଦେଇଥିବା ବୟାନ ପରଠାରୁ ରାଜ୍ୟରେ ତୀବ୍ର ବିବାଦ ଏବଂ ରାଜନୈତିକ ହଙ୍ଗାମା ଦେଖାଦେଇଥିଲା ।

ଏହି ସମ୍ପୂର୍ଣ୍ଣ ବିବାଦ ସୋମବାର ତଞ୍ଜାଭୁରରେ ଆୟୋଜିତ ଏକ ପ୍ରତିବାଦ ସଭା ସମୟରେ ଆରମ୍ଭ ହୋଇଥିଲା । ଉଦୟନିଧି ଷ୍ଟାଲିନ ମଞ୍ଚରୁ ଭାଷଣ ଦେଉଥିବା ବେଳେ ଭିଡ଼ ମଧ୍ୟରୁ କିଛି ଲୋକ ଅଭିନେତ୍ରୀ ତ୍ରିଶାଙ୍କ ନାମ ନେଇ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ ।

ଏହା ପରେ ଉଦୟନିଧି ନିଜ ଭାଷଣ ଅଟକାଇ ଦ୍ୱିଅର୍ଥବୋଧକ ମନ୍ତବ୍ୟ କରିଥିଲେ । ତାଙ୍କ ଏହି ମନ୍ତବ୍ୟକୁ ନେଇ ତୁରନ୍ତ ରାଜନୈତିକ ମହଲରେ ବିରୋଧର ସ୍ୱର ତୀବ୍ର ହୋଇଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ ଯେ, ଏକ ବଡ଼ ରାଜନୈତିକ ମଞ୍ଚରୁ ଏଭଳି ଅଶାଳୀନ ଭାଷାର ବ୍ୟବହାର ମହିଳାମାନଙ୍କର ଅପମାନ ସହ ସମାନ । ଏହା ସାର୍ବଜନିକ ସ୍ଥାନରେ ମହିଳାମାନଙ୍କୁ ହଇରାଣ କରିବା ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେଇଥାଏ ବୋଲି ସେମାନେ କହିଥିଲେ ।

ଲୋକପ୍ରିୟ ଅଭିନେତ୍ରୀ ତ୍ରିଶାଙ୍କୁ ଇଙ୍ଗିତ କରି ଓ ତାଙ୍କ ସମ୍ମାନ ଏବଂ ନାରୀତ୍ୱକୁ ଅପମାନିତ କରି ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେବା ଅଭିଯୋଗରେ ତାମିଲନାଡୁର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ମଙ୍ଗଳବାର ଗିରଫ କରାଯାଇଥିଲା । ପାଖାପାଖି ୪ ଘଣ୍ଟା ପରେ ତାଙ୍କୁ ପୋଲିସ ହାଜତରୁ ମୁକ୍ତ କରିଦିଆଯାଇଛି । ମାମଲା ସମ୍ପର୍କରେ ଜେରା କରିବା ପରେ ଡିଏମ୍‌କେ ବିଧାୟକ ତଥା ତାମିଲନାଡୁ ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧିଙ୍କୁ ଛାଡ଼ିଦେବା ପାଇଁ ମାଡ୍ରାସ ହାଇକୋର୍ଟ ରାଜ୍ୟ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସମୟରେ ତଦନ୍ତରେ ସହଯୋଗ କରିବା ପାଇଁ ହାଇକୋର୍ଟ ଡିଏମ୍‌କେ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟରେ ଶୁଣାଣି ବେଳେ ଥାଞ୍ଜାଭୁର ପୋଲିସ ତରଫରୁ ମହାଧିବକ୍ତା ବିଜୟ ନାରାୟଣ ଉପସ୍ଥିତ ରହି କହିଥିଲେ, ଉଦୟନିଧିଙ୍କୁ ଥାଞ୍ଜାଭୁରକୁ ନିଆଯାଇଛି । ତେବେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇବା ପୋଲିସର ଉଦ୍ଦେଶ୍ୟ ନୁହେଁ । ତାଙ୍କୁ କେବଳ ଜେରା କରିବା ପରେ ଥାନାରୁ ଜାମିନରେ ଛାଡ଼ିଦିଆଯିବ ।

କାବେରୀ ନଦୀଜଳ ପ୍ରସଙ୍ଗକୁ ନେଇ ସୋମବାର ଥାଞ୍ଜାଭୁରଠାରେ ଏକ ବିକ୍ଷୋଭ ସଭାରେ ଉଦୟନିଧି ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ । ଜେରା କରିବା ପାଇଁ ପୋଲିସ ଉଦୟନିଧିଙ୍କ ବାସଭବନରେ ପହଞ୍ଚିବା ପରେ ତୁରନ୍ତ ଏକ ଆଗୁଆ ଜାମିନ ଆବେଦନ ଦାଖଲ କରାଯାଇଥିଲା ବୋଲି ଡିଏମ୍‌କେ ସୂତ୍ରରୁ ଜଣାପଡ଼ିଛି । ଏହା ସତ୍ତ୍ୱେ ପୋଲିସ ଉଦୟନିଧିଙ୍କୁ ଗିରଫ କରି ଥାଞ୍ଜାଭୁର ନେଇଥିଲା । ଅଶ୍ଳୀଳ ଶବ୍ଦ ବ୍ୟବହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ଓ ଅଭିନେତ୍ରୀଙ୍କ ନାରୀତ୍ୱକୁ ଅପମାନିତ କରିବା ଆଦି ଅଭିଯୋଗ ନେଇ ପୋଲିସ ତାଙ୍କ ବିରୋଧରେ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । କାବେରୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଉଦୟନିଧି ଭାଷଣ ଦେଉଥିବାବେଳେ ଉପସ୍ଥିତ ଲୋକେ ତ୍ରିଶା ତ୍ରିଶା କହିବାରୁ ସେ ଏକ ଅଶ୍ଲୀଳ ଏବଂ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଉଦୟନିଧିଙ୍କ ଗିରଫଦାରିକୁ ନେଇ ଡିଏମ୍‌କେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ସମାଲୋଚନା କରିଛି । ଶାସକ ଦଳ ଅହଙ୍କାରୀ । ଏହା ଦଳକୁ ଧ୍ୱଂସ କରିଦେବ ବୋଲି ଦଳର ମୁଖ୍ୟ ତଥା ଉଦୟନିଧିଙ୍କ ବାପା ଏମ୍.କେ. ଷ୍ଟାଲିନ୍ କହିଥିଲେ । ତେବେ ଅଶ୍ଲୀଳ ଶବ୍ଦ କହି ନ ଥିବା ଉଦୟନିଧି କହିଛନ୍ତି । କାବେରୀ ଜଳ ପାଇବା ଏବଂ ମେକେଡାଟୁ ଡ୍ୟାମ୍‌କୁ ବିରୋଧ କରିବାରେ ଟିଭିକେ ସରକାର ପ୍ରଶାସନିକ ସ୍ତରରେ ବିଫଳ ଓ ଅସମର୍ଥ ହୋଇଥିବା ସେ ଅଭିଯୋଗ କରିଛନ୍ତି । କାବେରୀ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଉଦୟନିଧିଙ୍କୁ ଗିରଫ କରାଯାଇଥିବା ଏମ୍.କେ. ଷ୍ଟାଲିନ୍ କହିଛନ୍ତି ।

ତାମିଲନାଡୁ ଏବଂ କର୍ନାଟକ ମଧ୍ୟରେ କାବେରୀ ନଦୀ ଜଳକୁ ନେଇ ବିବାଦ ଜାରି ରହିଛି । ଏହି ସମୟରେ ମୁଖ୍ୟମନ୍ତ୍ରୀ ବିଜୟ ଥାଲାପତି କହିଛନ୍ତି ଯେ, କାବେରୀ ମୁଦ୍ଦାକୁ ଆଇନଗତ ଉପାୟରେ ସମାଧାନ କରିବା ପାଇଁ ସେ ଦୃଢ଼ ସଂକଳ୍ପବଦ୍ଧ ଏବଂ ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ।ମୁଖ୍ୟମନ୍ତ୍ରୀ ପରୋକ୍ଷରେ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନଙ୍କ ବିବାଦୀୟ ମନ୍ତବ୍ୟର ଜବାବ ମଧ୍ୟ ଦେଇଛନ୍ତି । ସେ କହିଛନ୍ତି, "ମୁଁ ନୀଚ ରାଜନୀତିରେ ପଡ଼ିବାକୁ ଚାହୁଁନାହିଁ ।" ଷ୍ଟାଲିନ ଗତଦିନରେ ତଞ୍ଜାଭୁରଠାରେ କାବେରୀ ମୁଦ୍ଦା ଉପରେ ଭାଷଣ ଦେଉଥିଲେ । ଏହି ସମୟରେ ଭିଡ଼ରୁ "ତ୍ରିଷା, ତ୍ରିଷା" ନାରାବାଜି ହେଉଥିବା ବେଳେ ସେ ଏକ ଅଶ୍ଲୀଳ ଏବଂ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ବକ୍ତବ୍ୟ ପରେ TVK ଏବଂ ଭାଜପା ନେତାମାନେ ତାଙ୍କର କଡ଼ା ସମାଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ, ଅଭିଯୋଗ ଆଧାରରେ ପୋଲିସ ଉଦୟନିଧି ଷ୍ଟାଲିନଙ୍କୁ ହାଜତକୁ ନେଇ ପଚରାଉଚୁରା କରିଥିଲା । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ କହିଛନ୍ତି, "ମୁଁ ବେଙ୍ଗାଲୁରୁ ଯାଇ ଏହି ମୁଦ୍ଦାର ସମାଧାନ କରିବାକୁ ଚିନ୍ତା କରିଥିଲି । ଭାବିଥିଲି ପଡ଼ୋଶୀ ରାଜ୍ୟ ସହିତ ଆଲୋଚନା କରାଯାଉ, କାରଣ ଆମର କଟ୍ଟର ଶତ୍ରୁ ଦେଶମାନେ ବି ସମସ୍ୟାର ସମାଧାନ ପାଇଁ ଆଲୋଚନା କରନ୍ତି ।"

ସେ ଆହୁରି କହିଛନ୍ତି, "ତାମିଲନାଡୁର ଜନସାଧାରଣଙ୍କ ପାଇଁ କାବେରୀ ମୁଦ୍ଦାରେ ଆଲୋଚନା କରିବାକୁ ଯାଇ ମୁଁ ଅପମାନ ସହିବାକୁ ବି ପ୍ରସ୍ତୁତ ଥିଲି ।" କଂଗ୍ରେସର ସ୍ୱର୍ଗତ ନେତାଙ୍କ ସନ୍ଦର୍ଭ ଦେଇ ବିଜୟ କହିଛନ୍ତି ଯେ, କାବେରୀ ମୁଦ୍ଦାକୁ ଅତ୍ୟନ୍ତ ସାବଧାନତା ଏବଂ ସମ୍ବେଦନଶୀଳତାର ସହ ପରିଚାଳନା କରିବାର ଆବଶ୍ୟକତା ରହିଛି ।

କାବେରୀ ନଦୀ ଜଳବଣ୍ଟନକୁ ନେଇ ତାମିଲନାଡୁ ଏବଂ କର୍ଣ୍ଣାଟକ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଚାଲିଆସୁଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଧାନସଭା ନିର୍ବାଚନ ସମୟରେ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

DMK ବିଧାୟକ ଉଦୟନିଧି ଷ୍ଟାଲିନ କହିଛନ୍ତି, "କର୍ନାଟକ ମେକେଦାଟୁ ବନ୍ଧ ନିର୍ମାଣ କରିବାକୁ ଆଗ୍ରହୀ । ଏହି ମୁଦ୍ଦାରେ କର୍ନାଟକ ସରକାର ଆଗକୁ ବଢ଼ୁଛନ୍ତି। କର୍ନାଟକ ସରକାରଙ୍କ ଭଳି, ଆମକୁ ମଧ୍ୟ ଦେଖାଇବାକୁ ପଡ଼ିବ ଯେ ଆମେ ମେକେଦାଟୁ ବନ୍ଧ ନିର୍ମାଣ ବିରୋଧରେ ଏକଜୁଟ । ତାମିଲନାଡୁର ସମସ୍ତ ରାଜନୈତିକ ଦଳ ସରକାରଙ୍କ ନିକଟରେ ମେକେଦାଟୁ ବନ୍ଧ ମୁଦ୍ଦାରେ ସର୍ବଦଳୀୟ ବୈଠକ ଡାକିବାକୁ ଦାବି କରୁଛନ୍ତି । ସମସ୍ତେ ପଚାରୁଛନ୍ତି ଯେ ତାମିଲନାଡୁ ସରକାର ଏହି ମାମଲାରେ ସର୍ବଦଳୀୟ ବୈଠକ ଡାକିବାରୁ କାହିଁକି ଓହରି ଯାଉଛନ୍ତି ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଲ୍ଲୀ ବିମାନବନ୍ଦରରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି । ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ହଠାତ୍ ପ୍ରବଳ ଟର୍ବୁଲେନ୍‌ସର ସମ୍ମୁଖୀନ ହୋଇଥିଲା । ଏହାଫଳରେ ବିମାନରେ ଥିବା ଅନେକ ଯାତ୍ରୀ ଆହତ ହୋଇଛନ୍ତି ।

ଘଟଣା ପରେ ତୁରନ୍ତ ଆମ୍ବୁଲାନ୍‌ସ ଡକାଯାଇ ଆହତ ଯାତ୍ରୀମାନଙ୍କୁ ହସ୍ପିଟାଲକୁ ପଠାଯାଇଛି । ଏୟାର ଇଣ୍ଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ, ବିମାନବନ୍ଦରରୁ ଏକାଧିକ ଆମ୍ବୁଲାନ୍‌ସ ଆହତମାନଙ୍କୁ ହସ୍ପିଟାଲକୁ ନେଇଯାଇଛି ।

ବିମାନରେ ଥିବା ଜଣେ ଯାତ୍ରୀ କହିଛନ୍ତି ଯେ, ବିମାନଟି ହଠାତ୍ ଅତି ଦ୍ରୁତ ଗତିରେ ତଳକୁ ଖସି ଆସିଥିଲା, ଯାହାଫଳରେ ଅନେକ ଯାତ୍ରୀ ଆହତ ହୋଇଥିଲେ ।

ସୌଭାଗ୍ୟବଶତଃ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଥିଲା ଏବଂ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ତେବେ ଅନେକଙ୍କ ଆଘାତ ଲାଗିଛି । ଏହି ଘଟଣା ପରେ ଯାତ୍ରୀମାନଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି ।

ଜଣେ ଯାତ୍ରୀଙ୍କ କହିବା ଅନୁସାରେ, ବିମାନଟି ଉଡ଼ାଣ ସମୟରେ ହଠାତ୍ ବହୁତ ତଳକୁ ଖସି ଆସିଥିଲା । ଏହାଫଳରେ ଅନେକ ଯାତ୍ରୀଙ୍କ ମୁଣ୍ଡ ସିଧା ବିମାନର ଛାତରେ ବାଜିଥିଲା । କେତେକଙ୍କ ମୁଣ୍ଡ ଫୁଲି ଯାଇଥିବା ବେଳେ ବିମାନଟି ସମ୍ପୂର୍ଣ୍ଣ ଯାତ୍ରୀରେ ପୂର୍ଣ୍ଣ ଥିଲା ।

ଏୟାର ଇଣ୍ଡିଆର ଏକ ବିମାନରେ ସମ୍ପ୍ରତି ଘଟିଥିବା ସମସ୍ୟା ପରେ ଏକ ନୂଆ ଟ୍ୱିଷ୍ଟ ଆସିଛି । ଅଗଷ୍ଟ ୪ରେ ଫୁକେଟରୁ ଦିଲ୍ଲୀ ଯାତ୍ରା କରୁଥିବା ଏୟାର ଇଣ୍ଡିଆ A-୩୨୦ ବିମାନ AI-୨୩୭୯ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲା । ଏହି ଘଟଣା ସମୟରେ, ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା, ଯାହା ଫଳରେ ଅନେକ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଆହତ ହୋଇଥିଲେ । ଏବେ ପାଇଲଟଙ୍କ ଡ୍ରଗ୍‌ସ ପରୀକ୍ଷା କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡିଜିସିଏ ଏବେ ଏହି ଘଟଣାର ତଦନ୍ତ କରୁଛି । ସୂତ୍ରରୁ ଜଣାପଡ଼ିଛି ଯେ, ଦିଲ୍ଲୀରେ ପହଞ୍ଚିବା ପରେ ପାଇଲଟମାନଙ୍କର ଡ୍ରଗ୍ / ଡୋପ ପରୀକ୍ଷା କରାଯାଇଥିଲା । କ୍ୟାପଟେନଙ୍କ ପରୀକ୍ଷାରେ ଏକ ମନୋକ୍ରିୟାଶୀଳ ପଦାର୍ଥ ପ୍ରକାଶ ପାଇଛି । ତଥାପି ଏୟାର ଇଣ୍ଡିଆ ଏପର୍ଯ୍ୟନ୍ତ ଏହି ଫଳାଫଳକୁ ନିଶ୍ଚିତ କରିନାହିଁ । ଏୟାରଲାଇନ୍ସ କହିଛି ଯେ, ଏକ ପରୀକ୍ଷା କରାଯାଇଥିଲା କିନ୍ତୁ ଏପର୍ଯ୍ୟନ୍ତ ରିପୋର୍ଟ ପାଇନାହିଁ ।

ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ, ତଦନ୍ତ କେବଳ ଅଶାନ୍ତି ସମୟରେ କକ୍‌ପିଟ ବିମାନକୁ କିପରି ପରିଚାଳନା କରିଥିଲା ତାହା ଉପରେ କେନ୍ଦ୍ରିତ ନୁହେଁ ବରଂ ଏହି ଘଟଣା ପାଗ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ ହୋଇଥିଲା କି ନାହିଁ ତାହା ଉପରେ ମଧ୍ୟ କେନ୍ଦ୍ରିତ । ବିମାନ ଉପରେ ଏହାର କ'ଣ ପ୍ରଭାବ ପଡ଼ିଲା ଏବଂ ଏପରି ପରିସ୍ଥିତିରେ ଦିଲ୍ଲୀକୁ ଉଡ଼ାଣ ଜାରି ରଖିବା ସଠିକ ନିଷ୍ପତ୍ତି ଥିଲା କି ?

ଏହା ଉଲ୍ଲେଖନୀୟ ଯେ, ଉଡ଼ାଣ ସମୟରେ ଏକ ମନୋବ୍ୟବହୃତ ପଦାର୍ଥର ପ୍ରଭାବରେ ରହିବା ପାଇଲଟଙ୍କ ପାଇଁ ଏକ ଗମ୍ଭୀର ସୁରକ୍ଷା ସମସ୍ୟା । ଅନ୍ତର୍ଜାତୀୟ ବିମାନ ଚଳାଚଳ ନିୟମାବଳୀ ଏପରି ପାଇଲଟମାନଙ୍କୁ ଉଡ଼ାଣ କରିବା ପାଇଁ ନିଷେଧ କରେ । ତଥାପି ପରୀକ୍ଷଣ ରିପୋର୍ଟ ଏବେ ଆନୁଷ୍ଠାନିକ ଭାବରେ ପ୍ରକାଶିତ ହେବା ଏବଂ ତଦନ୍ତ ସମାପ୍ତ ହେବା ପାଇଁ ଅପେକ୍ଷା କରାଯାଇଛି ।

ଏବେ, ପ୍ରଶ୍ନ ଉଠୁଛି: ବିମାନ ଏତେ ଶୀଘ୍ର କାହିଁକି ତଳକୁ ଖସିଲା, ଯାତ୍ରୀମାନଙ୍କୁ ଆହତ କଲା, ଏବଂ ପାଇଲଟଙ୍କ ନିଶା କିଛି ଭୂମିକା ଗ୍ରହଣ କଲା ନା ଅଶାନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ କିଛି ଭୁଲ ଥିଲା ?

ଆମେରିକା-ଇରାନ ଯୁଦ୍ଧକୁ ନେଇ ପଶ୍ଚିମ ଏସିଆରେ ଉତ୍ତେଜନା ଜାରି ରହିଛି । ମିଡିଲ ଇଷ୍ଟ'ର ପରିସ୍ଥିତିକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଫୋନରେ ଆଲୋଚନା କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ପରେ ନେତାନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଇସ୍ରାଏଲ ଏବଂ ଭାରତ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବାର ସଂକଳ୍ପ ନେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର (୬ ଅଗଷ୍ଟ) ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି କହିଥିଲେ, ମୋତେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଫୋନ ଆସିଥିଲା । ଆମେ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଥିବା ବିଶେଷ ରଣନୈତିକ ଭାଗୀଦାରିତାର ବିଭିନ୍ନ ଦିଗରେ ହୋଇଥିବା ପ୍ରଗତିର ସମୀକ୍ଷା କରିଛୁ, ଯାହା ନିରନ୍ତର ଭାବେ ମଜବୁତ ଓ ବିକଶିତ ହେଉଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଏକ୍ସ' ପୋଷ୍ଟକୁ ବେଞ୍ଜାମିନ ନେତାନ୍ୟାହୁ ପୁନଃପୋଷ୍ଟ କରିଥିଲେ । ସେ ଲେଖିଥିଲେ, ମୋର ବନ୍ଧୁ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆପଣଙ୍କୁ ଧନ୍ୟବାଦ । ଆମେ ମିଳିତ ଭାବେ ଇସ୍ରାଏଲ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଜାରି ରଖିବୁ ।

ଭାରତୀୟ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପି.ଏମ.ଓ.) ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ ଉଭୟ ନେତା ଭାରତ-ଇସ୍ରାଏଲ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀରେ ଘଟୁଥିବା କ୍ରମାଗତ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଏଥିସହିତ ଉଭୟ ଦେଶର ପାରସ୍ପରିକ ଲାଭ ପାଇଁ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବିବୃତ୍ତିରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦି ପଶ୍ଚିମ ଏସିଆରେ ସାମ୍ପ୍ରତିକ ଘଟଣାଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଉଭୟ ନେତା ପରସ୍ପର ସହିତ ଯୋଗାଯୋଗରେ ରହିବାକୁ ସହମତ ହୋଇଛନ୍ତି ।

ଭାରତରେ ହାରାହାରି ପ୍ରତି ୫ ଜଣରେ ଜଣେ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଅଧିକ ହେବ ଏବଂ ପ୍ରାୟ ୧୦ ଜଣଙ୍କ ମଧ୍ୟରୁ ୭ ଜଣ ବୟସ୍କ ବ୍ୟକ୍ତି ଗ୍ରାମାଞ୍ଚଳରେ ବାସ କରିବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି ଶୁକ୍ରବାର ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଛି । ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ (ଟିଆର୍ଆଇ) ଦ୍ୱାରା ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଅନେକ ବିକଶିତ ଦେଶ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହେବା ପୂର୍ବରୁ ଧନୀ ହୋଇଥିବା ବେଳେ ଭାରତ ଧନୀ ହେବା ପୂର୍ବରୁ ହିଁ ବୁଢ଼ା ହେବାକୁ ଯାଉଛି ।

ଉଲ୍ଲେଖଯୋଗ୍ୟ, ଟିଆର୍ଆଇ (ଟ୍ରାନ୍ସଫର୍ମିଂ ରୁରାଲ ଇଣ୍ଡିଆ ଫାଉଣ୍ଡେଶନ ବା ଟିଆର୍ଆଇଏଫ୍ ଭାବରେ ମଧ୍ୟ ଜଣାଶୁଣା) ଏକ ଅଣଲାଭଦାୟକ ବେସରକାରୀ ସଂସ୍ଥା । ଏହା ଟାଟା ଟ୍ରଷ୍ଟ ଓ ଅନ୍ୟାନ୍ୟ ପ୍ରମୁଖ ବେସରକାରୀ ସଙ୍ଗଠନ ଦ୍ୱାରା ମିଳିତ ଭାବେ ଗଠିତ । ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଥିବାବେଳେ ଏହା ଦେଶ ଏବଂ ଅନ୍ତର୍ଜାତୀୟ ପରୋପକାରୀ ପ୍ରତିଷ୍ଠାନ, କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପାଣ୍ଠି ଏବଂ ବୃହତ୍ ଅଣଲାଭକାରୀ ସଂଗଠନ ଦ୍ୱାରା ଆର୍ଥିକ ସହାୟତା ପାଇଥାଏ ।

ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଉପଲବ୍ଧ କାର୍ଯ୍ୟକ୍ଷମ ବୟସର ବ୍ୟକ୍ତିଙ୍କ ସଂଖ୍ୟା ୨୦୦୧ ମସିହାରେ ୮.୪ ଥିବାବେଳେ ୨୦୨୬ ସୁଦ୍ଧା ଏହା ହାରାହାରି ୫.୨କୁ ହ୍ରାସ ପାଇବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି । 'ଡେମୋଗ୍ରାଫିକ ଟ୍ରାଞ୍ଜିଶନ, ଇଭଲ୍ଭିଙ୍ଗ ଫ୍ୟାମିଲିଜ ଆଣ୍ଡ ଦ ଫ୍ୟୁଚର ଅଫ ଦ କେୟାର ଇକୋସିଷ୍ଟମ ଇନ୍ ରୁରାଲ ଇଣ୍ଡିଆ' (ଜନସଂଖ୍ୟାଗତ ପରିବର୍ତ୍ତନ, ବିକାଶମୁଖୀ ପରିବାର ଏବଂ ଗ୍ରାମୀଣ ଭାରତରେ ଯତ୍ନ ବ୍ୟବସ୍ଥାର ଭବିଷ୍ୟତ) ଶୀର୍ଷକ ଏହି ରିପୋର୍ଟ ଟିଆର୍ଆଇର 'ଇଣ୍ଡିଆ ରୁରାଲ କଲୋକ୍ୟୁ' (ଆଇଆର୍ସି) ଅବସରରେ ପ୍ରକାଶ ପାଇଛି । ଅଧ୍ୟୟନ ଅନୁଯାୟୀ, ୨୦୫୦ ସୁଦ୍ଧା, ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ଅର୍ଥାତ୍ ପ୍ରାୟ ୩୪୭ ନିୟୁତ (୩୪.୭ କୋଟି) ଲୋକ ୬୦ ବର୍ଷରୁ ଅଧିକ ବୟସର ହେବେ, ଯେଉଁଥିରେ ପ୍ରାୟ ୧୦ ଜଣ ବୟସ୍କଙ୍କ ମଧ୍ୟରୁ ୭ ଜଣ ଗ୍ରାମାଞ୍ଚଳରେ ରହୁଥିବେ । ଜନସଂଖ୍ୟା ବୃଦ୍ଧ ହେବା ପୂର୍ବରୁ ଧନୀ ହୋଇଥିବା ଅନେକ ବିକଶିତ ଦେଶ ପରି ନୁହେଁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଂ ଭାରତ ବହୁତ କମ୍ ଆୟ ସ୍ତରରେ ଏହି ଜନସଂଖ୍ୟାଗତ ପରିବର୍ତ୍ତନ ଦେଇ ଗତି କରୁଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଚ୍ଏଫ୍ଏସ୍), ଲଙ୍ଗିଚ୍ୟୁଡିନାଲ ଏଜିଙ୍ଗ୍ ଷ୍ଟଡି ଇନ୍ ଇଣ୍ଡିଆ (ଏଲ୍ଏଏସ୍ଆଇ), ଜନଗଣନା ଆକଳନ, ଟାଇମ ୟୁଜ ସର୍ଭେ ଏବଂ ଅନ୍ୟାନ୍ୟ ଜାତୀୟ ତଥ୍ୟକୁ ଆଧାର କରି ଏହି ରିପୋର୍ଟରେ କୁହାଯାଇଛି ଯେ, ଭାରତର ପାରମ୍ପରିକ ପରିବାରଭିତ୍ତିକ ଯତ୍ନ ମଡେଲ ଉପରେ ଚାପ ବଢୁଛି, କାରଣ ପୂର୍ବ ଅପେକ୍ଷା ପରିବାରଗୁଡ଼ିକ ଛୋଟ ହେବାରେ ଲାଗିଛି, ଯୁବପିଢ଼ି କାମ ପାଇଁ ବାହାରକୁ ଚାଲିଯାଉଛନ୍ତି ଏବଂ ଲୋକମାନେ ଦୀର୍ଘ ଦିନ ଧରି ବଞ୍ଚୁଛନ୍ତି । ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ତଥାପି ବୟସ୍କ ଲୋକଙ୍କ ଯତ୍ନର ପ୍ରାୟ ୯୪ ପ୍ରତିଶତ ଏବେ ବି ଘର ମଧ୍ୟରେ ହିଁ ପ୍ରଦାନ କରାଯାଉଛି, ଯାହାଫଳରେ ବଢୁଥିବା ଏବଂ ଜଟିଳ ଯତ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ପରିବାର ସଦସ୍ୟଙ୍କ ସଂଖ୍ୟା କମ୍ ରହୁଛି । ଏହି ଅଧ୍ୟୟନ ଅନୁଯାୟୀ, ମହିଳାମାନେ ପ୍ରତିଦିନ ପ୍ରାୟ ୩୦୫ ମିନିଟ ବିନା ମଜୁରିର ଯତ୍ନ କାର୍ଯ୍ୟରେ ବିତାଉଥିବା ବେଳେ ପୁରୁଷମାନେ ମାତ୍ର ୫୬ ମିନିଟ ସମୟ ଦିଅନ୍ତି । ଏହି ଅସମାନ ଅବଦାନ ମହିଳାମାନଙ୍କ ଶ୍ରମ ଶକ୍ତିରେ ଅଂଶଗ୍ରହଣକୁ ବୃଦ୍ଧି କରିବା ଦିଗରେ ଏକ ବଡ଼ ପ୍ରତିବନ୍ଧକ ହୋଇରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏହି ସ୍ଥିତି ଆହୁରି ଖରାପ ହେଉଛି, ଯେଉଁଥିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ବନ୍ୟା ମହିଳାମାନଙ୍କର ବିନା ମଜୁରିର କାର୍ଯ୍ୟଭାରକୁ ଯଥେଷ୍ଟ ବଢ଼ାଇ ଦେଉଛି । ଅଧ୍ୟୟନ ଅନୁଯାୟୀ, ଭାରତରେ ପ୍ରାୟ ଦୁଇ-ତୃତୀୟାଂଶ ମୃତ୍ୟୁ ଏବେ ଅଣ-ସଂକ୍ରାମକ ରୋଗ ଯେପରିକି ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଯୋଗୁ ହେଉଛି । ସେହିପରି ରୋଗର ଏକ ବଡ଼ ଭାଗ ଅକାଳ ମୃତ୍ୟୁ ଅପେକ୍ଷା ଅକ୍ଷମତା ସହ ବଞ୍ଚିବା କାରଣରୁ ଆସୁଛି । ଅଧ୍ୟୟନରେ କୁହାଯାଇଛି ଯେ, ଭାରତର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ମୁଖ୍ୟତଃ ଶିଶୁ ଜନ୍ମ, ପ୍ରତିଷେଧକ ଟିକାକରଣ ଏବଂ ଜରୁରିକାଳୀନ ଅସୁସ୍ଥତା ଭଳି ସାମୟିକ ଆବଶ୍ୟକତାକୁ ନେଇ ପ୍ରସ୍ତୁତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଥିଲା । ସ୍ୱାସ୍ଥ୍ୟସେବାର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଦୀର୍ଘସ୍ଥାୟୀ ରୋଗ, ଅକ୍ଷମତା ଏବଂ ବାର୍ଦ୍ଧକ୍ୟର ସମସ୍ୟା ସହିତ ବଞ୍ଚୁଥିବା ଲୋକଙ୍କୁ ସାହାଯ୍ୟ କରିବା ଯାହା କେବଳ ଡାକ୍ତରଖାନା ଦ୍ୱାରା ସମ୍ଭବ ନୁହେଁ ବୋଲି ଏଥିରେ କୁହାଯାଇଛି । ଗ୍ରାମ ପଞ୍ଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଅଙ୍ଗନୱାଡି କେନ୍ଦ୍ର ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମେତ ବିଦ୍ୟମାନ ଗ୍ରାମୀଣ ପ୍ରତିଷ୍ଠାନଗୁଡ଼ିକୁ ଏକ ସାମୁଦାୟିକ ଯତ୍ନ ନେଟୱର୍କରେ ଯୋଡ଼ିବା ପାଇଁ ଟିଆର୍ଆଇ 'ନେବରହୁଡ୍ ଅଫ୍ କେୟାର' (ଯତ୍ନର ପଡ଼ୋଶୀ) ମଡେଲର ସୁପାରିସ କରିଛି । ଏହି ମଡେଲ ପ୍ରତ୍ୟେକ ପରିବାରର ଚାଲିବା ଦୂରତା ମଧ୍ୟରେ ସମନ୍ୱିତ ଯତ୍ନ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛି । ରିପୋର୍ଟରେ କୁହାଯାଇଛି ଯେ ଗ୍ରାମୀଣ ଭାରତକୁ ନୂତନ ଯତ୍ନ ଭିତ୍ତିଭୂମି ନିର୍ମାଣ କରିବାର ଆବଶ୍ୟକତା ନାହିଁ, ବରଂ ଏହାର ଥିବା ପ୍ରତିଷ୍ଠାନଗୁଡ଼ିକୁ ପରସ୍ପର ସହ ଯୋଡ଼ିବା ଆବଶ୍ୟକ । ପ୍ରକାଶିତ ରିପୋର୍ଟରେ ଯତ୍ନ ବ୍ୟବସ୍ଥାକୁ ଏକ ଅର୍ଥନୈତିକ ସୁଯୋଗ ଭାବରେ ମଧ୍ୟ ଦର୍ଶାଯାଇଛି ।

ଆକଳନ ଅନୁଯାୟୀ, ଭାରତର ଜିଡିପିର ୨ ପ୍ରତିଶତ ଯତ୍ନ ଅର୍ଥନୀତିରେ ବିନିଯୋଗ କଲେ ପ୍ରାୟ ୧୧ ନିୟୁତ (୧.୧ କୋଟି) ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ, ଯାହା ମୁଖ୍ୟତଃ ଗ୍ରାମୀଣ ମହିଳାମାନଙ୍କ ପାଇଁ ହେବ । ଲୋକଙ୍କୁ ବଞ୍ଚାଇ ରଖିବାରେ ଭାରତ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ପରବର୍ତ୍ତୀ ଆହ୍ୱାନ ହେଉଛି ସେମାନେ ଯେପରି ଦୀର୍ଘ ସମୟ ଧରି ଭଲ ଭାବରେ ବଞ୍ଚିପାରିବେ ତାହା ନିଶ୍ଚିତ କରିବା । ଆମର ଏହି ଜନସଂଖ୍ୟାଗତ ପରିବର୍ତ୍ତନ ପାଇଁ ଆମକୁ ଯତ୍ନ ପ୍ରଦାନର ଶୈଳୀକୁ ପୁନଃନିର୍ମାଣ କରିବାକୁ ହେବ । ତେଣୁ ସଂସ୍ଥାଗତ ଯତ୍ନ ବାହାରେ ଏହାକୁ ଏକ ସହଭାଗୀ ସାମୁଦାୟିକ କାର୍ଯ୍ୟ ଭାବେ ସହଜ କରିବା ଏବଂ ସ୍ଥାୟୀ ଜୀବନଧାରଣର ସ୍ଥିତିରେ ସୁଧାର ଆଣିବା ଆବଶ୍ୟକ ବୋଲି ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆର ପ୍ରାକ୍ଟିସ ଡାଇରେକ୍ଟର ଶ୍ୟାମଳ ସାନ୍ତ୍ରା କହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହାକୁ ସମ୍ଭବ କରିବା ପାଇଁ ଆବଶ୍ୟକ ପ୍ରତିଷ୍ଠାନଗୁଡ଼ିକ ସମଗ୍ର ଗ୍ରାମୀଣ ଭାରତରେ ଆଗରୁ ରହିଛି । ସେଗୁଡ଼ିକୁ ଏକ ସାଧାରଣ ଯତ୍ନ ଦାୟିତ୍ୱ ମାଧ୍ୟମରେ ଯୋଡ଼ି ଏକ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବା ଆବଶ୍ୟକ ଯାହା ପରିବାର ଓ ସେବା ପ୍ରଦାନକାରୀଙ୍କୁ ସାହାଯ୍ୟ କରିବ, ସ୍ଥାନୀୟ ଶାସନକୁ ମଜଭୁତ କରିବ ଏବଂ ଆଗାମୀ ଦଶନ୍ଧିଗୁଡ଼ିକ ପାଇଁ ଗାଁ ଗୁଡ଼ିକୁ ପ୍ରସ୍ତୁତ କରିବ ବୋଲି ସାନ୍ତ୍ୱା କହିଛନ୍ତି ।

ଯଦି ଆପଣ ବି ନିତିଦିନ ଛୋଟ-ବଡ଼ କାମ ପାଇଁ UPI ବ୍ୟବହାର କରୁଛନ୍ତି ଏବଂ ମନରେ ଟ୍ରାଞ୍ଜାକ୍ସନ୍ ଚାର୍ଜ ଲାଗିବାର ଭୟ ଥିଲା, ତେବେ ଆପଣଙ୍କ ପାଇଁ ଏକ ବହୁତ କାମର ଖବର ରହିଛି ! ଦେଶରେ ଦ୍ରୁତ ଗତିରେ ବ୍ୟାପୁଥିବା 'UPI ଉପରେ ଚାର୍ଜ' ଉପରେ ପୂର୍ଣ୍ଣଚ୍ଛେଦ ପକାଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ଥିତି ସମ୍ପୂର୍ଣ୍ଣ ସ୍ୱଷ୍ଟ କରିଛନ୍ତି । ସରକାର ସ୍ୱଷ୍ଟ କରିଛନ୍ତି ଯେ ସାଧାରଣ ଜନତାଙ୍କ ପାଇଁ UPI ସେବା ସମ୍ପୂର୍ଣ୍ଣ ମାଗଣା ରହିବ ଏବଂ MDR (ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍) ର ନିୟମ କେବଳ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ । ଆସନ୍ତୁ ଜାଣିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହାକୁ ନେଇ ସୋସିଆଲ ମିଡିଆରେ କି ପ୍ରକାର ସୂଚନା ଦେଇଛନ୍ତି...

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଡିଜିଟାଲ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁଥିବା 'ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍' (MDR) ଗ୍ରାହକଙ୍କ ଉପରେ ନୁହେଁ, ବରଂ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ । ଏହା ସହିତ ସେ କହିଛନ୍ତି ଯେ ଏହି ଶୁଳ୍କ ବ୍ୟାଙ୍କ ଏବଂ ଫିନ୍‌ଟେକ୍ କମ୍ପାନୀଗୁଡ଼ିକୁ ଭିତ୍ତିଭୂମି (ଇନ୍‌ଫ୍ରାଷ୍ଟ୍ରକଚର) ଏବଂ ସୁରକ୍ଷା କ୍ଷେତ୍ରରେ ନିବେଶ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ସୀତାରମଣ ସ୍ୱଷ୍ଟ କରିଛନ୍ତି ଯେ MDR ଉପରେ ନିଷ୍ପତ୍ତି ସେତେବେଳେ ନିଆଯିବ, ଯେତେବେଳେ ସଂସଦ କର କାଟାକ୍ଷ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬ (Taxation and Other Laws (Amendment) Bill, 2026) କୁ ପାରିତ କରିବ । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଲ୍ ମାଧ୍ୟମରେ ସରକାରଙ୍କୁ ଏହି ଅଧିକାର ମିଳିବ ଯେ ସେ ବିଜ୍ଞପ୍ତି (Notification) ଜରିଆରେ ସ୍ଥିର କରିପାରିବେ ଯେ କେଉଁ କେଉଁ ଇଲେକ୍ଟ୍ରୋନିକ୍ ପେମେଣ୍ଟ ମାଧ୍ୟମ କିମ୍ବା କାରବାର ମାଗଣା ରହିବ ।

ସୀତାରମଣ କହିଛନ୍ତି ଯେ MDR କେବଳ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ ଏବଂ ଏହାଦ୍ୱାରା ବ୍ୟାଙ୍କ ଓ ଫିନ୍‌ଟେକ୍ କମ୍ପାନୀଗୁଡ଼ିକୁ ଇନ୍‌ଫ୍ରା, ଇନୋଭେସନ୍ ଏବଂ ସିକ୍ୟୁରିଟିରେ ନିବେଶ କରିବାରେ ସହାୟତା ମିଳିବ, ଯାହାର ଫାଇଦା ଶେଷରେ UPI ବ୍ୟବହାରକାରୀଙ୍କୁ ହିଁ ମିଳିବ ।

ଅର୍ଥମନ୍ତ୍ରୀଙ୍କ ଅନୁଯାୟୀ, UPI ଟ୍ରାଞ୍ଜାକ୍ସନ୍ ଉପରେ MDR ଲଗାଇବା ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ମନ୍ତ୍ରୀ କହିଛନ୍ତି ଯେ UPI ଏବଂ ସର୍ଭିସ୍ ଷ୍ଟିଅରିଂ କମିଟି, ଯାହାର ନେତୃତ୍ୱ ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (NPCI) କରୁଛି, ଏହି ମାମଲା ଉପରେ ସେତେବେଳେ ବିଚାର କରିବ ଯେତେବେଳେ ସଂସଦରେ ଟ୍ୟାକ୍ସେସନ୍ ଆଣ୍ଡ ଅଦର ଲଜ୍ (ଏମେଣ୍ଡମେଣ୍ଟ) ବିଲ୍, ୨୦୨୬ ପାସ୍ ହୋଇଯିବ ।

ପ୍ରସ୍ତାବିତ ବିଲ୍‌ର ପ୍ରାବଧାନ ଅନୁଯାୟୀ, ଭାରତ ସରକାରଙ୍କ ନିକଟରେ କୌଣସି ବି ଏପରି ଇଲେକ୍ଟ୍ରୋନିକ୍ ଟ୍ରାଞ୍ଜାକ୍ସନ୍ କିମ୍ବା ମୋଡ୍‌କୁ ନୋଟିଫାଇ କରିବାର ଅଧିକାର ରହିବ, ଯାହା ମାଗଣା ରହିବ । ଏହା ଉପରେ ମନ୍ତବ୍ୟ ଦେଇ ସୀତାରମଣ କହିଛନ୍ତି ଯେ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ ବିଷୟରେ କମିଟିର ଆଲୋଚନା ସେତେବେଳେ ହେବ ଯେତେବେଳେ ସଂସଦରେ ବିଲ୍ ପାସ୍ ହୋଇଯିବ ।

ଏହି ସ୍ପଷ୍ଟୀକରଣ ଜୟରାମ ରମେଶଙ୍କ ଏକ ପୋଷ୍ଟ ପରେ ଆସିଛି, ଯେଉଁଥିରେ ସେ କହିଥିଲେ ଯେ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍‌ର ବୋଝ ସାଧାରଣ ଲୋକଙ୍କ ଉପରେ ପଡ଼ିବ । ସେ ଏହା ମଧ୍ୟ କହିଥିଲେ ଯେ ସରକାରଙ୍କ ଏହି ଯୁକ୍ତି—'UPI କୁ ଆର୍ଥିକ ଦୃଷ୍ଟିରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥାୟୀ (sustainable) କରିବା ପାଇଁ ଏପରି ଚାର୍ଜ ବଢ଼ାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ—“ସମ୍ପୂର୍ଣ୍ଣ ଭୁଲ୍” । ସୀତାରମଣ ଏହି ଦାବିକୁ ଖାରଜ କରି କହିଛନ୍ତି ଯେ ଗ୍ରାହକଙ୍କୁ ମର୍ଚାଣ୍ଟ ଫି’ ଦେବାକୁ ପଡ଼ିବ ନାହିଁ ।

ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ୍ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସମ୍ପ୍ରତି ଚର୍ଚ୍ଚାରେ ଅଛନ୍ତି । ତାଙ୍କ ପତ୍ନୀ ସଙ୍ଗୀତାଙ୍କ ସହ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ନେଇ ବ୍ୟାପକ ରିପୋର୍ଟ ଆସିଥିଲା । ଏହା ମଧ୍ୟରେ, ବିଜୟ୍ ତ୍ରିଶା କୃଷ୍ଣନଙ୍କ ସହ ମଧ୍ୟ ସମ୍ପର୍କରେ ଥିଲେ ବୋଲି ଦେଖାଯାଇଛି । ତଥାପି, ଏକ ସମ୍ବାଦ ସଂସ୍ଥାର ଉଦ୍ଧୃତି ଅନୁଯାୟୀ ରିପୋର୍ଟଗୁଡ଼ିକ ସୂଚାଇ ଦେଉଛି ଯେ ଛାଡପତ୍ର ଆଗକୁ ବଢ଼ିବ ନାହିଁ; ସଙ୍ଗୀତା ତାଙ୍କର ଛାଡପତ୍ର ଆବେଦନ ପ୍ରତ୍ୟାହାର କରିନେଇଛନ୍ତି ।

ସମ୍ବାଦ ସଂସ୍ଥା ରିପୋର୍ଟ କରିଛି ଯେ ସଙ୍ଗୀତା ତାଙ୍କ ସ୍ୱାମୀ ସି. ଜୋସେଫ ବିଜୟଙ୍କୁ ଛାଡପତ୍ର ଦେବା ପାଇଁ ଦାୟର କରିଥିବା ଆବେଦନ ପ୍ରତ୍ୟାହାର କରିନେଇଛନ୍ତି । ପ୍ରତ୍ୟାହାର ପରେ, ଚେଙ୍ଗାଲପଟୁ କୋର୍ଟ ଛାଡପତ୍ର ମାମଲା ବନ୍ଦ କରିଦେଇଛି । ଏହି ଖବର ଶୁଣି ପ୍ରଶଂସକମାନେ ଆଶ୍ୱସ୍ତିର ନିଶ୍ୱାସ ନେଇଛନ୍ତି ।

ରିପୋର୍ଟ ଅନୁଯାୟୀ, ସଙ୍ଗୀତା ଛାଡପତ୍ର ଆବେଦନରେ ବିଜୟଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ । ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଜଣେ ଅଭିନେତ୍ରୀଙ୍କ ସହିତ ବିବାହ ବାହାରେ ସମ୍ପର୍କରେ ଥିବା ଦାବି କରି କହିଥିଲେ । ଆବେଦନରେ ଉଲ୍ଲେଖ କରାଯାଇଛି ଯେ ସଙ୍ଗୀତା ଏପ୍ରିଲ ୨୦୨୧ରେ ଜାଣିବାକୁ ପାଇଥିଲେ ଯେ ବିଜୟ୍ ଜଣେ ଅଭିନେତ୍ରୀଙ୍କ ସହିତ ସମ୍ପର୍କରେ ଅଛନ୍ତି, ଯାହା ତାଙ୍କୁ ଗଭୀର ଆଘାତ ଦେଇଥିଲା । ସେ ଅଭିଯୋଗ କରିଛନ୍ତି ଯେ ବିଜୟ୍ ସାର୍ବଜନୀନ ଭାବରେ ଅଭିନେତ୍ରୀଙ୍କୁ ଭେଟି ଚାଲିଥିଲେ, ଯାହା ତାଙ୍କ ପିଲାମାନଙ୍କ ସମ୍ମୁଖରେ ତାଙ୍କୁ ଲଜ୍ଜିତ କରିଥିଲା ।

ଏହା ଉଲ୍ଲେଖନୀୟ ଯେ ବିଜୟ୍ ଏବଂ ସଙ୍ଗୀତା ୧୯୯୯ ମସିହାରେ ବିବାହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ ଏବଂ ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି: ଜେସନ ସଞ୍ଜୟ ନାମକ ଏକ ପୁଅ ଏବଂ ଦିବ୍ୟା ଶାଶା ନାମକ ଏକ ଝିଅ । ଯଦିଓ ୨୭ ବର୍ଷ ପରେ ସେମାନଙ୍କ ସମ୍ପର୍କ ବିପଦରେ ପଡ଼ିଥିବା ପରି ମନେ ହେଉଥିଲା, ତଥାପି ଏବେ ଜଣାପଡିଛି ଯେ ସେମାନଙ୍କ ମଧ୍ୟରେ ଛାଡପତ୍ର ହେବ ନାହିଁ ।

ଶିରୋମଣି ଅକାଳୀ ଦଳ (ଏସଏଡି) ସଭାପତି ସୁଖବୀର ସିଂହ ବାଦଲ ଶୁକ୍ରବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ । ସଂସଦର ମୌସୁମୀ ଅଧିବେଶନ ସମୟରେ ଅନୁଷ୍ଠିତ ଏହି ବୈଠକ ପୁଣିଥରେ ପଞ୍ଜାବର ରାଜନୈତିକ ଦୃଶ୍ୟପଟକୁ ହଲାଇ ଦେଇଛି । ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ପରେ, ରାଜନୈତିକ ମହଲ ମଧ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଶିରୋମଣି ଅକାଳୀ ଦଳ ମଧ୍ୟରେ ଏକ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ କଳ୍ପନାଜଳ୍ପନା ତୀବ୍ର ହୋଇଛି ।

ତଥାପି, ଏପର୍ଯ୍ୟନ୍ତ କୌଣସି ଦଳ ଏହି ବିଷୟ ଉପରେ କୌଣସି ସରକାରୀ ବିବୃତ୍ତି ଜାରି କରିନାହାଁନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏବଂ ସୁଖବୀର ବାଦଲଙ୍କ ମଧ୍ୟରେ ଆଲୋଚନାରେ ପଞ୍ଜାବର ବିକାଶ, ଆଇନ ଶୃଙ୍ଖଳା, କୃଷି, କୃଷକଙ୍କ ସମ୍ପର୍କିତ ପ୍ରସଙ୍ଗ ଏବଂ ରାଜ୍ୟର ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଅନ୍ତର୍ଭୁକ୍ତ ହୋଇଥିଲା । ବୈଠକର ସରକାରୀ ଏଜେଣ୍ଡା ସାର୍ବଜନୀନ କରାଯାଇ ନଥିଲେ ମଧ୍ୟ, ଏହାକୁ ପଞ୍ଜାବ ରାଜନୀତି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

ସୂଚନାଯୋଗ୍ୟ, ପ୍ରାୟ ଅଢ଼େଇ ଦଶନ୍ଧି ଧରି ଭାଜପା ଏବଂ ଶିରୋମଣି ଅକାଳୀ ଦଳ ମଧ୍ୟରେ ଥିବା ମେଣ୍ଟ କୃଷି ଆଇନ ବିବାଦ ପରେ ୨୦୨୦ ମସିହାରେ ଭାଙ୍ଗି ଯାଇଥିଲା । ସେହି ସମୟରେ, ଅକାଳୀ ଦଳ NDA ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲା । ପରବର୍ତ୍ତୀ ସମୟରେ, ଉଭୟ ଦଳ ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକସଭା ନିର୍ବାଚନ ପୃଥକ ଭାବରେ ଲଢ଼ିଥିଲେ । ତଥାପି, ଦୁଇ ଦଳର ନେତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟରେ ବୈଠକ ପରେ ମେଣ୍ଟର ପୁନରୁଦ୍ଧାର ସମ୍ପର୍କରେ ସମୟ ସମୟରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

କକରୋଚ ଜନତା ପାର୍ଟି (CJP)ର ଜାତୀୟ କାର୍ଯ୍ୟକାରିଣୀ ଗଠନ ହୋଇଛି । ଏଥିରେ ଅଭିଜିତ ଦୀପକେଙ୍କ ସମେତ ୧୨ ଜଣଙ୍କୁ ସ୍ଥାନ ମିଳିଛି । ଅଭିଜିତ ଦୀପକେଙ୍କ ଘରେ ଦୁଇ ଦିନ ଧରି ଚାଲିଥିବା ବୈଠକରେ କାର୍ଯ୍ୟକାରିଣୀ ଗଠନ କରାଯିବା ସହ ଏହାର ସଦସ୍ୟମାନଙ୍କ ନାମ ଏବଂ ସେମାନଙ୍କ ଦାୟିତ୍ୱ ଘୋଷଣା କରାଯାଇଛି ।

ବୈଠକ ଶେଷ ହେବା ପରେ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଘୋଷଣା କରାଯାଇଥିଲା ଯେ, ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଦଳର ଜାତୀୟ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବେ । ସେହିପରି, CJPର ମୁଖ୍ୟ ପ୍ରବକ୍ତା ସୌରଭ ଦାସ ଏବଂ ପ୍ରବକ୍ତା ଆଶୁତୋଷ ରାଙ୍କା ଦଳର ସଂଗଠନର ସହ-ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବେ ।

କାର୍ଯ୍ୟକାରିଣୀ ଗଠନ ହେବା ପରେ ଅଭିଜିତ ଦୀପକେ ଘୋଷଣା କରିଛନ୍ତି ଯେ, କକରୋଚ ଜନତା ପାର୍ଟିକୁ ଏବେ ତୁରନ୍ତ ଏକ ରାଜନୈତିକ ଦଳରେ ପରିଣତ କରାଯିବ ନାହିଁ । ବରଂ ଏହି ମଞ୍ଚ ମାଧ୍ୟମରେ ତୃଣମୂଳ ସ୍ତରରେ କାମ କରାଯିବ । ଆସନ୍ତା ୬ ମାସ ମଧ୍ୟରେ ସମଗ୍ର ଭାରତରେ ଷ୍ଟେଟ କୋ-ଅର୍ଡିନେସନ କମିଟି ଗଠନ କରାଯିବ ।

ୱେବସାଇଟ ମାଧ୍ୟମରେ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ । ଛାତ୍ରୀଛାତ୍ର, ଯୁବପିଢ଼ି, ପ୍ରଫେସନାଲ ଏବଂ ଶ୍ରମିକମାନଙ୍କୁ ଏକଜୁଟ କରି ଦଳ ସହ ଯୋଡ଼ାଯିବ ।

ପାର୍ଟିର କର୍ମୀମାନେ କକରୋଚ ଜନତା ପାର୍ଟିକୁ ଏକ ରାଜନୈତିକ ଦଳ ଭାବେ ଦେଖିବାକୁ ଚାହୁଁଛନ୍ତି । କିନ୍ତୁ ବର୍ତ୍ତମାନ ସମୟରେ ଦଳ ତୃଣମୂଳ ସ୍ତରରେ ହିଁ କାମ କରିବ । ଜନମତ ସଂଗ୍ରହ କରିବା ପରେ ହିଁ ରାଜନୀତିରେ ପ୍ରବେଶ କରାଯିବ ବୋଲି ଅଭିଜିତ ଦୀପକେ କହିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚନାଯୋଗ୍ୟ ଯେ, କକରୋଚ ଜନତା ପାର୍ଟି (CJP)ରେ ଅଭିଜିତ ଦୀପକେ, ସୌରଭ ଦାସ ଏବଂ ଆଶୁତୋଷ ରାଙ୍କାଙ୍କ ପରେ ଅଜିଙ୍କ୍ୟ ଶିନ୍ଦେ (୩୫)ଙ୍କୁ ଜାତୀୟ ସଂଗଠନ ପ୍ରଭାରୀ ଏବଂ ଦୀପକ ବାଲିୟାନ (୨୬)ଙ୍କୁ ସଂଗଠନର ସହ-ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି ।

ଅନ୍ୟ ପଦାଧିକାରୀମାନଙ୍କ ମଧ୍ୟରେ ଆଫରିନ ନୱାଜ (୩୪) ଜାତୀୟ ସଚିବ, ବିଜୟ ରେଡ୍ଡୀ ମଲ୍ଲାଙ୍ଗି (୩୦) ମିଡିଆ ପ୍ରମୁଖ, ରତ୍ନା ସିଂହ (୩୧) ଆଇନଗତ ମାମଲାର ପ୍ରମୁଖ, ବୈଷ୍ଣବୀ ଗୌଡ଼ (୨୯) ରିସର୍ଚ୍ଚ ଆଣ୍ଡ ପଲିସି ଚିଫ, ରୋହନ ଦେଶପାଣ୍ଡେ (୩୧) ଟେକ୍ନୋଲୋଜି ଚିଫ ଏବଂ ଯୋଗେଶ ଇଙ୍ଗଲେ (୩୩) ଫାଇନାନ୍ସ ଚିଫ ଭାବେ ଦାୟିତ୍ୱ ତୁଲାଇବେ ।

ବାଂଲାଦେଶ-ଭାରତ ଫ୍ରେଣ୍ଡଶିପ ପାଇପଲାଇନ ମାଧ୍ୟମରେ ଭାରତରୁ ବାଂଲାଦେଶକୁ ପ୍ରାୟ ୫,୦୦୦ ମେଟ୍ରିକ ଟନ ଡିଜେଲ ପଠାଯାଉଛି । ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ଯୋଗୁ ବିଶ୍ୱବ୍ୟାପୀ ଇନ୍ଧନ ଯୋଗାଣ ପ୍ରଭାବିତ ହୋଇଥିବାବେଳେ ବାଂଲାଦେଶରେ ମଧ୍ୟ ଇନ୍ଧନ ଅଭାବ ଦେଖାଦେଇଛି ।

ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନ (BPC)ର ଅଧିକାରୀମାନେ କହିଛନ୍ତି ଯେ, ଗତକାଲି ଅପରାହ୍ନ ୩ଟା ୨୦ ମିନିଟ ସମୟରେ ଆସାମର ନୁମାଲିଗଡ଼ ରିଫାଇନେରୀ ଲିମିଟେଡରୁ ଡିଜେଲ ପମ୍ପିଂ ଆରମ୍ଭ ହୋଇଥିଲା । ଏହି ଡିଜେଲ ପ୍ରାୟ ୪୪ ଘଣ୍ଟା ମଧ୍ୟରେ ଦିନାଜପୁରର ପାର୍ବତୀପୁର ଡିପୋରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

BPCର କମର୍ସ ଏବଂ ଅପରେସନ୍ସ ବିଭାଗର ଜେନେରାଲ ମ୍ୟାନେଜର ମହମ୍ମଦ ମୋର୍ଶେଦ ହୁସେନ ଆଜାଦ କହିଛନ୍ତି ଯେ, ପ୍ରତି ଘଣ୍ଟାରେ ପ୍ରାୟ ୧୧୩ ମେଟ୍ରିକ ଟନ ଡିଜେଲ ପମ୍ପ କରାଯାଉଛି ଏବଂ ସମ୍ପୂର୍ଣ୍ଣ ଖେପ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ପହଞ୍ଚିବ

Listen to Odia Podcast Original at https://youtube.com/@drjyotiprasad

ବୋଲି ଆଶା ରହିଛି ।

୧୩୧ କିଲୋମିଟର ଲମ୍ବା ଏହି ସୀମାପାର ଫ୍ରେଣ୍ଡଶିପ ପାଇପଲାଇନ ଭାରତର ସିଲିଗୁଡ଼ି ମାର୍କେଟିଂ ଟର୍ମିନାଲକୁ ଉତ୍ତର ବାଂଲାଦେଶର ପାର୍ବତୀପୁର ଡିପୋ ସହ ସଂଯୋଗ କରିଛି । ଇନ୍ଧନ ପରିବହନକୁ ଅଧିକ ଦ୍ରୁତ ଏବଂ କମ ଖର୍ଚ୍ଚସାପେକ୍ଷ କରିବା ଉଦ୍ଦେଶ୍ୟରେ ୨୦୨୩ରେ ଏହି ପାଇପଲାଇନରେ ଔପଚାରିକ ଉଦ୍ଘାଟନ କରାଯାଇଥିଲା ।

ହରିଆଣାର ସୋନିପତରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଏଠାରେ ବୃଦ୍ଧାଶ୍ରମରେ ରହୁଥିବା ଜଣେ କପଡ଼ା ବ୍ୟବସାୟୀଙ୍କ ମୃତ୍ୟୁ ପରେ ପରିବାରର କୌଣସି ସଦସ୍ୟ ତାଙ୍କ ଶେଷକୃତ୍ୟ ପାଇଁ ପହଞ୍ଚି ନ ଥିଲେ । ଜଣେ ପିତା ତାଙ୍କ ଝିଅମାନଙ୍କୁ ଦେଖିବାକୁ ଇଚ୍ଛା କରି ଚାଲିଗଲେ, କିନ୍ତୁ ସେମାନେ ତାଙ୍କୁ ଶେଷ ଥର ପାଇଁ ଦେଖିବା ପାଇଁ ସମୟ ବାହାର କରିପାରିଲେ ନାହିଁ ।

ମହାରାଷ୍ଟ୍ରର ଜଣେ କପଡ଼ା ବ୍ୟବସାୟୀ ଶିବଚରଣ ରତନ ଗୁପ୍ତା (୭୪), ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ତାଙ୍କ ପତ୍ନୀ ମୀନା ଗୁପ୍ତାଙ୍କ ସହିତ ସୋନିପତର ଏକ ବୃଦ୍ଧାଶ୍ରମକୁ ଚାଲି ଆସିଥିଲେ । ତାଙ୍କର କୌଣସି ପୁଅ ନ ଥିଲା । ସେ ତାଙ୍କର ତିନି ଝିଅଙ୍କୁ ଶିକ୍ଷା ଦେଇଥିଲେ ଏବଂ ସଫଳ କ୍ୟାରିଅର ଗଢ଼ିବାରେ ସାହାଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷୟିତ୍ରୀ ହୋଇଥିଲେ । ତାଙ୍କ ସ୍ତ୍ରୀ ମୀନା ଗୁପ୍ତାଙ୍କ ମୃତ୍ୟୁ ପୂର୍ବରୁ ହୋଇ ସାରିଥିଲା । ବୃଦ୍ଧାଶ୍ରମର ପରିଚାଳିକା ଆନନ୍ଦ ତାଙ୍କ ଝିଅ ଅନିତା, ନିଶା ଏବଂ ପ୍ରିୟାଙ୍କୁ ୨୦ ଦିନ ପୂର୍ବରୁ ଶିବଚରଣଙ୍କ ଅସୁସ୍ଥତା ବିଷୟରେ ଜଣାଇଥିଲେ । ତଥାପି ତିନି ଝିଅ ବାହାନା କରି ତାଙ୍କୁ ଦେଖା କରି ନଥିଲେ ।

ପରିଚାଳିକା କହିଛନ୍ତି, ଶିବଚରଣ ତାଙ୍କ ଝିଅମାନଙ୍କ ସହିତ କଥା ହେବା ପାଇଁ ଏକ ଫୋନ ରଖୁଥିଲେ । କିନ୍ତୁ ଅସୁସ୍ଥ ହେବା ପରେ ସେମାନଙ୍କ ଫୋନ ଆସିବା ବନ୍ଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲା । ଆମେ ତାଙ୍କ ଅବସ୍ଥା ବିଷୟରେ ଜଣାଇବା ପରେ ମଧ୍ୟ ସେମାନେ ଆସିଲେ ନାହିଁ । ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ପରେ ସେମାନଙ୍କୁ ଜଣାଇ ଦିଆଯାଇଥିଲା । କିନ୍ତୁ ସେମାନେ ସମୟ ଅଭାବକୁ ଏକ ବାହାନା ଭାବରେ ଦର୍ଶାଇଥିଲେ ।

ଶିବଚରଣଙ୍କ ବଡ଼ ଝିଅ ଅନିତା ନେପାଳରେ ରୁହନ୍ତି, ଯେଉଁଠାରେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରନ୍ତି । ମଧ୍ୟମ ଝିଅ ନିଶା ଉତ୍ତର ପ୍ରଦେଶର ଆଜମଗଡ଼ରେ ରୁହନ୍ତି ଏବଂ ସାନ ଝିଅ ପ୍ରିୟା ମୁମ୍ବାଇରେ ରୁହନ୍ତି । ତାଙ୍କ ଝିଅମାନଙ୍କୁ ସଫଳତା ହାସଲ କରିବାରେ ସାହାଯ୍ୟ କରିବା ସତ୍ତ୍ୱେ, ଶିବଚରଣ ତାଙ୍କ ଶେଷ ମୁହୂର୍ତ୍ତରେ ସେମାନଙ୍କୁ ଦେଖିପାରିଲେ ନାହିଁ ଏବଂ ସେମାନେ ଶବଦାହରେ ଯୋଗ ଦେଇ ନଥିଲେ । ସେମାନେ ଭିଡିଓ କଲ ମାଧ୍ୟମରେ ଶେଷକୃତ୍ୟ ଦେଖିଥିଲେ । ତାଙ୍କ ବଡ଼ ଝିଅ ଅନଲାଇନରେ ୫,୧୦୦ ପଠାଇ ତାଙ୍କ ପିତାଙ୍କ ଶେଷକୃତ୍ୟ ସଠିକ ଭାବରେ ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ ।

ବୃଦ୍ଧାଶ୍ରମର ପରିଚାଳିକା କହିଛନ୍ତି ଯେ, ଝିଅମାନେ ପ୍ରଥମେ ଚିତାଭସ୍ମ ଅଲଗା ରଖିବାକୁ କହିଥିଲେ । କିନ୍ତୁ ପରେ କହିଥିଲେ ଯେ, ସେମାନଙ୍କ ପାଖରେ ସମୟ ନାହିଁ ଏବଂ ଗଙ୍ଗାରେ ଭସ୍ମ ବିସର୍ଜନ କରିବାକୁ ନିଜେ ପରିଚାଳିକାଙ୍କୁ ଅନୁରୋଧ କରିଥିଲେ । ଶବଦାହ ପରେ, ସେମାନେ ଭିଡିଓ କଲ ମାଧ୍ୟମରେ ଶେଷକୃତ୍ୟର ସମସ୍ତ ଭିଡିଓ ସେମାନଙ୍କୁ ପଠାଇବାକୁ ଅନୁରୋଧ କରିଥିଲେ ।

ଏହି ମାମଲା ଶିବଚରଣ ଗୁପ୍ତାଙ୍କ ବ୍ୟକ୍ତିଗତ କାହାଣୀରୁ ଅଧିକ; ଏହା ଏକ ସାମାଜିକ ବାସ୍ତବତାକୁ ପ୍ରକାଶ କରେ । ଏଠାରେ ସମସ୍ତେ ଟଙ୍କା ଦୌଡ଼ରେ ଏତେ ମଗ୍ନ ଯେ ସେମାନଙ୍କ ପାଖରେ ନିଜ ପ୍ରିୟଜନଙ୍କ ପାଇଁ ସମୟ ନାହିଁ । ଶିବଚରଣ ଗୁପ୍ତା ଜଣେ ପ୍ରମୁଖ କପଡ଼ା ବ୍ୟବସାୟୀ ଥିଲେ । ସେ ପ୍ରଚୁର ଧନ ଅର୍ଜନ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ରା ମାର୍ଗେରିଟା ଗୁରୁବାର (ଅଗଷ୍ଟ ୬) ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୬ରେ ସରକାରୀ ବିଦେଶ ଗସ୍ତରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସରକାର ରାଜ୍ୟ ସଭାକୁ ସୂଚନା ଦେଇଥିଲେ ଯେ ୨୦୨୬ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତରେ ପ୍ରାୟ ୭୪.୫ କୋଟି ଖର୍ଚ୍ଚ ହୋଇଥିଲା । ଏହି ବର୍ଷ ଫେବୃଆରୀ ଏବଂ ଜୁଲାଇ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ୧୩ଟି ଦେଶ ଗସ୍ତ କରିଥିଲେ । ସଂସଦରେ ଉପସ୍ଥାପିତ ଦସ୍ତାବିଜରେ ୨୦୨୧ରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ସମସ୍ତ ବିଦେଶ ଗସ୍ତର ମୋଟ ଖର୍ଚ୍ଚ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ଏହି ବିଦେଶ ଗସ୍ତ ଅନ୍ୟ ରାଷ୍ଟ୍ର ସହିତ ସମ୍ପର୍କକୁ ମଜବୁତ କରିବା ଏବଂ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ ଭାରତର ସମ୍ପର୍କକୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାର୍ଯ୍ୟ କରେ । ଏହି ଗସ୍ତ ସମୟରେ ହୋଇଥିବା ଚୁକ୍ତିନାମାଗୁଡ଼ିକ ପ୍ରଯୁକ୍ତିବିଦ୍ୟା, ନବସୃଜନ, ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି ଏବଂ ଯୋଗାଣ ଶୃଙ୍ଖଳା ଭଳି ପ୍ରମୁଖ କ୍ଷେତ୍ରରେ ସହଭାଗୀତାକୁ ସୁଦୃଢ଼ କରିଛି । ସରକାର କହିଛନ୍ତି ଯେ ଭାରତ ଏପ୍ରିଲ ୨୦୨୧ ରୁ ଡିସେମ୍ବର ୨୦୨୫ ମଧ୍ୟରେ ୩୮୧.୮ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ବିଦେଶୀ ପ୍ରତ୍ୟକ୍ଷ ନିବେଶ (FDI) ପାଇଛି ।

ସରକାର ପ୍ରକାଶ କରିଛନ୍ତି ଯେ ୨୦୨୧ ପରଠାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତରେ ମୋଟ ୫୫୦ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି । ରାଜ୍ୟ ସଭାକୁ ଏକ ଲିଖିତ ଉତ୍ତରରେ, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ଯାହା ଏହି ବର୍ଷ ସର୍ବାଧିକ ଖର୍ଚ୍ଚ କରିଛି ତାହା ହେଉଛି ମେ ୨୦୨୬ରେ ତାଙ୍କର ପାଞ୍ଚ-ରାଷ୍ଟ୍ର ଗସ୍ତ; ଏହି ସମୟ ମଧ୍ୟରେ ୧୭.୪୭ କୋଟି ଖର୍ଚ୍ଚ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିଲା ।’

ସେ ଆହୁରି ଉଲ୍ଲେଖ କରିଛନ୍ତି, ‘ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତରେ ଖର୍ଚ୍ଚ ୨୦୨୫ରେ ୧୮୦ କୋଟି, ୨୦୨୪ରେ ୧୦୯ କୋଟି, ୨୦୨୩ରେ ୯୩ କୋଟି, ୨୦୨୨ରେ ୫୫ କୋଟି ଏବଂ ୨୦୨୧ରେ ୩୬ କୋଟିରୁ ଅଧିକ ହୋଇଥିଲା ।’ ସରକାରଙ୍କ ଦ୍ୱାରା ପ୍ରକାଶିତ ଖର୍ଚ୍ଚ ବିବରଣୀ ଅନେକ ଦେଶକୁ ତାରା ଚିହ୍ନ (*) ସହିତ ଚିହ୍ନିତ କରେ, ଯାହା ସୂଚାଇ ଦିଏ ଯେ ଏହି ସଂଖ୍ୟାଗୁଡ଼ିକ ଚୂଡ଼ାନ୍ତ ନୁହେଁ; ସେହି ସ୍ଥାନଗୁଡ଼ିକରୁ ବିଲ ସମ୍ପୂର୍ଣ୍ଣ ଭାବରେ ସମାଧାନ ହେବା ପରେ ହିଁ ସଠିକ ଚୂଡ଼ାନ୍ତ ଖର୍ଚ୍ଚ ସଂଖ୍ୟା ଉପଲବ୍ଧ ହେବ । ସରକାରୀ ସଂଖ୍ୟାରେ ଜୁନ ମାସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଫ୍ରାନ୍ସ ଗସ୍ତରେ ହୋଇଥିବା ଖର୍ଚ୍ଚ ଅନ୍ତର୍ଭୁକ୍ତ ନାହିଁ ।

ଅମୃତସର କମିଶନରେଟ ପୋଲିସ ଆଇଏସଆଇ (ISI) ସମର୍ଥିତ ଦୁଇଟି ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାଶ କରିଛି ଏବଂ ଏହି ମାମଲାରେ ମୋଟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ୪ ଜଣ ନାବାଳକ ଏବଂ ୫ ଜଣ ପ୍ରାପ୍ତବୟସ୍କ ରହିଛନ୍ତି ।

ପୋଲିସ ସୂଚନା ଅନୁସାରେ, ପେଟ୍ରୋଲ ବୋମା ମଡ୍ୟୁଲ୍ର ଅଧିକାଂଶ ସଦସ୍ୟ ନାବାଳକ ଥିଲେ । ଏହି ଗୋଷ୍ଠୀର ୮ ଜଣ ସଦସ୍ୟ ଜନ୍ତର-ମନ୍ତରରେ ହୋଇଥିବା ବିରୋଧ ପ୍ରଦର୍ଶନ ସ୍ଥଳକୁ ମଧ୍ୟ ଯାଇଥିଲେ, ଯେଉଁଠାରେ ସେମାନଙ୍କୁ ସ୍ଥାନୀୟ ସ୍ତରରେ ଲଜିଷ୍ଟିକ ସହଯୋଗ ମିଳିଥିବା ଅଭିଯୋଗ ରହିଛି । ଏହି ସହଯୋଗ ମଧ୍ୟରେ ପେଟ୍ରୋଲ ବୋମା ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ସାମିଲ ଥିଲା ।

ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଲଜିଷ୍ଟିକ ସହଯୋଗ ପାକିସ୍ତାନରେ ବସିଥିବା ଆଇଏସଆଇ (ISI) ହ୍ୟାଣ୍ଡଲରଙ୍କ ମାଧ୍ୟମରେ ଯୋଗାଇ ଦିଆଯାଇଥିବା ସନ୍ଦେହ କରାଯାଉଛି । ଏହି ମାମଲାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା, NEET-UGର ଢାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ଚାଲିଛି । କେନ୍ଦ୍ର ସରକାର ଏକ ସତ୍ୟପାଠ ମାଧ୍ୟମରେ ସୁପ୍ରିମକୋର୍ଟକୁ ଏହା ଜଣାଇ କହିଛନ୍ତି ଯେ ପ୍ରାୟ ୨୨ ଲକ୍ଷ ପ୍ରାର୍ଥୀଙ୍କୁ ସାମିଲ କରୁଥିବା ପରୀକ୍ଷାକୁ ବର୍ତ୍ତମାନର ପେନ-ଆଣ୍ଡ-ପେପର୍ ଫର୍ମାଟରୁ କମ୍ପ୍ୟୁଟର-ଆଧାରିତ ପରୀକ୍ଷା ବା କମ୍ପ୍ୟୁଟର ବେସଡ ଟେଷ୍ଟ(CBT) ମୋଡକୁ ସ୍ଥାନାନ୍ତର କରିବା ପାଇଁ ଗମ୍ଭୀର ବିଚାର କରାଯାଉଛି । ଏହା ସହିତ, JEE ଫର୍ମାଟ ପରି ଦୁଇଟି ପର୍ଯ୍ୟାୟରେ ମୁଖ୍ୟ ଏବଂ ଉନ୍ନତ NEET-UG ପରିଚାଳନା କରିବାର ପ୍ରସ୍ତାବ ଅଛି ।

ଚଳିତ ବର୍ଷର NEET ପରୀକ୍ଷାରେ ପେପର୍ ଲିକ ପରେ ଦାଖଲ ହୋଇଥିବା ଆବେଦନର ଉତ୍ତର ଦେଇ, ସରକାର ଉଲ୍ଲେଖ କରିଛନ୍ତି ଯେ ଜାତୀୟ ପରୀକ୍ଷା ଏଜେନ୍ସି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(NTA) ର ଆଠଟି ପ୍ରମୁଖ ପରୀକ୍ଷା ମଧ୍ୟରୁ ସାତଟି ପୂର୍ବରୁ ଅନଲାଇନରେ ପରିଚାଳିତ ହେଉଛି । NEET-UG କୁ CBT ମୋଡକୁ ପରିବର୍ତ୍ତନ କରିବାର ସମ୍ଭାବନା ଉପରେ ଆଲୋଚନା ଏବେ କରାଯାଉଛି ।

ସତ୍ୟପାଠରେ କୁହାଯାଇଛି ଯେ JEE ଅନୁରୂପ ଏକ ଦୁଇ-ସ୍ତରୀୟ ପରୀକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା କେବଳ ପରୀକ୍ଷା ସୁରକ୍ଷା ବୃଦ୍ଧି ପାଇବ ନାହିଁ ବରଂ ଛାତ୍ରୀଛାତ୍ରଙ୍କ ଦକ୍ଷତାର ଉତ୍ତମ ମୂଲ୍ୟାଙ୍କନ ମଧ୍ୟ ହୋଇପାରିବ । ତଥାପି, ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ ।

ସରକାର ଇନଫୋସିସ ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କ ନେତୃତ୍ୱରେ ଏକ ଟାସ୍କଫୋର୍ସ ଗଠନ ଘୋଷଣା କରିଛନ୍ତି । NEET ପରୀକ୍ଷାରେ ପ୍ରସ୍ତାବିତ ପରିବର୍ତ୍ତନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଟାସ୍କଫୋର୍ସର ସୁପାରିଶଗୁଡ଼ିକୁ ବିଚାର କରାଯିବ; ଟାସ୍କଫୋର୍ସର ରିପୋର୍ଟ ପାଇବା ପରେ ହିଁ ନୂତନ ପରୀକ୍ଷା ଗଠନ ଉପରେ ନିଷ୍ପତ୍ତି ନିଆଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୬ ଅଗଷ୍ଟ ଶୁକ୍ରବାର ଦିନ ହେବାକୁ ଥିବା ଶୁଣାଣି ପୂର୍ବରୁ ଦାଖଲ କରାଯାଇଥିବା ସତ୍ୟପାଠରେ, କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି ଯେ ପରୀକ୍ଷା ବ୍ୟବସ୍ଥାରେ କୌଣସି ବଡ଼ ପରିବର୍ତ୍ତନ ହଠାତ କାର୍ଯ୍ୟକାରୀ କରାଯିବ ନାହିଁ । ଛାତ୍ରୀଛାତ୍ରମାନଙ୍କୁ ନୂତନ ପ୍ୟାଟର୍ନ ବିଷୟରେ ପୂର୍ବରୁ ଅବଗତ କରାଯିବ, ଯାହା ଦ୍ୱାରା ନୂତନ ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତୁତି ପାଇଁ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ରହିବ ।

ବିସ୍ତୃତ ସତ୍ୟପାଠରେ ପରୀକ୍ଷା ସୁରକ୍ଷା ପଦକ୍ଷେପ ସମ୍ପର୍କରେ ସୂଚନା ମଧ୍ୟ ପ୍ରଦାନ କରାଯାଇଛି । ପେପର ଲିକ ଏବଂ ଅନ୍ୟାନ୍ୟ ଅନିୟମିତତାକୁ ରୋକିବା ପାଇଁ ନୂତନ ଆଇନ ସହିତ ଅନେକ ବୈଷୟିକ ଏବଂ ପ୍ରଶାସନିକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି । ଏହି ପଦକ୍ଷେପଗୁଡ଼ିକରେ ପ୍ରଶ୍ନପତ୍ର ପାଇଁ ବାୟୋମେଟ୍ରିକ ଯାଞ୍ଚ, ଏକକାଳୀନ ତାଲା ସହିତ ସଜ୍ଜିତ GPS-ଟ୍ରାକ ଟ୍ରଙ୍କ ଏବଂ ଏନକ୍ରିପ୍ଟେଡ ଡିଜିଟାଲ ପ୍ରଶ୍ନ ବ୍ୟାଙ୍କ ଅନ୍ତର୍ଭୁକ୍ତ ।

ସରକାର ଏହା ମଧ୍ୟ କହିଛନ୍ତି ଯେ NEET-UG ପାଇଁ ନୂତନ ପରୀକ୍ଷା ଢାଞ୍ଚାକୁ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ଅଂଶୀଦାର – ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଜାତୀୟ ମେଡିକାଲ କମିଶନ ସମେତ – ସହିତ ବ୍ୟାପକ ପରାମର୍ଶ କରାଯିବ ।

ମାର୍କ ଜୁକରବର୍ଗ CSAM କଣ୍ଟେଣ୍ଟ, ଡିପଫେକ୍ କଣ୍ଟେଣ୍ଟ ଏବଂ ପ୍ଲାଟଫର୍ମ ପରିଚାଳନାରେ ହୋଇଥିବା ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି । ସେମାନଙ୍କୁ ସ୍ପଷ୍ଟ କରାଯାଇଥିଲା ଯେ ସେମାନେ Intermediary definition ଅଧୀନରେ ଆସୁନାହାଁନ୍ତି । କେଉଁ କଣ୍ଟେଣ୍ଟ କାହା ପାଖକୁ ଯିବ, ତାହା ସେମାନେ ନିଜେ ଚୟନ କରନ୍ତି । ତେଣୁ IT ଆକ୍ଟ ଅଧୀନରେ 'ସେଫ୍ ହାର୍ବର' (Safe Harbour) ଲାଗୁ ହେବନାହିଁ ।

ଉଲ୍ଲେଖଯୋଗ୍ୟ ଯେ, ସେଫ୍ ହାର୍ବର ହେଉଛି ଏକ ଆଇନଗତ ପ୍ରାବଧାନ ଯାହା ସୋସିଆଲ୍ ମିଡିଆ ଏବଂ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକୁ ସେମାନଙ୍କ ପ୍ଲାଟଫର୍ମରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ୟୁଜର୍ସଙ୍କ ଦ୍ୱାରା ଅପଲୋଡ୍ କରାଯାଉଥିବା କଣ୍ଟେଣ୍ଟ (ଥାର୍ଡ-ପାର୍ଟି ଡାଟା) ପାଇଁ ଆଇନଗତ ଦାୟିତ୍ୱରୁ ଛାଡ଼ ଦେଇଥାଏ ।

ଜୁକରବର୍ଗ ସ୍ୱୀକାର କରିଛନ୍ତି ଯେ କେତେକ ବିଶେଷ ପ୍ରକାରର କଣ୍ଟେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ବହୁତ ଟଙ୍କା ଦିଆଯାଇଥିଲା । ସେ କ୍ଷମା ପ୍ରାର୍ଥନା କରିବା ସହ ନିଜ ଭୁଲ୍ ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ମାର୍କ ଜୁକରବର୍ଗ ଚାଇଲ୍ଡ ସେକ୍ସୁଆଲ୍ ଆବ୍ୟୁଜ୍ ମ୍ୟାଟେରିଆଲ୍ (CSAM) କଣ୍ଟେଣ୍ଟ, ଡିପଫେକ୍ କଣ୍ଟେଣ୍ଟ ଏବଂ ପ୍ଲାଟଫର୍ମ ପରିଚାଳନାରେ ହୋଇଥିବା ତ୍ରୁଟିଗୁଡ଼ିକ ପାଇଁ କ୍ଷମା ମାଗିଛନ୍ତି ।

ଏହି ସମୟରେ ମେଟାର ଚିଫ୍ ଗ୍ଲୋବାଲ୍ ଆଫେୟାର୍ସ ଅଫିସର ଜୋଏଲ୍ କପଲାନ୍ ନିଜ ଟିମ୍ ସହ ଆଜି ଇଲେକ୍ଟ୍ରୋନିକ୍ସ ଏବଂ IT ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି । ମନ୍ତ୍ରୀଙ୍କ ସହ ଏହି ବୈଠକ ପ୍ରାୟ ଅଧ ଘଣ୍ଟା ଧରି ଚାଲିଥିଲା । ଆଜି ପୂର୍ବରୁ ମେଟା ଅଧିକାରୀମାନେ MeitY ସଚିବ ଏସ. କୃଷ୍ଣନଙ୍କୁ ମଧ୍ୟ ଭେଟିଥିଲେ ।

ଏହା ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (NCPCR) ୩ ଜୁଲାଇ, ୨୦୨୬ ରେ ମେଟାକୁ ଏକ ନୋଟିସ୍ ଜାରି କରିଥିଲେ । ଏଥିରେ ଏକ ମିଡିଆ ରିପୋର୍ଟ ଉପରେ ନିଜଆଡ଼ୁ ସଂଜ୍ଞାନ ନିଆଯାଇଥିଲା । ରିପୋର୍ଟରେ ଚାଇଲ୍ଡ ସେକ୍ସୁଆଲ୍ ଏକ୍ସପ୍ଲୋଇଟେଟିଭ୍ ଏଣ୍ଡ ଆବ୍ୟୁଜ୍ ମ୍ୟାଟେରିଆଲ୍ (CSEAM) ସହ ଜଡ଼ିତ କଥିତ ବିଜ୍ଞାପନଗୁଡ଼ିକ ବିଷୟରେ କୁହାଯାଇଥିଲା ।

NCPCR ଏହି ମାମଲାରେ ମେଟାଠାରୁ ଜବାବ ମାଗିଥିଲେ । ଏହାର ଉତ୍ତରରେ, ମେଟା ଗୋଟିଏ ସପ୍ତାହ ପରେ ନିଜର ଜବାବ ରଖିଥିଲା । ଏହା ପରେ ଆୟୋଗ କହିଥିଲେ ଯେ ଏହି ମାମଲା ବିରୋଧରେ ତଦନ୍ତର ବାଟ ଖୋଜାଯିବ ।

ସଂସଦୀୟ କମିଟିର କାର୍ଯ୍ୟାନୁଷ୍ଠାନ

୩ ଅଗଷ୍ଟ ଅର୍ଥାତ୍ ସୋମବାର ଦିନ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ନିୟନ୍ତ୍ରଣକୁ ନେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଲେକ୍ଟ୍ରୋନିକ୍ସ ଏବଂ IT ମାମଲାର ସଂସଦୀୟ କମିଟି ବୈଠକରେ, କମିଟି ମେଟା ସମେତ ସମସ୍ତ ସୋସିଆଲ୍ ମିଡିଆ ପ୍ଲାଟଫର୍ମକୁ ପିଲା ଏବଂ ମହିଳାଙ୍କ ସହ ଜଡ଼ିତ ଆପତ୍ତିଜନକ କଣ୍ଟେଣ୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ପରେ କମିଟିର ଚେୟାରମ୍ୟାନ୍ ନିଶିକାନ୍ତ ଦୁବେ ସେଫ୍ ହାର୍ବର ରଦ୍ଦ କରାଯିବାର ସମ୍ଭାବନା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ।

ଉତ୍ତର ପ୍ରଦେଶର ଲଳିତପୁର ଜିଲାରୁ ସାମ୍ନାକୁ ଆସିଛି ଭକ୍ତି, ସେବା ଓ ସଂସ୍କାରର ଏକ ପ୍ରେରଣାଦାୟକ ଚିତ୍ର । ବାର କସ୍ବାର ମୋତିଖେଡ଼ା ଗ୍ରାମର ବାସିନ୍ଦା ଖୁସୀରାମ ପାଲ ନିଜ ବୃଦ୍ଧ ମାତା-ପିତାଙ୍କୁ ପାଲିଙ୍କିରେ ବସାଇ ପ୍ରାୟ ୧୫ କିଲୋମିଟର ପାଦରେ ଚାଲି ପ୍ରସିଦ୍ଧ ଝୁମରନାଥ ଧାମରେ ଭଗବାନ ଭୋଳେନାଥଙ୍କ ଦର୍ଶନ କରାଇଛନ୍ତି । ତାଙ୍କର ଏହି ଅନନ୍ୟ ସେବାଭାବ ପୌରାଣିକ ଶ୍ରବଣ କୁମାରଙ୍କ କାହାଣୀକୁ ପୁଣିଥରେ ମନେ ପକାଇଦେଇଛି ।

ଶ୍ରାବଣ ମାସ ଅବସରରେ ମାରୁତୀଧାମ, ମୋତିଖେଡ଼ାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଯାତ୍ରା ପୂର୍ବରୁ ଖୁସୀରାମ ନିଜ ମାତା-ପିତାଙ୍କୁ ନୂଆ ବସ୍ତ୍ର ପିନ୍ଧାଇଥିଲେ । ପରେ ସେମାନଙ୍କୁ ଅଲଗା ଅଲଗା ପାଲିଙ୍କିରେ ବସାଇ ନିଜ କାନ୍ଧରେ ବୋହି ଯାତ୍ରା ଆରମ୍ଭ କରିଥିଲେ । ଯାତ୍ରା ସମୟରେ ଆଗରେ ଢୋଲ-ନଗଡ଼ା ବାଜୁଥିବା ବେଳେ ପଛରେ ବହୁ ସଂଖ୍ୟକ ଗ୍ରାମବାସୀ 'ହର ହର ମହାଦେବ' ଧ୍ୱନି ଦେଇ ସାମିଲ ହୋଇଥିଲେ । ସମଗ୍ର ରାସ୍ତାରେ ଭକ୍ତି ଓ ଉତ୍ସାହର ପରିବେଶ ଦେଖିବାକୁ ମିଳିଥା ।

ଖୁସୀରାମ ପାଲ କହିଛନ୍ତି, ତାଙ୍କ ପାଇଁ ମାତା-ପିତା ହିଁ ସାକ୍ଷାତ ଭଗବାନ । ଦୀର୍ଘ ଦିନ ଧରି ସେ ନିଜ କାନ୍ଧରେ ବୋହି ମାତା-ପିତାଙ୍କୁ ଝୁମରନାଥ ଧାମରେ ଭଗବାନ ଶିବଙ୍କ ଦର୍ଶନ କରାଇବାକୁ ଇଚ୍ଛା ରଖିଥିଲେ । ଶ୍ରାବଣ ମାସରେ ତାଙ୍କର ଏହି ଇଚ୍ଛା ପୂରଣ ହୋଇଛି।ବିଭିନ୍ନ ସ୍ଥାନରେ ତାଙ୍କୁ ଗ୍ରାମବାସୀମାନେ ଯାତ୍ରାକୁ ସ୍ୱାଗତ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୋସିଆଲ ମିଡିଆରେ ମଧ୍ୟ ଏହି ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଖୁସୀରାମଙ୍କ ସେବାଭାବକୁ ସମସ୍ତେ ପ୍ରଶଂସା କରୁଛନ୍ତି ।

ଏବେ ପବିତ୍ର ଶ୍ରାବଣ ମାସ ଚାଲିଥିବାରୁ ସାରା ଦେଶରେ ଶିବଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି । ଭକ୍ତମାନେ ଗଙ୍ଗାଜଳ ଆଣି ଭଗବାନ ଶିବଙ୍କ ଜଳାଭିଷେକ କରୁଛନ୍ତି । କାଉଡ଼ିଆଙ୍କ ଭକ୍ତିମୟ ଯାତ୍ରାରେ ପରିବେଶ ଉତ୍ସବମୁଖର ହୋଇଉଠିଛି । ଶ୍ରାବଣର ଦ୍ୱିତୀୟ ସୋମବାର ୧୦ ଅଗଷ୍ଟରେ ପଡ଼ୁଥିବା ବେଳେ ୧୧ ଅଗଷ୍ଟ, ମଙ୍ଗଳବାର ଶିବରାତ୍ରି ପାଳନ କରାଯିବ । ସେହି ଦିନ ମଧ୍ୟ ବହୁ ସଂଖ୍ୟାରେ ଶିବଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି ।

କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ବର୍ତ୍ତମାନ ପାଇଁ ଏକ ଚାପ ଗୋଷ୍ଠୀ ଭାବେ କାର୍ଯ୍ୟ କରିବ ବୋଲି ଏହାର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ବୁଧବାର କହିଛନ୍ତି । ସରକାରୀ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣଙ୍କ ଆସ୍ଥା ହ୍ରାସ, ଇଥାନଲ ମିଶ୍ରିତ ଇନ୍ଧନ ଏବଂ ବେରୋଜଗାରି ଆଦି ପ୍ରସଙ୍ଗ ଉପରେ ଆଲୋଚନା ନିମନ୍ତେ ସଂଗଠନର ମୁଖ୍ୟ ଟିମ୍‌ର ବୈଠକ ମହାରାଷ୍ଟ୍ରର ସମ୍ଭାଜୀନଗରଠାରେ ବସିଥିଲା । ବୈଠକ ପୂର୍ବରୁ ଖବରଦାତାମାନଙ୍କୁ ସମ୍ବୋଧନ କରି ଦୀପ୍‌କେ କହିଥିଲେ, ଭାରତ ଏବେ ରାଜନୈତିକ ଦଳ ଅପେକ୍ଷା ଚାପ ଗୋଷ୍ଠୀ ଚାହେଁ । ତେଣୁ ସିଜେପି ବର୍ତ୍ତମାନ ପାଇଁ ଚାପଗୋଷ୍ଠୀ ଭାବେ କାର୍ଯ୍ୟ କରିବ ।

ଆକ୍ଟିଭିଷ୍ଟ ସୋନମ୍ ଓ୍ୱାଙ୍ଗ୍‌ଚୁକ୍ ଆନ୍ଦୋଳନର ଗୁରୁ ଭାବେ କାର୍ଯ୍ୟ କରିବେ ଏବଂ ପ୍ରମୁଖ ପ୍ରସଙ୍ଗରେ ସଂଗଠନ ତାଙ୍କ ପରାମର୍ଶ ନେବ ବୋଲି ସିଜେପି ମୁଖ୍ୟ ମୁଖପାତ୍ର ସୌରଭ ଦାସ୍ କହିଛନ୍ତି । ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ଅନିୟମିତତା ବିରୋଧରେ ସିଜେପି ନେତୃତ୍ୱରେ ବିକ୍ଷୋଭରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ଦାଏର ଏତଲାଗୁଡ଼ିକୁ ପ୍ରତ୍ୟାହାର କରିଦେବା ପାଇଁ ସଂଗଠନ ଦାବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବ । ଏହା ଉପରେ ସରକାରୀ ପ୍ରତିନିଧିମାନଙ୍କ ସହ ଆଲୋଚନା ଜାରି ରହିଥିବା ସୌରଭ କହିଛନ୍ତି । ଦେଶର ବିଭିନ୍ନ ଭାଗରେ ଛାତ୍ର ଆନ୍ଦୋଳନବେଳେ ଆହତ ହୋଇଥିବା ବିକ୍ଷୋଭକାରୀମାନଙ୍କୁ ସିଜେପି ଆଇନଗତ ଓ ଚିକିତ୍ସା ସହାୟତା ଯୋଗାଇ ଦେଉଥିବା ସେ କହିଛନ୍ତି ।

ଏକ ସଡ଼କ ଦୁର୍ଘଟଣାରେ ଅତିକ ଅହମ୍ମଦଙ୍କ ପୁଅ ଅବନ ଅହମ୍ମଦଙ୍କ ସମେତ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଉତ୍ତର ପ୍ରଦେଶର ଝାନ୍‌ସୀର ପୁଞ୍ଛ ଥାନା ଅଞ୍ଚଳରେ ଏକ ହାଇୱେ ଡିଭାଇଡରରେ କାର ଧକ୍କା ଦେବାରୁ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସମସ୍ତେ ପ୍ରୟାଗରାଜରୁ ଝାନ୍‌ସୀ ଜେଲରେ ବନ୍ଦୀ ଅଲି ଅହମ୍ମଦଙ୍କୁ ଭେଟିବାକୁ ଯାଉଥିଲେ ।

ଧକ୍କା ଏତେ ତୀବ୍ର ଥିଲା ଯେ କାରର ଆଗ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ସୂଚନା ପାଇବା ପରେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା । ଅଲି ଅହମ୍ମଦଙ୍କୁ ଅକ୍ଟୋବର ୧, ୨୦୨୫ ରେ ନୈନି ଜେଲରୁ ଝାନ୍‌ସୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ।

ମାଫିଆ ଅତିକଙ୍କ ପୁଅ ଅଲି ଅହମ୍ମଦଙ୍କୁ ୧ ଅକ୍ଟୋବର ୨୦୨୫ରେ ନୈନି ଜେଲରୁ ଝାନସି ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ । ଅତିକ ଅହମ୍ମଦଙ୍କର ପାଞ୍ଚ ପୁଅ ଥିଲେ । ସେଥିମଧ୍ୟରୁ ଜଣେ ପୋଲିସ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଦୁଇ ପୁଅ ଏବେ ବି ସ୍କୁଲରେ ପଢୁଛନ୍ତି ।

ଉତ୍ତର କୋରିଆରେ ବର୍ତ୍ତମାନ ପ୍ରବଳ ଗରମ ଅନୁଭୂତ ହେଉଛି । ଏହି ଗରମ ଯୋଗୁ ସେଠାକାର ଲୋକମାନଙ୍କୁ ଏମିତି ନିର୍ଦ୍ଦେଶ ଦିଆଯାଇଛି ଯାହା ଆଶ୍ଚର୍ଯ୍ୟଜନକ । ଉତ୍ତର କୋରିଆର ଲୋକମାନଙ୍କୁ ପାରମ୍ପରିକ କୁକୁର ମାଂସ ସୁପ୍ ପିଇବାକୁ କିମ୍ ଜୋଙ୍ଗ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉନ୍ ନିର୍ଦ୍ଦେଶ ଦେଇଛନ୍ତି ଯାହାକି ଡାକ୍ତରଙ୍କ ପରାମର୍ଶରେ । କୁହାଯାଉଛି କି, ଏହି ସୁପ୍ ଶରୀରକୁ ଶକ୍ତି ପ୍ରଦାନ କରେ ଏବଂ ଗରମ ଷ୍ଟ୍ରୋକ୍ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, କୋରିଆନ ଉପଦ୍ୱୀପରେ ପ୍ରବଳ ଗରମ ପ୍ରବାହ ଅନୁଭୂତ ହେଉଛି । ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି । ଏହି ପରିପ୍ରେକ୍ଷୀରେ, ଉତ୍ତର କୋରିଆର ସରକାରୀ ଖବରକାଗଜରେ ଜଣେ ବରିଷ୍ଠ ଡାକ୍ତରଙ୍କ ସହ ଏକ ସାକ୍ଷାତକାର ପ୍ରକାଶିତ ହୋଇଥିଲା, ଯେଉଁଥିରେ ଲୋକଙ୍କୁ ପାରମ୍ପରିକ କୁକୁର ମାଂସ ସୁପ୍ ପିଇବାକୁ ପରାମର୍ଶ ଦିଆଯାଇଛି ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଖାଦ୍ୟକୁ କୋରିଆନ ଯିରେ ଡାଙ୍ଗୋଗି ଗୁକ କୁହାଯାଏ, ଯାହାର ଅର୍ଥ 'ମିଠା ମାଂସ ସୁପ' । ସରକାରୀ ଖବରକାଗଜ ଦାବି କରିଛି ଯେ, ଏହି ମିଠା ସୁପ୍ ବହୁତ ପୁଷ୍ଟିକର, ଅତ୍ୟଧିକ ଗରମ ସମୟରେ ଶରୀରକୁ ଶକ୍ତି ପ୍ରଦାନ କରେ ଏବଂ ଗରମ ଷ୍ଟ୍ରୋକ ସମ୍ବନ୍ଧୀୟ ସମସ୍ୟା ସହିତ ଲଢ଼ିବାରେ ସାହାଯ୍ୟ କରେ । ରିପୋର୍ଟ ଅନୁଯାୟୀ, ଏହା ହାର୍ଟ ସମ୍ବନ୍ଧୀୟ ରୋଗ ପାଇଁ ଲାଭଦାୟକ । ମଧୁମେହ ଏବଂ ହାଇପରଥାଇରଏଡିଜ୍‌ମା ଭଳି ପରିସ୍ଥିତିରେ ପୀଡ଼ିତ ଲୋକଙ୍କୁ ଲାଭ ମିଳିଥାଏ ।

ଉତ୍ତର କୋରିଆରେ, ବହୁ ଦିନ ଧରି ଏକ ବିଶ୍ୱାସ ରହିଆସିଛି ଯେ, କୁକୁର ମାଂସ ସୁପ୍ ପୁରୁଷଙ୍କ ଶାରୀରିକ ଶକ୍ତି ବୃଦ୍ଧି କରେ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ । ତଥାପି ବୈଜ୍ଞାନିକମାନେ ଏହି ଦାବିଗୁଡ଼ିକ ଉପରେ ବିଭାଜିତ, ଏବଂ ଏହାକୁ ସମର୍ଥନ କରିବା ପାଇଁ ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ନାହିଁ ।

ରିପୋର୍ଟ ଅନୁଯାୟୀ, ରାଜଧାନୀ ପେୟାଙ୍ଗୟାଙ୍ଗର ଏକ ରେଷ୍ଟୁରାଣ୍ଟରେ କେବଳ କୁକୁର ମାଂସରୁ ତିଆରି ସୁପ୍ ପରିବେଷଣ କରାଯାଏ । ଦାବି କରାଯାଇଛି, ଉତ୍ତର କୋରିଆର ନେତା ଏବଂ ଏକଛତ୍ରବାଦୀ କିମ୍ ଜୋଙ୍ଗ୍ ଉନ୍ ଏହି ଖାଦ୍ୟର ପ୍ରଶଂସକ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ପ୍ରାୟତଃ ରାଜ୍ୟ ଭୋଜି ଏବଂ ଡିନର ପାର୍ଟିରେ ପରିବେଷଣ କରାଯାଏ ।

କୋରିଆନ ଉପଦ୍ୱୀପ ବର୍ତ୍ତମାନ ୧୦୦ ବର୍ଷ ମଧ୍ୟରେ ସବୁଠାରୁ ଗରମ ଲହରି ଅନୁଭବ କରୁଛି । ସେହିପରି ଦକ୍ଷିଣ କୋରିଆର ୟାଙ୍ଗସାନରେ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଛି, ଯାହା ଏକ ଶତାବ୍ଦୀ ମଧ୍ୟରେ ସର୍ବାଧିକ ରେକର୍ଡ କରାଯାଇଛି ।

ସୋସିଆଲ ମିଡିଆରେ ଏକ ଭିଡିଓ ଦ୍ରୁତଗତିରେ ଭାଇରାଲ ହେଉଛି, ଯାହାକୁ ଦେଖି ଲୋକେ ବିଭିନ୍ନ ପ୍ରକାରର କଥା କହୁଛନ୍ତି । ଭାଇରାଲ ପୋଷ୍ଟରେ ଦାବି କରାଯାଉଛି ଯେ, ଜାପାନର ୨୬ ବର୍ଷୀୟ କୋଟିପତି ଜାସୋ (Jaso) ନିଜକୁ କୁକୁର ଭଳି ଦେଖାଇବା ପାଇଁ ପ୍ରାୟ ୨୨୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । କୁହାଯାଉଛି ଯେ, ଏଥିପାଇଁ ସେ ଅନେକ ସର୍ଜରୀ କରାଇଛନ୍ତି ଏବଂ ଏବେ ସେ କୁକୁର ଭଳି ଚାଲୁଛନ୍ତି, ଜୀବନଯାପନ କରୁଛନ୍ତି ଓ ସେହି ଢଙ୍ଗରେ ଜୀବନ ବିତାଉଛନ୍ତି । ତେବେ ଏହି ଦାବିର କୌଣସି ସରକାରୀ ପୁଷ୍ଟି ମିଳିନାହିଁ । ଏହା ସତ୍ତ୍ୱେ ଏହି ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଭାଇରାଲ ପୋଷ୍ଟ ଅନୁସାରେ, ଜାପାନର ୨୬ ବର୍ଷୀୟ କୋଟିପତି ଜାସୋ ନିଜର ପରିଚୟ ବଦଳାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଦାବି କରାଯାଉଛି ଯେ, ସେ ପ୍ରାୟ ୨୨୦ କୋଟି ଟଙ୍କା ସର୍ଜରୀ ପାଇଁ ଖର୍ଚ୍ଚ କରିଥିଲେ, ଯାହା ଫଳରେ ତାଙ୍କ ରୂପ ଓ ହାବଭାବ ସମ୍ପୂର୍ଣ୍ଣ ଭାବେ କୁକୁର ଭଳି ଦେଖାଯିବ ।

ପୋଷ୍ଟରେ ଆହୁରି ଦାବି କରାଯାଇଛି ଯେ, ଏବେ ସେ କୁକୁର ଭଳି ଚାଲୁଛନ୍ତି, ସେହିଭଳି ରହୁଛନ୍ତି ଏବଂ ନିଜ ଜୀବନକୁ ମଧ୍ୟ ସେହି ଢଙ୍ଗରେ ବିତାଉଛନ୍ତି ।

କୋସୋଭୋର ସଂସଦରେ ଶନିବାର ଜୋରଦାର ହଙ୍ଗାମା ଦେଖିବାକୁ ମିଳିଛି । ସଂସଦୀୟ କାର୍ଯ୍ୟବାହୀ ଚାଲିଥିବା ସମୟରେ ଜଣେ ବିରୋଧୀ ଏମପି କାର୍ଯ୍ୟବାହୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ଆଲବିନ କୁର୍ତିଙ୍କ ଉପରକୁ ଅଣ୍ଡା ଫିଙ୍ଗିଥିଲେ । ଏହା ପରେ ସଂସଦର କାର୍ଯ୍ୟବାହୀକୁ ତୁରନ୍ତ ସ୍ଥଗିତ କରିବାକୁ ପଡ଼ିଥିଲା ।

ଏହି ଘଟଣା ସେତେବେଳେ ଘଟିଛି, ଯେତେବେଳେ କୁର୍ତିଙ୍କ ଦଳ Vetevendosje ୭ ଜୁନ୍ ନିର୍ବାଚନ ପରେ ସରକାର ଗଠନ ପାଇଁ ବିରୋଧୀ ଦଳଗୁଡ଼ିକ ସହ ଆଲୋଚନା କରୁଛି । ୧୨୦ ସଦସ୍ୟ ବିଶିଷ୍ଟ ସଂସଦରେ ୫୩ଟି ଆସନ ଜିତି Vetevendosjeସବୁଠାରୁ ବଡ଼ ଦଳ ହୋଇଥିଲେ ମଧ୍ୟ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ପାଖରେ ନାହିଁ । ବିରୋଧୀ ଦଳ 'ଆଲାୟନ୍ସ ଫର୍ ଦି ଫ୍ୟୁଚର୍ ଅଫ୍ କୋସୋଭୋ' (AAK)ର ସାଂସଦ ଟାଇମ୍ କାଦ୍ରିଜାଜ୍ ପ୍ରଥମ ଧାଡ଼ିରେ ବସିଥିବା କୁର୍ତିଙ୍କ ନିକଟକୁ ଯାଇ ତାଙ୍କ ଉପରକୁ ଏକାଧିକ ଅଣ୍ଡା ଫିଙ୍ଗିଥିଲେ । ଏହି ସମୟରେ ସେ କୁର୍ତିଙ୍କୁ ଲକ୍ଷ୍ୟ କରି ଅପଶବ୍ଦ କହିବା ସହ 'ଲଜ୍ଜା ଲାଗିବା ଦରକାର' ବୋଲି ଚିତ୍କାର କରିଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ସୁରକ୍ଷାକର୍ମୀ ଓ ଅନ୍ୟ ସାଂସଦମାନେ ତୁରନ୍ତ ଆଗକୁ ଆସିଥିଲେ । ଘଟଣା ପରେ ସଂସଦର କାର୍ଯ୍ୟବାହୀ ସ୍ଥଗିତ କରାଯାଇଥିଲା । ସୁରକ୍ଷାକର୍ମୀମାନେ କୁର୍ତିଙ୍କୁ ଘେରି ରଖିବା ପରେ ଚେୟାରପର୍ସନ ଲାଇଭ୍ ଟେଲିଭିଜନ ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଘଟଣା ପରେ ମଧ୍ୟ କୁର୍ତି ବିଚଳିତ ହୋଇନଥିବା ଦେଖାଯାଇଥିଲା । ସେ କହିଛନ୍ତି, ଯଦି ରାଜନୈତିକ ଆଲୋଚନାକୁ ଜାରି ରଖିବାର ମୂଲ୍ୟ ଅଣ୍ଡା ମାଡ଼ ହୁଏ, ତେବେ ସେ ଏହି ମୂଲ୍ୟ ଦେବାକୁ ପ୍ରସ୍ତୁତ । ସଂସଦର ବୈଠକର ଉଦ୍ଦେଶ୍ୟ ଥିଲା ସ୍ପିକର ପଦ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା । କିନ୍ତୁ କୁର୍ତି ଏହା ବଦଳରେ ନୂଆ ରାଷ୍ଟ୍ରପତି ନିର୍ବାଚନ ନେଇ ସହମତି ପାଇଁ ଅଧିକ ସମୟ ମାଗିଥିଲେ । ରାଷ୍ଟ୍ରପତି ପଦକୁ ନେଇ ଚାଲିଥିବା ଆଲୋଚନାରେ ଏପର୍ଯ୍ୟନ୍ତ କୌଣସି ସହମତି ହୋଇନଥିବା ସେ ସ୍ୱୀକାର କରିଛନ୍ତି । କୋସୋଭୋ ଦୀର୍ଘଦିନ ଧରି ରାଜନୈତିକ ଅସ୍ଥିରତା ସହ ସଂଘର୍ଷ କରୁଛି । ସଂସଦୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଚଳାବସ୍ଥା ଯୋଗୁଁ ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ଏଠାରେ ତିନିଥର ସାଧାରଣ ନିର୍ବାଚନ ହୋଇସାରିଛି ।

କୁର୍ତିଙ୍କ ଦଳ ୫୩ଟି ଆସନ ଜିତିଥିବା ବେଳେ ଡେମୋକ୍ରାଟିକ୍ ଲିଗ୍ ଅଫ୍ କୋସୋଭୋ (LDK) ପାଖରେ ୧୮ଟି ଏବଂ କୋସୋଭୋ ଡେମୋକ୍ରାଟିକ୍ ପାର୍ଟି (PDK) ପାଖରେ ୨୨ଟି ଆସନ ରହିଛି । ସରକାର ଗଠନ ପାଇଁ କୁର୍ତିଙ୍କୁ ଏବେ ମଧ୍ୟ ବିରୋଧୀ ଗୋଷ୍ଠୀଙ୍କ ସମର୍ଥନ ଆବଶ୍ୟକ । କୋସୋଭୋର ନିୟମ ଅନୁସାରେ ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ଘୋଷଣା ପରେ ୩୦ ଦିନ ମଧ୍ୟରେ ବିଧାନସଭା ଗଠନ ହେବା ଆବଶ୍ୟକ । ତେବେ ଏହି ସମୟସୀମା ଅତିକ୍ରମ କରିସାରିଛି ।  ଏହା ସହ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଧ୍ୟ ଏକ ଅଲଗା ସମୟସୀମା ରହିଛି।

ନିର୍ଦ୍ଧାରିତ ସମୟ ମଧ୍ୟରେ ରାଷ୍ଟ୍ରପତି ନିର୍ବାଚିତ ନହେଲେ ପୁଣି ସଂସଦୀୟ ନିର୍ବାଚନ କରାଇବାକୁ ପଡ଼ିପାରେ । ଏଭଳି ସ୍ଥିତିରେ କୋସୋଭୋରେ ପୁଣି ନିର୍ବାଚନ ହେବାର ସମ୍ଭାବନା ବଢ଼ିଛି ।

ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଇରାନ ସେନା ୱାଶିଂଟନକୁ ଏକ କଡ଼ା ଚେତାବନୀ ଦେଇଛି । ଇରାନ ସେନାର ସ୍ଥଳସେନାର କମାଣ୍ଡର ବ୍ରିଗେଡିୟର ଜେନେରାଲ ଅଲି ଜାହାନଶାହୀ ରବିବାର କହିଛନ୍ତି ଯେ ଇରାନ ମାଟିରେ ପାଦ ଦେଉଥିବା ଯେକୌଣସି ବିଦେଶୀ ସାମରିକ ବାହିନୀକୁ ତୁରନ୍ତ ଏବଂ କଠୋର ଜବାବ ଦିଆଯିବ । ସେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ଇରାନରେ ପ୍ରବେଶ କରୁଥିବା ଯେକୌଣସି ଆମେରିକୀୟ ସାମରିକ କର୍ମଚାରୀଙ୍କୁ ବନ୍ଦ କରାଯିବ ।

ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜାହାନଶାହୀ ଯେକୌଣସି ସମ୍ଭାବ୍ୟ ବିଦେଶୀ ସାମରିକ ଅନୁପ୍ରବେଶ ବିରୁଦ୍ଧରେ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, 'ଯଦି କୌଣସି ଆମେରିକୀୟ ସାମରିକ କର୍ମଚାରୀ ଇରାନରେ ପାଦ ଦିଅନ୍ତି, ତେବେ ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କୁ କାଟି ଦେବୁ ।' ସେ ଦୃଢ଼ କରିଛନ୍ତି ଯେ ଇରାନ ଯେକୌଣସି ଶତ୍ରୁତାପୂର୍ଣ୍ଣ କାର୍ଯ୍ୟର ଦୃଢ଼ ଏବଂ ପ୍ରଭାବଶାଳୀ ଜବାବ ଦେବାକୁ ପ୍ରସ୍ତୁତ, ଆହୁରି ମଧ୍ୟ କହିଛନ୍ତି, 'ଆମେ ଶତ୍ରୁ ଦ୍ୱାରା ଯେକୌଣସି କାର୍ଯ୍ୟର ଦୃଢ଼ ଏବଂ ପ୍ରତିରୋଧକ ଜବାବ ଦେବୁ ।'

ଇରାନ ସେନାର ସ୍ଥଳସେନାର ନିୟୋଜନ ଏବଂ ପ୍ରସ୍ତୁତି ସମ୍ପର୍କରେ, କମାଣ୍ଡର କହିଛନ୍ତି ଯେ ଦେଶର ସୀମାରେ ଯୁଦ୍ଧ ପାଇଁ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ । ସେ ଉଲ୍ଲେଖ କରିଛନ୍ତି ଯେ ସ୍ଥଳସେନା ସୀମାବର୍ତ୍ତୀ ଅଞ୍ଚଳରେ କାର୍ଯ୍ୟକଳାପ ଏବଂ ସମ୍ଭାବ୍ୟ ବିପଦ ଉପରେ ନିରନ୍ତର ନଜର ରଖିଛି, ଯେତେବେଳେ ଦେଶର ସୀମାଗୁଡ଼ିକୁ ଦୃଢ଼ ଭାବରେ ସୁରକ୍ଷିତ କରାଯାଉଛି ।

ଏହି ସାମରିକ ଚେତାବନୀ ମଧ୍ୟରେ, ଆମେରିକା ସହିତ କୂଟନୈତିକ ଯୋଗାଯୋଗ ଜାରି ରହିଛି, ଯଦିଓ ଦୁଇ ରାଷ୍ଟ୍ର ମଧ୍ୟରେ କୌଣସି ସିଧାସଳଖ ଆଲୋଚନା ହୋଇନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘଚି ରବିବାର କହିଛନ୍ତି ଯେପରି ସରକାରୀ ପ୍ରସାରକ IRIB ଦ୍ୱାରା ରିପୋର୍ଟ କରାଯାଇଛ ଯେ ଇରାନ ବର୍ତ୍ତମାନ ଆମେରିକା ସହିତ ଆଲୋଚନା କରୁନାହିଁ; ବରଂ, ମଧ୍ୟସ୍ଥିଙ୍କ ମାଧ୍ୟମରେ ବାର୍ତ୍ତା ଆଦାନପ୍ରଦାନ କରାଯାଉଛି ।

ଆରାଘଚି ଉଲ୍ଲେଖ କରିଛନ୍ତି ଯେ ଅନେକ ଦେଶ ଦୁଇ ରାଷ୍ଟ୍ର ମଧ୍ୟରେ ନବୀକରଣ ଆଲୋଚନା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ତଥାପି, ଆମେରିକା ପୂର୍ବ ଚୁକ୍ତିର କଥିତ ଉଲ୍ଲଂଘନ ସଂଶୋଧନ ନ କରିବା ପର୍ଯ୍ୟନ୍ତ ଇରାନ ଆଲୋଚନା ଟେବୁଲକୁ ଫେରିବାକୁ ଇଚ୍ଛୁକ ନୁହେଁ । ସେ ଉଲ୍ଲେଖ କରିଛନ୍ତି ଯେ କିଛି ମଧ୍ୟସ୍ଥି ରାଷ୍ଟ୍ର ଆଲୋଚନା ପାଇଁ ପଥ ପ୍ରଶସ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ, ଇରାନ ବିଶ୍ୱାସ କରେ ଯେ ଆମେରିକା ଚୁକ୍ତି ଉଲ୍ଲଂଘନ କରିବାର ସମସ୍ୟାର ସମାଧାନ ନହେବା ଏବଂ ଫଳସ୍ୱରୂପ କ୍ଷତି ପୂରଣ ନହେବା ପର୍ଯ୍ୟନ୍ତ ଆଲୋଚନା ପୁନର୍ବାର ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବାର ସମ୍ଭାବନା କମ । ଇରାନର ବୈଦେଶିକ ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଓମାନ ସହିତ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଉଭୟ ଦେଶ ପ୍ରଣାଳୀ ପାଇଁ ଆଇନଗତ ଢାଞ୍ଚା ଏବଂ ଜାହାଜ ଚଳାଚଳ ପାଇଁ ନୂତନ ମାର୍ଗ ପାଇଁ ଆଲୋଚନା କରୁଛନ୍ତି ।

ଆସନ୍ତା ୧୨ ତାରିଖରେ ୨୪ ଘଣ୍ଟା ମଧ୍ୟରେ ମହାକାଶରେ ୪ଟି ଅଲଗା ବିରଳ ମହାକାଶୀୟ ଦୃଶ୍ୟ ଦେଖିବାକୁ ମିଳିବ । ଯଦିଓ ଏହିସବୁ ଘଟଣା ନିଜସ୍ୱ କ୍ୟାଲେଣ୍ଡର ଅନୁଯାୟୀ ସ୍ୱାଭାବିକ ଭାବେ ଘଟିଥାଏ, ତେବେ ଗୋଟିଏ ଦିନରେ ସମସ୍ତ ୪ଟି ଘଟଣା ଘଟୁଥିବାରୁ ଏହା ବାସ୍ତବରେ ଉଲ୍ଲେଖନୀୟ ସଂଯୋଗ ।

୧୨ ତାରିଖ ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ୬ଟି ଗ୍ରହଙ୍କୁ ଗୋଟିଏ ଧାଡ଼ିରେ ଅବସ୍ଥାନ କରୁଥିବା ଦେଖିବାକୁ ମିଳିବ । ସେହି ଗ୍ରହଗୁଡ଼ିକ ହେଲେ ବୃହସ୍ପତି, ବୁଧ, ମଙ୍ଗଳ, ଶନି, ୟୁରାନସ୍ ଓ ନେପ୍‌ଚୁନ । ସେମାନେ ଆକାଶରେ ପୂର୍ବରୁ ପଶ୍ଚିମକୁ ଗୋଟିଏ ରେଖାରେ ଥିବା ଦେଖାଯିବେ ବୋଲି ୟୁଏସ୍ଏ ଟୁଡେ ପ୍ରକାଶ କରିଛି । ମଙ୍ଗଳ ଏବଂ ଶନି ଖାଲି ଆଖିରେ ସହଜରେ ଦେଖିହେବେ । ଅନ୍ୟ ଗ୍ରହମାନଙ୍କୁ ଦେଖିବା ପାଇଁ ବାଇନୋକୁଲାର ବା ଦୂରବୀକ୍ଷଣ ଯନ୍ତ୍ର ଆବଶ୍ୟକ ହେବ ।

ଏଥିସହିତ ସେହିଦିନ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ । ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦୃଶ୍ୟ ଗ୍ରୀନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ସ୍ପେନ୍‌ରେ ଦେଖାଯିବ, ଯେଉଁଠି ଦିନ କିଛି ସମୟ ପାଇଁ ରାତି ହୋଇଯିବ । ଏହା ବ୍ୟତୀତ ୟୁରୋପ, ଆଫ୍ରିକା ଓ ଉତ୍ତର ଆମେରିକାରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଦେବ । ତେବେ ଭାରତକୁ ଏହା ଦୃଶ୍ୟ ହେବ ନାହିଁ । ସେହିପରି ସେଦିନ ଅମାବାସ୍ୟା ହୋଇଥିବାରୁ ପୃଥିବୀ ଆଡ଼କୁ ଥିବା ଚନ୍ଦ୍ର ପାର୍ଶ୍ୱକୁ ଆଦୌ ସୂର୍ଯ୍ୟାଲୋକ ପଡ଼ି ନ ଥାଏ । ଫଳରେ ରାତିର ଆକାଶ ଅତ୍ୟନ୍ତ ଅନ୍ଧକାରମୟ ହୋଇଥାଏ । ଏହା ବ୍ୟତୀତ ସେଦିନର ଚତୁର୍ଥ ଘଟଣା ହେଉଛି ଘନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧାର ରାତି ଆକାଶରେ ବର୍ଷର ସର୍ବାଧିକ ପର୍ସେଇଡ୍ ଉଲ୍‌କାପାତର ଦୃଶ୍ୟ ଦେଖିହେବ । ଚନ୍ଦ୍ରାଲୋକର ବାଧା ନ ଥିବାରୁ ଆକାଶକୁ ନିରୀକ୍ଷଣ କରୁଥିବା ଲୋକମାନେ ରାତି ଆକାଶରେ ଘଣ୍ଟାପ୍ରତି ୧୦୦ ପର୍ଯ୍ୟନ୍ତ ଉଲ୍‌କା ଖସୁଥିବା ଦେଖିପାରିବେ ।

ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ ସାଂପ୍ରତିକ ଖବର ଇତ୍ୟାଦି ଧରିତ୍ରୀ.କମ୍ ୱେବ୍ ସାଇଟ୍ ସୌଜନ୍ୟରୁ ପ୍ରାପ୍ତ ହୋଇଛି । ଏହି ସବୁ ଖବର ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ପ୍ରତିଯୋଗୀ ମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ଅଧିକ ଖବର ପାଇଁ ଆପଣ ସିଧା ଧରିତ୍ରୀ ଖବର କାଗଜର ୱେବସାଇଟ୍ ଦେଖି ପାରିବେ ।

ଆଶା କରୁଛି ଆପଣ ସମସ୍ତେ ଭଲରେ ଥିବେ । ବର୍ଷା ବିପ୍ରାତରୁ ଓଡ଼ିଶା ବି ବଞ୍ଚିନାହିଁ । ଅନେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଦେଖା ଦେଲାଣି । ସାବଧାନ ରହନ୍ତୁ । ସୁରକ୍ଷିତ ରହନ୍ତୁ । ସମସ୍ତଙ୍କୁ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଆସନ୍ତୁ ପଢ଼ିବା ଅଗଷ୍ଟ ମାସର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୪୨

ଅଶୋକ ବିଶ୍ୱାଳ



ଜଣେ ସେଟଲର-୨

ଗାଁ ପାଖ ବାଘେରହାଟରୁ ଟ୍ରେନ ଯୋଗେ ସିଧା କ୍ୟାମ୍ପକୁ ଆସିଲି । ତେଣିକି ଆଗକୁ ଯାତ୍ରା ।

୧୯୪୭ ମସିହାରେ କ'ଣ ଟ୍ରେନ ସେଠି ଚାଲୁଥିଲା ! ବଡ଼ ଆଶ୍ଚର୍ଯ୍ୟ କଥା । କିନ୍ତୁ ଅବିନାଶ ଆଉ ବେଶି ପୁରୁଣା ପୂର୍ବ ପାକିସ୍ତାନ କଥା ପଚାରିଲାନି । ସେ ସବୁ ଦୁଃଖର କଥା ଥିବ । ଆଣ୍ଡାମାନ ପହଞ୍ଚିବାଟା କେମିତି ହେଲା ? ତା'ପରେ କ'ଣ କ'ଣ ଘଟିଯାଇଥିବ । ପଶ୍ଚିମ ବଡ଼ ବା ତଥାକଥିତ ହିନ୍ଦୁସ୍ତାନରେ ପହଞ୍ଚି ବୁଢାଙ୍କ ଭଳି କେତେ ଶରଣାର୍ଥୀ ଆଶ୍ୱସ୍ତ ହୋଇଥିବେ । ଏଠି କେହି ସେମାନଙ୍କୁ ମାରିବା କାଟିବା କଥା କହୁ ନଥିବ ।

ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା କ୍ୟାମ୍ପରେ ପହଞ୍ଚିଲି । କିଛିଦିନ ପରେ ସେ କ୍ୟାମ୍ପରୁ ରାୟ ସାହେବ ଆମକୁ ଆଣ୍ଡାମାନ ଆଣିଲେ ।

ଏ ରାୟ ସାହେବ କିଏ ?

ସେ ଏକ ବଙ୍ଗାଳୀ ଭଦ୍ରବ୍ୟକ୍ତି ।

ତା ତ ବୁଝି ହେଉଛି । କିନ୍ତୁ ସେ କ'ଣ କାମ କରୁଥିଲେ ?

ସେ ସରକାରୀ ଏଜେଣ୍ଟ ଥିଲେ ।

ସେଇଟା କି କାମ ?

ମୁଁ ଜାଣିନି । ସେ କିନ୍ତୁ ଆମକୁ ଆଣ୍ଡାମାନ ଆଣିଲେ । ଆମକୁ ସେତେବେଳେ ରିଫ୍ୟୁଜି କୁହାଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ ଆଣ୍ଡାମାନ ଆସିଲେ ?

ପଚାଶ ସାତ ।

କଣ କହୁଛଁନ୍ତି । ୧୯୫୭ ମସିହାରେ ଆପଣ ଆଣ୍ଡାମାନ ଆସିଛନ୍ତି ! ଆଜି କି ଷାଠିଏ ପଞ୍ଚଷଠି ବର୍ଷ ତଳେ ।

ଅବିନାଶର ଆଖି ଅଳ୍ପ ଆଲୋକରେ ବଡ଼ ହୋଇଯାଇଥିଲା । ବୁଢା ତାଙ୍କ କଥା ଅନେକ କହିଲେ । ଅନେକ ଲୋକ ଆଣ୍ଡାମାନ ଯିବାକୁ ବାହାରିଥିଲେ । ସେ ମଧ୍ୟ ବାହାରିଗଲେ । କମ୍ପାନୀରେ କିଛି କାମ ମିଳିବ । କମ୍ପାନୀରେ ଅନେକ ଶ୍ରମିକଙ୍କର ଆବଶ୍ୟକତା ଥିଲା । ସେମାନେ ଜାହାଜରେ ଚଢ଼ି ପୋର୍ଟବ୍ଲେଆର ପହଞ୍ଚିଲେ ଆଉ ପରେ ଏଣେତେଣେ କାମ କରିକରି ଆସି ଶେଷରେ ଏଠି ପହଞ୍ଚିଲେ । ସରକାରନଙ୍କ ତରଫରୁ କିଛି ଚାଷ ଜମି ମିଳିଲା । ଜଙ୍ଗଲ ସଫାକରି ଜମିକୁ ଧାନ ଚାଷ ଉପଯୁକ୍ତ କଲେ । ଜମିରେ ଏକ ଛୋଟ ପୋଖରୀ ଖୋଳିଲେ ଆଉ ଏକ ଛୋଟ ଘରକରି ରହିବାକୁ ଲାଗିଲେ ।

ଏ ଅଣ୍ଡାମାନ ଭଳି ଦୂରଦୂରାନ୍ତିଆ ଜାଗାକୁ ଆସିବାକୁ କାହିଁକି ଇଚ୍ଛା ହେଲା ? ସେ ସମୟରେ ଆଣ୍ଡାମାନକୁ କଳାପାଣି କୁହାଯାଉଥିଲା ।- ଉତ୍ତମ ପଚାରିଲା ।

ଆପଣଙ୍କୁ ଡର ଲାଗିଲାନି ? - ଅବିନାଶ ପଚାରିଲା ।

ଫେରିବା ପାଇଁ କେଉଁଠି ଜାଗା ଥିଲା ଯେ ? ଯେଉଁଠୁ ଆସିଥିଲୁ ସେ ଜାଗାଠାରୁ ଆଉ ଭୟଙ୍କର କ'ଣ ଥିଲା କି ? ବାଙ୍ଗଲାଦେଶରୁ ପଳାଇ ଆସିଥିବା ବଙ୍ଗାଳୀ ବହୁତ ଜାଗାକୁ ଚାଲିଗଲେ ଆଉ ସେ ସବୁ ଜାଗାରେ ବସବାସ କରିବାକୁ ଲାଗିଲେ । ସେମିତି ଆମେ ଏଠାକୁ ଚାଲି ଆସିଲୁ ।

ଅଣ୍ଡାମାନର ସବୁ ଜାଗାରେ କ'ଣ ବଙ୍ଗାଳୀ ରିଫ୍ୟୁଜି ଅଛନ୍ତି ?

ନିକୋବର, କାମୋର୍ଟା, କଚାଲ ଇତ୍ୟାଦି ଛାଡିଦେଲେ ସବୁଯାଗାକୁ ବଙ୍ଗାଳୀମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଛନ୍ତି । ସବୁଠି ବସବାସ କରିବାକୁ ଜାଗା ମିଳିଲା ।

ଆପଣ କେମିତି ଆସିଲେ ।- ଅବିନାଶ ବୁଢୀଙ୍କୁ ପଚାରିଲା । ବୁଢୀ ବହୁତ ପାଚିଲା କେଶୀ ନଥିଲେ । ଚମ ଚମକୁ ଥିଲା । ବାଳରେ ତେଲ ଲଗାଇଛନ୍ତି । ସାଧାରଣ ସୂତା ଶାଢୀଟିଏ ପିନ୍ଧିଛନ୍ତି । ମୁଣ୍ଡରେ ସିନ୍ଦୂର ଲଗାଇଛନ୍ତି । ହାତରେ ପାଣିକାଚ ।

ମୋର ବେଶି ମନେ ନାହିଁ । ବାପା ଆସିଲା ବେଳକୁ ଆମେ ସବୁ ଛୁଆ ଥିଲୁ । ଏଇ ଅଣ୍ଡାମାନ କଥା ଯାହା ଟିକେ ମନେ ଅଛି । ପାଖ ଗାଁରେ ଆମ ଘର । ଏଇଠି ଆ'ଙ୍କ ସାଙ୍ଗରେ ବାହାଘର ।- ବୁଢୀଙ୍କର ପାଟି ପାକୁଆ ନଥିଲା ବା ସେ କହିଲାବେଳେ ଥଙ୍ଗଉ ନଥିଲେ ।

ଆପଣଙ୍କ ବୟସ ?- ଅବିନାଶ ପଚାରିଲା

ମୋତେ ପଞ୍ଚସ୍ତରୀ ଡେଇଁଲାଣି ।- ବୁଢୀ କହିଲେ ।

ଦୁହେଁ ସ୍ୱାସ୍ଥ୍ୟବାନ । ଆଣ୍ଡାମାନର ପାଣି ପବନ ଭଲ । ମୋଟେ ପଲ୍ୟୁସନ ନାହିଁ । ଭେଜାଲ ନାହିଁ । ଦେହ ସୁସ୍ଥ ସବଳ ରହିଛି । ଚାରିଆଡେ ଜଙ୍ଗଲ । ପାଣି ପର୍ଯ୍ୟାପ୍ତ ମିଳୁଥିବା ଜୀବନ ପ୍ରଥମ କିଛିବର୍ଷପରେ ସହଜ ହୋଇଯାଇଥିବ ।

ଆମର ଏଇଠି ଅନେକ ଲୋକ ଅଛନ୍ତି । କିଛି ଚାଷବାସ ତ କିଛି ଚାକିରୀ କରୁଛନ୍ତି ।

ସେ ଦିନଗୁଡା ଯଥେଷ୍ଟ କଷ୍ଟକର ହୋଇଥିବ ।- ଅବିନାଶ କହିଲା ।

ଜଙ୍ଗଲ ସଫା କରିବାପରେ ମଧ୍ୟ ଖାଲି ଜାଗା ପାଇବା କଷ୍ଟ । ଅନାବନା ଗଛରେ ଜାଗାଟା ପୁଣିଥରେ ଜଙ୍ଗଲ ହୋଇଯାଏ । କିନ୍ତୁ ଧିରେ ଧିରେ ଜାଗା ସଫା ହୋଇଗଲା ଆଉ ଗାଁମାନ ବସିଗଲା । ଫେରିବା ପାଇଁ ଆଉ ଜାଗା କେଉଁଠି ଥିଲା । ସବୁ ବନ୍ଦ ହୋଇଯାଇଥିଲା । ନିଜ ଲୋକଥିଲେ ସବୁ ଜାଗା ଭଲଲାଗେ ।

ତା'ପରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଢାଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା ।

ଏଇଠି ରହିଲି ଆଉ ବାହାସାହା ହେଲି ।

ଜଙ୍ଗଲକୁ ଡରିନ ?

ଏଠାକାର ଲୋକଙ୍କୁ ଡରିବାର ନାହିଁ । ଯାହା ଡର ଜଙ୍ଗଲୀ ଜାନୁଆରଙ୍କୁ । ଜାରୱା ଏପଟକୁ ଆସନ୍ତିନି । ଅନ୍ୟ ପଟକୁ ଆସନ୍ତି । ରିଜର୍ଭ ପାଖ ଗାଁକୁ ଆସନ୍ତି ।

ଯେମିତି ଅଣ୍ଡାମାନର କଳା ଜ୍ୱର । ସେଥିରେ କୁଆଡେ ସାଙ୍ଗେସାଙ୍ଗେ ପ୍ରାଣ ଚାଲିଯାଏ । ଏମତିଆ ବିପଦ ?

ହଁ ଦେହ ଖରାପକୁ କିଏ ନ ଡରେ ? ଏମିତିଆ ଜ୍ୱର ଆଉ ନାହିଁ । ବେଶି ଲୋକ ମରୁଛନ୍ତି ପ୍ରେସର ଆଉ ସୁଗାରରେ । ଲୋକଙ୍କର ଖାଇବା ପିଇବାରେ କିଛି ଠିକଣା ରହୁନାହିଁ । ହସପିଟାର ଅଧା ଲୋକ ତ ପ୍ରେସର ଆଉ ସୁଗାରର ରୋଗୀ ।

ସାପ କାମୁଡା ? ସେଇଟା ଏ ଜଙ୍ଗଲରେ ଅଧିକା ହେବାକଥା । ସବୁଆଡେ ପାଣି ପଚପଚ । ଆପଣ ଯେଉଁ ସମୟରେ ଆସିଥିଲେ ଆଣ୍ଡାମାନ ତ ମୃତ୍ୟୁର ଯନ୍ତା ହୋଇଥିବ ? କେତେ ପଲିଟିକାଲ କଇଦୀ ଖସି ପଳାଇ ଜ୍ୱର ବା ସାପ କାମୁଡାରେ ମରିଯାଇଥିବେ ।

ଅଣ୍ଡାମାନରେ ପରା ବିଷାକ୍ତ ସାପ ନାହାନ୍ତି ।- ଉତ୍ତମ କହିଲା ।

ଅନେକ ବିଷାକ୍ତ ସାପ ଅଛନ୍ତି । ଅନେକ ଲୋକ ମରିଛନ୍ତି । ଏକ ସାପ ପାଣିରେ ରୁହେ । ପଶ୍ଚିମ ସାଗରର ଜଣେ ଲୋକ ରାତିରେ ମାଛ ଧରିବାକୁ ଗଲା । ସେ ସମୁଦ୍ରକୂଳରେ ଟର୍ଚ୍ଚ ପକାଇ ପଥର ସନ୍ଧିରୁ ମାଛ ଧରୁଥିଲା । ପଥର ଖଣ୍ଡ ଉପରେ ସାପ ରୁହେ । ସେଠି ତା'କୁ ଏକ ସାପ କାମୁଡି ଦେଲା । ସେ ଜାଣି ପାରିଲା ନାହିଁ । ଏମିତି କିଛି ନଜାଣି ମାଛ ଧରିଚାଲୁଥିଲା, ମାଛ ଧରା ନିଶାରେ ସେ କିଛି ଖିଆଲ ରଖିନି । ମାଛ ଧରି ଘରକୁ ଆସିଲା । ଦେହ ଭଲ ଲାଗୁନି, ଦେହ ଭଲ ଲାଗୁନି ବୋଲି କହିଦେଲା । ଏମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହୁକହୁ ବେହୋସ ହୋଇଗଲା ଆଉ ପ୍ରାଣ ତତ୍‌କ୍ଷଣାତ୍ ଛାଡିଗଲା । ମୋ ଆଖି ଆଗର ଏ ଘଟଣା ।-ବୁଢା କହୁଥିଲେ ।

ଏମିତିଆ ସାପ ଭୂମିରେ ସତରେ କ'ଣ ଅଛନ୍ତି ? ସମୁଦ୍ର ସାପଗୁଡା ଭୟଙ୍କର ବିଷାକ୍ତ । - ଉତ୍ତମ କହିଲା ।

କେଉଁ ସାପୁଆ କେଳା ଏଠି ସାପ ବୋଧହୁଏ ଛାଡି ଦେଇଛି । ଆଗରୁ ଏମିତିଆ ସାପ ନଥିଲେ । ଏ ସାପ କାମୁଡାରେ କିଛି ଜଣା ପଡ଼ିବନି । ଧିରେ ଶରୀର ଅବଶ ହୋଇଯିବ ଆଉ ତା' ପରେ ମୃତ୍ୟୁ ।

ଚିତି ସାପ ବୋଧହୁଏ ।- ଉତ୍ତମ କହିଲା ।

ପତଳା ଆଉ ହାତେ ଲମ୍ବା ସାପ ।

ଚିତି ନିଶ୍ଚିତ ।- ଉତ୍ତମ କହିଲା

ଆଗରୁ କେଉଟା ସାପ, ଏମିତି କିଛି ଲାଉଡଙ୍କିଆ ସାପ ଥିଲେ । କିନ୍ତୁ କିଛି ନୂଆ ସାପ ଦେଖାଯାଉଛନ୍ତି । ପାହାଡସାରା ପରା ସାପ ଅଛନ୍ତି । କାଳ କେଉଟା, ଖଇରିଆ କେଉଟା, ଜାତ କେଉଟା, ଏମିତି ତିନି ଚାରି କିସମର ସାପ କଥା ମୁଁ ଜାଣିଛି ।

ଏମିତି ସବୁ ପୁରୁଣା ଦିନର ଅନ୍ଧାରିଆ ସ୍ଥାନରେ ରହିବାପାଇଁ ମନରେ ବହୁତ ସାହାସ ଦରକାର । ଖାଲି ଲୋକ ମେଳିରେ ରହିଲେ ହେବନାହିଁ । ମନ ଭିତରର ବିଶ୍ୱାସ ମଧ୍ୟ ଦରକାର । ସେ ସମୟରେ କେଉଁ ଏଠି ଲୋକ ବୋଝେଇ ହୋଇ ଥିବେ ବା ସୁବିଧା ଥିବ ? ତା'ଛଡା ବୁଢା ଅତି ସାଧାରଣ ବ୍ୟକ୍ତି । ତାଙ୍କୁ କେଉଁ ସୁବିଧା ମିଳିଥିବ ? ମନ ଭିତରରେ ଏମିତି ଚାଷୀବାସୀ ଲୋକଙ୍କର ଶକ୍ତି ହେଉଛି ଭକ୍ତି । ତେଣୁ ବୁଢାଙ୍କର ଇଷ୍ଟଦେବତାଙ୍କ ବିଷୟରେ ଜାଣିବାପାଇଁ ଅବିନାଶର ଇଚ୍ଛା ହେଲା । କିଛି କହିବା ଆଗରୁ ବୁଢା ଯେମିତି ଅବିନାଶର ମନ କଥା କହିଦେଲେ ।

ହରିସାନ ଠାକୁରଙ୍କ ମାୟା । ତାଙ୍କର ସୁଦୟାରୁ ମୋ ଦେହରେ ମାଛିଟିଏ ବସିନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ବିପଦ ଆସିଛି ତାଙ୍କର ସୁମରଣା କରିଛି ଆଉ ବିପଦ ତା' ବାଟେବାଟେ ଯାଇଛି ।

କଣ କହିଲେ ?

ଅବିନାଶ ବା ଉତ୍ତମ କାହିଁ କେଉଁ ବଙ୍ଗାଳୀ ମଣିଷ ପାଖରୁ ସେହି ମହାପୁରୁଷଙ୍କ କଥା ଶୁଣି ନଥିଲେ । ସେମାନେ ଏପଟ ବାଙ୍ଗଲା ରାଜ୍ୟର । ପୂର୍ବ ବାଙ୍ଗଲା ତ ଭିନ୍ନ ପଶ୍ଚିମ ବାଙ୍ଗଲାଠାରୁ । କଲିକତାର ମୋହନବାଗାନ ଆଉ ଇଷ୍ଟ ବେଙ୍ଗଲ ଖେଳରୁ ଜଣା ପଡିଯାଏ ପ୍ରଭେଦ । ଇଷ୍ଟ ବେଙ୍ଗଲର ସମର୍ଥକମାନେ ପ୍ରାୟ ବାଙ୍ଗଲାଦେଶରୁ ଆସିଛନ୍ତି ଆଉ ମୋହନବାଗାନ ଏଇଠିକାର କ୍ଲବ ।

ମୋ ଇଷ୍ଟଦେବ ହେଉଛନ୍ତି ହରିସାନ ଠାକୁର । ବାଙ୍ଗଲାଦେଶର ଆମ ଗାଁ ଆଡେ ଥିବା ହରିସାନ ଠାକୁର ।- ବୁଢା କହିଲେ । ସେ ନିଜର ପୂର୍ବ ସଂସ୍କୃତି କିଛି ଧରି ରଖିଛନ୍ତି ସାତ ଦଶକ ପରେ ମଧ୍ୟ । ସେ ତାଙ୍କ ସ୍ତ୍ରୀଙ୍କୁ ଚାହିଁଲେ । ବୁଢୀ ଏକ ପାନଡାଲା ଧରି ବସିଥିଲେ । ମଝିରେ ମଝିରେ ଅଣନାତି ତାଙ୍କୁ ହଇରାଣ କରୁଥିଲା । ସେ ଅବିନାଶ ବା ଉତ୍ତମ କିଛି ବୁଝି ନପାରୁଥିବାର ଅନୁଭବ କରୁଥିଲେ ।

ହଁ ହରିସାନ ଠାକୁର । ତାଙ୍କର ଆମେ ଫଟୋ ପୂଜା କରୁ ।

ହରି ତ ନାରାୟଣ । ତା'ହେଲେ ସେ କ'ଣ ବିଷ୍ଣୁ ?- ଅବିନାଶ କହିଲା ।

ନା ସେ ନାରାୟଣ ନୁହଁନ୍ତି । ଶରୀରଧାରୀ ମଣିଷ ହେଉଛନ୍ତି ହରିସାନ ଠାକୁର । ଫଟୋଦେଖି ଜାଣି ପାରିବେ ।- ତାଙ୍କ ନାତୁଣୀ ବୋହୂ ପାଖରୁ କହୁଥିଲା । ଜାଣି ହେଉ ନଥିଲା ସେ କାହାକୁ ପୂଜା କରନ୍ତି ।

ଆମର କାଶିପେ ଗୋତ୍ରର ସବୁ ଲୋକେ ପ୍ରାୟ ହରିସାନ ଠାକୁରଙ୍କ ଭକ୍ତ । ବୁଢୀଙ୍କର ବାପଘର ଗୋତ୍ର ହେଉଛି ଆଲେମାନ ଗୋତ୍ର । ସେମାନେ ମଧ୍ୟ ଠାକୁରଙ୍କୁ ପୂଜା କରନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ସେ ଠାକୁର ଆଉ ତାଙ୍କର ପୂଜା ବିଷୟରେ କିଛି କଥା ହେଲେ । ଶେଷରେ ବୁଢା ତାଙ୍କର ଏକ ଚମତ୍କାର ବାଖ୍ୟା କଲେ ।

ଚାରି ଯୁଗରେ ଚାରି ଠାକୁର । ଶେଷ ଯୁଗରେ ହେଉଛନ୍ତି ହରିସାନ ଠାକୁର । ବାଙ୍ଗଲାଦେଶର ଠାକୁର ନଗରରେ ତାଙ୍କର ପୁଣ୍ୟତିଥି ବଡ଼ ଜାକଜମକରେ ପାଳନ ହୁଏ ।

ଏହାର ଅର୍ଥ ହେଉଛି ବୁଢା ସେ ଠାକୁରଙ୍କଠାରୁ ଦୀକ୍ଷା ନେଇଛନ୍ତି ଆଉ ତାଙ୍କ ପ୍ରଦର୍ଶିତ ରାସ୍ତାରେ ଚାଲୁଛନ୍ତି ।- ଅବିନାଶ ଉତ୍ତମକୁ କହିଲା ।

ହରିସାନ ଠାକୁର ଯେମିତି ଚଳନ୍ତା ଠାକୁର । ଡାକିଲେ ଲାଗେ ଯେମିତି ପାଖରେ ଠିଆ ହୋଇଛନ୍ତି । ଅନ୍ୟପୂଜା ଭଳି କିଛି ମହାର୍ଘ୍ୟ ନାହିଁ । ସକାଳେ ଶଂଖ ଫୁଙ୍କାଯାଏ । ସଂନ୍ଧ୍ୟାରେ ଘଣ୍ଟି ବଜାଯାଏ । ଠାକୁରଙ୍କ ଗୁଣଗାନ କରାଯାଏ । ମନ୍ତ୍ର ପଢାଯାଏ । ହରିସାନ ଠାକୁରଙ୍କ ପୂଜା ଅତି ସରଳ । ଏତିକି କହିବାକୁ ପଡେ- ବାବା ଆମର ଭଲ ହେଉ । କିଛି କଷ୍ଟ ନପଡୁ । ଏତିକି ମାତ୍ର ବିନତି । ହରସାନ ଠାକୁରଙ୍କ ପୂଜାରେ ସେମିତି ବେଶିକିଛି ନିୟମ ନାହିଁ ।- ବୁଢୀ କହିଲେ । ତାଙ୍କ ନାତୁଣୀ ପାଖରେ ବସି ମୁଣ୍ଡ ହଲାଉଥିଲା । ଝିଅଟି ଚଉଦ ବର୍ଷର । ଏକ ସଫା କପଡା ପିନ୍ଧି ପାଖରେ ବସିଥିଲା ।

ଏମିତି ବିଶ୍ୱାସର ଠାକୁରଙ୍କ କଥା ଶୁଣି ଅବିନାଶକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସାଧାରଣ ଲୋକେ ସରଳ ବିଶ୍ୱାସୀ । ଏଇ ସରଳ ବିଶ୍ୱାସ ସେମାନଙ୍କୁ କେଉଁ ବି ପରିସ୍ଥିତିରେ ବଞ୍ଚିବା ପାଇଁ ସାହାରା ଦିଏ । ସେ ବି ବୁଢାଙ୍କର ଛୋଟ ନାତୁଣୀ ଭଳି ମୁଣ୍ଡ ହଲାଉଥିଲେ । ଗାଁରେ ଲୋକେ କେତେ ଦେବାଦେବୀ ମାନନ୍ତି । ଅନେକ ବଙ୍ଗାଳୀ ତ ବୈଷ୍ଣବ । କୃଷ୍ଣଙ୍କର ମହାନ ଭକ୍ତଗଣ । ବୈଷ୍ଣବ ହେଲେ ମାଛ ମାଂସ ଖାଇବେନି । ଅନେକ ନିୟମ । ଅଣ୍ଡାମାନରେ ତା' କ'ଣ ସମ୍ଭବ ? ତଥାପି କେତେ ଲୋକ ମାନୁଥିବେ । ଚାଷୀ ଲୋକ ଲକ୍ଷ୍ମୀପୂଜା, ଶନିପୂଜା ଇତ୍ୟାଦି କରୁଥିବେ । ବିଶ୍ୱକର୍ମା ପୂଜା ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଣ୍ଡାମାନରେ ପ୍ରସିଦ୍ଧ । ଆଉ ବୁଢା ଆଉ ତାଙ୍କ ପରିବାର ସେମାନଙ୍କ ପୁରୁଣା ଗାଁ ସମୟରେ ଏକ ବିଶ୍ୱାସକୁ ଏତେ ଦିନ ଧରି ଉଜ୍ଜୀବୀତ କରି ରଖିଛନ୍ତି ।

ଅନେକ ସମୟ ହୋଇଯାଇଥିଲା । ଅବିନାଶ ଉଠିବା ଉଠିବା ହେଉଥିଲା । ବୁଢା ତାଙ୍କର ହରିସାନ ଠାକୁରଙ୍କ ଉପରେ ଏତେ ଅନୁସନ୍ଧିତ୍ସାକୁ ଭଲଭାବେ ଠଉରାଇ ନେଇଥିଲେ । ପୂର୍ବ ବଙ୍ଗର ଠାକୁରଙ୍କୁ ପଶ୍ଚିମ ବଙ୍ଗର ଲୋକେ ନବେଶି ଜାଣି ନଥିବେ ।

ଆସନ୍ତୁ ଦେଖିକରି ଯିବେ ।- ବୁଢା କହିଲେ ।

ପୂଜା ଘରକୁ କାହାକୁ ଯିବାକୁ ଅନୁମତି ପ୍ରାୟ ଦିଅନ୍ତିନି । କିନ୍ତୁ ସେ କିଛି ଭାବିଲେନି । ନିଜର ପୂଜା ଘରକୁ କଢାଇ ନେଲେ । ଛୋଟ କୋଠରୀଟିଏ । ଖଟୁଲିରେ ତାଙ୍କର ଆରାଧ୍ୟ ଦେବ ବସିଛନ୍ତି । ସେ ହେଉଛନ୍ତି ସେ ଦେଶର ପୂଜିତ ହେଉଥିବା କେଉଁ ମହାପୁରୁଷ । ଦେଖିଲାରୁ ଲାଗୁଥିଲା ରାମକୃଷ୍ଣ ପରମହଂସଙ୍କଠାରୁ ଭିନ୍ନ । ଚିତ୍ରରେ ଥିବା ନାରୀ ଟିକେ ଟିକେ ମା ସାରଦା ଦେବୀଙ୍କ ପରି ଲାଗୁଥିଲେ । କିନ୍ତୁ ବୁଢା ତାଙ୍କୁ ଅଲଗା କହିଲେ ।

ସେ କେଉଁ ଯୁଗରୁ ବାଙ୍ଗଲାଦେଶରୁ ଆସିଛନ୍ତି । କିନ୍ତୁ ରହିଯାଇଛି କିଛି ପୁରୁଣା ବିଶ୍ୱାସ । ମଣିଷ ଯେଉଁଠାକୁ ଗଲେ ମଧ୍ୟ ଟିକିଏ ବିଶ୍ୱାସ ନେଇ ମଲା ପର୍ଯ୍ୟନ୍ତ ବଞ୍ଚିଥାଏ । ସେ ବିଶ୍ୱାସକୁ କେଉଁ ଶକ୍ତି ବଦଳାଇ ଦେଇ ନପାରେ । ଯେତେବି ଅତ୍ୟାଚାର ହେଲେ ମଧ୍ୟ ମନ ଭିତରେ ଏକ ସଳିତା ଜଳି ଚାଲୁଥାଏ । ତାହା ହେଉଛି ତାଙ୍କର ଭକ୍ତି, ତାଙ୍କର ବିଶ୍ୱାସ ।

ଯିବା ସମୟ ହେଲା । ସେମିତି କିଛି ଆଉ ଜାଣିବାର ନଥିଲା । ଆସିଲାଭଳି ଅବିନାଶ ନିଜ ପ୍ୟାଣ୍ଟକୁ ମୋଡି ଉପରକୁ ଟେକିଦେଲା ଆଉ ହାତରେ ନିଜ ଚପଲ ଧରିନେଲା । କାଦୁଅ ପାଣିରେ ଖାଲି ଗୋଡରେ ଚାଲିବା ବେଶି ସହଜ । ପରେ ଗୋଡ ଧୋଇ ହେବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ପୁଅର ଟ୍ରାନସଫର ପାଇଁ କାହାକୁ ପଦେ କହିପାରିବେ ? ?

ଅବିନାଶ କିଛି ବୁଝିପାରିଲା ନାହିଁ । ବୁଢା ଅବିନାଶର ହାତ ମୁଠାଇ ଧରିଥିଲେ । କଥାଟା ବହୁ ଗମ୍ଭୀର ଥିବ । ଅବିନାଶ ସେଠାର ମଧ୍ୟ ନଥିଲା । କ'ଣ କରିପାରିବ ? ହୁଏତ କାହାକୁ ପଦେ କହିପାରିବ ।

ବୋହୂ ଏବେ ଘର ଧରିଲାଣି । ପୋର୍ଟବ୍ଲେଆରରେ ଆଉ ଏକ ଟୋକା ସହ ପଳାଇବାକୁ ବସିଥିଲା । ପୁଲିସ ଆସିଥିଲା । କହିବୋଲି ପୁଅକୁ ସାଙ୍ଗେ ସାଙ୍ଗେ ଟ୍ରାନସଫର କରିଥିଲି । ତା'ର ଘର ଭାଙ୍ଗି ଯାଉଥିଲା ।

ଅବିନାଶ ଠିଆ ହୋଇଥିବା ସ୍ତ୍ରୀ ଲୋକକୁ ଅନାଇଲା । ଗଢଣ ଭଲ । ବୟସ ୩୫ ଧରିବଣି ।

ଏଠି ଦେଢ ବର୍ଷ ହେଲା ପୁଅ ଅଛି ଆଉ ତା' ସ୍ତ୍ରୀ ଘରେ ଅଛି । ପୋର୍ଟବ୍ଲେଆର ଗଲେ ପୁଣି ସେ ଟୋକା ଆସି ଚାରିପାଖେ ବୁଲିବ । ଟିକେ କାହାକୁ କହିବେ ।

ଅବିନାଶ କ'ଣ କହିବେ ବୁଝି ପାରୁ ନଥିଲା । ଏଠି ଜୀବନର ଏକ, ସମାଜର ଆଉ ନୂଆ ଦିଗ ବିଷୟରେ ସେ ଜାଣୁଥିଲା । ଅନ୍ଧାରରେ ଛାଇ କାହିଁ, ସବୁ କଳା ଦେଖାଯାଉଥିଲା । ବାହାରେ କେଉଁଠି ବତୀ ତଳେ ଛାଇ ଦେଖାଯିବ । ଅବିନାଶ ଫେରିଆସିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ବାବୁ

## ଧାରାବାହିକ କାହାଣୀ - ଭାଗ ୮

ଆଜି ଅଫିସରେ ସବୁ ଫୁସୁର୍ ଫାସର ହେଉଛନ୍ତି । ବଡ଼ବାବୁ ନିଜ କୋଠରୀରେ ବସିଥିଲେ ସୁଦ୍ଧା ତାଙ୍କର ନିଘା ଅଫିସ ଭିତରକୁ ଥାଏ । କିଛି ସମୟ ପରେ ସେ ବେଲ୍ ବଜାଇଲେ । ଅଫିସ ପିଉନ୍ ଘନ ସାଙ୍ଗେ ସାଙ୍ଗେ ପହଞ୍ଚିଗଲା । ବଡ଼ବାବୁ କହିଲେ, ରମେଶ ବାବୁଙ୍କୁ କହିଦିଅ ମୁଁ ଡାକୁଛି ।

ରମେଶ ବଡ଼ବାବୁଙ୍କ କୋଠରୀରେ ପହଞ୍ଚିବା ପରେ ବଡ଼ବାବୁ ପାଖରେ ବସିବାକୁ କହି ପଚାରିଲେ, କଣ ସବୁ ଗୁଣୁଗୁଣୁ ହଉଛନ୍ତି ? ରମେଶ ବୁଝିଗଲା ଯେ ବଡ଼ବାବୁ ଅନ୍ୟ କର୍ମଚାରୀଙ୍କ ବିଷୟରେ ପଚାରୁଛନ୍ତି । ସେ କହିଲା, ସାର୍ ଆପଣ ତ ଶୁଣିଥିବେ ଯେ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ହେଉଛି । ସେହି ବିଷୟରେ ସବୁ କଥା ହେଉଛନ୍ତି । ବଡ଼ବାବୁ ମୁଣ୍ଡ ହଲେଇ ହୁଁ ବୋଲି କହିଲେ ଆଉ କହିଲେ, ଠିକ୍ ଅଛି ଆପଣ ଯାଆନ୍ତୁ ।

ସନ୍ଧ୍ୟାରେ ଅଫିସରୁ ବାହାରିବା ବେଳକୁ ବଡ଼ବାବୁ ସମସ୍ତ କର୍ମଚାରୀଙ୍କୁ ଟିକେ କଡ଼ା ସ୍ୱରରେ ତାଗିଦ କରିଦେଲେ । ଆପଣ ମାନେ ସମସ୍ତେ ସରକାରୀ କର୍ମଚାରୀ, ତେଣୁ କୌଣସି ବି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବରେ ଆପଣମାନେ ଭାଗ ନେଇ ପାରିବେ ନାହିଁ । ଆଉ ଯଦି ଆପଣଙ୍କୁ କୌଣସି ଆନ୍ଦୋଳନରେ ଅଂଶଗ୍ରହଣ କରିବାର ଅଛି, ତା'ହେଲେ ଆପଣ ଛୁଟି ନେଇ ସେଥିରେ ଲାଗିପାରିବେ ।

ଏହି ସମୟରେ ସୁବାସ ପଚାରିଲା, ସାର୍ ଆପଣଙ୍କୁ କଣ ଲାଗୁଛି ? ସେମାନେ ଯେଉଁ ଦାବୀ କରୁଛନ୍ତି ତାହା ଠିକ୍ ? ସତରେ କଣ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ? ଯଦି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବାର ଥିଲା ଏବେ ଯାଏଁ ଦେଲେନି କାହିଁକି ? ବଡ଼ବାବୁ ସାମାନ୍ୟ ହସିଦେଇ କହିଲେ, ଇସ୍ତଫା ତ ଦେଇଦେବା କଥା । ନୈତିକତା ବୋଲି କିଛି ଅଛି । ଯଦି ଆପଣଙ୍କ ଶାସନ କାଳରେ ଏତେ ମାତ୍ରାରେ ପ୍ରଶ୍ନପତ୍ର ଲିକ୍ ହେଉଛି, ତା ହେଲେ ଏଥିପାଇଁ ନିଜକୁ ଦାୟୀ କରି ଯଦି ସେ ନିଜ ସ୍ଥାନରୁ ଇସ୍ତଫା ଦେଇ ପକାନ୍ତେ ତା ହେଲେ ଏଇ ଆନ୍ଦୋଳନ କିଛି ବି ହୁଅନ୍ତା ନାହିଁ । ଆଗରୁ ବି ତ ଅନେକ ନେତା ମନ୍ତ୍ରୀ ଏହିଭଳି ଉଦାହରଣ ଦେଇଛନ୍ତି । ସେ ବି ଏହାକୁ ମାନିଥିଲେ ଭଲ ହୁଅନ୍ତା । ଯା ବି ହେଉ ଏବେ ତ ଲାଗୁଛି ଏହା ସରକାର ଆଉ ଆନ୍ଦୋଳନକାରୀଙ୍କ ମଧ୍ୟରେ ନିଜ ନିଜର ପ୍ରତିପତ୍ତିର ପ୍ରଶ୍ନ ହୋଇ ଉଠିଛି । ଦେଖାଯାଉ କଣ ହେଉଛି ।

ରମେଶ କହିଲା, ମୁଁ ବି ସେଇଆ ଭାବୁଥିଲି । ଯଦି ସେ ଆଗରୁ ହିଁ ଇସ୍ତଫା ଦେଇ ପକାନ୍ତେ ତା ହେଲେ ଭଲ ହୋଇଥାନ୍ତା ।

ସୁବାସ କହିଲା, ଇସ୍ତଫା ଦେଇଦେଲେ ତ କଥା ସରିନଥାନ୍ତା । ଯିଏ ନୂଆ ଆସିବ ସିଏ ବି ସେମିତି କରିବନି ବୋଲି କିଏ କହିବ ? ଆଉ କଥା ହେଉଛି, ପ୍ରଶ୍ନପତ୍ର ଲିକ୍ କରୁଥିବା ଲୋକ କଣ ମନ୍ତ୍ରୀ କି ? ତେଣୁ ଆଗୁଆ ଚୋରକୁ ଧରିବା ଦରକାର ।

ବଡ଼ବାବୁ କହିଲେ, ଏଇଟା ବି ଠିକ୍ କଥା । ଖାଲି ଇସ୍ତଫା ଦେଇ ନିଜ ପଦବୀରୁ ଓହରି ଗଲେ ଚଳିବନି । ସେଇଥିପାଇଁ ତ ଏଇ ବର୍ଷ ପୁଣିଥରେ ପରୀକ୍ଷା କରାଗଲା । କେମିତି ଆଗକୁ ଏଭଳି କେଳେଙ୍କାରୀ ହେବନି ସେଥିପାଇଁ ବ୍ୟବସ୍ଥା କରାଯିବା କଥା କୁହାଯାଉଛି । ସରକାର ସବୁ ବ୍ୟବସ୍ଥା କରୁଛନ୍ତି ସତ, କିନ୍ତୁ କଥା କଣ କି, ଆମର ଦେଶ ହେଉଛି ଜନସାଧାରଣଙ୍କ ଦେଶ । ଏଠି ଲୋକଙ୍କ ମନକୁ ପାଇଲା ଭଳି କିଛି ନ କଲେ ସେମାନେ ଏ ସବୁ ଜିନିଷକୁ ଦେଖିବେ ନାହିଁ । ତେଣୁ ଇସ୍ତଫା ହିଁ ସର୍ବଶ୍ରେଷ୍ଠ ଉପାୟ ହୋଇଥାନ୍ତା ।

ସବୁ ହୁଁ ହାଁ ହେଇ ଘରକୁ ବାହାରିଗଲେ । ହେଲେ ତେଣେ ଦିଲ୍ଲୀରେ ଯେତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନ୍ଦୋଳନ ନ ହେଉଥିଲେ, ଅଫିସରେ ସେ ବିଷୟରେ ଚର୍ଚ୍ଚା ବହୁତ ଅଧିକ ହେଉଥିଲା । ହେବନି କାହିଁକି ? ମୋବାଇଲ୍ ଖୋଲିଲେ ତ ସବୁ ସେଇ ଖବର ହିଁ ଦେଖିବାକୁ ମିଳୁଥିଲା । ନିତି ନିତି ନୁଆ ନୁଆ ଘଟଣା ସାମନାକୁ ଆସୁଥିଲା । ସେହି ବିଷୟ ବି ଚର୍ଚ୍ଚାରେ ସାମିଲ ହେଉଥିଲା ।

କିଛିଦିନ ପରେ ଅଫିସରେ ବସିଥିବା ସମୟରେ ବଡ଼ବାବୁ ପୁଣିଥରେ ସେହି ବିଷୟକୁ ନେଇ ଚର୍ଚ୍ଚା କରିବାକୁ ମନ ବଳାଇଲେ । ଜାଣିବାକୁ ଚାହିଁଲେ ଯେ ଅଫିସରେ ଏହି ଆନ୍ଦୋଳନ ସପକ୍ଷରେ କେତେଜଣ ଅଛନ୍ତି ।

ଅଫିସରେ ପ୍ରାୟ ଅଧିକାଂଶ କର୍ମଚାରୀ ଏହି ଆନ୍ଦୋଳନ ସପକ୍ଷରେ ହିଁ ଥିଲେ । ସମସ୍ତେ ଚାହୁଁଥିଲେ ଯେ ଶିକ୍ଷାମନ୍ତ୍ରୀ ଯାଆନ୍ତୁ । କିନ୍ତୁ ଆନ୍ଦୋଳନ ଯେଉଁଭଳି ହେଉଥିଲା ସେଇ ବିଷୟ ନେଇ ଅନେକେ ସନ୍ଦୀହାନ ଥିଲେ । ଯେହେତୁ ଟ୍ରେଜେରୀ ବିଭାଗ ତେଣୁ ଅର୍ଥ ନେଣଦେଣ ବିଷୟରେ ସମସ୍ତେ ଊଣାଅଧିକେ ବିଜ୍ଞ । ସୁବାସ ପଚାରିଲା, ସାର୍ ଏଇ ଯୋଉ ଆନ୍ଦୋଳନ ହେଉଛି, ଏଥିରେ ଦୈନିକ ହଜାର ହଜାର ଲୋକ ସାମିଲ ହେଉଛନ୍ତି । ସେମାନଙ୍କୁ ମାଗଣାରେ ଖାଇବା ପିଇବା ଜିନିଷ ମିଳୁଛି, ସେ ସବୁ ଆସୁଛି କୋଉଠୁ ? ଏତେ ଟଙ୍କା ଦେଉଛି କିଏ ? ବଡ଼ବାବୁ କହିଲେ, ସେ ତ ତଦନ୍ତର ବିଷୟ । ଆମେ ବି ଜାଣିବା କେମିତି ? ହୁଏତ ଆନ୍ଦୋଳନ ସରିବା ପରେ ସରକାର ଏହି ଆନ୍ଦୋଳନର ମୁଖ୍ୟ ପୁରୋଧାଙ୍କୁ ଧରି ଏହି ବିଷୟରେ ପ୍ରଶ୍ନୋତ୍ତର କରି ପାରନ୍ତି । କିନ୍ତୁ ଯେଉଁଭଳି ଭାବରେ ଏହି ଆନ୍ଦୋଳନ ହେଉଛି, ତାହା ଆଦୌ ଶୁଭଙ୍କର ନୁହେଁ । ଭାରତର ଯୁବପୀଢ଼ିଙ୍କୁ ଯେଉଁଭଳି ଭାବରେ ଆଚରଣ କରୁଥିବା ଦେଖାଉଛନ୍ତି ତାହା ବିଶ୍ୱବ୍ୟାପୀ ସମଗ୍ର ଦେଶରେ ଲୋକମାନେ ଦେଖିବା ପରେ ସ୍ୱତଃ ସେମାନଙ୍କ ମନରେ ବି ପ୍ରଶ୍ନ ଉଠୁଥିବ ଯେ କଣ ସତରେ ଭାରତର ଯୁବପୀଢ଼ୀ ଏତେ ଉଦ୍ଭ୍ରାନ୍ତ ? ଏତେ ମ୍ଳେଚ୍ଛ ସଦୃଶ ? ଯେଉଁମାନେ ନିଜ ଦେଶର ସର୍ବୋଚ୍ଚ ଆସନରେ ବସିଥିବା ପ୍ରଧାନମନ୍ତ୍ରୀ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କ ପରିବାର ତଥା ମୃତ୍ୟୁବରଣ କରିଥିବା ମାଆଙ୍କ ଉଦ୍ଦେଶ୍ୟରେ ଏତେ ଅଶ୍ରାବ୍ୟ ଭାଷାରେ କଥା କହି ପାରୁଛନ୍ତି କିଭଳି ? ସତରେ କଣ ଯୁଗ ବଦଳି ଗଲାଣି ?

ଅଫିସରେ ସମସ୍ତେ ନିରବ ଥିଲେ । ବଡ଼ବାବୁ ପ୍ରଶ୍ନକଲେ, ସୁବାସ ବାବୁ ଆପଣଙ୍କ ପୁଅ ତ ଏବେ ଇଞ୍ଜିନିୟରିଂ କରୁଛି, ସେ ବି ଏମିତି ହେଉଛି କି ?

ସୁବାସ କିଛି ନ ବୁଝିବା ଭଳି ପ୍ରଶ୍ନ କଲା, ମାନେ ସାର ?

ଏଇ ଯୋଉ ରଙ୍ଗଢ଼ଙ୍ଗ ଦେଖିବାକୁ ମିଳୁଛି, ସେମିତି ?

ସୁବାସ କହିଲା, ଆଦୌ ନୁହେଁ ସାର । ଆମ ପରିବାର ପିଲାମାନେ ଭାରି ଭଦ୍ର ।

ବଡ଼ବାବୁ ଅନ୍ୟମାନଙ୍କ ଆଡ଼େ ନଜର ପକାଇଲେ ସମସ୍ତେ ଗୁଣୁଗୁଣୁ ହୋଇ କହୁଥିଲେ ଆମ ପିଲାମାନେ ଏମିତି ଉଚ୍ଛୃଙ୍ଖଳ ନୁହନ୍ତି । ବଡ଼ବାବୁ କହିଲେ, ଗତବର୍ଷ ନେପାଳରେ ଯୁବବର୍ଗ ଆନ୍ଦୋଳନ କରି ସରକାରଙ୍କୁ ହଟେଇ ଦେଇଥିଲେ, ସେହିଭଳି କିଛି ଆମ ଦେଶରେ କରିବାକୁ ମସୁଧା ହେଉଛି । ବିଦେଶୀ ଶକ୍ତିମାନେ ଆମ ଦେଶକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି । ଚିନ୍ତା କରି ଦେଖ, ଦେଢଶହ କୋଟି ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଦେଶ ଯଦି ନିଜେ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ ହୋଇଯାଏ, ତାହେଲେ ବିଶ୍ୱରେ ଅନେକ ଦେଶ ଆମ ସାମନାରେ ତୁଚ୍ଛ ମନେ ହେବେ । ସେଇଟା ଅନେକ ଦେଶ ଚାହୁଁ ନାହାନ୍ତି, ତେଣୁ ସେମାନେ ସମୟ ସମୟରେ ଦେଶକୁ ଅସ୍ଥିର କରିବା ପାଇଁ ଏହିଭଳି ଆନ୍ଦୋଳନ ଆଦିର ସାହାଯ୍ୟ ନେଉଛନ୍ତି ।

ରାଜନୈତିକ ଦଳମାନେ ଆନ୍ଦୋଳନ କରିବା କଥା ବୁଝାପଡୁଛି, କିନ୍ତୁ ଏମିତି ଅଜଣା ଅଶୁଣା ଗୋଷ୍ଠୀ ଆସି ଯଦି ଆନ୍ଦୋଳନ କରିବେ ତା ହେଲେ ମନେ ରଖିବ ଏହା ଆଦୌ ଶୁଭଙ୍କର ନୁହେଁ । ଏମାନେ ବିଦେଶୀ ଏଜେଣ୍ଟ ବି ହୋଇ ପାରନ୍ତି । ଏମାନଙ୍କ ପାଖରେ ଏତେ ଟଙ୍କା ଆସିଲା କୋଉଠୁ ? ଶୁଣୁଛି ଯେ ଏ ସବୁ କାଣ୍ଡକାରଖାନାର କାର୍ପଟଦାର ସେ କାଳେ ଆମେରୀକାରେ ପାଠ ପଢୁଥିଲା । ଆମେରିକାରେ ପାଠ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢୁଥିବା ଲୋକ ନିଶ୍ଚୟ ରଣ କରିଥିବ । ସେ ରଣ କେମିତି ଶୁଝିବ ସେ ଚିନ୍ତା ନ କରି ଆନ୍ଦୋଳନରେ ବସିବ କି ? ନିଶ୍ଚୟ ତା ପଛରେ କାହାର ହାତ ରହିଥିବ । ଯା ବି ହେଉ, ଏହି ଆନ୍ଦୋଳନ ଏମିତି ଶାନ୍ତିରେ ଶାନ୍ତିରେ ସମାପ୍ତ ହେଇ ଯାଉ ।

ଦୁଇଦିନ ପରେ ଶୁଣାଗଲା ଯେ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇ, ଅନଶନ କରୁଥିବା ବ୍ୟକ୍ତିଙ୍କୁ ଆନ୍ଦୋଳନ ସ୍ଥଳରୁ ଉଠେଇ ନିଆଯାଇଛି । ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ କାଲେ ପାର୍ଲିଆମେଣ୍ଟ ଘେରାଉ କରିବେ ବୋଲି କହୁଛନ୍ତି । ବଡ଼ବାବୁ ଚିନ୍ତିତ ମନେ ହେଉଥିଲେ । ସେ କହିଲେ, ଏହା ଆଦୌ ହେବା କଥା ନୁହେଁ । ଏତେ ଘଟଣା ଘଟିବା ସତ୍ତ୍ୱେ ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେବା ମୋତେ କାହିଁକି ଆଦୌ ଭଲ ଲାଗୁନି । କଥାରେ ଅଛି, ଗୋଠ ମାତିଲେ ଖଣ୍ଡିଆ ମାତେ । ଅର୍ଥାତ କାଲି ଯଦି ଆନ୍ଦୋଳନ ନାଁରେ କିଛି ଅସାମାଜିକ ତତ୍ତ୍ୱ ଆମ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ କରିବେ ତା ପରବର୍ତ୍ତୀ ପରିସ୍ଥିତିକୁ ସମ୍ଭାଳିବା କଷ୍ଟକର ହୋଇଯିବ ।

ଏବଂ ବଡ଼ବାବୁଙ୍କ ଧାରଣା ଭୁଲ ନଥିଲା । ସତକୁ ସତ ସେହିଭଳି ଘଟଣା ଦେଖିବାକୁ ମିଳିଲା ଏବଂ ଶେଷରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଲେ । ହେଲେ ବଡ଼ବାବୁ ଭାରି ନିରୁତ୍ସାହିତ ମନେ ହେଉଥିଲେ । ସେ କହୁଥିଲେ, ଶିକ୍ଷାମନ୍ତ୍ରୀ ଅନେକ ଭଲ କାମ ବି କରିଛନ୍ତି । କିନ୍ତୁ ଏହି ଘଟଣା ପୂର୍ବରୁ ହିଁ ସେ ଯଦି ଇସ୍ତଫା ଦେଇଥାନ୍ତେ ତା ହେଲେ ନିଜର ଗାରିମା ରକ୍ଷା କରି ପାରିଥାନ୍ତେ ।

ଆନ୍ଦୋଳନ ସମାପ୍ତ ହୋଇ ସାରିଥିଲା, ହେଲେ ଆନ୍ଦୋଳନା ନାଁରେ ଯେତେ ସବୁ ଜିନିଷ ଦେଖିବାକୁ ମିଳିଲା ତାହା ସମଗ୍ର ଜନସମାଜକୁ ଦୋହଲାଇ ଦେଲା । ଆମ ଦେଶର ଯୁବପୀଢ଼ି ଯେ ଆଉ ପୂର୍ବଭଳି ନାହିଁ, ଏହା ସମଗ୍ର ବିଶ୍ୱ ଦେଖିଲା । ବଡ଼ବାବୁ ଏହି କଥା ଗୁଣୁଗୁଣୁ ହୋଇ କହି କହି ନିଜ କୋଠରୀକୁ ଚାଲିଗଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅସ୍ତିତ୍ୱ

ନିବେଦିତା ରଥ



ସକାଳ ଦଶଟା ସମୟ, ଦିନର ଆରମ୍ଭ ପ୍ରାୟ, କୋର୍ଟ ପରିସର ଧିରେ ଧିରେ ଚଳ ଚଞ୍ଚଳ ହେବାକୁ ଲାଗିଛି । କିଛି ଓକିଲ ନିଜ ନିଜ ଆସନ ଗ୍ରହଣ କରିସାରିଲେଣି, ସିରସ୍ତାର ମୋହରିମାନେ ସେଦିନ ତାରିଖର ଆବଶ୍ୟକୀୟ କାଗଜପତ୍ର ଯୋଗାଡ଼ କରି ଲେଖାଲେଖିରେ ବ୍ୟସ୍ତ ହୋଇଗଲେଣି । ଦୂର ଦୁରାନ୍ତରୁ ଆସିଥିବା ମହକିଲମାନେ ଭାରାକ୍ରାନ୍ତ ଦେହ ଆଉ ମନକୁ ନେଇ ଆଶା ଆଶଙ୍କା ଭିତରେ ନିଜକୁ ପ୍ରସ୍ତୁତ କରିଲେଣି । କିଛି ଜାମିନଦାର କୋର୍ଟ ବାରଣ୍ଡାରେ ଭିଡ ଜମେଇ ସାରିଲେଣି, କାଳେ କାହାକୁ ଜାମିନରେ ନେବାପାଇଁ ଡାକରା ଆସିଯିବକି ଏଇ ଆଶାରେ ଆଖି ବୁଲାଉଥାନ୍ତି । ଏମିତି ଗୋଟିଏ ଗମ୍ଭୀର ପରିବେଶ ଭିତରେ ବୟସ୍କା ମହିଳା ଜଣକ 'ପରିବାର ଅଦାଲତ'ର ବାରଣ୍ଡାରେ ଥିବା ବେଞ୍ଚକୁ ଆଉଜି ବସିଥାନ୍ତି । ବୟସ ପ୍ରାୟ ସତୁରୀ ଛୁଇଁବଣି, ସାଦା ଲୁଗା ଖଣ୍ଡିଏ, ଆଖିରେ ମୋଟା କାଚ ଥିବା ଚଷମା, ପକ୍ୱ କେଶ, ମଥାରେ ବଡ ସିନ୍ଦୁର ଟୋପା ଭିତରେ ଦିଶୁଥାନ୍ତି ଦିପ୍ତିମନ୍ତ । ମୁଁ ତରତରରେ କୋର୍ଟ ରୁମ ଭିତରକୁ ପ୍ରବେଶ କଲାବେଳକୁ ମୋର ଦୃଷ୍ଟି ପଡିଲା ମହିଳା ଜଣକ ଉପରେ, ସିଏ ଅନ୍ୟମନସ୍କ ଭାବରେ ଚାରିଆଡେ ଚାହୁଁଥିଲେ, ତାଙ୍କ ସହ ଆଉ କେହି ମଧ୍ୟ ନଥିଲେ । ସିଏ ଏକୁଟିଆ ବସିଥିବାର ଦେଖି ମୁଁ ହଠାତ ଅଟକି ଗଲି, ତାଙ୍କୁ ପଚାରିଲି ମାଉସୀ ଆପଣଙ୍କର କିଛି ଅସୁବିଧା ହୋଇଛିକି କେଉଁ କେଶ ପାଇଁ ଆସିଛନ୍ତି, ସିଏ କହିଲେ ଭରଣ ପୋଷଣ କେଶ ଚାଲିଛି । ମୁଁ ସଙ୍ଗେ ସଙ୍ଗେ ପଚାରିଲି କାହାର ଆପଣଙ୍କ ପୁଅ ନା ଝିଅର, ସିଏ ମୋ ମୁହଁକୁ ଚାହିଁ ଟିକିଏ ଚୁପ ରହିଲେ ଅନ୍ୟ ମନସ୍କ ହୋଇ ପୁଣି ମୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁହଁକୁ ଚାହିଁ କହିଲେ ନାଁ ମୋର । ମୁଁ ଏ କଥା ଶୁଣି ସ୍ତବ୍ଧ ହୋଇଗଲି । ବୟସ୍କା ମହିଳାଜଣଙ୍କୁ ମୁଁ ପୁଣି ପଚାରିଲି ମାସକୁ କେତେ ଭରଣ ପୋଷଣ ପାଉଛନ୍ତି, ସିଏ କହିଲେ ହଜାରେ ଟଙ୍କା । ମୁଁ ପୁଣି ଆଶ୍ଚର୍ଯ୍ୟଚକିତ ନୟନରେ ତାଙ୍କୁ ଚାହିଁ ରହିଲି । ମୋର ଉତ୍ସୁକତା ଦେଖି ସିଏ କହିଲେ ମୁଁ ଆଜିକୁ ପ୍ରାୟ ପଚିଶ ବର୍ଷ ହେଲା ସ୍ୱାମୀଙ୍କ ଠାରୁ ଅଲଗା ରହୁଛି, ସିଏ ଦ୍ୱିତୀୟ ବିବାହ କରିସାରିଛନ୍ତି । ସେତେବେଳେ ମୋତେ ମାସକୁ ପାଞ୍ଚସହ ଟଙ୍କା ଦେଉଥିଲେ ଏବେ ସେହି ଟଙ୍କା ବଢି ବଢି ହଜାରେ ଟଙ୍କାରେ ପହଞ୍ଚିଛି । ମୁଁ ତାଙ୍କ ମୁହଁରୁ ଏ ସବୁ କଥା ଶୁଣି ବ୍ୟସ୍ତ ହୋଇପଡୁଥିଲି । ମାଉସୀଙ୍କ ପାଖ ସିଟରେ ବସି ମୁଁ ଉପଦେଶ ଦେବା ଭଙ୍ଗୀରେ କହିଲି ଆପଣ ତ ଚାହିଁଲେ ଅନ୍ୟ କୌଣସି ଉପାୟରେ ଉପାର୍ଜନକ୍ଷମ ହୋଇପାରିବେ, ଏତିକି ଟଙ୍କା ଠାରୁ ଢେର ଅଧିକ ଉପାର୍ଜନ କରି ପାରିବେ କିନ୍ତୁ କାହିଁକି ଏତେ ସ୍ୱଳ୍ପ ଟଙ୍କା ପାଇଁ ଆପଣ କୋର୍ଟ ଦୌଡୁଛନ୍ତି । ମୋ କଥା ଶୁଣି ମାଉସୀ ଜଣକ ଗମ୍ଭୀର ଜଣାପଡୁଥିଲେ, ଦୂର ଦିଗବଳୟକୁ ଚାହିଁ ରହି କଣ ସବୁ ଭାବୁଥିଲେ । ଉଦିତ ସୂର୍ଯ୍ୟର ଲାଲିମାରେ ବିଚ୍ଛୁରିତ ଆକାଶ କେତେ ସୁନ୍ଦର ନ ଲାଗେ ସତରେ କିନ୍ତୁ ସିଏ କଣ ସାରା ଦିନ ସେଇ ରଙ୍ଗ ନେଇ ରୁହେ, ତା ଭିତରେ କେତେ ରଙ୍ଗ ବଦଳି ଯାଇଥାଏ, ଟାଣ ଖରାରେ ଦେହ ଜଳି ଉଠେ, ପୁଣି କେବେ ସୂର୍ଯ୍ୟଙ୍କୁ ପିଠି କରି ରାସ୍ତା ଚାଲିବାକୁ ହୁଏ ତ କେବେ ପୁଣି ଅପରାହ୍ନର ସୂର୍ଯ୍ୟ ମୁରୁକିହସା ଦେଇ ପଚାରୁଥାନ୍ତି ଜୀବନରେ ପାଇଲୁ କଣ, ହରେଇଲୁ କେତେ ଆଉ ସେ ପ୍ରାପ୍ତିରେ ଖୁସି ନ ଥାଏ କି ଅପ୍ରାପ୍ତିରେ ଦୁଃଖ ନ ଥାଏ । ତର୍ଜମା କରୁ ନଥାଏ ଜୀବନକୁ । କେବଳ ଭାବନାସବୁ ବୁଢିଆଣୀ ଜାଲ ପରି ଛନ୍ଦି ହୋଇ ପଡୁଥାଏ ।

ମାଉସୀଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇପଡୁଥିଲା, ଆଖି କୋଣରୁ ଲୁହ ଜକେଇ ଆସୁଥିଲା, ସିଏ ଯଥା ସମ୍ଭବ ନିଜକୁ ଦୃଢ଼ ରଖିବାକୁ ଚେଷ୍ଟା କରୁଥିଲେ । ନିଜକୁ ପୁଣି ପ୍ରସ୍ତୁତ କରୁଥିଲେ କିଛି କହିବା ପାଇଁ, ମୁଁ ପ୍ରଶ୍ନିଳ ଆଖିରେ ଚାହିଁ ରହିଥିଲି ମାଉସୀଙ୍କୁ....

Listen to Odia Podcast Original at https://youtube.com/@drjyotiprasad

ମୋର ଅନ୍ୟ ଜଣେ ମହକିଲଙ୍କ ଡାକରେ ମୁଁ ଚାଲି ଯାଇଥିଲି ମୋର କୋର୍ଟ କାମରେ । ବ୍ୟସ୍ତବହୁଳ ଦିନଚର୍ଯ୍ୟା ଭିତରେ ମୁଁ ମାଉସୀଙ୍କୁ ମୋର ସମୟ ଦେଇ ପାରିନଥିଲି ସେଥିପାଇଁ ଦୁଃଖ ଲାଗୁଥିଲା କିନ୍ତୁ ଉତ୍ସୁକତା ପୂର୍ବ ପରି ଥିଲା । ଗୋଟିଏ ନାରୀ ଜୀବନକୁ ପଢିବା ଏତେ ସହଜ କଥା ନୁହେଁ, ସିଏ ପାହାଡ଼ ପରି ସ୍ଥିର, ନିଶ୍ଚଳ, ମଜବୁତ ଅଥଚ ତା ଜୀବନର ରାସ୍ତା କେତେ କଣ୍ଟକିତ, ବନ୍ଧୁର, ପ୍ରତି ପଦ ପାତରେ କ୍ଷତାକ୍ତ ହେବାର ଭୟ ତଥାପି ସିଏ ଚାଲିଥାଏ ସେହି ପଥରେ ସାରା ଜୀବନ ତା ଦୁଃଖ, ଯନ୍ତ୍ରଣା, ଲୁହ ଲହୁକୁ ସାଥିରେ ନେଇ ।

ମୁଁ ନିଜକୁ ଧିକ୍କାର କରୁଥିଲି କିଛି ସାହାଯ୍ୟ ନ କରି ପାରିବାର ଗ୍ଲାନିରେ । ପୁଣି ମୋର ମାଉସୀଙ୍କ ସହ କେବେ ଦେଖା ହେବ କି ନାହିଁ ଜାଣେନା କିନ୍ତୁ ଯଦି କେବେ ଦେଖା ହୁଏ, ସେଦିନ ସବୁ ସମୟ ତାଙ୍କ ପାଇଁ ରଖିବି, ତାଙ୍କ ଜୀବନକୁ ପଢ଼ିବି ତା ଭିତରେ ଲୁଚିଥିବା ଯନ୍ତ୍ରଣାର ଚିରସ୍ରୋତା ନଦୀକୁ ଆବିଷ୍କାର କରିବି । ପଚିଶ ବର୍ଷ ଜୀବନର ଏକାକୀତ୍ୱ, ଯୌବନର ସୁନେଲି ସ୍ୱପ୍ନ ଭାଙ୍ଗିଯିବାର ନିରାଶାବାଦ ପୁଣି ବୟସର ଅପରାହ୍ନର ଦୃଢ଼ତା ଦେଖିଲେ ଲାଗେ ସତରେ ନାରୀଟିଏ କଣ କେବଳ ରକ୍ତ ମାଂସାରେ ଗଢା ଶରୀର ନା ଦେବୀ ଅଂଶ ନେଇ ଜନ୍ମ ନେଇଥାନ୍ତି । ଏତେ ସହନଶୀଳତା ଆସେ କେଉଁଠୁ, କେମିତି ଜୀବନର ଶୁନ୍ୟତା ଭିତରେ ପୂର୍ଣ୍ଣତାକୁ ଦେଖିପାରନ୍ତି, ପାଖରୁ ନ ଦେଖିଲେ କେହି ବୁଝିପାରିବେନି ।

ଚାହୁଁ ଚାହୁଁ କଟିଗଲା କିଛି ମାସ, ମାଉସୀ ସହ ମୋର କେବେ ଆଉ ସାକ୍ଷାତ ହୋଇନି ହୁଏତ ସିଏ କେବେ ଆସୁଥିବେ କିନ୍ତୁ ମୋ ସହ ଦେଖା ହୋଇ ପାରୁ ନ ଥିବ କିମ୍ବା ଅନ୍ୟ କିଛି କାରଣ ହୁଏତ ଥାଇ ପାରେ । ଆମ ପାଇଁ ତ ଏ ସବୁ ନିତିଦିନିଆ ଘଟଣା ତଥାପି ଏମିତି କିଛି ଘଟଣା ଥାଏ ଯାହା ମନକୁ ବିଚଳିତ କରିଦିଏ, ମନଟା ଗୋଳେଇ ଘାଣ୍ଟି ହୁଏ । କାର୍ଯ୍ୟବ୍ୟସ୍ତତା ଭିତରେ ଦିନଟିଏ ସରିଯାଏ ପୁଣି ଗୋଟିଏ ନୂଆ ସକାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ପରିବାର, ନୂଆ କାହାଣୀ, କାହାର ଅନ୍ତ ଦୁଃଖଦ ତ କାହାର ଅନିଶ୍ଚିତ ଭବିଷ୍ୟତ ପୁଣି ତାସର ଘର ପରି କାହାର ସୁନେଲି ସଂସାର ଭାଙ୍ଗିଯିବାର କରୁଣ ବିଳାପ ଆନ୍ଦୋଳିତ କରେ ପୁନଶ୍ଚ କାହାର ସଂସାର ଯୋଡି ହୋଇଗଲେ ସୁଖଦ ନାଟକର ଶେଷ ଦୃଶ୍ୟ ପରି ଖୁସିରେ ମନ ପୁରି ଉଠେ, ଏମିତି ଚାଲେ ସକାଳ ଆଉ ସଞ୍ଜ, ଜୀବନ ଆଉ ଜୀବିକାର ସଂଘର୍ଷ ।

ସେଦିନ କୋର୍ଟ ପାହାଚରୁ ତରତରରେ ତଳକୁ ଓଲ୍ଲାହିଗଲା ବେଳକୁ ହଠାତ ଦୃଷ୍ଟି ପଡିଗଲା ମାଉସୀ ଉପରେ । ସିଏ ସିଡ଼ିର କାନ୍ଥକୁ ଧରି ଧିରେ ଧିରେ ଉଠୁଥାନ୍ତି, ମୁଁ ତାଙ୍କୁ ଦେଖି ପଚାରିଲି ମାଉସୀ ଆଜି କଣ ତାରିଖ ଅଛି କି ? ସିଏ ମୋ ମୁହଁକୁ ଚାହିଁ ଚିହ୍ନିବାର ପ୍ରୟାସ କରୁକରୁ ମୁଣ୍ଡ ହଲାଇ ହଁ କହିଲେ ଆଉ ଦୀର୍ଘ ସମୟର ପ୍ରତୀକ୍ଷା ପରେ ତାଙ୍କ ସ୍ୱାମୀ ନ ଆସିଥିବା ଯୋଗୁଁ ସିଏ ଏପଟ ସେପଟ ହେଉଛନ୍ତି ବୋଲି କହିଲେ । ମଉସା ଆସିବା ପରେ ସିଏ ଭରଣ ପୋଷଣ ଟଙ୍କା ନେଇ ଘରକୁ ଯିବେ । ମୁଁ ସେଇ ମଉକାରେ ତାଙ୍କ ଠାରୁ ସବୁକଥା ଶୁଣିବାକୁ ଚାହିଁଲି ସିଏ ମଧ୍ୟ ପରିଚିତ ମଣିଷଟିଏ ପରି ତାଙ୍କ ଜୀବନର କାହାଣୀକୁ କହି ଚାଲିଥିଲେ ଗୋଟି ଗୋଟି କରି ।

ଆଜିକୁ ଦୀର୍ଘ ପଚିଶ ବର୍ଷ ତଳେ ତାଙ୍କର ମଉସାଙ୍କ ସହ ବିବାହ ହୋଇଥିଲା । ଗାଁ ପାଖାପାଖି ଦୁଇଜଣଙ୍କ ଘର ତେଣୁ ଦୁଇ ପରିବାର ପରସ୍ପରକୁ ଜାଣିବାରେ କୌଣସି ଅସୁବିଧା ନ ଥିଲା । ବିବାହର ଦିନ ଗୁଡିକ ପ୍ରଥମେ ପ୍ରଥମେ ବହୁତ ଖୁସିରେ କଟିବାକୁ ଲାଗିଲା କିନ୍ତୁ ପାଞ୍ଚ ବର୍ଷ ବିତିଗଲା ପରେ ମଧ୍ୟ ମୁଁ ମାତୃତ୍ୱ ଲାଭ କରି ପାରି ନ ଥିଲି ସେଥିପାଇଁ ପରିବାରଠୁ ଆରମ୍ଭ କରି ଗାଁ ଲୋକ, ସାହି ପଡିଶା ସମସ୍ତେ ନାନା କଥା କହୁଥିଲେ କିନ୍ତୁ ମୁଁ ବୁଝିପାରୁ ନ ଥିଲି ସମସ୍ୟା କେଉଁଠି । ମଫସଲ ଗାଁରେ ଡାକ୍ତରୀ ସୁବିଧା ପ୍ରାୟତ୍ନ ନଥିଲା ତେଣୁ ଚିକିତ୍ସା କରାଇବା ଔଷଧ ଖାଇବା କିମ୍ବା କାହା ପରାମର୍ଶ ନେବା ଥିଲା ସ୍ୱପ୍ନ । ତାରି ଭିତରେ ଜୀବନ ଦୁର୍ବିସହ ହେବାକୁ ଲାଗିଲା । ମୋ ସ୍ୱାମୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏପରି ସ୍ଥିତିରେ ଖାପ ଖୁଆଇ ରହି ପାରିଲେନି । ଦିନେ ସକାଳ ପାହିବା ବେଳକୁ ଘରେ ନ ଜଣାଇ କେଉଁଆଡେ ଚାଲିଗଲେ । ମୋର ପାଦତଳୁ ମାଟି ଖସିଗଲା, ମୁଣ୍ଡ ଉପରେ ଆକାଶ ଛିଣ୍ଡି ପଡିଲା ଯେମିତି, ମୁଁ ସଂଜ୍ଞାହୀନ ହୋଇ ତଳେ ପଡିଗଲି । ପୁଣି ନିଜକୁ ସମ୍ଭାଳି, ମନକୁ ବୁଝେଇ ତାଙ୍କର ଆସିବା ବାଟକୁ ନିତି ଚାହିଁ ରହୁଥିଲି, କେତେ ଦିଅଁ, ଦେବତାଙ୍କୁ ଡାକୁଥିଲି, ଭରଷା ଥିଲା ମୋ ସ୍ୱାମୀ ନିଶ୍ଚୟ ଦିନେ ଫେରି ଆସିବେ କିନ୍ତୁ ଭାଗ୍ୟର ବିଡମ୍ବନା ଦିନେ ତାଙ୍କର ପୋଷ୍ଟ କାର୍ଡ ଚିଠି ଆସି ପହଁଚିଲା, ସିଏ ଦ୍ୱିତୀୟ ବିବାହ କରି ସାରିଛନ୍ତି ଏବଂ ଗାଁକୁ ଆଉ କେବେ ଆସିବେ ନାହିଁ ବୋଲି ରୋକଠୋକ ଜଣାଇଦେଲେ । ଏହା ଶୁଣି ମୋତେ ଚତୁଃର୍ଦିଗ ଅନ୍ଧକାର ଦେଖାଗଲା । କିଂକର୍ତ୍ତବ୍ୟ ବିମୁଢ଼ ହୋଇ ମୁଁ ଇତଃସ୍ତତ ହୋଇ ଘୁରିବାକୁ ଲାଗିଲି । ପାଖରେ ଥିବା ସଞ୍ଚିତ ଧନ ସବୁ ଶେଷ ହୋଇ ଯାଇଥିଲା । ସମୟର କ୍ରୁର ପରିହାସକୁ ମୁଁ ସହ୍ୟ କରି ପାରୁ ନଥିଲି । ନାରୀ ଜୀବନର ଗଭୀର ବାସ୍ତବତାକୁ ସାମ୍ନା କରୁଥିଲି, ଭାବୁଥିଲି ପ୍ରତି ପଦପାତରେ କଣ ନାରୀଟିକୁ କେବଳ ଅଗ୍ନି ପରୀକ୍ଷା ଦେବାକୁ ପଡିବ, ନିଜକୁ ଠିକ ବୋଲି ସାବ୍ୟସ୍ତ କରିବାକୁ ହେବ, ସାକ୍ଷୀ, ପ୍ରମାଣ ଦେବାକୁ ହେବ । କାଠଗଡାରେ ଠିଆ ହୋଇଥିବା ଆସାମୀଠାରୁ ବି ଅଧିକ ତାର ଅପରାଧ, କାରଣ ସିଏ ନାରୀ ! ଏମିତି ଅନେକ କଥା ମନ ମସ୍ତିଷ୍କକୁ ଆନ୍ଦୋଳିତ କରୁଥିଲା, ମୁଁ ଉର୍ଦ୍ଧମୁଖୀ ହୋଇ ଦୂର ଆକାଶକୁ ଚାହିଁ ରହିଥିଲି । ସେଠାରେ ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ନକ୍ଷତ୍ର କି ତେତିଶ କୋଟୀ ଦେବଦେବୀ କେହି ଦେଖାଯାଉ ନ ଥିଲେ କେବଳ ଥିଲା ଶୁନ୍ୟତା, ହତାଶା, ଅପ୍ରାପ୍ତିର ଅଟ୍ଟହାସ୍ୟ ।

ମାଉସୀଙ୍କ କଥା ସରି ନଥିଲା ଇତି ମଧ୍ୟରେ ତାଙ୍କ ସ୍ୱାମୀ ଆସି ପହଞ୍ଚି ଯାଇଥିଲେ । ମାଉସୀ ତରତରରେ କୋର୍ଟ ରୁମକୁ ପଶି ଯାଉ ଯାଉ କହିଲେ ଜାଣିବାକୁ ଚାହୁଁଛ ମୁଁ ଏତେ କମ ଟଙ୍କା ଭରଣ ପୋଷଣ ନେବାକୁ କାହିଁକି ଆସୁଛି, ତେବେ ଶୁଣ... ମୁଁ ସାବ୍ୟସ୍ତ କରିବାକୁ ଚାହେଁ ମୋର ଅଧିକାରକୁ, ମୁଁ ନାରୀ, ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ଜନ୍ମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନ୍ମାନ୍ତର ପାଇଁ ସମ୍ପର୍କରେ ବନ୍ଧା । ନାରୀ ଗୋଟିଏ ବସ୍ତୁ ନୁହେଁ ଯେ, ତାକୁ କେହି କୌଣସି ମୁହୂର୍ତ୍ତରେ ଅଦରକାରୀ, ଅଲୋଡ଼ା ଭାବି ଅଳିଆ ଗଦାକୁ ଫିଙ୍ଗିଦେବ, ତାହା ମୁଁ କଦାପି କରିବାପାଇଁ ଦେବିନି । ଏଭଳି ନିଷ୍ପତି ନେବା ପୂର୍ବରୁ ଜଣେ ପୁରୁଷକୁ ଶହେ ଥର ଭାବିବାକୁ ପଡିବ, ନାରୀର ମୂଲ୍ୟବୋଧକୁ, ତାର ଅସ୍ତିତ୍ୱକୁ । ସମ୍ପର୍କର ଏହି ସୂକ୍ଷ୍ମ ସୂତାଖିଅଟି ସ୍ୱାମୀ, ସ୍ତ୍ରୀର ସମ୍ପର୍କକୁ ମନେ ପକାଇ ଦେଉଥିବ ପ୍ରତି ମୁହୂର୍ତ୍ତରେ..

ଭରଣ ପୋଷଣ ସ୍ୱଳ୍ପ ହେଉ ପଛେ କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତି ମୋ ନାରୀତ୍ୱର ବିଜୟର ଟୀକ । ମାଉସୀଙ୍କ ମୁଣ୍ଡରେ ସିନ୍ଦୁର ଟୋପାଟି ଜଳୁଥିଲା ଦାଉ ଦାଉ ହୋଇ, ଖସି ଯାଇଥିବା ଓଢଣୀକୁ ସଜାଡି ସିଏ ଚାଲି ଯାଉଥିଲେ ସଗର୍ବରେ ନିଜ ଅସ୍ତିତ୍ୱକୁ ପ୍ରତିପାଦନ କରି । ମୁଁ ଆଶ୍ଚର୍ଯ୍ୟ ଚକିତ ନୟନରେ ଚାହିଁ ରହିଥିଲି ଜଣେ ସାଧାରଣ ନାରୀଙ୍କୁ ନୁହେଁ ଜଣେ ଦେବୀଙ୍କୁ, ଧିରେ ଧିରେ ବୁଝିବାକୁ ଚେଷ୍ଟା କରୁଥିଲି ଜୀବନ ଦର୍ଶନର ଗଭୀର ତତ୍ତ୍ୱକୁ... ।

"ସୃଜନିକା "
ଷ୍ଟେସନ ରୋଡ
ଢେଙ୍କାନାଳ - ୧୩
ଭ୍ରାମ୍ୟଭାଷ : ୭୩୭୦୩୬୮୩୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସର୍ତ୍ତରେ ମହାପ୍ରଭୁ

ଦେବାଶିଷ ମାଇତି



ସେଦିନ ଅଫିସର କାମ ଚାଲିଥାଏ ।

ହେମନ୍ତ ବାବୁ: ଆରେ ଦେବ୍ ବାବୁ କାଲି ମୁଁ ଛୁଟିରେ ରହିବି । ତମେ ଟଙ୍କା ଦାୟିତ୍ୱ ସମ୍ଭାଳିବ ।

କାହିଁକି ହୋ ହେମନ୍ତ ବାବୁ କୁଆଡେ.. ?

ଉତ୍ତର ଆସେ, ଏଇ ପରିବାରକୁ ନେଇ ଟିକେ ପୁରୀ ଯିବି ପରା ।

ଦେବ୍ ବାବୁ.. ! କଣ ହଟାତ୍ ମହାପ୍ରଭୁ ଡାକିଦେଲେ କି.. ?

- ହଁ ବହୁତ୍ ଦିନ ହେଲା ଯାଇ ନାହିଁ, ବାପା ବି କହିଲେଣି ବହୁତ୍ ଦିନ ଆଗରୁ ...। ହଉ ଯାଇକି ମହାପ୍ରଭୁଙ୍କୁ ମୋ କଥା ଟିକେ ଜଣାଏ ତ ଯେ ମୋ ପାଳି କେବେ ପଡିବ..। ହଉ ଠିକ୍ ଅଛି.., ହେମନ୍ତ ବାବୁ ବାହାରି ପଡ଼ିଲେ ପରିବାର ଧରି, ବାପାଙ୍କ ସ୍ୱାସ୍ଥ୍ୟ ଭଲ ନ ଥାଏ, ତଥାପି ଆଗକୁ ପାଦ ବଢ଼ିଲା, ଭୋର୍ ୪ରେ ଘରୁ ବାହାରି ପୁରୀରେ ଦିନ ୯ ରେ ପହଞ୍ଚିଗଲେ । ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଛି ଏବଂ ଗୁଣ୍ଡିଚା ରାସ୍ତା ପର୍ଯ୍ୟନ୍ତ ଆଉ ଫାଙ୍କା ନାହିଁ । ମନରେ ଅନେକ ପ୍ରଶ୍ନ ସତରେ କଣ ମହାପ୍ରଭୁ ଦର୍ଶନ ମିଳିବ ? ଏତେ ଭିଡ଼ ଜମିଛି । ୫-୭ ହଜାର ଲୋକଙ୍କ ପରେ ଛିଡ଼ା ହେବାକୁ ପଡ଼ିବ । ହେମନ୍ତ ବାବୁ ଭାବିଲେ, ବାପା ମା'ଙ୍କୁ ଏଇ ଖରାରେ କେମିତି ? ତଥାପି ମନରେ ଯେହେତୁ ବାପା ମା ବହୁତ୍ ଦିନ ପରେ ଆସିଛନ୍ତି ସେ ଯେମିତି ହେଲେ ଦେଖିବେ । ହେମନ୍ତ ବାବୁ ଧାଡ଼ିରେ ପରିବାର ଲୋକଙ୍କୁ ଛିଡ଼ା କରେଇ, ଟିକେ ଆଗକୁ ଚାଲିଗଲେ ଦେଖିବାକୁ କିନ୍ତୁ ଦୁର୍ଭାଗ୍ୟବଶତଃ ଠେଲା ପେଲାରେ ନିଜେ ମନ୍ଦିର ବେଢାକୁ ପଶିଗଲେ, ମୁଣ୍ଡରେ ବହୁତ୍ ଚିନ୍ତା ଯେ ବାପା ମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧାଡ଼ିରେ ଛିଡ଼ା ହୋଇଛନ୍ତି । ପୁଣି ସୂର୍ଯ୍ୟକିରଣ ଏତେ ପ୍ରଖର ଥିଲା ସତେ ଯେପରି ଆଷାଢ଼ରେ ଗ୍ରୀଷ୍ମର ପ୍ରକୋପ । ଚିନ୍ତାରେ ପଡ଼ିଗଲେ ହେମନ୍ତ ବାବୁ । ମନରେ ଗୋଟେ କଥା ଆସିଲା, ଯଦି ମହାପ୍ରଭୁଙ୍କ ଇଚ୍ଛା ଏପରି ତାହେଲେ ତାଙ୍କ ଆଜ୍ଞା ହିଁ ହେଉ । ଭଗବାନଙ୍କୁ ଏତିକି କହିଲେ ପ୍ରଭୁ ମୋ ବାପା ମା ତୁମକୁ ଲାଗିଲେ । ହେମନ୍ତ ବାବୁ ପାଦ ଆଗକୁ ପକାଇଲେ ସାଙ୍ଗରେ ଆଉ ଜଣେ ସାଥୀଥିଲେ ବିଶ୍ୱଜିତ୍ । ସେ ଏତିକି କହିଲେ ହେମନ୍ତ ଭାଇ ତମେ ଯାଅ ମୁଁ ଦେଖୁଛି । ଏତିକି ବେଳେ ହେମନ୍ତ ବାବୁଙ୍କ ବଡ଼ ଭାଇ ଦୁଇଜଣ ସେ ମଧ୍ୟ ଧାଡ଼ି ଦେଖୁ ଥାଆନ୍ତି ବାପା ମା'ଙ୍କୁ କୌଣସି ଗୋଟେ ପୋଲିସ ଅଧିକାରୀ ସହ କଥା କହି ପଶେଇ ଦେବେ ମନ୍ଦିର ଭିତରକୁ । ଏତିକି ବେଳେ ହେମନ୍ତ ବାବୁ ଭିତରକୁ ପଳେଇ ଯାଇଥାନ୍ତି, ମନରେ ଭଗବାନଙ୍କୁ ଗାଳି ବି ଦିଅନ୍ତି । ଯଦି ପ୍ରଭୁ ମୋ ବାପା ମା ଆଜି ଭିଡ଼ରେ ନ ଦେଖି ପାରନ୍ତି ତାହେଲେ ତୁମ ମାଟିରେ ଆଉ ପାଦ ଦେବିନି । ହେମନ୍ତ ବାବୁ ନିଜେ କିନ୍ତୁ ଏ ପର୍ଯ୍ୟନ୍ତ ଦର୍ଶନ କରିନାହାନ୍ତି ଏପଟେ ସର୍ତ୍ତ.. ! ପ୍ରଭୁଙ୍କ ଲୀଳା ବିଚିତ୍ର ଥିଲା ବୋଧେ ! ମହାପ୍ରଭୁ ବୋଧେ ବିବେକ ଜ୍ଞାନରେ ବସି ପଡିଲେ ଆଉ ହସିଲେ, ପାଗଳ ଟା ! ତୋ କର୍ମ ତୋର ରେ, ବୋଧେ ତୁ ଆଉ ଆସି ପାରିବୁନି ସେଥିଲାଗି ଆଗ ଦେଖିଯା, ହେମନ୍ତ ବାବୁ ଆଖି ବନ୍ଦ କରି ଆଗକୁ ବଢ଼ି ଯାଇଥିଲେ । ଜୟ ଜଗନ୍ନାଥ ଧ୍ୱନୀରେ କମ୍ପମାନ ହୋଇ ଉଠିଥିଲା, ଆଖି ଖୋଲିଦେଲେ, ବଡ଼ଠାକୁର ଶ୍ରୀବଳଭଦ୍ର ସହ ସୁଭଦ୍ରା ଦର୍ଶନ ଜଲଦି ହେଇଗଲା । କିନ୍ତୁ କଳା ଠାକୁରଙ୍କ ସେଇ ଚକାଆଖି ଆଢୁଆଳରେ ଲୁଚିଗଲା । ହେମନ୍ତବାବୁ ହାତ ଉପରକୁ ଟେକି ହେ ମହାପ୍ରଭୁ, ତୁମେ ହିଁ ସାହା ମୋ ବାପା ମା ତୁମ ଦର୍ଶନ ପାଇଁ ତୁମକୁ ଲାଗିଲା । ଏତିକି ବେଳେ ଚକାଆଖି ସତେ ଯେପରି ହେମନ୍ତ ବାବୁଙ୍କ ସାମ୍ନାକୁ ଆସି ହସିଦେଲେ । ପୁରା ଦର୍ଶନ ସହ ହେମନ୍ତ ବାବୁ ଦୁଇ ଟୋପାଲୁହରେ କହିଲେ ପ୍ରଭୁ ତୁମେ କେତେ ଖେଳିପାର । ହେଲେ ମୋତେ ଟିକେ ସାହସ ଏବଂ ଶକ୍ତି ଦିଅ ଏ ମିଛ ଦୁନିଆରେ ଲଢ଼ିବାକୁ । ଅଭିଯୋଗ ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁତ୍ ଅଛି, କିନ୍ତୁ ମୁଁ ତୁମକୁ ଦେଖି ଭୁଲିଗଲି କିଛି ମନେ ନାହିଁ । ତୁମେ ପରା କାଳିଆ ସାଆନ୍ତ ତୁମେ ନିଜେ ବୁଝିଯିବ, ମୁଁ ଆସିଲି ।

ଏତିକି କହି ହେମନ୍ତ ବାବୁ ବାହାରକୁ ଯାଇ ବାପା ମା'ଙ୍କୁ ଖୋଜିବାକୁ ଲାଗିଲେ । ଆଉ ଜାଣିବାକୁ ଲାଗିଲେ ଯେ ବାପାଙ୍କୁ ତାଙ୍କ ବଡ଼ ଭାଇ ଦର୍ଶନ ପାଇଁ ବିଶ୍ୱଜିତ୍ ସାଥେ ପଠେଇ ଦେଇଛନ୍ତି । ନିଜେ ମାଙ୍କୁ ଧରି ଯିବାକୁ ବାହାରିଲେଣି । ସେ ହତବାକ୍ ହୋଇ ଯାଇଥିଲେ କେମିତି ବାପା ଗଲେ ୫୦୦୦ ଲୋକ ଧାଡ଼ି ପଛରେ ଥିଲେ ? ଭାଇ କେମିତି ପଶେଇଦେଲି ? ବୋଧେ ଭାଇଙ୍କ ନାମ କାଳିଆ ନା । ମହାପ୍ରଭୁ ତାଙ୍କ କଥା ଆଗ କାହିଁକି ନ ମାନିବେ ! ଶେଷରେ ସମସ୍ତେ ଠାକୁର ଦର୍ଶନ ସାରି ଫେରିଲେ.. ଆଉ କହି ଆସିଲେ.. ପ୍ରଭୁ ଭାବି ନ ଥିଲୁ ଏଠି ଦର୍ଶନ ପାଇବୁ ପୁଣି ତୁମର ଯେ ମାଉସି ବାଡ଼ି ଯିବା ରାସ୍ତା ପୁରା ବନ୍ଦ୍ ତଥାପି ତୁମ ପାଇଁ ସବୁ ତୋ ସର୍ତ୍ତ ରଖିବି କାହା ପାଇଁ.... ! ଯାହା ତୁମ ଲୀଳା ଆମ ପାଇଁ ଭାବାତ୍ମକ..।

ବୋଧେ ମହାପ୍ରଭୁ ମୋ ବଡ଼ ଭାଇ ଏବଂ ବିଶ୍ୱଜିତ୍ ସାଥିରେ ନ ଥିଲେ ଆଜି ବାପା ମା ଦର୍ଶନ କରିପାରିଥାନ୍ତେ କି ନ ଥାନ୍ତେ ତୁମ ଲୀଳା ହିଁ ଜାଣିଥିଲା..।

ଏମିତି ଥିଲା ସେ ହେମନ୍ତ ବାବୁଙ୍କ ରଥ ପରେ ଶ୍ରୀକ୍ଷେତ୍ର ଯାତ୍ରା.. ଆଉ ସର୍ତ୍ତଯୁକ୍ତ ପୁଣି ମହାପ୍ରଭୁ ଙ୍କ ସହ ଜଡିତ ଯୁକ୍ତି ତର୍କ...।

ଇରମ୍ ବାସୁଦେବପୁର ଭଦ୍ରଖ
୭୫୬୧୨୫
ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶାଶୁଙ୍କ ସର୍ତ୍ତ

ନିତ୍ୟ ରଞ୍ଜନ ନନ୍ଦ



"ବୋହୂ... ଏ ଘରର ଚାବି ମୁଁ ତୁମକୁ ସେତେବେଳେ ହିଁ ଦେବି, ଯେତେବେଳେ ତୁମେ ମୋର ଗୋଟିଏ ସର୍ତ୍ତ ମାନିବ ।"

ନୂଆ-ବିବାହିତା ବୋହୂ କାବ୍ୟା ଚମକି ପଡ଼ି ତାଙ୍କ ଶାଶୂ କମଳା ଦେବୀଙ୍କ ଆଡକୁ ଅନାଇଲା ।

ସେ ଭାବିଲା, "ପହଞ୍ଚିଲା ବେଳକୁ ମା' ହୁଏତ ଘରର ନିୟମ ଗୁଡ଼ିକ କହିବେ... ସକାଳ ଚାରିଟାରେ ଉଠିବାକୁ ପଡ଼ିବ, ମୁଣ୍ଡରେ ଓଢ଼ଣୀ ପକାଇବାକୁ ହେବ କିମ୍ବା କାହା ସାମ୍ନାରେ ଜୋରରେ କଥା ହେବାକୁ ହେବ ନାହିଁ ।"

କାବ୍ୟା ଧୀରେ କରି କହିଲା, "ମା', ଆପଣଙ୍କ ପ୍ରତ୍ୟେକ କଥା ମୁଁ ମାନିବି ।"

କମଳା ଦେବୀ ଆଲମାରୀରୁ ଚାବିର ବଡ଼ ଗୁଚ୍ଛଟିଏ ଆଣିଲେ । ସେ ତାହାକୁ କାବ୍ୟା ହାତରେ ବଢ଼ାଇଦେଇ କହିଲେ, "ଏହା ଘରର ଚାବି, କିନ୍ତୁ ମୋର ସର୍ତ୍ତ କେବଳ ଗୋଟିଏ ।"

"କ'ଣ ସର୍ତ୍ତ ମା' ?"

କମଳା ଦେବୀ ତାଙ୍କ ଆଖିରେ ଆଖି ରଖି କହିଲେ, "ଏ ଘରେ କେବେ କାହାର ଭୁଲର ବିଚାର ସେହିଦିନ କର ନାହିଁ ।"

କାବ୍ୟା କଥାଟି ବୁଝିପାରିଲା ନାହିଁ।

"ମାନେ ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମଳା ଦେବୀ ହସିଲେ ।

"ରାଗରେ ମଣିଷ ଭୁଲ୍ ଦେଖେ ନାହିଁ, କେବଳ ଦୋଷୀ ହିଁ ଖୋଜିଥାଏ । ସେଥିପାଇଁ ଏ ଘରେ ଚବିଶ ଘଣ୍ଟାର ନିୟମ ଅଛି । ଯେକୌଣସି ଅଭିମାନ ବା ଅସନ୍ତୋଷ ହେଉନା କାହିଁକି, ତାର ନିଷ୍ପତ୍ତି ପରଦିନ ହେବ ।"

କାବ୍ୟାକୁ ଏହା ଅଜବ ଲାଗିଲା, କିନ୍ତୁ ସେ ମୁଣ୍ଡ ହଲାଇ ଦେଲା ।

କିଛି ଦିନ ପରେ ସକାଳୁ ସକାଳୁ ଘରେ ହଇଚଇ ସୃଷ୍ଟି ହେଲା ।

ଶ୍ୱଶୂର ମହାଶୟଙ୍କ ଔଷଧ ବୋତଲଟି ଭୂଇଁରେ ପଡ଼ି ଭାଙ୍ଗି ଯାଇଥିଲା ।

ସେ ଔଷଧଟି ବହୁତ ମହଙ୍ଗା ଥିଲା ଏବଂ ସେହିଦିନ ହିଁ ଆଣିବା ଜରୁରୀ ଥିଲା ।

କମଳା ଦେବୀ କିନ୍ତୁ କିଛି କହିଲେ ନାହିଁ ।

ଘରେ କାମ କରୁଥିବା ଚାକରାଣୀ ଭୟଭୀତ ହୋଇ କହିଲେ, "ମାଲକିନ୍... ମୋ ପାଖରୁ ଭୁଲ୍ ହୋଇଗଲା ।"

କମଳା ଦେବୀ ଶାନ୍ତ ସ୍ୱରରେ କହିଲେ, "କିଛି ଅସୁବିଧା ନାହିଁ । ଆଜି ଏ ବିଷୟରେ କେହି କିଛି କହିବେ ନାହିଁ ।"

କାବ୍ୟା ଆଶ୍ଚର୍ଯ୍ୟ ହୋଇଗଲା ।

ତାର ମନେହେଲା, "ଏତେ ବଡ଼ ଭୁଲ୍ ହେବା ସତ୍ତ୍ୱେ ବି କୌଣସି ଗାଳିଗୁଲଜ ନାହିଁ ?"

ପରଦିନ କମଳା ଦେବୀ ସେହି ଚାକରାଣୀ ଙ୍କୁ ଡାକିଲେ, "କାଲି ତୁମେ ବହୁତ ଡରି ଯାଇଥିଲ, ନା ?"

ଚାକରାଣି କାନ୍ଦି ପକାଇଲେ, "ହଁ ମାଲକିନ୍... ରାତିସାରା ମୋତେ ନିଦ ହୋଇନି ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମଳା ଦେବୀ ତାଙ୍କ ହାତକୁ ଧରି ପକାଇଲେ, "ଦେଖ, ଭୁଲ୍ ଦୁଇ ପ୍ରକାରର ହୋଇଥାଏ—ଗୋଟିଏ ଅସାବଧାନତା, ଆଉ ଗୋଟିଏ ମଣିଷ ହୋଇଥିବାରୁ । ତୁମେ ଜାଣିଶୁଣି ଭାଙ୍ଗି ନଥିଲ । ଆଗକୁ ଟିକିଏ ଧ୍ୟାନ ରଖିବ ।"

ଚାକରାଣୀ କାନ୍ଦୁ କାନ୍ଦୁ ତାଙ୍କ ପାଦ ଧରି ପକାଇଲେ ।

କାବ୍ୟା ଏସବୁ ନିରବରେ ଦେଖୁଥିଲା ।

ଏହାର ଗୋଟିଏ ସପ୍ତାହ ପରେ ଖୋଦ୍ କାବ୍ୟାଠାରୁ ଏକ ବଡ଼ ଭୁଲ୍ ହୋଇଗଲା ।

ସେ ଜଲଦି ଜଲଦିରେ ୱାସିଂ ମେସିନ୍ ଭିତରେ ଶ୍ୱଶୁରଙ୍କ ଉଷ୍ମ ଶଲ୍ (ଚଦର)ଟି ପକାଇ ଦେଇଥିଲା ।

ଫଳରେ ଶଲ୍‌ଟି ସଂକୁଚିତ (ଛୋଟ) ହୋଇଗଲା ।

ତାର ମୂଲ୍ୟ ମଧ୍ୟ ବହୁତ ଅଧିକ ଥିଲା ଏବଂ ତାହା ଶ୍ୱଶୁରଙ୍କୁ ତାଙ୍କ ବାପାଙ୍କ ସ୍ମୃତିରୂପେ ମିଳିଥିଲା ।

କାବ୍ୟା ହାତ ଥରିବାକୁ ଲାଗିଲା ।

"ଆଜି ତ ମା' ବହୁତ ରାଗିବେ ।"

କିନ୍ତୁ କମଳା ଦେବୀ ସେହି ସମାନ କଥା କହିଲେ, "ଆଜି କେହି କିଛି କହିବେ ନାହିଁ ।"

ସେହି ରାତିରେ କାବ୍ୟା କାନ୍ଦୁଥିଲା । ବାରମ୍ବାର ତାର ଭୁଲ୍ କଥାଟି ତା ମନକୁ ଆସୁଥିଲା । ପରଦିନ ସେ ନିଜେ ଯାଇ ଶାଶୂଙ୍କ ସାମ୍ନାରେ ଠିଆ ହେଲା ଏବଂ କହିଲା, "ମା', ମୋତେ କ୍ଷମା କରିଦିଅନ୍ତୁ । ମୁଁ ବହୁତ ଲଜ୍ଜିତ ।"

କମଳା ଦେବୀ ତାଙ୍କୁ କୋଳାଗ୍ରତ କରିନେଲେ, "ଦେଖିଲ ବୋହୂ, ଯଦି ମୁଁ କାଲି ହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତତେ ଗାଳି ଦେଇଥା'ନ୍ତି, ତେବେ ତୁ କେବଳ ମୋର ଗାଳିକୁ ହିଁ ମନେ ରଖିଥା'ନ୍ତୁ । କିନ୍ତୁ ଗୋଟିଏ ରାତି ଚିନ୍ତା କରିବା ପରେ ତୁ ନିଜର ଭୁଲ୍ ନିଜେ ବୁଝିପାରିଲ ।"

କାବ୍ୟା ଆଖିରୁ ଲୁହ ଧାର ଧାର ହୋଇ ବହିଗଲା ।

କମଳା ଦେବୀ କହିଲେ, "ଭୟ ମଣିଷକୁ କିଛି ସମୟ ପାଇଁ ବଦଳାଇଥାଏ, କିନ୍ତୁ ବୁଝାମଣା ସାରା ଜୀବନ ପାଇଁ ବଦଳାଇଦିଏ ।"

ସମୟ ଗଡ଼ି ଚାଲିଲା ।

କାବ୍ୟା ଏବେ ଏହି ନିୟମଟିକୁ ଭଲଭାବେ ବୁଝିପାରୁଥିଲା । ଦିନେ ଅମିତ ଅଫିସରୁ ଫେରିବା ବେଳେ ବହୁତ ବିରକ୍ତ ଥିଲେ । ସେ କାହା ସହିତ କୌଣସି କଥା ନହୋଇ ଖାଇସାରି ନିଜ କୋଠରୀକୁ ଚାଲିଗଲେ । କାବ୍ୟାକୁ ବହୁତ ଖରାପ ଲାଗିଲା । ସେ ମଧ୍ୟ ସ୍ଥିର କଲା ଯେ ଆଜି ସେ ମଧ୍ୟ ତାଙ୍କ ସହ କୌଣସି କଥା ହେବ ନାହିଁ ।

ଠିକ୍ ସେହି ସମୟରେ କମଳା ଦେବୀ ତାଙ୍କ ପାଖକୁ ଆସିଲେ ।

"କ'ଣ ହେଲା ?"

"ମା', ସେ ମୋ ସହ ଠିକ୍ ଭାବେ କଥା ମଧ୍ୟ ହେଲେ ନାହିଁ ।"

କମଳା ଦେବୀ ହସିଲେ, "ନିଷ୍ପତ୍ତି ଆଜି ନବୁ କି କାଲି ?"

କାବ୍ୟା ଚୁପ୍ ହୋଇଗଲା । ପରଦିନ ସକାଳେ ଅମିତ ନିଜେ ତାଙ୍କ ପାଖକୁ ଆସିଲେ, "ମୋତେ କ୍ଷମା କରିଦିଅ... କାଲି ଦୋକାନରେ ବହୁତ ବଡ଼ କ୍ଷତି ହୋଇଯାଇଥିଲା । ମୁଣ୍ଡ କାମ କରୁ ନଥିଲା ।"

କାବ୍ୟାକୁ ଶାଶୂଙ୍କ ଶିକ୍ଷା ମନେ ପଡ଼ିଗଲା । ଯଦି ସେ ସେହି ରାତିରେ ପାଟିତୁଣ୍ଡ କରିଥା'ନ୍ତା, ତେବେ କଥାଟି ଆହୁରି ବଢ଼ି ଯାଇଥା'ନ୍ତା । ସେ ହସିହସି କହିଲା, "ବର୍ତ୍ତମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚା' ପିଅନ୍ତୁ, ବାକି କଥା ପରେ ହେବ ।"

କିଛି ମାସ ପରେ ପଡ଼ୋଶୀରେ ରହୁଥିବା ଜଣେ ବୃଦ୍ଧା ମହିଳାଙ୍କୁ ତାଙ୍କ ପୁଅ ବୃଦ୍ଧାଶ୍ରମରେ ଛାଡ଼ିଦେଇ ଆସିଲା । ସମସ୍ତ ପଡ଼ିଶା ଲୋକ ସେହି ପୁଅକୁ ଦୋଷ ଦେଉଥିଲେ । କାବ୍ୟା ମଧ୍ୟ କହିଲା, "କେଡ଼େ ଖରାପ ପୁଅଟିଏ !"

କିନ୍ତୁ କମଳା ଦେବୀ କହିଲେ, "ପୂରା କାହାଣୀ ନା ଜାଣି କାହା ଉପରେ ବିଚାର କର ନାହିଁ ।"

ଦୁଇ ଦିନ ପରେ ଜଣାପଡ଼ିଲା ଯେ ପୁଅ ନିଜେ କ୍ୟାନସର ରୋଗରେ ପୀଡ଼ିତ ଥିଲା ଏବଂ ଚିକିତ୍ସା ପାଇଁ ଅନ୍ୟ ସହରକୁ ଯାଉଥିଲା । ସେ ମା'ଙ୍କୁ ଏକାସାଙ୍ଗରେ ଛାଡ଼ିଦେବା ଅପେକ୍ଷା ଏଭଳି ଏକ ସ୍ଥାନରେ ରଖିଥିଲା ଯେଉଁଠାରେ ତାଙ୍କର ଯତ୍ନ ନିଆଯାଇ ପାରିବ ।

କାବ୍ୟା ମୁଣ୍ଡ ନୁଆଁଇଦେଲା । କମଳା ଦେବୀ କହିଲେ, "ବୋହୂ, ଅଧା ସତ ପ୍ରାୟତଃ ସମ୍ପୂର୍ଣ୍ଣ ମିଛଠାରୁ ଅଧିକ ବିପଜ୍ଜନକ ହୋଇଥାଏ ।"

ସେଦିନଠାରୁ କାବ୍ୟା ଲୋକଙ୍କ ବିଷୟରେ ତୁରନ୍ତ କୌଣସି ମତାମତ ଦେବା ବନ୍ଦ କରିଦେଲା । ବର୍ଷଗୁଡ଼ିକ ବିତିଗଲା । କମଳା ଦେବୀ ବୃଦ୍ଧା ହୋଇଗଲେ । ଦିନେ ସେ ସେହି ଚାବିର ଗୁଚ୍ଛଟି ପୁଣିଥରେ କାବ୍ୟା ହାତକୁ ବଢ଼ାଇଦେଲେ ।

"ଆଜିଠାରୁ ଏ ଘର ସମ୍ପୂର୍ଣ୍ଣ ଭାବେ ତୁମର ।" କାବ୍ୟା ଆଖି ଲୁହରେ ଭରିଗଲା ।

"ମା' ଆପଣ ତ ମତେ ଚାବି ବହୁତ ଆଗରୁ ଦେଇସାରିଛନ୍ତି ।"

କମଳା ଦେବୀ ହସିଲେ, "ନା ବୋହୂ... ସେଦିନ ମୁଁ ତତେ କେବଳ ଲୁହାର ଚାବି ଦେଇଥିଲି । ଆଜି ମୁଁ ତତେ ଏ ଘରର ସମ୍ପର୍କ ଗୁଡ଼ିକର ଚାବି ଦେଉଛି ।"

"ସେଇଟା କ'ଣ ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମଳା ଦେବୀ ଧୀରେ କରି କହିଲେ, "ଯେଉଁ ଘରର ଲୋକମାନେ ପରସ୍ପରକୁ ବୁଝିବା ପୂର୍ବରୁ ନିଷ୍ପତ୍ତି ଶୁଣାନ୍ତି ନାହିଁ, ସେଠାରେ ସମ୍ପର୍କ କେବେ ବୃଦ୍ଧ ହୁଏ ନାହିଁ ।"

କିଛି ବର୍ଷ ପରେ ଯେତେବେଳେ କାବ୍ୟା ନିଜେ ଶାଶୂ ହେଲା, ତାର ବୋହୂ ହାତରୁ ଭୁଲ୍‌ବଶତଃ ତାର ସବୁଠାରୁ ପ୍ରିୟ ଚା' କେଟଲ୍ଟି ଭାଙ୍ଗିଗଲା । ବୋହୂ ଭୟରେ କାନ୍ଦିବାକୁ ଲାଗିଲା । କାବ୍ୟା ହସିହସି କେବଳ ଏତିକି କହିଲା, "ଝିଅ... ଆଜି ନୁହେଁ । ଏ ଘରେ କାହାର ଭୁଲର ନିଷ୍ପତ୍ତି ପରଦିନ ହୁଏ ।"

ବୋହୂ ଆଶ୍ଚର୍ଯ୍ୟ ହୋଇ ତା ଆଡକୁ ଅନାଇ ରହିଲା।  କାବ୍ୟା ଆଖିରେ ତାଙ୍କ ନିଜ ଶାଶୂଙ୍କ ପ୍ରତିଛବି ନାଚୁଥିଲା । ସେ ବୁଝିପାରିଥିଲା ଯେ ଘର କେବଳ କାନ୍ଥରେ ଗଢ଼ା ହୁଏ ନାହିଁ, ବରଂ ସେହି ନିୟମଗୁଡ଼ିକ ଦ୍ୱାରା ଗଢ଼ା ହୁଏ ଯାହା ସମ୍ପର୍କଗୁଡ଼ିକୁ ଭାଙ୍ଗିବାରୁ ରକ୍ଷା କରିଥାଏ ।

ସେଦିନଠାରୁ ସେହି ଘରେ ଏକ ପରମ୍ପରା ଆରମ୍ଭ ହେଲା—ରାଗରେ କେବେ କୌଣସି ନିଷ୍ପତ୍ତି ନିଆଯିବ ନାହିଁ । ପ୍ରଥମେ ଗୋଟିଏ ରାତି ବିତିବ, ତା'ପରେ କଥା ହେବ ଏବଂ ହୁଏତ ଏହାହିଁ କାରଣ ଥିଲା ଯେ ସେହି ଘରେ ବାସନକୁସନ କେବେ କେବେ ଭାଙ୍ଗୁଥିଲା, କିନ୍ତୁ ସମ୍ପର୍କଗୁଡ଼ିକ କେବେ ଭାଙ୍ଗୁ ନଥିଲା ।

ଡିଏଲ୍‌ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେମିତି ସଂପର୍କ ଇଏ !

ବିବାସିନୀ ପଟ୍ଟନାୟକ



ତରବରରେ ଅଫିସ୍ ଭିତରେ ପଶୁପଶୁ ସାମ୍ନାରେ ଅତି ଆପଣାର ନିଜର ସ୍ନେହୀ ମଣିଷର ମୁରୁକି ହସରେ ଅଜାଣତରେ ନିଜ ଓଠରେ ଚାପା ହସଟିଏ ହସି ଚାଲୁଥାଏ ଆଗକୁ ସେ । ପାଖରେ ପଦିଥିବା ଚେୟାରରେ ବସିପଡି ସମସ୍ତ ଫାଇଲକୁ ତନଖି କିଛି ଲେଖିବା ସମୟରେ କିଛି ସମୟ ପାଇଁ ନୀରବରେ ବସିରହିଲା କ୍ରିଷ୍ଣା । ନିଜକୁ ମୋବାଇଲର କାଚରେ ଦେଖିବା ସମୟରେ ପଛରୁ କେହି କହିବାର.ଶୁଭିଲା, "କିଛି ଭାବିବେନି ମାଡାମ୍, ଆଜି ଆପଣ ସବୁଦିନ ଅପେକ୍ଷା ବହୁତ୍ ସୁନ୍ଦର ଲାଗୁଛନ୍ତି ।"

ହଁ ରାଜ୍ ! ତୁମକଥା ନିଶ୍ଚିତ ସତ୍ୟ ହୋଇଥାଇ ପାରେ ! ମୁଁ ବି ଯଥାସାଧ୍ୟ ଚେଷ୍ଟା ବି କରିଥିଲି ଏଥିପାଇଁ । ଯା ହେଉ, ତୁମର ଏ କଥା ପଦକ ବହୁତ୍ ଖୁସି ଦେଲା ମୋ ମନରେ । ଯାହାକୁ ଥଟ୍ଟା ମଜ୍ଜାରେ କିଛି କହିଲେ ମୁହଁରେ ମୁହଁରେ ଅନେକ କିଛି ଶୁଣାଇଦେଇ ବେଇଜ୍ଜତ କରେ, ତା" ମୁହଁରୁ ପୁଣି ଏ କଥା ? ଆଶ୍ଚର୍ଯ୍ୟର ଅନେକ ଅକୁହା ପ୍ରଶ୍ନକୁ ସାଇତି ରଖି କେବଳ ମାଡାମ୍ ଙ୍କ ସମ୍ମାନ ତଥା ରହସ୍ୟମୟ ଭାବନାରେ ହଁ" ରେ ହଁ ମିଳାଇ ଉପରେ ସ୍ମିତ ହସଟିଏ ହସି ରହିଗଲା ରାଜ୍ । କ୍ରିଷ୍ଣା ଖୁବ୍ ଦାୟିତ୍ୱ ସହ ଫାଇଲ୍ ପତ୍ରରେ ତୀକ୍ଷ୍ଣ ନଜର ଦେଇ କାମ କରୁଥିଲା ବେଳେ ଆଜି କାହିଁ ରାଜ୍ ର ଆଖି ଦୁଇଟା ତା" ସୁନ୍ଦରତା ଉପରେ ଅଟକି ଯାଇଥାଏ ।

କାମ ମଝିରେ ମୃଦୃ ହସି ଫାଇଲ୍ ରେ ନିମଗ୍ନ ରହି ପଚାରିଲା କ୍ରିଷ୍ଣା, ଆଜି କଣ ନୂଆ ଦେଖୁଛ ମତେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ମାଡାମ୍ !, ମୋ ମନରେ ଆଜି ଅନେକ ପ୍ରଶ୍ନ ? ? ପଚାରିବାକୁ ସାହସ ଆସୁନି । ଫାଇଲ୍ ଉପରୁ ରାଜ୍ ର ମୁହଁକୁ ଚାହିଁ ସ୍ମିତ ହସି କହିଲା କ୍ରିଷ୍ଣା:- ତୁମକୁ ସେ ଅଧିକାର କେବେଠୁ ଦେଇସାରିଛି ମୁଁ, ନିର୍ଦ୍ୱନ୍ଦରେ ପଚାରିପାର ।

କାରଣ ହେଲା, ତୁମେ ସବୁ ପୁରୁଷଙ୍କଠୁ ସ୍ୱତନ୍ତ୍ର । ମୋ ଶରୀରର ଆକର୍ଷଣରେ ନୁହେଁ, ମୋ ଚରିତ୍ର, ସ୍ୱଭାବ, ବ୍ୟବହାର, ସରଳତା, ନୀରିହତା ତୁମକୁ ଆକର୍ଷିତ କରିଛି । ତୁମେ ମୋ ପାଖରେ ଏକ ମହାନ୍ ଦିବ୍ୟପୁରୁଷ ହିସାବରେ ହୃଦୟରୁ ବହୁତ୍ ଭଲପାଏ ଅନେକ ସମ୍ମାନ ବି କରେ । ମୁଁ ଜାଣେ ତୁମେ କଣ ? ପଚାର କଣ ପଚାରିବାର ଅଛି ? ମୋର ତୁମ ପାଖରେ ଆଉ କଣ ଅଛପା ରଖିଛି ? ମୋ ଜୀବନ, ପରିବାର, ଅଭାବ, ଘାତ ପ୍ରତିଘାତ, ଧୋକା, ପ୍ରତାରଣା, ଭୂଲ୍ ଠିକ୍ ସବୁ ହିଁ ଜଣେ ତମରି ପାଖରେ ଅଜାଡି ଦେଇଛି । କୁହ ! କଣ ସଂଦେହ ରହିଛି ?

ଆଜି ପ୍ରଥମ କରି ଏକ କିଛି ଅଜଣା ରହସ୍ୟ ଲୁକ୍କାୟିତ ରହିଛି; ଯାହା ଆପଣଙ୍କ ଆଖି କହି ଦେଉଛି । ଆଜି କେତେ କାନ୍ଦିଛନ୍ତି ଆପଣ ? ମୋ ଦେଖିବା ଭିତରେ ଏମିତି କେବେ ବି ଦେଖିନି ଆଜି ଆପଣ ନିଜକୁ କେତେ ଘଣ୍ଟା ଧରି ସଜେଇ  ହୋଇଛନ୍ତି ଯେ, ଲାଗୁଛି ଆପଣ ଆଜି ନୂଆ କିଛି କରିଛନ୍ତି ବୋଲି । ସଂଦେହ ଲାଗୁଛି ଆପଣ ଆଜି କିଛି ନୂଆ ଯଦକ୍ଷେପ ନେଇଛନ୍ତି ବୋଲି ।

ପ୍ରକୃତରେ  ମୋ ଭାବନାଟା କେତେ ସତ ? କେତେ ମିଛ ? ଏକ ନିଃଶ୍ୱାସରେ କହିଦେଲା ରାଜ୍ ।

ଏ ପ୍ରଶ୍ନ ଶୁଣିସାରି କଲମଟା ଫାଇଲ୍ ଉପରେ ଥୋଇଦେଇ ରାଜ୍ ମୁହଁକୁ ଚାହିଁ କହିଚାଲିଲା ସେ, ତୁମ ଭାବନା ଶହେ ପ୍ରତିଶତ ସତ ।

କାଲି ସଂଧ୍ୟାରେ ଅଫିସ୍ ରୁ ଘରେ ଯହଞ୍ଚି, ଟିକେ ଫ୍ରେସ୍ ହୋଇ ଚା ପିଉଥିବା ସମୟରେ କବାଟରେ କେହି ଠକ୍ ଠକ୍ କଲାବେଳେ ଖୋଲି ଦେଖେ ତ ପ୍ରାୟ ୮/୧୦ ଜଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାଶୁଘର ପଟୁ ଆସି ହାଜର୍ । ପଚାରିଲି, ହଠାତ୍ ସମସ୍ତେ ?

ଉତ୍ତରରେ ମିଳିତ ଏକସ୍ୱରରେ ସେଇ ଗୋଟିଏ କଥା, ଆମେ ଆସିଛୁ ତମକୁ ଘରକୁ ଫେରାଇ ନେବାପାଇଁ ।

ଘର ? ମୋର ଆଉ କୋଉଠି ଘର ଅଛି ମୁଁ ତ ଜାଣିନି ! ହଠାତ୍ ଏତେ ବର୍ଷ ପରେ ମୋ କଥା ଆପଣମାନଙ୍କର ମନେ ପଡିଲା କେମିତି ?

ଆଜି ଭାଇ ଚାଲିଗଲେ । ତମେ ଗଲେ ଲାସ୍ ଉଠିବ ପରା !

ଓଃ ! ମୋ ଶଙ୍ଖା ସିନ୍ଦୂରକୁ ପୋଛି ମତେ ଧଳା ବସ୍ତ୍ର ପିନ୍ଧାଇ, ସେ ଘରେ ମତେ ପୁଣି କେମିତି ଅତି ହୀନିମାନ କରି ରଖିବ ସେହି ପ୍ଲାନ୍ କରି ଆସିଛ ପରା । ଦିଅରଙ୍କର ପ୍ରଶ୍ନରେ ଉତ୍ତର ରଖିଥିଲି ମୁଁ ।

ତମର, ସଂପତ୍ତି, କୋଠାବାଡି, ସବୁ ଅଚଳାଚଳ ଥାଇ ତମେ ଆଜି ଏମିତି ଏକା ବାହାରେ । ସବୁ ହାଡି ଖାଉଛନ୍ତି । ପୁଣି ଆମର କରଣ ଘର । କେତେ ନାଁ ରହିଛି ଆମ ଘରର । ତମେ ଖାଲି ଯିଦରେ ନିଜକୁ ଏପରି କରି କଣ ଲାଭ ପାଇଲ ? ମରିବାର ପୂର୍ବରୁ ବିଚରା କାହ୍ନୁ ଆମର ତମକୁ କେତେ ଖୋଜିଲା ? କେତେ ନେହୁରା ହେଲା ? ତମକୁ ଝୁରିଝୁରି ଚାଲିଗଲା । ତମର ବି ଏମିତି ଦିନ ଆସିବ ବୋହୁ । ଦୀର୍ଘଦିନ ଧରି ନୀରବରେ ରହି ଆସିଥିବା ମନଟି ସୀମା ଟପି ଯାଇଥିଲା ଦେଢଶୂରଙ୍କର ଏହି ପଦିଏ କଥାରେ । ଉତ୍ତରରେ କହିଥିଲି;-

ମୋର ଆଉ ଫେରିବାର ନାହିଁ । ଯେତେବେଳେ ମୋ ଉପସ୍ଥିତିରେ ସେ ଅନ୍ୟ କୌଣସି ଝିଅକୁ ଭଲପାଇ ବାରମ୍ବାର ମତେ ଘରୁ ତଡ଼ିବାର ମସୁଧା ଚଳାଇଥିଲେ, ଖାଇବା ପିଇବା ବନ୍ଦକରି ମତେ ମାର୍ ପିଟ୍ କରୁଥିଲେ ସେତେବେଳେ ଆପଣମାନଙ୍କୁ କେତେ ନେହୁରା ନ ହୋଇଛି ମୁଁ? ଅନେକ ଦିନ ଧରି ଉପାସ ଭୋକରେ ରହି, କେତେଦିନ ବି ପାଣିପିଇ ରାତିରାତି କାନ୍ଦି କାନ୍ଦି ଅନିଦ୍ରାରେ କାଟିଛି । ପେଟରେ ଭୋକ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହରେ ଦୁର୍ବଳତା, କାନ୍ଦିକାନ୍ଦି ଶରୀରରେ ରୋଗ । ତେଣୁ ବାରମ୍ବାର ଆପଣମାନଙ୍କୁ ଅଳି କରିଛି । କିନ୍ତୁ ଆପଣମାନେ ମୋ ପାଇଁ ନୁହେଁ, ଯେହେତୁ ମୁଁ ମୋ କଷ୍ଟକର ଶରୀରରେ ରୋଷେଇ କରିପାରେନି । ଆପଣମାନଙ୍କ ଭାଇର ଅସୁବିଧା ନେଇ ସାଲିସ୍ କରନ୍ତି ମୋ ସହ । ପୁଣି ମୋ ଦୋଷ ନଥାଇ ବି କ୍ଷମା ମାଗେ ମୁଁ । କଥା ସମାଧାନ ହୁଏ । ପୁଣି ରୋଷେଇବାସ ଘରକାମ ସୁଚାରୁରୂପେ ଚାଲେ । ହେଲେ କିଛିଦିନ ପରେ ପୁନର୍ବାର ସେହି ଘଟଣା । କେତେ ବା ବାରମ୍ବାର ସହିଥାନ୍ତି ଏକା ଏକା ? ଏତେ ଅକଥନୀୟ ଅତ୍ୟାଚାରରେ ଦିନେ କୋର୍ଟ ଯାଇନି କି ଆପଣମାନଙ୍କୁ ଅପଦସ୍ତ କରିନି । କାରଣ ମୁଁ ଥିଲି ପୁରାପୁରି ସରଳ ଓ ସଂସ୍କାରୀ । ସେ ବାରମ୍ବାର ମତେ ଧକ୍କା ଗଳା ଦେଇ ବିଦା କରୁଥିବା ବେଳେ ମୁଁ ଜଭର୍ ନ ହୋଇ ପାଦ ଧରୁଥିଲି ଟିକେ ସେହି ଘରେ ବଞ୍ଚିବାକୁ । ଧାରଣା ଥିଲା, ସ୍ୱାମୀ ଯାହା କଲେ ବି ସ୍ତ୍ରୀ ଯଦି ସେହିଘରେ ସବୁ କଷ୍ଟ ସହି ପଡିରହେ ଦିନେ ସବୁ ସମସ୍ୟାର ସମାଧାନ ହୋଇଯାଏ ଆଉ ନାରୀଟିଏ ସବୁ ସହି ସେହିଘରୁ ଯେତେବେଳେ ତା ଲାସ୍ ଉଠେ, ସେ କୁଆଡେ ସୌଭାଗ୍ୟବତୀ ସାଜେ । ହେଲେ ଏ କୁସଂସ୍କାର ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରି ଭୋକ, ରୋଗର ଯନ୍ତ୍ରଣାରେ ଏତେ ଛଟପଟ ହେଲି ଅବଶିଷ୍ଟ ସମୟ କିପରି କାଟିବି, ଏହି ଚିନ୍ତାରେ ଦିନକୁଦିନ ଅତିଷ୍ଠ ହେବାରେ ଭଗବାନ୍ କାହା ମାଧ୍ୟମରେ ଏଠାକୁ ଉଠାଇ ନେଇ ଆସିଲେ । ପ୍ରତି ମୁହୂର୍ତ୍ତରେ ପ୍ରତି ଅସୁବିଧାରେ, ସମସ୍ତ ଦୁଃଖସୁଖରେ ବିନା ଦ୍ୱିଧାରେ, ବିନା ସ୍ୱାର୍ଥ, ସର୍ତ୍ତରେ ମତେ ଯିଏ ନୂତନ ଜୀବନ ଦେଇଛି ମୁଁ ଏବେ ତା ପରାମର୍ଶ ବିନା ପାଦେ ବି ଆଗକୁ ଯାଇପାରିବିନି । ସେ ମୋର ମା, ବାପା, ଭାଇ, ସାଙ୍ଗ, ଭଗବାନ୍ ବି । ତେଣୁ ତମେମାନେ ଯେପରି ଆସିଛ ସେପରି ଚାଲିଯାଅ । ମୋ କଥା ଶୁଣି ଦେଢଶୂର ଓ ଦିଅର ତଥା ଯା ମାନେ ବି କହିଲେ: ହଉ ଠିକ୍ ଅଛି, ତୁ ମାତ୍ର ୨-୩ ପାଇଁ ଆମ ସହ ଆସି କ୍ରିୟାକର୍ମ ସାରି ଚାଲିଆସିଲୁ । ଦେହରେ ପ୍ରେତ ରହିବ ନାଁ ? ମୁଁ ସବୁ କଥାକୁ କାଟି ସଂପୂର୍ଣ୍ଣ ମନା କରିଦେଲି । ସଙ୍ଗେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍ଗେ ଏ କଥାରେ ଚିହିଁକି ସମସ୍ତେ ଗର୍ଜିଉଠି କହିଲେ ଓଃ, ଯେଉଁ ନାରୀ ଘର ପୁରୁଷକୁ ଛାଡି ପରପୁରୁଷ ସହ ବାସ କରେ, ସେ ନିଜକୁ ଯେତେ ସତୀ ଦେଖେଇଲେ କଣ ହେବ ସେ ସମାଜ ଆଖିରେ ଦୋଚାରୁଣୀ ।

ଗୋଟେ ପୂରୁଷ କି ହଜାରେ ପୁରୁଷଙ୍କ ସହ ନିଜକୁ ଖୁସିରେ ରଖୁଛୁ ସେ କଥା ତ ଦାଣ୍ଡରେ ପଡି ହାଟରେ ଗଡ ଗଡେଇଲାଣି । ଯୋଉ ପୁରୁଷ ତତେ ଏତେବାଟ ଧରି ନୂଆ ଜୀବନ ଦେଇଛି ତାର କିଛି ସ୍ୱାର୍ଥ ନାହିଁ କିମ୍ବା ତୋର କିଛି ଖରାପ ସଂପର୍କ ନାହିଁ ଏକଥା କାହାକୁ କହିଲେ ବି କିଏ ବିଶ୍ୱାସ କରିବ ? ବେଦୀରେ ବସି ବିବାହ କରି ସାତଦୀପ ସାକ୍ଷୀରଖି ଯାସା ସହିତ ହାତଗଣ୍ଠି ପଡିଲା, ପେତେ ଭୂଲ୍ କଲେ ବି ସେ ଇହକାଳ ପରକାଳ ଦେବତା ତୋର । ଅଥଚ ଏହି ପାପକର୍ମ ରେ ଲିପ୍ତରହି ଯଦି ଅଧର୍ମ କରୁଛୁ ତା ଫଳ ନିଶ୍ଚିତ ଭୋଗିବୁ ।

ହେଲେ ରାଜ୍ ! ତୁମେ କୁହ ତ ? ଆଜି ପର୍ଯ୍ୟନ୍ତ ତୁମେ ମୋର ପ୍ରତି ପଦକ୍ଷେପରେ ସାଥ୍ ଦେଇଛ, ନିଜକୁ ଅଧସ୍ତନ କର୍ମଚାରୀ ତଥା ମତେ ଉପରିସ୍ଥରେ ରଖି, ଆଜିଯାଏଁ ନାରୀର ପବିତ୍ରତା ଶୁଦ୍ଧତାକୁ ପ୍ରତି ମୁହୂର୍ତ୍ତରେ ପୂଜା କରି ଆସିଛ ତମେ ତ ମୋ ପାଇଁ ଭଗବାନ୍ ଙ୍କଠୁ ବି ଊର୍ଦ୍ଧ୍ୱରେ । ମୋର ଅପମାନ ହେଲେ କିଛି କଷ୍ଟ ଲାଗିବନି ହେଲେ ତମକୁ ସେମାନେ ଯାହା କହିଗଲେ କେମିତି ସହିଥାନ୍ତି ମୁଁ ? ଏକା ଭଗବାନ୍ ହିଁ ଜାଣନ୍ତି ତମର ମୋର ସଂପର୍କ କଣ ? ଆଜିକାଲି ତମ ପରି ପୁରୁଷ କିଛି ନିଶ୍ଚିତ ଅଛନ୍ତି ବୋଲି ସଂସାର ଚାଲିଛି ରାଜ୍ । ତେଣୁ ତମର ମୂଲ୍ୟବାନ୍ ତ୍ୟାଗରେ ଯେଉଁ କଳଙ୍କିତ ଦାଗ ସେମାନେ ଲଗାଇ ଦେଲେ ସେଥିପାଇଁ କାନ୍ଦିକାନ୍ଦି ଏପରି ଆଖି ଫୁଲି ଯାଇଛି । ଯିଏ ମୋ ପାଇଁ କିଛି ନ କରି ଅନ୍ୟ କାହାପାଇଁ ସର୍ବସ୍ୱ ଦେଇଦେଲା, ମତେ ବାରମ୍ବାର ଜୀବନରୁ ମାରିବାକୁ ଚେଷ୍ଟା କଲା, ମୁଁ ଯଦି ମୋ ଜୀବନକୁ ବଞ୍ଚାଇ ରଖିଲି, ତେବେ କାହିଁକି ମୁଁ ବିଧବା ହେବି କୁହ ତ ? ତେଣୁ ଆଜି ନିଜକୁ ବହୁତ୍ ସୁନ୍ଦର କରି ସଜାଇଛି ନିଜ ଖୁସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ । ମତେ କିଏ କଣ କହିଲେ ଫରକ୍ ପଡିବନି ।

ବେଦୀରେ ବସିପଡିଲେ, ହାତରେ ହାତଗଣ୍ଠି ପଡିଗଲେ, ନିଜର ହୁକୁମ୍ ଚଳାଇ ସ୍ତ୍ରୀକୁ ଦାସୀ ପରି ଗୋଲାମ୍ ଖଟାଇଲେ ମାର୍ ପିଟରେ, ଜବରଦସ୍ତ ପ୍ରଭୁତ୍ୱ ଜାହିର୍ କଲେ ସେ ସ୍ୱମୀର ପଦବାଚ୍ୟ ହୋଇପାରେ କି ?

ସମାଜ, ପରିବାର ପାଇଁ ତ୍ୟାଗ କରି ନିଜକୁ ନ ଦେଖି ପାଇଛି କଣ ? କଣ ପାଇଁ ଧଳା ବସ୍ତ୍ର ପିନ୍ଧି ନିଜକୁ ଏତେ ଅସୁନ୍ଦର ରେ ରଖିବି ? ତେଣୁ ମୋ ଖୁସି ପାଇଁ ଯାହା ବି କରିପାରେ । ଠିକ୍ କହିଲି ନାଁ ?

ସମାଜକୁ ଠିକ୍ ଶିକ୍ଷା ଦେଇଛନ୍ତି ଆପଣ । ଏଥିପାଇଁ ମୁଁ ଅନ୍ତରରୁ ବହୁତ୍ ଖୁସି । ଆପଣଙ୍କ  ଜୀବନ, ଆପଣଙ୍କ ଅଧିକାର ।

ଏସବୁ କହିଦେଇ ଚାଲିଗଲା ରାଜ୍ । ମନ ଭିତରେ କ୍ରିଷ୍ଣା ପ୍ରତି ଅହେତୁକ ସ୍ନେହ, ଶ୍ରଦ୍ଧା, ସମ୍ମାନରେ ଆଖିରୁ ବାଟସାରା ଲୁହ ବୋହି ଯାଉଥିଲା । ନିଜ ଚରିତ୍ର ସହ ନିଜ ଜୀବନକୁ ପ୍ରତି ପାଦରେ କେତେ ପରୀକ୍ଷା ଦେଇ ଦେଇ ସମାପ୍ତି ବି ନାହିଁ । ଅନ୍ତରରୁ କୃତଜ୍ଞତା ଓ ପ୍ରଣାମ୍ ପାଇଁ ଲୁକ୍କାୟିତ ଭାବେ ହାତ ଟେକି ହୋଇଯାଇଥିଲା ।

ଆଉ କ୍ରିଷ୍ଣା ମଧ୍ୟ ଅନ୍ତରରୁ ଅନେକ ଭକ୍ତିର ପ୍ରଣାମ୍ ବାଢୁଥିଲା ଅନ୍ତରରୁ । ତେତିଶକୋଟି ଦେବତାଙ୍କ ସମ୍ମୁଖରେ ସିନ୍ଦୁର ପିନ୍ଧାଇ ଦଶଦୋଷ କ୍ଷମା କରିବାର ସାତ ଜନମକୁ ସାଥୀ କରିବାର ପ୍ରତିଶ୍ରୁତିବଦ୍ଧ ହୋଇ ଡୀବନରୁ ସଂପୂର୍ଣ୍ଣ ମାରିଦେବାର ପ୍ରୟାସ କଲାବେଳେ ଜଣେ ଅଚିହ୍ନା ଅଜଣା କେହି ହଠାତ୍ ଜୀବନରେ ପଶିଆସି ନାଁ ଶରୀରର ଲୋଭ ନାଁ ଆଉ କିଛି ପାଇବାର ଲୋଭ ନରଖି ଜୀବନକୁ ବଞ୍ଚାଇ ରଖିବାର ପ୍ରୟାସ ଅନବରତ କରିଚାଲିଛି ।

ସତ'ରେ ! ଏ କେମିତିକା ସଂପର୍କ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲଣ୍ଠନ

ନିବେଦିତା ପଣ୍ଡା



ଝିପିଝିପି ବର୍ଷା ସାଙ୍ଗକୁ ପ୍ରବଳ ପବନ ଯୋଗୁଁ ସଞ୍ଜ ନ ହେଉଣୁ ଗାଁ ସାରା ଅନ୍ଧାର ହୋଇଗଲା । ବିଦ୍ୟୁତ କାଟ୍ ଯୋଗୁଁ ଘର ଭିତରଟା କାଳରାତ୍ରି ପରି ଦେଖାଯାଉଥିଲା ।

ସୁମିତ ବାବୁ କାନ୍ଥ କଣରେ ଧୂଳି ଜମି ପଡ଼ିଥିବା ପୁରୁଣା ଲଣ୍ଠନକୁ ବାହାର କଲେ । କାଚକୁ ସଫା କରି, କିରୋସିନି ଢାଳି ସେଥିରେ ନିଆଁ ଲଗାଇଲେ । ସେହି କ୍ଷୀଣ ଆଲୋକରେ ସାରା ଘର ଆଲୋକିତ ହୋଇଉଠିଲା ।

ତାଙ୍କ ଛୋଟ ପୁଅ ଟୁଟୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ବାପା ! ଏଇଟା କି ଜିନିଷ ? ଏଇଟା ଚାର୍ଜ ନ ହୋଇ ବି କେମିତି ଜଳୁଛି ?"

ସୁମିତ ବାବୁ ହସିଲେ ଏବଂ କହିଲେ, "ପୁଅ, ଏହା ହେଉଛି ଆମ ସମୟର 'ଇନଭେଣ୍ଟର' । ଯେତେବେଳେ ମୋବାଇଲ୍ କିମ୍ବା ଏମରଜେନ୍‌ସି ଲାଇଟ୍ ନଥିଲା, ଏହା ହିଁ ଆମକୁ ଅନ୍ଧାରରୁ ବଞ୍ଚାଉଥିଲା । ଆମେ ଏଇ ଆଲୋକରେ ପାଠ ପଢ଼ି ବଡ଼ ହୋଇଛୁ ।"

ଟୁଟୁ ଲଣ୍ଠନର ଶିଖାକୁ ଚାହିଁ ରହିଲା । ସ୍ମାର୍ଟଫୋନ୍ ଏବଂ ଆଧୁନିକ ଡିଜିଟାଲ୍ ଦୁନିଆରେ ବଢୁଥିବା ପିଲାଟି ପାଇଁ ସେହି ପୁରୁଣା ଲଣ୍ଠନର ମହତ୍ତ୍ୱ ଆଜି କୌଣସି ଯାଦୁକରୀ ଆଲୋକଠାରୁ କମ୍ ନଥିଲା । ପ୍ରଯୁକ୍ତିବିଦ୍ୟା ଆମକୁ ଆଗକୁ ନେଇଯାଇଥାଇପାରେ, କିନ୍ତୁ ପୁରୁଣା ସ୍ମୃତିର ଆଲୋକ ସଦାସର୍ବଦା ଅନନ୍ୟ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଧା ରହି ଯାଇଥିବା ଚିଠି

ଚନ୍ଦନ କୁମାର ପାତ୍ର



ସେଦିନ ବହୁତ ଜୋରରେ ବର୍ଷା ହେଉଥିଲା । ଝରକା କାଚ ଦେଇ ବାହାରର ଦୃଶ୍ୟ ଝାପ୍ସା ଦେଖାଯାଉଥିଲା । ଅମର ବାବୁ ତାଙ୍କ ପୁରୁଣା କାଠ ଆଲମାରୀଟାକୁ ସଫା କରୁ କରୁ ହଠାତ୍ ତାଙ୍କ ହାତରେ ବାଜିଲା ଗୋଟିଏ ହଳଦିଆ ପଡ଼ିଯାଇଥିବା ଲଫାପା । ଧୂଳି ଝାଡ଼ି ସେଥିରୁ କାଗଜଟି ବାହାର କଲେ । ସେଇଟି ଏକ ଚିଠି ଥିଲା, ଯାହା ଆଜକୁ ପ୍ରାୟ ତିରିଶ ବର୍ଷ ତଳେ ଲେଖା ଯାଇଥିଲା । କିନ୍ତୁ ଚିଠିଟି ସମ୍ପୂର୍ଣ୍ଣ ହୋଇନଥିଲା, ଅଧାରୁ ହିଁ ଅଟକି ଯାଇଥିଲା ।

ଚିଠିର ପ୍ରଥମ ଧାଡ଼ିରେ ଲେଖାଥିଲା— "ପ୍ରିୟ ସୁମିତ୍ରା, ତୁମେ ଚାଲିଗଲା ପରେ ଏ ଘରଟା ବଡ଼ ଶୂନ୍ୟ ଲାଗୁଛି । ମୁଁ ଜାଣେ ତୁମେ ମୋ ଉପରେ ଅଭିମାନ କରିଛ, କିନ୍ତୁ ସେଦିନ ମୋର ପରିସ୍ଥିତି..."

ବାସ, ସେତିକିରେ ଚିଠିଟି ଶେଷ ହୋଇ ଯାଇଥିଲା । ଆଉ ତା' ତଳେ ଥିଲା ଗୋଟିଏ ଶୁଖିଲା ଗୋଲାପ ଫୁଲର ପାଖୁଡ଼ା ।

ଅମର ବାବୁଙ୍କ ଆଖି କୋଣ ସଜଳ ହୋଇଉଠିଲା । ସ୍ମୃତିର ପୃଷ୍ଠା ଗୁଡ଼ିକ ଗୋଟିଏ ପରେ ଗୋଟିଏ ଓଲଟିବାକୁ ଲାଗିଲା । ସୁମିତ୍ରା ଥିଲେ ତାଙ୍କର ଧର୍ମପତ୍ନୀ । ଅତି ଶାନ୍ତ, ସରଳ ଆଉ ଭାବୁକ ପ୍ରକୃତିର ନାରୀ । ଅମର ବାବୁ ସେତେବେଳେ ଢ଼େର ଚାକିରି ପ୍ରେସରରେ ରହୁଥିଲେ । ସମୟ ଦେଇ ପାରୁ ନଥିଲେ ସୁମିତ୍ରାଙ୍କୁ । ସେଦିନ ସୁମିତ୍ରାଙ୍କ ଜନ୍ମଦିନ ଥିଲା । ସେ ବହୁତ ଆଶା କରିଥିଲେ ଅମର ବାବୁ ତାଙ୍କୁ ଟିକେ ସମୟ ଦେବେ, କୁଆଡ଼େ ବୁଲାଇବାକୁ ନେବେ । କିନ୍ତୁ ଅଫିସ୍‌ର ଏକ ଜରୁରୀ ମିଟିଂ ପାଇଁ ଅମର ବାବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଭୁଲିଗଲେ । ରାତିରେ ଯେତେବେଳେ ଫେରିଲେ, ସୁମିତ୍ରାଙ୍କ ଅଭିମାନୀ ଆଖି ଦୁଇଟି ଲୁହରେ ଭରିଯାଇଥିଲା ।

କୌଣସି କଥା ନକହି ସୁମିତ୍ରା ପରଦିନ ସକାଳୁ ନିଜ ବାପଘରକୁ ଚାଲି ଯାଇଥିଲେ । ସୁମିତ୍ରା ଚାଲିଗଲା ପରେ ଅମର ବାବୁ ନିଜର ଭୁଲ୍ ବୁଝି ପାରିଥିଲେ । ତାଙ୍କ ମନର ସବୁ କଥା, ସବୁ ଅନୁତାପକୁ ସେ ଏହି ଚିଠି ମାଧ୍ୟମରେ ଲେଖିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚିଠିଟି ଅଧା ଲେଖିଛନ୍ତି କି ନାହିଁ, ହଠାତ୍ ଫୋନ୍ ଆସିଲା— ସୁମିତ୍ରାଙ୍କ ବାପଘର ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଛି ।

ଅମର ବାବୁ ସେମିତି ଅଧା ଚିଠି ଛାଡ଼ି ହସ୍ପିଟାଲକୁ ଦୌଡ଼ିଥିଲେ । କିନ୍ତୁ ସେତେବେଳକୁ ସବୁ ଶେଷ ହୋଇଯାଇଥିଲା । ସୁମିତ୍ରା ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ । ସେ ସେଦିନ ଅମର ବାବୁଙ୍କ ମନର କଥା ବୁଝିପାରିଲେ ନାହିଁ କି ଅମର ବାବୁ ନିଜର ସଫେଇ ଦେଇପାରିଲେ ନାହିଁ ।

ଆଜି ତିରିଶ ବର୍ଷ ପରେ ମଧ୍ୟ ସେହି ଚିଠିଟି ସେମିତି ଅଧା ହୋଇ ରହିଯାଇଛି । ଅମର ବାବୁ ଚିଠିଟିକୁ ଛାତିରେ ଲଗାଇ ଝରକା ବାହାରକୁ ଚାହିଁଲେ । ବର୍ଷା ଧୀରେ ଧୀରେ କମି ଆସୁଥିଲା, କିନ୍ତୁ ତାଙ୍କ ଆଖିର ବର୍ଷା ବନ୍ଦ ହେଉନଥିଲା । ସେ ବୁଝିଗଲେ ଯେ, ଜୀବନରେ କିଛି କଥା ଏବଂ କିଛି ଚିଠି କେବେ ସମ୍ପୂର୍ଣ୍ଣ ହୋଇପାରେନା, ସେଗୁଡ଼ିକ କେବଳ ଅଧା ରହିଯାଇଥିବା ସ୍ମୃତି ହୋଇ ମନ ଭିତରେ ରହିଯାଏ ।

ଧର୍ମଗଡ, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଖିରେ ପ୍ରେମର ଭାଷା

ଆଶୁତୋଷ ମେହେର



ସବୁ ମଣିଷ ପରିସ୍ଥିତିର ଦାସ । ଆଉ ପରିସ୍ଥିତି ଖରାପ ହୋଇ ଜୀବନର ଧାରାକୁ କେଉଁ ଆଡକୁ ମୋଡିବ ତାହାବି କାହାକୁ ଜଣା ନଥାଏ । ସାଧାରଣ ମଧବିତ୍ତ ପରିବାରରେ ତା ଜୀବନ ସରଳରେଖାରେ ଆଗକୁ ବଢୁଥିଲା । ହେଲେ ଅଚାନକ ଗୋଟାଏ ସଡକ ଦୁର୍ଘଟଣାରେ ବାପାମାଁଙ୍କ ଅକାଳ ମୃତ୍ୟୁବରଣ ତା ଜୀବନରେ ଅନ୍ଧକାର ଭରିଦେଲା । ନିଃସହାୟତାର ସୁଯୋଗ ନେଇ ନିଜର ଅତି ଜଣାଶୁଣା ଲେକେ ମଧ୍ୟ ହଇରାଣ ହରକତ କରି ଶୋଷଣ କରି ଫାଇଦା ନେବା ଆରମ୍ଭ କରିଦେଲେ । ତା'ର ଅତି ନିଜର କେହି ଜଣେ ଚାକିରୀ କରାଇଦେବା ନାଁରେ ଆଣି ଥୋଇଦେଲା ଏଇ ଡେନ୍ସ ବାର୍ ରେ ଡେନ୍ସଗାର୍ଲ ହୋଇ ଗରାଖଙ୍କ ମନୋରଞ୍ଜନ କରିବାକୁ ପେଟପାଟଣା ଓ ବଞ୍ଚିବାର ରାହାରେ ସେଇ କାମ କରିବା, ଦେଖୁଁ ଦେଖୁଁ ତିନି ବର୍ଷ ହେବା ଉପରେ ।

ଆଜି ବି ସେ ଅପେକ୍ଷା କରୁଛି ତା ପାଳିକୁ ଡେନ୍ସ ବାରର ଫ୍ଲୋରକୁ ଉଠିବାକୁ । ରାତି ବଢିଲାଣି, ନିଶାପାଣିରେ ଚୁରଚୁର ହୋଇ ବାରର ହଲ ଭିତରେ ଲୋକେ ନାଚୁଥିଲେ ଉନ୍ମତ୍ତ ହୋଇ ।

ଡେନ୍ସଫ୍ଲୋରର ପଛ ପଟରେ ଗୋଟାଏ କଣରେ ଠିଆ ହୋଇ ଚାହୁଁଥିଲା ଜାହ୍ନବୀ, ପଇସା ଓ ନାଲି ପାଣିରେ ଉବୁଟୁବୁ ହେଉଥିବା କିଛି ଉଦଭ୍ରାନ୍ତ ମଣିଷଙ୍କୁ ! ! !

ହଠାତ୍ ତା' ନଜର ପଡିଲା ହଲଭିତରେ ଏକାକୀ ବସିଥିବା ଜଣେ ଯୁବକଙ୍କ ଉପରେ । ଅନାଇଲା ବେଳକୁ ତା ଆଖି ସେହି ଯୁବକଙ୍କ ଆଖି ସହିତ ମିଶିଗଲା । ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଖିରେ ସେ ଦେଖିଲା ଅନେକ ଗହିରିଆ ଭାବ, ଏକ ଅପରିଚିତ ଆକର୍ଷଣ !! ସତେ ଯେମିତି ସେ ତା ଭିତରେ କଣ ସବୁ ଖୋଜି ବୁଲୁଥିଲେ । ଜାହ୍ନବୀର ହୃଦୟ ଧକ୍ ଧକ୍ କରି ଉଠିଲା । କିଏ ସେ ଯୁବକ ? ସେ ଦୃଷ୍ଟି ଘୁରାଇବାକୁ ଚେଷ୍ଟା କଲା, କିନ୍ତୁ ପାରିଲା ନାହିଁ । ହଠାତ୍ ଡେନ୍ସଫ୍ଲୋର୍ ଉପରକୁ ଉଠିବାକୁ ନିର୍ଦ୍ଦେଶ ପାଇ ଜାହ୍ନବୀ ଉଠିଲା ତା ନାଚ ଦେଖାଇବାକୁ ।

ସେ ଯୁବକ ସେମିତି ବସିରହି ଆଖି ବୁଲାଉଥିଲେ ତା ଉପରେ । ଅନ୍ୟମନସ୍କ ହେଉଥିଲା ସେ, ତଥାପି ଦଳର ଅନ୍ୟ ଝିଅଙ୍କ ଗହଣରେ ନିଜକୁ ମିଶାଇ ନାଚୁଥିଲା ସେ !! ଡେନ୍ସଫ୍ଲୋର୍ ଉପରକୁ ପଡୁଥିଲା ନୋଟ୍ ର ବର୍ଷା । ପାଗଳପ୍ରାୟ ଦର୍ଶକମାନେ ଟିକିଏ ନାରୀ ଦେହ ସ୍ପର୍ଶ ପାଇଁ ଷ୍ଟେଜ୍ ପାଖକୁ ଆସି ବୁଣି ଦେଉଥିଲେ ନୋଟ୍ ବିଡାବିଡା । ଡେନ୍ସଗାର୍ଲମାନେ ସବୁ ଯିଏ ଯେତେ ପାରିଲା ଗୋଟାଇ ଧରି ଛାତି ବ୍ଲାଉଜ୍ ଭିତରେ ପୁରାଇବାରେ ବ୍ୟସ୍ତ, ହେଲେ ସେ ଆଜି ପାରୁନଥିଲା ଅନ୍ୟମନସ୍କତାରୁ ।

ହଠାତ୍ ସେ ଯୁବକଟି ଉଠି ଆସିଲେ ଷ୍ଟେଜ୍ ପାଖକୁ । ବଢ଼ାଇଦେଲେ କିଛି ନୋଟ୍ ତା ହାତକୁ । ନଇଁ କରି ନୋଟ୍ ନେଲାବେଳକୁ ତା କାନରେ ପଡିଲା, "ନୋଟ୍ ଭିତରେ ଗୋଟାଏ କାଗଜରେ ସବୁକିଛି ଲେଖା ଅଛି । ପରେ ପଢି ନେବ ।" ନୋଟ୍ ତକ ସହ ସେ କାଗଜ ଖଣ୍ଡିକ, ବ୍ଲାଉଜ୍ ଭିତରେ ରଖି ଜାହ୍ନବୀ ଅନୁଭବ କରୁଥିଲା ସେ ଯେମିତି କିଛି ବୋମା ପୁରାଇଛି ତା ଛାତି ଉପରେ ।

ଡେନ୍ସଫ୍ଲୋର୍ କାମ ସରିଲା ପରେ ଅତି ସନ୍ତର୍ପଣରେ ନୋଟ୍ ତକ କାଢି ବାର୍ କର୍ମଚାରୀଙ୍କୁ ଦେଇ ଗ୍ରୀନ୍ ରୁମ ଟେବୁଲରେ ବସି କାଗଜ ଖଣ୍ଡିକ ବାହାର କଲା ଜାହ୍ନବୀ । ଲେଖାଥିଲା, "ଡରିବାର କିଛି ନାହିଁ । ଲାଇସେନ୍ସ ପ୍ରାପ୍ତ ବାର ହେଲେ ବି ତା ଉପରେ ସରକାର ନଜର ରଖନ୍ତି । ମୁଁ ଅମିତ, ଗୁପ୍ତଚର ବିଭାଗର ଅଫିସର । ଆଜି ଏଠି ଡ୍ୟୁଟିରେ ଆସି ତୁମର ଆଖିର ସମ୍ମୋହନରେ ଫସିଯାଇଛି । ମୋବାଇଲ ନମ୍ବର ଦେଲି କାଲି ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଅଟା ବେଳକୁ କଲ୍ କରିବ, ଯଦି ମୋ ଉପରେ ବିଶ୍ୱାସ ଅଛି । କଲ୍ କରିବାର ସାହସ ନ ଯୁଟାଇ ପାରିଲେ, ଆସନ୍ତା କାଲି ମୀନାର ଛକ ପାଖ କଫିହାଉସକୁ ଆସିବ । ପାଖାପାଖି ଦଶଟା ବେଳକୁ ତୁମ ଅପେକ୍ଷାରେ ଥିବି ସେଠି, ଚାରି ନମ୍ବର ଟେବୁଲରେ । "

ପର ଦିନ ସକାଳେ ମୀନାର ଛକର କଫିହାଉସରେ ସହଳ ପହଞ୍ଚି ଗଲା ସେ । କଫିହାଉସ୍ ରିସେପସନରେ ଚାରିନମ୍ବର ଟେବୁଲ ଦେଖାଇଦେଲା ଜଣେ । ଜାହ୍ନବୀ ଦେଖିଲା କେହିଜଣେ ପଛକରି ବସି ଖବରକାଗଜ ପଢୁଛନ୍ତି । ଟେବୁଲ୍ ପାଖାପାଖି ହୋଇଛି କେହି ଜଣେ କହିଲା, "ଆସ ଜାହ୍ନବୀ ଆସ, ଏଇ ସାମ୍ନା ଚଉକିରେ ବସ ।"

ଜାହ୍ନବୀ ଦେଖିଲେ ସମ୍ନାରେ ଗତକାଲିର ସେଇ ସୌମ୍ୟଦର୍ଶୀ ଯୁବକ ଯିଏ ନିଜ ନାଁ ଲେଖି ଜଣାଇଥିଲେ ଅମିତ ବୋଲି ।

ବସୁ ବସୁ ଜାହ୍ନବୀ କହିଲା, "ଆପଣ ମୋ ନାଁ ଜାଣିଲେ କେମିତି ?"

ହସି ହସି ସେ କହିଲେ, "ଗୁପ୍ତଚର ବିଭାଗକୁ ତୁମର ନୁହେଁ, ତୁମ ଡେନ୍ସବାର୍ ର ସମସ୍ତ ଡେନ୍ସ ଗାର୍ଲଙ୍କ ଫଟୋ, ନାଁ ଓ ଠିକଣା ଜଣାଅଛି ।"

କଫି ଓ ବିସ୍କୁଟ୍ ଅର୍ଡର କଲେ ଅମିତ୍ ।

...."ଏଠାକୁ ମତେ ଡାକିବାର କାରଣ କଣ, ସାର୍ ?"

...."ସାର୍ ନୁହେଁ, କହ ଅମିତ୍ ବୋଲି । ଗତକାଲି ସରକାରୀ ଡ୍ୟୁଟିରେ ସେଇ ବାରରେ ଥିଲା ବେଳେ କେଜାଣେ କେମିତି ତମର ଦୁଇ ଆଖିର ଆକର୍ଷଣ ଏଡାଇ ପାରିଲି ନାହିଁ । ମତେ ଲାଗିଲା ଏହି ଆଖି ଦୁଇଟି ମୁଁ କେଉଁଠି ବହୁତ ଆଗରୁ ଦେଖିଛି ?"

ଜାହ୍ନବୀ ହସିଲା, କହିଲା, "ଅମିତ୍, ଆପଣ ବୋଧେ ସ୍ୱପ୍ନରେ ଦେଖିଥିବେ । ନୋହିଲେ ଆମର ତ ଆଗରୁ କେଉଁଠି ହେଲେ ଦେଖା ସାକ୍ଷାତ୍ ତ ହୋଇନି ।"

କଫି ବିସ୍କୁଟ୍ ଆସିଯାଇଥିଲା । କଫି ପିଉ ପିଉ ଦୁହେଁ ଦୁହିଁଙ୍କୁ ଆନାଇ ରହୁଥିଲେ ଏକଲୟରେ, ସତେ ଯେମିତି କେବଳ ଆଖି ନୁହେଁ, ହୃଦୟ ମଧ୍ୟ ମିଶି କଥା ହେଉଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେମିତି !!

ଅନେକ ସମୟ ଗପାଗପିରେ ନିଜ ଜୀବନର ଅଜଣା କଥା ସବୁ ବଣ୍ଟାଣାଣ୍ଟି କରୁଥିଲେ ଦୁହେଁ । ଜାହ୍ନବୀ କହିଥିଲା ତା' ଜୀବନରେ ଘଟିଯାଇଥିବା ଅବାଞ୍ଛିତ ଦୁଃଖଦ କାହାଣୀ । ଅମିତ୍ ମଧ୍ୟ କହିଥିଲେ କେମିତି ପରିତ୍ୟକ୍ତ ହୋଇ ସେ ବଢିଥିଲେ ଅନାଥାଶ୍ରମରେ ଓ ତା ଛତ୍ରଛାୟାରେ ପାଠପଢା ସରିଲା ପରେ ପାଇଛନ୍ତି ସରକାରୀ ଚାକିରୀ ।

ସମୟ ଯେତେ ବଢ଼ିଚାଲିଥିଲା, ସେମାନଙ୍କ ମଧ୍ୟରେ ଏକ ଅଦୃଶ୍ୟ ବନ୍ଧନ ଗଢ଼ି ଉଠି ଆହୁରି ଶକ୍ତ ହେଉଥିଲା ଧୀରେ ଧୀରେ ।

ଗତକାଲି ଡେନ୍‌ସବାର୍ ରେ ହଠାତ୍ ଆଖିରେ ଆଖି ମିଶିବା ଏକ କ୍ଷଣିକ ଘଟଣା ଥିଲା ନିଶ୍ଚିତ, ହେଲେ ସେଇଟା ଥିଲା ଗୋଟାଏ ନୂତନ ଜୀବନ ଧାରର ଅଯଥାରମ୍ଭର ସୂତ୍ର । କଫି କପ୍ ରୁ ଉଠୁଥିବା ମହକଦାର ବାମ୍ପରେ ସେ ଦୁହେଁ ଲତପତ୍ ହେଉଥିଲେ ପ୍ରେମର ପ୍ଲାବନରେ !!

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ମୋଡ଼

ମନୀଷା ଦେବୀ ପାତ୍ର

ରାମପୁର ଗ୍ରାମରେ ରାହୁଲ ବାବୁଙ୍କ ଘର । ସେ ଥିଲେ ସେହି ଗ୍ରାମର ଏକ ଧନୀକ ବ୍ୟକ୍ତି । ତାଙ୍କ ଗ୍ରାମରେ ତାଙ୍କ ପରିବାର କୁ ସମ୍ମାନ ଦେଉଥିଲେ ସେହି ଗ୍ରାମର ଲୋକ । ରାହୁଲର ସାନ ଭାଇ ଥିଲା ବିକାଶ । ସେ ଥିଲା ମଦୁଆ । ସବୁବେଳେ ମଦ ପିଇ ଆସି ପାଟି ତୁଣ୍ଡ କରେ । ଅଭଦ୍ର ଭାଷା ରେ ଗାଳି ଗୁଲଜ କରେ, ଏବଂ ସବୁବେଳେ ଗାଁ ଲୋକଙ୍କ ସହ ଝଗଡା କରେ । ବିକାଶ ପାଇଁ ସବୁବେଳେ ତାଙ୍କ ଘରଲୋକ ଙ୍କ ର ବହୁତ ଚିନ୍ତା ।

ହଠାତ ଗୋଟେ ଦିନ ରାହୁଲ ପାଇଁ ତାଙ୍କ ବାପା ମାଆ ଝିଅ ଖୋଜିଲେ ବିବାହ ପାଇଁ । ରାହୁଲ ଯେମିତି ଭଲ ବ୍ୟକ୍ତିର ଲୋକ; ତା ପାଇଁ ଯେଉଁ ଝିଅ ଖୋଜା ହୋଇଥିଲା ସେ ମଧ୍ୟ ସେ ଚରିତ୍ରର ଝିଅଟିଏ । ରାହୁଲକୁ ତ ସେ ଆରମ୍ଭରୁ ହିଁ ପସନ୍ଦ ଆସି ଯାଇଥିଲା ।

କିନ୍ତୁ ସେ ଗରିବ ଘରର ଝିଅ ଥିଲା । ତେଣୁ ସେ ଝିଅର ବାପା ମାଆ ରାହୁଲ ସହ ବିବାହ କରିବାକୁ ଇଚ୍ଛା କରିଲେ କିନ୍ତୁ କୌଣସି ଜିନିଷ ଓ ପଇସା ଦେବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ସେଥିପାଇଁ ବିବାହ ପାଇଁ ପ୍ରୀତିର ଘରଲୋକ ବହୁ ଦ୍ୱନ୍ଦରେ ଥିଲେ । ରାହୁଲ ଯେହେତୁ ସେହି ଝିଅକୁ ପସନ୍ଦ କରିଛି ତେଣୁ ତା ବାପାମାଆ ବି ରାଜି ହୋଇଗଲେ ।

ଚଳିତ ମାସରେ ତାଙ୍କର ବିବାହ ମଧ୍ୟ ଖୁସି ଖୁସିରେ ହୋଇଗଲା । ପ୍ରୀତି ମଧ୍ୟ ବହୁତ ଖୁସି ଥିଲା । କାରଣ ରାହୁଲ ପରି ଜୀବନ ସାଥୀ ଭାଗ୍ୟରେ ଥିଲେ ମିଳିବ ବୋଲି ସେ ସବୁବେଳେ ମନେ ଚିନ୍ତା କରୁଥିଲା । ଭାଗ୍ୟ କେତେବେଳେ କୋଉ ମୋଡ଼ ପରିବର୍ତ୍ତନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥାଏ, ତାହା କେବେଳ ଭଗବାନ ହିଁ ନିର୍ଦ୍ଧାରିତ କରିଥାନ୍ତି । ତେଣୁ କୌଣସି ଜିନିଷରେ ଅତ୍ୟାଧିକ ଖୁସି ହେବା ଭଲ ନାହିଁ । ଏମିତି ବର୍ଷେ ବିତିଗଲା । ତାଙ୍କର ଗୋଟେ ପୁଅ ଜନ୍ମ ଲାଭ ହେଲା । ତା ନାମ ରାଜେନ୍ଦ୍ର । ଏହି ପରି ଭାବରେ ସମୟ ଅତିବାହିତ ହେଲା । ରାହୁଲ ଅଫିସ କାର୍ଯ୍ୟରେ ବିଦେଶକୁ ଚାଲିଗଲା । ପ୍ରୀତି ତା ଶାଶୁଶ୍ୱଶୁର ସହ ଘରେ ରହୁଥିଲା, ପାଖରେ ଛୋଟ ପୁଅ ରାଜେନ୍ଦ୍ର । ତା ଶାଶୁ ପୁଅ ବିଦେଶ ଗଲା ପରେ ନିର୍ଯାତନା କରିବା ଆରମ୍ଭ କଲା । ସବୁବେଳେ ଅପବ୍ୟବହାର କରି ଗାଳି ଗୁଲଜ କରେ । ପ୍ରୀତିକୁ ବହୁତ କଷ୍ଟ ହୁଏ; କିନ୍ତୁ ସେ କଣ ବା କରିବ । ରାହୁଲ ସହ କଥା ହେବାକୁ ମଧ୍ୟ ତା ଶାଶୁ ମନା କରୁଥିଲା ।

ଏହି ପରି ଭାବରେ ରାହୁଲ ମଧ୍ୟ ଘରକୁ ଆସିବାକୁ ଇଛା ବି କରୁନି । ସେ ତା କାମରେ ସବୁବେଳେ ବ୍ୟସ୍ତ ରହୁଛି । ଏମିତି ଗୋଟେ ଦିନ ରାହୁଲ ଆସି ଘରେ ପହଁଚିଲା, ପ୍ରୀତି ସହ ଭଲରେ ବି କଥା ହେବା ବନ୍ଦ କରିଦେଲା । ଏହି ପ୍ରକାର ବ୍ୟବହାର ପ୍ରୀତି ସହ୍ୟ କରି ପାରିଲା ନାହିଁ । ସେ ଭାବିଲା ରାହୁଲ ମଧ୍ୟ ତାଙ୍କ ମାଆଙ୍କ ପରି ମୋ ସହ ବ୍ୟବହାର କରୁଛନ୍ତି । ରାହୁଲ ସବୁବେଳେ ଫୋନରେ ହିଁ ବ୍ୟସ୍ତ ରହିଲା, ନା ତା ପୁଅ ରାଜେନ୍ଦ୍ରକୁ ଗେଲ ଆଦର କରୁଛି ନା ତା ସ୍ତ୍ରୀ ପ୍ରୀତିକୁ ମଧ୍ୟ ପ୍ରେମ କରୁଛି ।

ଏହି କଥା ପ୍ରୀତିକୁ ବହୁତ ଆଘାତ ଦେଇଥିଲା । ପୁଅ ରାଜେନ୍ଦ୍ର ମଧ୍ୟ ବଡ଼ ହୋଇଗଲା; ତ ସେ ବି କିଛି କଥା ଜାଣି ପାରୁଥିଲା । ପ୍ରୀତି ଯେତେବେଳ ଲୁଚି ଲୁଚି କାନ୍ଦେ ସେ ଦେଖି ଦେଇଛି । ତେଣୁ ରାଜେନ୍ଦ୍ର ତା ବାପାଙ୍କ ପାଖକୁ ଯାଇଛି, କଥା ହେବା ପାଇଁ କିନ୍ତୁ ରାହୁଲ ତା ପୁଅ ଠାରୁ କିଛି ଦୁରକୁ ଯାଇ ଫୋନ୍ ଦେଖିବାରେ ବ୍ୟସ୍ତ । ରାଜେନ୍ଦ୍ର ବି ଦୁଃଖିତ ହୋଇ ସେହି ସ୍ଥାନରୁ ଚାଲି ଯାଇଛି ।

ଆଜିର ଏହି ଆଧୁନିକ ଯୁଗରେ ସ୍ୱାମୀ ସ୍ତ୍ରୀର ସମ୍ପର୍କ କିଛି ବି ନାହିଁ । ସବୁ ତ ଫୋନରେ ବ୍ୟସ୍ତ ରୁହନ୍ତି । ଆଉ କେତେବେଳେ ସ୍ୱାମୀ ସ୍ତ୍ରୀର ଭଲ ପାଇବା ଓ ପିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୁଆଙ୍କ ପ୍ରତି ତାଙ୍କ କର୍ତ୍ତବ୍ୟ ରହିବ । ତେଣୁ ପିଲାମାନେ ମଧ୍ୟ ଆଜିର ସମାଜରେ ଖରାପ ରାସ୍ତାରେ ଅଗ୍ରସର ହୁଅନ୍ତି । ତେଣୁ ବାପା ମାଆ ସଚେତନ ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରଥମ ବର୍ଷ
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି, ଗଜପତି
୯୪୩୯୯୭୭୭୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଯଦି ଯିବ ଯାଅ ଦୂରେ

ଶିବନାରାୟଣ ଦାସ



ତୁମେ ଯଦି ଯିବ ଯାଅ ଦୂରେ -
ବହୁ ଦୂରେ
ହଜିଯାଇ ସହର ବା ମହାନଗରୀର
ମାୟାବିନୀ ଘୁମନ୍ତ ରାତିରେ,
- ଛାଡିଦିଅ ମୋତେ !
ମୁଁ ଏଠି ରହିବି ଚେଇଁ
ମୋ ଗ୍ରାମର ଶାନ୍ତ ମୁଲକରେ,
ଚିକମିକ କରୁଥିବ ଯହିଁ
ସକାଳର କଅଁଳିଆ ଖରା
ଟୋପା ଟୋପା କାଚକେନ୍ଦୁ ଶିଶିର ବିନ୍ଦୁରେ ।
ପକ୍ଷୀର କାକଳି ଯହିଁ
ଖୋଲୁଥିବ ନିଦ ଆଖି ମୋର
ରାତି ଭୋର ମାଛି ଅନ୍ଧାରରେ,
ମୋ ଅଳସ କଟୁଥିବ ଯେବେ
ହାଣ୍ଡିଶାଳ ଘଷି-ପୋଡା
ଧୂଆଁର ବାସ୍ନାରେ,
ତୁମେ ସେଠି ଖୋଲୁଥିବ ଆଖି

Listen to Odia Podcast Original at https://youtube.com/@drjyotiprasad

କାରଖାନା ସାଇରନ ଅବା
ଘଡ଼ିକଣ୍ଟା ଆଲାର୍ମ ସାଥେ
ତୁମରି ସେ ବଡ଼ ସହରରେ,
ମୋ ଗାଆଁର ନିଦ ଭାଙ୍ଗୁଥିବ
ସକାଳର କୁକୁଡ଼ା ଡ଼ାକରେ ।
ତୁମେ ଯଦି ଯିବ ଯାଅ ଦୂରେ -
ମୁଁ କିନ୍ତୁ ରହିବି ମୋର
ଛପରୁଲି ମାଟିକାନ୍ଥ ଘରେ ।

ସବୁଜ ଧାନର କ୍ଷେତ

ଢେଉ ଭାଙ୍ଗୁଥିବ ଯେବେ
ଗହୀର ବିଲରେ,
ଗେଣ୍ଡାଳିଆ, ବଗ ପକ୍ଷୀମାନେ
ଉଡ଼ିଯାଉଥିବେ ଦୂର ନୀଳ ଆକାଶରେ ।
ରହି ରହି କୁମ୍ଭାଟୁଆ
ବେଳ ଅବେଳରେ
ଡାକୁଥିବ ସକାଳେ ବା
ମଧ୍ୟାହ୍ନର ନିସ୍ତବ୍ଧ ପ୍ରହରେ,
ଅହରହ ଶୁଭୁଥିବ
କୋଇଲିର ମିଠା କୁହୁତାନ

Listen to Odia Podcast Original at https://youtube.com/@drjyotiprasad

ଆମ୍ବତୋଟା ଆଢୁଆଳେ -
ବାଡ଼ି ପଛ ବାଉଁଶ ବଣରେ ।
ତୁମେ ସେଠି ଶୁଣୁଥିବ କେତେ
ଆଧୁନିକ ସିନେମା ସଙ୍ଗୀତ
ଟିଭି ଆଉ ରେଡ଼ିଓ ବଜାଇ,
ମୋ ଗାଆଁରେ ସୁରର ଝଙ୍କାର
ତୋଳୁଥିବେ ପୁଣି
ମହୁମାଛି, ଭଅଁର ବା
ହରରଙ୍ଗି ସୁରିଲା ଚଢ଼େଇ ।
ତୁମେ ଯଦି ଯିବ ଯାଅ ଦୂରେ,
ମୁଁ କିନ୍ତୁ ରହିବି ଏଠି
ମୋ ଗାଆଁର ରାଗ-ରାଗିଣିରେ ।
ଗୋଧୂଳି ଉଡ଼ାଇ ଏଠି
ସୂର୍ଯ୍ୟ ଯେବେ ବୁଡି ଯାଉଥିବେ
ଦିଗନ୍ତର ଧୂସର ସୀମାରେ,
ଦୂର ତାଳ, ନଡ଼ିଆ ବଣର
ଚୌହଦୀ ଛୁଇଁ
ପକ୍ଷୀକୁଳ ଉଡ଼ିଯାଉଥିବେ
ନୀଡ଼ ଅଭିମୁଖେ ।
ଅଷ୍ଟମୀର ଜହ୍ନ ଧୀରେ ଧୀରେ
ଉଇଁଥିବ ଜୋଛନା ଖେଳାଇ

Listen to Odia Podcast Original at https://youtube.com/@drjyotiprasad

ଧାନକେଣ୍ଡା ଚଅଁର ଉପରେ,
ସଞ୍ଜର ଓଢଣୀ ଢାଙ୍କି
ମିଟି ମିଟି କରୁଥିବେ ତାରା
ଦୂର ଆକାଶରେ ।
ତୁମେ ସେଠି ସାନ୍ଧ୍ୟ ଭ୍ରମଣରେ

ବସୁଥିବ ପାର୍କ ଅବା
ସିନେମା ଗୃହରେ,
ମୋ ଗାଆଁରେ ସଞ୍ଜ ଆସେ ନଇଁ
ଶଙ୍ଖ-ଧ୍ୱନି, ଘଣ୍ଟ-ଆଳତିରେ ।
ତୁମେ ଯଦି ଯିବ ଯାଅ ଦୂରେ,
ମୁଁ ରହିବି ଏଠି ଜିଇଁ
ମୋ ଗାଆଁର ପାଣି ପବନରେ ।
ଆଲୋକିତ କରୁଥିବ ମୋତେ
ଆହ୍ଲାଦରେ ପୁନେଇଁର ଜହ୍ନ
ଚାନ୍ଦିନୀ ରାତିରେ,
ଅମାବସୀ ଅନ୍ଧକାରେ ବି
ବାଟ ଚାଲୁଥିବି
ଖଦ୍ୟୋତର ଜୁଳୁଜୁଳୁ ଅଳ୍ପ ଆଲୋକରେ ।
ଶରତର କାଶତଣ୍ଡୀ ଫୁଲ
ମୋ ଦେହରେ ଧକ୍କା ଖାଉଥିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଈ ପଠା, ପୋଖରୀ ହୁଡାରେ,

ପଉଷର ଧାନ-ଉସା ବାସ୍ନା

ଭେଦି ଯାଉଥିବ ମୋର

ଶିରା ପ୍ରଶିରାରେ ।

ତୁମେ ସେଠି କ୍ଲାନ୍ତ ଡେଣା ମେଲି

ଉଡ଼ି ଉଡ଼ି ଥକି ପଡୁଥିବ

ତୁମ ପ୍ରିୟ ସହର ଓ

ମହା-ନଗରୀରେ,

ମୋ ଗାଆଁର ଶ୍ରାନ୍ତି ଦୂର ହୁଏ

ଜୀବନର ସହଜ ଛନ୍ଦରେ ।

ଫେରିଆସ ଫେରିଆସ ତୁମେ

ରୁହନାହିଁ ଆଉ ଏତେ ଦୂରେ,

ହସି ହସି ଜୀବନ ବଂଚିବା

ତୁମେ-ମୁଁ ଏଠି

ଆମ ଗାଆଁ ସବୁଜ ପଟଳେ

ଆଉ ତା'ର ସ୍ନେହ-ବୋଳା

ଭିଜା ଭିଜା ମାଟି ମହକରେ ।

ପଣ୍ଡିଚେରୀ

ଭ୍ରାମ୍ୟଭାଷ : ୯୯୯୦୨୪୬୫୬

ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଲମ କହୁଛି କଥା

ମଧୁସ୍ମିତା ସାହୁ



କଲମ କାଗଜ ମିଳନ ହେବାରେ
ଅକୁହା କଥାକୁ ସାଉଁଟି ନେବାରେ
ଅନ୍ତର ଯାତନା ଜାଣି ଦେଇପାରେ
ଚିରକାଳ ପାଇଁ ସାଥୀ ହୋଇପାରେ।।

ଲେଖାରେ କଲମ କହୁଅଛି କଥା
ଉପନୀତ ଦରଦି ମନର ବ୍ୟଥା
ଲେଖି ଚାଲିଥାଏ ରହି ନୀରବତା
ବୁଝିନିଏ ଭାବନାର ସାମର୍ଥତା ।।

କେତେ ଲୁହ ଧାର ପୋଛି ପାରିଅଛି
ବହୁ ଦୁଃଖକୁ ପାସୋରି ଦେଇଅଛି
ଅସୀମିତ କଷ୍ଟ ସମାପ୍ତି ଘଟିଛି
ବେଦନା ହୃଦୟ ସମ୍ଭାଳି ପାରିଛି।।

ଜ୍ଞାନୀ ରୂପେ ସିଏ ବିବେଚିତ କରେ
ଧନୀ ଭାବନାକୁ ଚିନ୍ତନରେ ଭରେ
ଶ୍ରେଷ୍ଠ ପରିଚୟ ମାନବ ମଧ୍ୟରେ
କବି ଲେଖିକା ହୁଏ ସାହିତ୍ୟ ଧାରେ।।

କେବେ ପ୍ରେମ କେବେ ହୁଅଇ ବିଚ୍ଛେଦ
କେତେ ଆଶା କଳ୍ପନା ସାଥେ ପ୍ରଭେଦ
ସ୍ନେହ ଶ୍ରଦ୍ଧା ପ୍ରୀତି ବନ୍ଧନେ ଆବଦ୍ଧ
ଲେଖନୀ ହାରରେ ହୁଅଇ ପ୍ରାଲବ୍ଧ।।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ—୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦେଖିବ ଆସ ରଥଯାତ୍ରା

ଦୁଷ୍ମନ୍ତ ବେହେରା



ବଡ଼ ଦାଣ୍ଡକୁ ଆସିଛି ଧାଇଁ
ଦୁଃଖ ମୋର ଶୁଣ ଗୋସାଇଁ
ଦେବ ତୁମ ଦର୍ଶନ ହେବ
ମୋର ଜୀବନ ଧନ୍ୟ......

ହାତ ଯୋଡ଼ି କରେ ମୁଁ ଗୁହାରି
ସଂସାରକୁ କର ମଙ୍ଗଳମୟ
ଦୁଃଖକୁ ହରି ବେଳ ସୁମରି
ହେ କଳା ଗୋସେଇଁ......

ଆସିଥିଲି ରଥଯାତ୍ରା ଦେଖିବା
ପାଇଁ ଜନ ସମୁଦ୍ରକୁ ଦେଖି
ଭାବରେ ଭାବୁକ ହୋଇ ମୋ
ଜୀବନ ରଥକୁ ଦେବ ଗଡ଼େଇ.....

ଭକ୍ତି ରେ ଆସିଛି ଧାଇଁ ଛଳ
ଛଳ ଆଖିରେ ଦେଖିବି
ମୁଁ ତୁମ ନୟନକୁ ଚାହିଁ
ପାପ ମୋର ଦେବ ଦୂରେଇ......

ଭାବୁଛି ମୁଁ ତିନି ରଥକୁ ଚାହିଁ
ଭକ୍ତର ଭାବରେ ଦେବ ରଥକୁ
ଗଡ଼େଇ ଘଣ୍ଟ ହୁଳ ହୁଳିରେ
ପଡେ ବଡ଼ ଦାଣ୍ଡରେ ହୁରି......

ଜୟ ଜଗନ୍ନାଥରେ ପଡ଼େ
ହୁରି ବଡ଼ଦାଣ୍ଡ ହୁଏ ଅପୂର୍ବର
ମେଳି ଭକ୍ତ କହନ୍ତି ଜଗା ବଳିଆ
ସୁଭଦ୍ରା ସଙ୍ଗେ ରଥ ଯାତ୍ରା ଏଇ......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି ଅପୂର୍ବ ଚନ୍ଦନ ଶୁଭ ନୟନ
ଚାନ୍ଦୁଆ ବହନେ ଶୁଭେ ମଣ୍ଡନେ
ପ୍ରେମ ର ପ୍ରିରତୀ ରେ ଭାସେ
ଭକ୍ତ ଙ୍କ ହୃଦୟ ଡୋରି........

ଯେତେ ଦେଖିଲେ ମନ ବୁଝୁନି
ଯେତେ ଚାହିଁଲେ ଲୁହ ଶୁଖୁନି
ଧୈର୍ଯ୍ୟ ରଖି ଆସିଛି ଧାଇଁ କର୍ମ
ପଥକୁ ବେଳ ଦେଖି ଦେବ ଗଢ଼େଇ.....

ହେ ଦୁଃଖ ହରି ବିଶ୍ୱର ଦୁଃଖ
ସମୁଦ୍ରକୁ କରିଦେବ ମୁକ୍ତି ପଥ
ରେ ପାର କରି ଭଜୁ ଥିବେ
ଜୟ ଜଗନ୍ନାଥ ହେ କଳା ଗୋସାଇଁ.......

ଦୁଷ୍ମନ୍ତ ବେହେରା
ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ -୮୮୯୫୦୯୦୧୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ନଥିବା ବେଳର ପୃଥିବୀ

ଅନସୂୟା ଲେଙ୍କା



ମୁଁ ଜାଣେ
କାଲି ଯଦି,
ମୁଁ ନଥିବି ଏ ପୃଥିବୀରେ
ବୋଧେ ମୋ ଭାଗର ପୃଥିବୀଟା
କିଛି ଦିନ ପାଇଁ ଭରିଯିବ ଅଳନ୍ଧୁରେ
ମାସେ, ଦୁଇ ମାସେ
ଅବା ଅତି ବେଶୀରେ ବର୍ଷେ,
ମୁଁ ଜାଣେ ସବୁ କ୍ଷତ ଭରିଯିବ ଦିନେ
ଅଳନ୍ଧୁ ବି ଧୋଇଯିବ ଦିନେ
ମୋ ବୋଉ ଆଖି ଲୁହରେ
ଅବା,
ମିଛରେ ଆପଣାର ବୋଲାଉଥିବା
ସମ୍ପର୍କୀୟଙ୍କ ଅଦିନିଆ
ଏସିଡ ରେନ୍ ରେ
ଧୋଇଯିବ ଦିନେ
ଆଉ ହଁ
ମୁଁ ହଜିଯିବି ଦିନେ..... ।

ଆପଣାର ଲୋକ ବି
କୋଉ କମ୍ କି
ଆମର ଆମର କହି
ମାଡ଼ି ବସିବେ ମୋ ଭାଗର ପୃଥିବୀ
ଖୋଜି ବୁଲିବେ
ଇନ୍ସୁରାନ୍ସ, ଏଟିଏମ୍ ଅବା ପାସବୁକ୍....
କିଛି ଲୋକ,

Listen to Odia Podcast Original at https://youtube.com/@drjyotiprasad

ନିଃସନ୍ଦେହେ ଯାଚି ଦେବେ

ଷ୍ଟାଟସ୍ ରେ ମହଣ ମହଣ ଇମୋଜୀ

ଫେସ୍ ବୁକ୍ ରେ ମେଞ୍ଚା ମେଞ୍ଚା ଲାଇକ୍

ଆଉ କମେଣ୍ଟରେ ଧାଡିଧାଡ଼ି ଆର ଆଇ ପି.. ।

ଆଉ ମୁଁ ଜାଣେ କିଛି ଖାସ୍ ମଣିଷ ର

ସ୍ମୃତି ୱାଲେଟରୁ ବି

ମୁଁ ଲିଭି ଯିବି ଦିନେ.....

ହଁ ମୁଁ ଚାଲିଯିବି ଦିନେ

ଆଉ ତୁମେ ଭୁଲି ଯିବି ଦିନେ...... ।

ଇଟାମାଟି, ନୟାଗଡ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କର୍ମ ହିଁ ଭଗବାନ

ବାସନ୍ତୀ ଲତା ଜେନା



କର୍ମ ହିଁ ତ ପୂଜା କର୍ମ ହିଁ ସାଧନା
କର୍ମ ହିଁ ତ ଭଗବାନ
ସତ୍ କର୍ମେ ଈଶ୍ୱର ପ୍ରାପ୍ତି ହୋଇ ଥାଏ
ଶ୍ରେଷ୍ଠତା କର୍ମ ଜୀବନ ।୦।
ମାନବ ଜୀବନ ଦୁର୍ଲ୍ଲଭ ଜୀବନ
ତାକୁ ନଷ୍ଟ କର ନାହିଁ
ସମୟର ମୂଲ୍ୟ ଯେ ନର ବୁଝଇ
ପ୍ରଗତିର ଶୀର୍ଷକ ଛୁଇଁ

ନିଃସ୍ୱାର୍ଥ ଭାବନା ପର ଉପକାରେ
କରୁଥାଅ ସେବା ଦାନ
କର୍ମ ହିଁ ତା ପୂଜା.....।୧।

ସତ୍ୟ ଧର୍ମ ପଥେ କର୍ମ କରିଗଲେ
ଜୀବନ ହୁଏ ସରଳ
ସାଧନାର ସିଦ୍ଧି ଦିନେ ମିଳି ଥାଏ
କର୍ମ ନ ହୁଏ ନିଷ୍ଫଳ

କୃଷକ ଶ୍ରମିକ ଶିକ୍ଷକ ଡାକ୍ତର
କଳାକାର ସେବା ଦାନ
କର୍ମ ହିଁ ତ ପୂଜା.....।୨।

ବାୟୁ ଜଳ ଅଗ୍ନୀ ସୂର୍ଯ୍ୟ ଚନ୍ଦ୍ର ତାରା
ନିତ୍ୟ କର୍ମ କରି ଥାନ୍ତି
ଆଳସ୍ୟକୁ ତେଜି କର୍ମ କରି ଗଲେ
ଜୀବନେ ପାଇବ ଶାନ୍ତି

ଈଶ୍ୱର ବିଶ୍ୱାସୀ ସାହସ ଓ ଶକ୍ତି
କର୍ମ ବଳେ ବଳିୟାନ
କର୍ମ ହିଁ ତ ପୂଜା..... ।୩।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଅର୍ଜିତ ଧନ କିଛି ଦାନ କଲେ
ଖୁସି ହୁଅନ୍ତି ଈଶ୍ୱର
ଦୁଖୀ ରଙ୍କି ମୁଖେ ଆହାର କୁ ଦେଲେ
ଆଶିଷର କୃପା ଝର

କର୍ମ ବିନା ଶୂନ୍ୟ ମଣିଷ ଜୀବନ
ତପ ଜପ ଅକାରଣ
କର୍ମ ହିଁ ତ ପୂଜା.......।୪।

ନିଷ୍ଠାପର ଭାବେ କର୍ମ କରିଯିବା
ଈଶ୍ୱର ବିଶ୍ୱାସୀ ହୋଇ
ସେ ଆମ ଭରସା ସେ ଆମ ବିଶ୍ୱାସ
ଆଶା ଆକାଂକ୍ଷା କୁ ନେଇ

ଜୀବନ ସରସ ପ୍ରଗତିର ପଥ
କର୍ମ ସାଧନାରେ ମନ
କର୍ମ ହିଁ ତ ପୂଜା..... ।୫।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
ଦୂର ଭାଷ : ୮୭୫୮୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନଲାଇନ'ର ପୁଅ

ଶିଶିର କୁମାର ପଣ୍ଡା



ବାଇଶି ମସିହା ପରଠାରୁ ଆଉ
ପୁଅ ଆସୁନାହିଁ ଘରକୁ
ମାଆଟା ଏକଲା ପଡିଛି ଏଠାରେ
ଭରସା କରିକି ପରକୁ ।
ଅବଶ୍ୟ କିଛି ବି ଅଭାବ ରଖେନା
ପୁଅ ସବୁ ଦିଏ ପଠେଇ
ମାଆର ଯେତେକ ଅଭାବ କୁଆଡ଼େ
ଅନଲାଇନ୍ ରେ ହଟେଇ ।
ବାରିପଦା ଠାରେ ମାଆ ପଡ଼ିଅଛି
ବାଙ୍ଗାଲୋର ଠାରେ ପୁଅଟା
କଥା ଯାହା ଖାଲି ଫୋଅନରେ ହୁଏ
ମନେ ନାହିଁ ତାଆ ମୁହଁଟା ।

ବୁଢ଼ୀ କଥା ଜମା ବୁଝେନାହିଁ ସିଏ
କେଉଁଥିରେ ମନ ଭରିବ
ଜେଜିମାଆ ବୋଲି ନାତି ଡାକଦେଲେ
ଶରଧାରେ କୋଳେ ଧରିବ ।
ମାଆ ବେଳେବେଳେ ପୁଅ କଥା ଭାବେ
ନୀରବରେ ବସି ବସିକି
ପୁଅଟା ସତରେ ଅନଲାଇନରେ
ପଡ଼ିଲା କୁଆଡୁ ଖସିକି ?

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ଦାଣ୍ଡ

ସୁଜିତ କୁମାର ମିଶ୍ର



ତୋ ଛାତି କଣ
ଆକାଶଠୁ କମ୍ ମେଘମାଳାରେ ଭରା

ତୁ ଏବେଠୁ ସଜେଇ ହେଲୁଣି
ଦେହଠୁ ବେଶୀ
ବିଦେହରେ ପରା ।

ତୁ ନଇଗୀତରେ
ଅପୂର୍ବ ଭକ୍ତି ଘାଟ
ତୁ ଲୁହ ପଖଳା ପ୍ରାଣର
ଦରଦୀ କବାଟ।

ଆଷାଢ଼ ଭିଜା ଋତୁର
ଅନିତ୍ୟ ଆଶା ତୁ
ସାଗରକୁ ଛୁଇଁବାକୁ
ସେତୁବନ୍ଧଟିଏ ତୁ

ତୁ ଆଲୋକିତ ଦ୍ୱାରର ଦ୍ୱାର ବୋଲି
ତୋ ଅଭିସାରରେ କାଳେ କାଳେ
ପାପ ହୁଏନି କି ଛୁ ?

ତୁ ଜଡକୁ ଦେଉ ଜୀବନ
ତୋ ଦାଣ୍ଡ ଧୂଳିରେ,
ଛାତି ହୁଏ ଶୁକ୍ଳ ପାର୍ବଣ
ରାତିର କାଳିମାକୁ ଚିରି,
ବଡ଼ଠାକୁରଙ୍କୁ ଛୁଇଁବାକୁ
ତୋ ଦେହରେ ଲେଖା ହୁଏ
ଫଗୁଣର ଚିଠି,
ତୁ ପରା ଜଗତକୁ ଜୀଇଁବାର ଭେଟି।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାକୁ ଇଚ୍ଛା ନହୁଏ ଯେ

ତୋ ଦାଣ୍ଡରେ ବୋଲିବାକୁ ଫଗୁଣର ଗୀତ

ଯେଉଁଠି ଛୁଆଁରେ ଛୁଆଁରେ

ହୃଦେ କାହ୍ନେ ସବୁ ହୁଏ

ଲଳିତ ଝଂକୃତ।

ଯନ୍ତ୍ରଣା ଦଗ୍ଧ ଜୀବନ ହେଉ

ଆଷାଢ଼ ଅଭିଷେକ,

ତୁ ଆଶ୍ରୟ ଦେଲେ ତ

ଇଏ ହେବ କଣ ପରିପୂର୍ଣ୍ଣତାର

କମ୍ ବଡ ଭୋକ ?

ଜନାର୍ଦ୍ଦନପୁର ଶାସନ

କେନ୍ଦୁଝର

୭୬୮୩୮୬୭୭୪୨



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦାସେ ଆପଣେ

ରାମ ଚନ୍ଦ୍ର ପ୍ରଧାନ



ଅନନ୍ୟ ଓଡ଼ିଆ କର୍ମଯୋଗୀ ବୀର
ଓଡ଼ିଆଙ୍କ ପ୍ରାଣ ସିନ୍ଧୁ
ପର ଉପକାର ଜନ ସେବା ବ୍ରତେ
ପୂଜ୍ୟ ତୁମେ ଗୋପବନ୍ଧୁ ।
ପିତା ଦଇତାରୀ ମାତା ସ୍ୱର୍ଣମୟୀ
କୋଳକୁ କରି ମଣ୍ଡନ
ସାକ୍ଷୀ ଗୋପାଳର ସୁଆଣ୍ଡୋ ଗ୍ରାମରେ
ହୋଇଥିଲା ତୁମ ଜନ୍ମ ।
ମିଶୁ ମୋର ଦେହ ଏ ଦେଶ ମାଟିରେ
ଥିଲା ତୁମ ମୁଖ ବାଣୀ
ଦୀନଦୁଖୀଙ୍କର ଅଭାବ କଷଣ
ପାରୁଥିଲ ତୁମେ ଜାଣି ।
ଉତ୍ସର୍ଗୀ ମନରେ ବିପର୍ଯ୍ୟୟ ବେଳେ
ତ୍ରାଣକର୍ତ୍ତା ସାଜୁଥିଲ
ସ୍ୱଦେଶ ପ୍ରୀତିରେ ଆନ୍ଦୋଳିତ ହୋଇ
ପର ପାଇଁ କାନ୍ଦୁଥିଲ ।
ପଞ୍ଚସଖା ମଧ୍ୟେ ତୁମେ ଅନ୍ୟତମ
ହେ ସମାଜ ସଂସ୍କାରକ

ଓଡ଼ିଆ ଜାତିର ଗର୍ବ ଗଉରବ
ଖ୍ୟାତନାମା ପ୍ରବନ୍ଧକ ।
'ଅବକାଶ ଚିନ୍ତା' 'ବନ୍ଦୀ ଆତ୍ମକଥା'
ନଚିକେତା ଉପାଖ୍ୟାନ
'କାରା କବିତା' ଓ 'ଧର୍ମପଦ' କାବ୍ୟ
ଥିଲା ତୁମରି ସୃଜନ ।
ତୁମ ଜାତି ପ୍ରୀତି ଅବା ଦେଶ ଭକ୍ତି
ଅଟେ ଚିର ବନ୍ଦନୀୟ
ନିଃସ୍ୱାର୍ଥ ସେବକ ହେ ଦାସେ ଆପଣେ
ତୁମେ ସଦା ପୂଜନୀୟ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା,ଗଞ୍ଜାମ
ମୋ: ୯୮୭୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଳି ଦେବାକୁ ମନ ବଳିଲା

ବୈଦ୍ୟନାଥ ମହାନ୍ତି

ଆଜି ଗାଳି ଦେବାକୁ ମନ ବଳିଲା,
ତୋତେ ଗାଳି ଦେବାକୁ ମନ ବଳିଲା
ଗାଇ ଗାଇ ତୋ ଭଜନ,
ଗୀତ ସଂଗୀତ କୀର୍ତ୍ତନ
ନ ଡାକିଲୁ ତୋ ପାଖକୁ
ବାହାରିଗଲୁ ରଥକୁ
ପାଷାଣ ହୃଦୟ ନ ଟଳିଲା,
ବନ୍ଧୁ ଗାଳିଦେବାକୁ ମନ ବଳିଲା (୧)

ଗାଇ ରଖୁଥିଲେ ପରା ବୃନ୍ଦାବନ ରେ
ବଡବୋଲା ଗୁଣକିବା ଅଛି ତୋହରେ
ମୃଦୁ ମଧୁର ବାଣୀ
ନପାରୁ କିବା ଶୁଣି
ଦୂର ବିଦେଶେ ରହି
ଗଲି କି ପର ହୋଇ,
ସେ ପାଇଁ ଡାକ ମୋ ନ ଶୁଭିଲା
ବନ୍ଧୁ ଗାଳିଦେବାକୁ ମନ ବଳିଲା (୨)

ଯେଣୁ କର୍ଣ୍ଣ ନାହିଁତୋର ଶୁଣିବା ପାଇଁ
କାହାରେ ଗୁହାରି ହେବି ଜଗତ ସାଇଁ
ମେଲି ତୋ ଚକା ଡୋଳା
ଲଗାଇ ଅଛୁ ଲୀଳା,
ଜଗତ ବନ୍ଧୁ ହୋଇ
ବନ୍ଧୁ ପଣିଆ କାହିଁ,

ଅଜାଣେ କି ମୋ ଦୋଷ ହୋଇଲା
ବନ୍ଧୁ ଗାଳିଦେବାକୁ ମନ ବଳିଲା (୩)

Listen to Odia Podcast Original at https://youtube.com/@drjyotiprasad

ବନ୍ଧୁ ପାଖେ ଥାଏବନ୍ଧୁ ସୁଖ ଦୁଃଖରେ
ସମଶାନେ ହେଉ ଅବା ରାଜଦ୍ୱାରରେ
ସୁଖେ ରଥରେ ବସି
ଭୁଲିଲେ ପରଦେଶୀ,
ଭକତ ସଙ୍ଗେ ତୋର
ଭାବ ଜନ୍ମ ଜନ୍ମର ,

ଦୂର ବନ୍ଧୁ ସୁନ୍ଦର ନୋହିଲା
ବନ୍ଧୁ ଗାଳିଦେବାକୁ ମନ ବଳିଲା (୪)

ରୁକ୍ମଣୀ ବିବାହ କରି ଏକାଦଶୀ ରେ
ଚଉଠି ପାଇଁ ସ୍ନାହନ ସ୍ନାନ ବେଦିରେ,
ହୋଇଲା ଯେବେ ଜ୍ୱର
ରହିଲ ଅଣସର,
ଜ୍ୱର ଉତ୍ତାରୁ ନାଥ
ରୁଣ୍ଡ ହେଲେ ଭକତ,

ସାନ୍ତାଣୀ ମନେ କି ନ ପଡ଼ିଲା
ବନ୍ଧୁ ଗାଳିଦେବାକୁ ମନ ବଳିଲା (୫)

ଏକା ଭକତବତ୍ସଳ ଭକତ ପାଇଁ
ସଙ୍ଗତେ ଧରି ଆସିଲ ଭଉଣିଭାଇ
ଛାଡି ସିନ୍ଧୁ ଦୁଲଣି
ମା ଲକ୍ଷ୍ମୀ ଠାକୁରାଣୀ
ଗୁଣ୍ଡିଚା ମନ୍ଦିର ରେ
କଲେ ଯାଇ ରହଣି,

ଜନମ ବେଦୀ କି ମନେ ପଡ଼ିଲା
ବନ୍ଧୁ ଗାଳିଦେବାକୁ ମନ ବଳିଲା
ଆଜି ବନ୍ଧୁ ଗାଳି ଦେବାକୁ.........(୬)

ଦିଲ୍ଲୀ, ୮୯୨୦୨୪୯୬୦୫

Listen to Odia Podcast Original at https://youtube.com/@drjyotiprasad

# ଦାମ୍ପତ୍ୟ

ଅରୁଣ କୁମାର ଦାସ



ଚାହୁଁ ଚାହୁଁ ବିତି ଗଲାଣି ଦୁଇ ଦଶନ୍ଧି

ଆମ ମଧ୍ୟରେ କେତେ ଗଲାଣି ସନ୍ଧି

ବହି ଗଲାଣି କେତେ ଉଜାଣି

କିଏ କେତେ ରଖିଛି ହିସାବ କେଜାଣି ।

ତେଲ ଲୁଣର ସଂସାର ମଧ୍ୟେ ଅନେକ ଯାତନା

ପୁଣି ଅନେକ ଶାରିରୀକ, ମାନସିକ, ଯନ୍ତ୍ରଣା

କିଛି ବି ମିଳିଛି କତିପୟଙ୍କ ଠାରୁ କୁମନ୍ତ୍ରଣା

କିନ୍ତୁ ଦେହଲାଇ ପାରିନି ଆମ ନୀଡ଼ ରଚନା ।

ରାଗ, ରୁଷା, ମାନ, ଅଭିମାନ, ସବୁ ସହିଛ

ଆମ ସଂସାର ରଥକୁ ଆଗକୁ ଆଗକୁ ବାହିଛ

ଅନେକ ନିନ୍ଦା, ଅପନିନ୍ଦା ଅନ୍ୟଠୁ ଶୁଣିଛ

ତଥାପି ମୋ ସହିତ ତାଳ ଦେଇ ଚାଲିଛ ।

ସବୁ ଅଭାବ ଭିତରେ କେବେ ପାଟି ଖୋଲିନ

ବିଭିନ୍ନ ଶାରିରୀକ ଅସୁସ୍ଥତା ସତ୍ତ୍ୱେ ନିଜ କର୍ମରୁ ହଟିନ

ମାନସିକ ଯନ୍ତ୍ରଣା ଜର୍ଜରିତ ମଧ୍ୟେ କେବେ ଲୁହ ନିଗାଡିନ

ଅଥଚ ଆମ ସମ୍ପର୍କ ସଦା ରହୁଥିବ ରଙ୍ଗୀନ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଇ ପଡ଼ିଶା, ବନ୍ଧୁ ବାନ୍ଧବ ଆତ୍ମୀୟ ସୋଦର
କେବେ କରିନ କାହାରିକୁ ହତାଦର
ମିଠା ମିଠା କଥାରେ କରିଛ ଆଦର
ଏଇତ ନିଦର୍ଶନ ଆମ ଭଲ ପାଇବାର ।

ଠାକୁରା, ପୁରୁଣା ଢଉଳମାଳ, ଧର୍ମଶାଳା, ଯାଜପୁର
୯୯୩୮୭୩୩୦୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲୁହ ମୋ ଓଠକୁ ଚୁମେ

ତାରା ପ୍ରସାଦ ଜେନା



ସ୍ୱର ଦେଇ ଗୀତ ଗାଉଥିଲି ମୁଁଯେ
ଶୁଣିବା ପାଇଁକି ତୁମେ
ସବୁ ଶୁଣିସାରି ଚାଲିଗଲ ବୁଲି
ଲୁହ ମୋ ଓଠକୁ ଚୁମେ
ସ୍ୱର ଦେଇ ଗୀତ ଗାଉଥିଲି ମୁଁଯେ... । ୦ ।

କେମିତିକା ଆଉ ରହିବି ମୁଁ ଏକା
ପାରୁନି ନିଜକୁ ବୁଝି
ଭାବ ଦିଆନିଆ ପଡୁନିକି ମନେ
ସ୍ମୃତିର ରଣକୁ ଶୁଝି,
ଅଭିମାନ ମୋର ବଡ଼ ସିନା ସତ
ଜପୁଛି ତୁମରି ନାମେ
ସ୍ୱର ଦେଇ ଗୀତ ଗାଉଥିଲି ମୁଁଯେ... । ୧ ।

ଦିନ ରାତି ଏବେ ନିଅଣ୍ଟିଆ ଲାଗେ
ଭାବନା ଜବତ ବେଶି
ଦହଗଞ୍ଜ ଏତେ କରନାହିଁ ମୋତେ
ଛଡ଼ାଇ ଯାବତ ଖୁସି,
ଲୁହ ମୋର କେତେ କୋହମୋହ ଅଛି
ଜାଣିଥା ଅନ୍ଧାର ପ୍ରେମେ
ସ୍ୱର ଦେଇ ଗୀତ ଗାଉଥିଲି ମୁଁଯେ... । ୨ ।

ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆମେ ଓଡ଼ିଆ ଭାରି ବଢ଼ିଆ

ଆଶିଷ କୁମାର ସାହୁ



ଶଙ୍ଖ ବାଜେ ପ୍ରତି ଘରେ,
ଦୀପ ଜଳେ ପ୍ରତି ଦ୍ୱାରେ ।
ଜଗନ୍ନାଥଙ୍କ କୃପା ଥାଉ,
ଓଡ଼ିଶା ମାର ନାଁ ରହୁ ।

ରଥ ଚାଲେ ଧୀରେ ଧୀରେ,
ଭକ୍ତ ଡାକେ ଖୁସି ଭରେ ।
ଜଗନ୍ନାଥଙ୍କ କୃପା ପାଇ,
ଉତ୍କଳ ଆଜି ସଜ ହୋଇଛି ।

ରଜ ଆସେ ଖୁସି ଆଣେ,
ଦୋଳି ତାର ମନ ମୁହେଁ ।
ନୂଆଖାଇ ନୂଆଁ ଧାନ ଆଣି,
ଘରେଘରେ ଖୁସିର କୁହେ କାହାଣୀ ।

ଦୀପାବଳି ଆଲୋକ ଦିଏ,
ଅନ୍ଧାର ସବୁ ଦୂରେଇ ଯାଏ ।

କୁମାର ପୂର୍ଣ୍ଣିମା ଚାନ୍ଦ ହସେ,
କୁମାରୀ ମନରେ ଆଶା ବସେ ।

ଓଡ଼ିଶୀ ନୃତ୍ୟ ଚମକ କେତେ,
ଡାଲଖାଇ, ରସର୍ କେଳି ମନଲୋଭେ ।
ପଟ୍ଟଚିତ୍ର ରଙ୍ଗ ଭରା ଚକାନୟନେ ସୁନ୍ଦର ଗଢା,
କୋଣାର୍କର ଚିତ୍ର କଳା ପରା ଆମର ।

ସମ୍ବଲପୁରୀ ଶାଢି ଶୋଭେ,
ହାବସପୁରୀ ଦୁନିଆଁ ଦେଖେ ।


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିଲିକା ଜଳ ଢେଉ ଖେଳେ,
ଉତ୍କଳ ସାଧବ ମନେ ପଡେ ।

କୃଷକ ଝାଳେ ଧାନ ଫଳେ,
ପଖାଳ କଂସାରୁ ତୃପ୍ତି ମିଳେ ।
ଛେନାପୋଡ କଥା ଜଗତ ଜାଣେ,
ପିଠା ପଣା ସବୁ ମନକୁ ଛୁଏଁ ।

ଓଡ଼ିଆ ଭାଷାର ମିଠା ସୁର,
କଥା ଶୁଣି ମନ ଭରପୁର ।
ଅତିଥି ଦେବତା ମଣେ ଏ ଓଡ଼ିଆ,
ସଂସ୍କାରର କିଏ ଅଛି ତୁଳ ?

ଆଦିବାସୀ ନୃତ୍ୟ ଜଙ୍ଗଲ ଜୋର,
ଢୋଲ ମାଦଲ ବାଜେ ଭୋରଭୋର ।
ପାହାଡ ନଦୀ ସବୁ ଆମର
ପ୍ରକୃତି ସଙ୍ଗେ ଜୀବନ ସାର ।

ସଂସ୍କୃତି ଆମ ଅଭିମାନ,
ସଂସ୍କାର ଆମ ପରିଚୟ ।
ସ୍ୱାଭିମାନ ଯାର ଜୀବନ ତୁଳ
ଓଡ଼ିଆ ଜାତି ଏ ଆଗଭର ।

ଅତୀତକୁ କେବେ ନ ଭୁଲି
ଆଧୁନିକତାର ସଙ୍ଗେ ଚଳି,
ଓଡ଼ିଆ ହୋଇ ଜନ୍ମ ପାଇ,
ଜଗନ୍ନାଥଙ୍କ ଗୁଣଗାଏ ।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ - ୮୧୪୪୧୧୫୨୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜହ୍ନ ପାଖେ ମନ

ସୁଭାଗିନୀ ସିଂହ



ନିର୍ଜନ ନୀରବ ନିଶିଥ ରେ ଦିନେ
ଭାବିଲି ଜହ୍ନକୁ ବସି,
ଜୋଛନା ରେ ତାର ବାନ୍ଧି ନେଲା ମନ
ପଚାରିଲି ତାକୁ ହସି ॥

କାହିଁ ସହ ପ୍ରୀତି ହୃଦୟରେ ସ୍ମୃତି
ମନେ ଭରେ ଶିହରଣ,
ଥାଉ ଯେତେ ଦୂର ଲାଗଇ ନିଜର
ଝୁରି ହୁଏ ମନ ପ୍ରାଣ ॥

ହେ ଜହ୍ନ କେମିତି ବାଣ୍ଟୁଛ ପିରତୀ
ହୋଇ ଉଜାଗର ରାତି,
ବିସ୍ତାରି ଚାଲିଛ ଚତୁର୍ଦିଗ ତୁମେ
ଉଜ୍ଜ୍ୱଳ ଅମାପ ରାତି ॥

ଜହ୍ନ ପାଖେ ମନ ଯାଏରେ ଅଟକି
ଜହ୍ନ ଆଲୋକ ଆନନ୍ଦେ
ଆଶା ନ କରଇ ସେହି ପ୍ରତିଦାନ
ସ୍ନେହରେ ସଭିଙ୍କୁ ଛନ୍ଦେ ॥

ତୁମେ ସଞ୍ଜ ନଇଁ ଗଲେ ଲୁଚି ଥାଅ
ଭାବନାରେ ବୁଡ଼ି ରୁହ,
ମଥାରେ ଓଢଣୀ ଦେଇ ସପନରେ
ଚୁପ ଚୁପ କେତେ କୁହ ॥

ଜହ୍ନ ରାତିର ଅନ୍ଧାରକୁ ଦୂରେଇ
ଖିଲି ଖିଲି ହସି ଦିଅ,
ଖଣ୍ଡ ବାଦଲରେ ଲୁଚକାଳି ଖେଳ
ଦିଗରୁ ଦିଗକୁ ଯାଅ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଇଁ ଚାହୁଁ ଥାଏ ଚାନ୍ଦ ଆସୁଥାଏ
ସବୁଦିନ ଉଇଁ ଉଇଁ,
ଚାନ୍ଦ କୁ ଅନାଇଁ ଖୁସି ହୁଏ କଇଁ
ଜହ୍ନ ପାଶେ ମନ ତହିଁ ।।

ଶୀତଳ ଛୁଆଁରେ ମନେ ମାଦକତା
ଜୋଛନା ଯେ ଢାଳି ଦେଇ,
ପ୍ରେମ ବନ୍ଧନରେ ବାନ୍ଧି ହୋଇଥାଏ
ଜହ୍ନ ଠି ଅଟକେ ଯାଇ ।।

ଜହ୍ନ ରାତିରେ ସାଗର ବକ୍ଷରେ
ନୀଳ ଲହରୀ ସହିତେ,
ଏକାନ୍ତରେ ବସି ଚାହିଁ ସାରା ରାତି
ତୁମ ଆଖି ଭାଷା ପଢେ ।।

ଢେଙ୍କାନାଳ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଦେଶ ଭାରତ

ନୀଳମଣି ଚାନ୍ଦ



ଭାରତ ମୋ' ଦେଶ ଭାରତ
'ଅତି ପ୍ରିୟ' କହେ ଆରତ
ପରଶଂସା କରେ ତା'ର ତ
ଗରବରେ କହୁଁ ଆମେ ଭାରତୀୟ
ବିଶ୍ୱ ଆଗେ ଦେଉ ଏଇ ପରିଚୟ
ଉଡ଼େଇ ତ୍ରିରଙ୍ଗା ଯାର ତ ।

ଜନ୍ମଭୂମି ମୋ'ର ଭାରତ
ସହିଛି ସଭିଙ୍କ ଭାର ତ
କରୁ ଜୟ ଜୟ ତା'ର ତ
ସେ ଜନମଭୂମି ଗଙ୍ଗା ଯାଏ ବହି
ମରୁତଟି ଦିଏ ଯାର କଥା କହି
ସେବା କର ଯେତେ ପାର ତ ।

ସୁନାର ମୋ' ଦେଶ ଭାରତ
ଦୁନିଆ ଭିତରେ ସାର ତ
ଆମେ ତା ଗଳାର ହାର ତ
ଯା ଐତିହ୍ୟ ଆଉ ସଂସ୍କୃତି ମହାନ୍
ଭଲ ଲାଗେ କଲେ ତା'ର ଗୁଣଗାନ
ଆଉ ସବୁ ଦେଶ ଛାର ତ ।

ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନର ଗାଥା

ସୁଷମା ହୋତା



ନ ଥାଇ ରାଜ ରାସ୍ତାରେ ଲାଇଟ
ତଥାପି ଲେଖା ତ ହେଉଥିଲା
କବିତା ଚନ୍ଦ୍ରର ଜୋଛନାରେ
ନ ଥିଲେ କେହି କରିବାକୁ ମନା
ଲେଖି ହେବ ସେଠି ଜୀବନର ଇତିହାସ
ତା ସଙ୍ଗେ ଜନ୍ମ ମୃତ୍ୟୁର ହିସାବ ନିକାସ..
ସୂର୍ଯ୍ୟଙ୍କ କିରଣ କରେ ଆନମନା
ଦିନ ଦିପହରରେ ସିନା
ଲେଖି ହେବ କବିତା
ଗାଇ ହେବ ଗୀତା
ସକାଳ ସନ୍ଧ୍ୟାରେ
ଥିଲେ ଥିବ ସେଠି ଉଷ୍ମତା..
ଦୀପଟିଏ ସିନା ଜାଳିବାକୁ
ଲୋଡ଼ା ହୁଏ ତେଲ ବଳିତା
ତାରାର ମିଞ୍ଜି ମିଞ୍ଜି ଆଲୋକ
ପାଇବାକୁ ହେଲେ ହୁଏ ନାହିଁ ସେ ସବୁ
ଲେଖି ହେବ ଜନ୍ମ ଜାତକ ସଙ୍ଗେ
ଆଗତ ଭବିଷ୍ୟତ କଥା ସବୁ..
ଆକାଶ ର ଛାତ ଖୋଲା ପୁଣି ଦୀର୍ଘ
ମନା ନାହିଁ ତା ତଳେ
ତିଆରିବାକୁ ମୋର
ଜୀବନର ସାଇତା ଥିବା ଗ୍ରନ୍ଥ..
ଦୁଃଖ ସୁଖର କାନ୍ଦର ପୁଣି ହସର
ବର୍ତ୍ତମାନ ସଙ୍ଗେ ଭବିଷ୍ୟତ ଓ ଅତୀତର
ଏଇତ ଖୋଲା ମେଲା ଚାରି ପ୍ରସ୍ଥିଆ
କାଗଜ ନୁହେଁ ଯେ ଭାବି ବସିବି
କଣ ଲେଖିବି ପୁଣି କାହାକୁ କାଟିବି..
ଏଇତ ଜୀବନର ସମାହାର
ମିଶାମିଶି ଗାଥା
କେବେ ହେଇନି କି ହେବନି
ମଧ୍ୟ ଅନ୍ୟଥା..

ସୁଷମା ହୋତା, ସମ୍ବଲପୁର
ଫୋନ - ୯୪୩୮୦୬୦୪୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଶା

ନିରଞ୍ଜନ ସାହୁ



ଆଶା ବାନ୍ଧିବାନ୍ଧି ନିରାଶ ହୋଇଲେ
ଭାଙ୍ଗି ଯାଇଥାଏ ମନ
ଇପ୍ସିତ ଇଛା ପୂରଣ ନହେଲେ
ପୋଡେ ହୃଦ ପଦ୍ମବନ ।

ଆଶା ନ ରଖିଲେ ମଣିଷ କଦାପି
ସପନ ଦେଖିବ ନାହିଁ
ଆଶା ନ ରଖିଲେ କାମ କରିବାକୁ
ଆଗ୍ରହ ଆସିବ କାହିଁ
ଆଶା ମରିଗଲେ ସବୁ ସରିଯାଏ
ଦୁଃଖେ ଭାବୁଥାନ୍ତି ଜନ ।

ଆଶା ତ ଯାହାର ପୂରଣ ହୁଅଇ
ସିଏ ପରା ମହାଖୁସି
ଆଶା କରି ଯିଏ ନିରାଶ ହୁଅଇ
ଅଭିମାନେ ଥାଏ ରୁଷି
ଆଶା ପୂର୍ଣ୍ଣ ହେବା ଚିନ୍ତାର କାରଣ
ଭାବେ ସିଏ ଘନଘନ ।

ବିନା ଆଶା କରି କିଏସେ ବଞ୍ଚିଛି
ଏହି ସଂସାରରେ କୁହ
ଆଶା କରି କିଏ ବିଫଳ ହୋଇକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜମା ଝରାଇନି ଲୁହ

ନିରାଶାକୁ କିଏ କରି ରଖିଅଛି

ଜୀବନର ଗଣ୍ଠିଧନ ।

ଆଶା ପ୍ରତ୍ୟାଶାର ଚିନ୍ତାଧାରା ପୁଣି

ଏହି ଜୀବନରେ ଆସେ

ଉଭୟର ପରିପୂରଣ ହୋଇଲେ

ଜୀବନରୁ ସୁଖ ନାଶେ

ତଥାପି ମଣିଷ ଆଶା ବାନ୍ଧେ ଆଶା

ପୂର୍ଣ୍ଣ ହେବ ଏଇ ସନ ।

ନିହଲ ପ୍ରସାଦ , ଗଁଦିଆ ପାଟଣା

ଢେଙ୍କାନାଳ – ୭୫୯୦୧୬

ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମେଘରାଣୀ ଆସିଲା ଓହ୍ଲାଇ

ଗୋଲୋକବିହାରୀ ବେହେରା



ହେଇ ଦେଖ କଳା ଉତ୍ତରୀୟ ଢାଙ୍କି
ମେଘରାଣୀ ଆସୁଛି ଓହ୍ଲାଇ,
ବାଉଁଶ ବଣରୁ ଶୁଭେ ବଇଁଶୀର ସ୍ୱର
ସୁଲୁ ସୁଲୁ ପବନ ବହେ ସାଇଁ ସାଇଁ ।

ନୂତନ କଳିକା ଶୋହେ ମାଳତୀ ଲତାରେ
ଯୁଇ ଜାଇ ଫୁଲ ହସେ ବାଦଲ ଛାଇରେ ।
କଦମ୍ବ ଅର୍ଜ୍ଜୁନ କେତକୀ କୁସୁମ ବାସ
ଆମୋଦିତ କରୁଅଛି ବଣମଲ୍ଲୀ ହସ ।

ଶୀତଳ ବାୟୁ ପରଶେ ଆସି ଉଦୁମ୍ବର
ପକ୍ୱ ଫଳ ଭେଟିଦିଏ ଆହା କି ସୁନ୍ଦର ।
ବର୍ଷାସ୍ନାତ ମୃତ୍ତିକାର ସୁଗନ୍ଧ ପବନ
ହସ୍ତୀମାନେ ଶୋଷି କଲେ ଘଡ଼ଘଡ଼ି ସ୍ୱନ ।

ମେଘର ଶ୍ରୁତି ମଧୁର ଗରଜନ ଶୁଣି
ଛତୁ ଉଦଗମନ ହୁଏ ବର୍ଷା କାଳେ ପୁଣି
ଚାତକ ପକ୍ଷୀ ଶବଦ ବଗୁଲୀ ଦର୍ଶନ
ଶୁଭଫଳ ଦେଇଥାଏ ଋଷିବାକ୍ୟ ଜାଣ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ , ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

# ବର୍ଷାର ଚେତାବନୀ

ସରୋଜିନୀ ମିଶ୍ର



ଆଷାଢ଼ ଆସିଲା
ବର୍ଷାରାଣୀ ନେଇ
କେକୀ ଆରମ୍ଭିଲା ନୃତ୍ୟ
ସାରୁ ଗଛ ମୂଳେ
ମଣ୍ଡୁକଙ୍କ ରାଜା
ଗାଏ ସ୍ୱାଗତ ସଙ୍ଗୀତ ।

ନୀଳ ଅମ୍ବରକୁ
କଳା ମେଘି ପାଟେ
ଦେଖି ତପନ ବିମୁଖ
ବଉଦ ମେଳରେ
ଲୁଚାଇଲେ ରଶ୍ମି
ଛୁପାଇ ନିଜ ଶ୍ରୀମୁଖ ।

ମଉସୁମୀ ଆସେ
ମେଘ ସବାରୀରେ
ଧରିତ୍ରୀକୁ ଆଲିଙ୍ଗନ
କରି ସଜାଇବ
ସବୁଜ ପାଟରେ
କରି ପୁଷ୍ପ ମାଲ୍ୟାର୍ପଣ ।

ତଡ଼ାଗ , ତଟିନୀ
ହେଲେ ଉତ୍‌ଫୁଲିତ
କୋଳେ ଧରି ମୀନପରୀ
ଚାଷୀ ଭାଇ ହୃଦ
ହେଲା ପ୍ରଫୁଲ୍ଲିତ
ମନେ ସ୍ୱପ୍ନ ଅସୁମାରି ।

ମେଘ ସବାରୀରେ
ଆସି ବର୍ଷାରାଣୀ
ଦେଖି ଧରିତ୍ରୀର ରୂପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଙ୍କକ୍ରିଟ୍ ନାଗଫାଶେ
ଜଙ୍ଗଲ ବିନାଶେ
ଫେରିଯାଏ ବହି କୋପ ।

ବନ ସଂରକ୍ଷଣ
ବୃକ୍ଷଙ୍କ ରୋପଣ
କଲେ ଆସିବି ମୁଁ ଫେରି
ଦେଇ ଚେତାବନୀ
ଫେରିଯାଏ ବର୍ଷା
ମନେ ଦୁଃଖ ଅସୁମାରୀ ।

ହେ ମାନବଜାତି
ହୁଅ ସାବଧାନ
କର ହେ ବୃକ୍ଷରୋପଣ
ବୃକ୍ଷ ନ ରହିଲେ
ଦୁଃଖ ବଢ଼ିଯିବ
ବିଗିଡିବ ସନ୍ତୁଳନ ।

ବ୍ରହ୍ମପୁର , ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବର୍ଷା

ସୁନିତା ଦାଶ



ମେଘର ମନରେ ଯେବେ
ଅକୁହା ଭାବନାର ଜନ୍ମ ହୁଏ,
ସେତେବେଳେ ଆକାଶ ଆଖିରେ
ବର୍ଷା ହୋଇ ଅଶ୍ରୁ ଝରିଯାଏ ।

ପ୍ରତି ବୁନ୍ଦାରେ ଲେଖା ଥାଏ
ପ୍ରକୃତିର ନିରବ ପ୍ରେମଗାଥା,
ଭିଜା ମାଟିର ସୁଗନ୍ଧରେ
ଜୀବନ ଖୋଜେ ନୂଆ ବ୍ୟାଖ୍ୟା ।

ବର୍ଷା କେବଳ ଋତୁ ନୁହେଁ,
ସେ ହୃଦୟର ଏକ ଅନନ୍ତ ସଙ୍ଗୀତ;
ଭଙ୍ଗା ସ୍ୱପ୍ନର ମାଟିରେ ମଧ୍ୟ
ସେ ବୁଣିଦିଏ ନୂଆ ଆଶାର ବୀଜ ।

ଆସ, ଏହି ବର୍ଷାରେ
ମନର ସମସ୍ତ କ୍ଲାନ୍ତିକୁ ଧୋଇଦେବା;
କାରଣ ପ୍ରତ୍ୟେକ ଝରୁଥିବା ବୁନ୍ଦା
କହେ,,,,,,
"ଶେଷ ପରେ ହିଁ ଆରମ୍ଭର
ଆଲୋକ ଅପେକ୍ଷା କରିଥାଏ ।"

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେଇ ଅଭୁଲା ମୁହୂର୍ତ୍ତ

ଡଃ ନାରାୟଣ ଚନ୍ଦ୍ର ସେନାପତି



ତୋତେ ଟିକିଏ ଆଖି ପୁରେଇ ଦେଖିବି ବୋଲି
ଛୁଟି ଯାଇଥିଲି କେତେ ଦୂରରୁ
ଗାଡ଼ିର ବେଗ ଲାଗୁଥିଲା ଅତି ମନ୍ଥର
ହୃତ୍ ସ୍ପନ୍ଦନ ଚାଲୁଥିଲା ବିଜୁଳି ପରି ଅତି କ୍ଷୀପ୍ର
ଆଖି ଆଗରେ ନାଚୁଥିଲା ତୋ ଅପୂର୍ବ ରୂପ
ଜାଣି ନ ଥିଲି ତୁ ମୋତେ କେମିତି ଗ୍ରହଣ କରିବୁ
ସେଥିପାଇଁ ଉଦ୍ ବେଗ ଉତ୍ କଣ୍ଠା ଆଉ କୌତୁହଳ ମାନେ ହେଉଥିଲେ ତତ୍ପର
ଆଉ ମନରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ
ତୁ ମୋତେ କରିନେବୁ ଆପଣାର
ନାଁ ଅଣ ଦେଖା କରି କରୁଦେବୁ ସାତପର ?

ଅପେକ୍ଷାର ଅନ୍ତ ହେଲା ସେତେବେଳେ
ଯେତେବେଳେ ଆମ ଚାରି ଚକ୍ଷୁର ହେଲା ମିଳନ
ମୋ ମନର କଥା ପଢ଼ିପାରି
ତୁ ମୋତେ ଶ୍ରଦ୍ଧାରେ ଦେଲୁ ପ୍ରୀତି ଉପହାର
କେମିତି ଭୁଲିବି ସେ ମୁହୂର୍ତ୍ତ
ଯେଉଁ ମୁହୂର୍ତ୍ତରେ ମୁକ ସାକ୍ଷୀ ଥିଲେ ଆଲୋକ ସମୀରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଜିଥିଲେ ସ୍ଥିତପ୍ରଜ୍ଞ ଦର୍ଶକ ଆମ ଭାବ ବିନିମୟର
ଆଉ କରୁଥିଲେ ସୂକ୍ଷ୍ମ ଉପଲବ୍ଧି
ଆମ ପ୍ରେମ ପ୍ରଣୟର ।

ତୁ ସିନା ବାହୁଡ଼ି ଗଲୁ ତୋ ଶ୍ରୀମନ୍ଦିର
ହେଲେ ମୋ ଦେହ ମନ ପ୍ରାଣରେ ତୋ ସ୍ପର୍ଶ
ଏବେ ବି ଥରାଇ ଦେଉଛି ,ହେଉଛି ଯନ୍ତ୍ର ପରି ଘର୍ଘର
କି ଦୁଃଖ ସେ ବିଦାୟ ବେଳା
କି କମନୀୟ ସେ ହୃଦୟ ଜ୍ୱାଳା
ତୁ ନନ୍ଦିଘୋଷ ଚଢ଼ି ଗଲାବେଳେ ଦେଖିଛି ତୋ ଆଖିର ଲୁଚା ଲୁହ
ଆଉ ତୁ ବି ପଢି ପାରିଛୁ ମୋ ହୃଦୟର ଅକୁହା କୋହ
ବୋଳି ଦେଇ ପ୍ରେମ ରଙ୍ଗ ଚାଲି ଗଲୁ ସିନା
ହେଲେ ସେ ଅଭୁଲା ସ୍ମୃତିକୁ ମୁଁ ସାଇତି ରଖିଛି ପରା ହୃଦୟ ଡାଏରୀରେ
ତୁ ମୋତେ କରି ଦେଇ ପାରୁ ସାତପର
ହେଲେ ମୁଁ ପରା ଅଛିଣ୍ଡା ଗଣିତ ହୋଇ ଯୋଡ଼ି ହୋଇଛି
ପୂଜା କରୁଥିବି ଦୁଇ ନିଷ୍କଳଙ୍କ ଆତ୍ମାର
ଆମ ପ୍ରେମକୁ କରି ଅଜର ଆଉ ଅମର ।

ଜମ୍ପରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେଇ ଅଭୁଲା ମୁହୂର୍ତ୍ତ

ଡଃ ତାନଶ୍ରୀ ପାଣିଗ୍ରାହୀ



ସପନ ଦରିଆ ପାରି ହୋଇ ଗଲି
ତୁମକୁ ଦେଖିବି ବୋଲି
ମନର ଆବେଗେ କଳ୍ପନା ତୂଳୀରେ
ତୁମ ଚିତ୍ର ଆଙ୍କୁଥିଲି...

ହୃତପିଣ୍ଡର ବେଗ ବଢୁଥିଲା ଧୀରେ
ତୁମ କଥା ମନେ ଭାଳି
ସମୟକୁ ଦେଖି ଲାଗୁଥିଲା ଭୟ
ସହଜେ ମୁଁ ଡରକୁଳୀ...

ପ୍ରତୀକ୍ଷାର ଯେବେ ଅନ୍ତ ଘଟିଲା
ଆଖି ଆଖିର ମିଳନ
ତୁମ ବାହୁ ତଳେ ବନ୍ଦିନୀ କଲ
ଖେଳିଗଲା ଶିହରଣ...

ଅଳପ ଦେଖାରେ କେମିତି କେଜାଣି
ଅତି ଆପଣାର କଲ
ମୋ ଦେହ ଉଷୁମ ପରଶକୁ ଛୁଇଁ
ପ୍ରୀତିରେ ଭିଜାଇ ଦେଲ...

ବିଦାୟ ବେଳାରେ ଅମାନିଆ ଲୁହ
ଯେବେ ଆସିଥିଲା ଝରି
ଭୁଲିବନି କେବେ ଆଗୋ ପ୍ରିୟା ମୋର
କହୁଥିଲ ହାତ ଧରି...

ତୁମ ମିଠା କଥା ତୁମ ପ୍ରତିଶ୍ରୁତି
ହୃଦୟେ ଅଲିଭା ଗାର
ସେଦିନର ସ୍ମୃତି ରଖିଛି ସାଇତି
ରହିବ ଚିର ଅମର ॥

ବାଲେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଅନ୍ନପୂର୍ଣ୍ଣା ପାଲ



ସ୍ମୃତି ମୋର ସବୁ ସାଇତି ରଖିଛି
ସ୍ମୃତିର ଫରୁଆରେ ନେଇ
ନିରୋଳାରେ ବସି ଭାବିଲେ ମୁଁ ତାକୁ
ମନେ ପଡେ ସବୁ ସେହି ।।

ସ୍ମୃତି ଫରୁଆରେ ସାଇତା ମୋ '
ପିଲାଦିନର କାହାଣୀ
ଗାଁଆ ଦାଣ୍ଡଧୂଳି ତା'ର ମାଟି ବାଲି
ଅମୃତ ସମ ମୋ ପାଇଁ।।

ବାଲ୍ୟ ଜୀବନ ମୋ ବିତିଛି
ନଈ, ନାଳ ତୋଟା ଗାଆଁରେ
ସାଙ୍ଗ ସାଥି ମେଳେ କଟିଛି
କେତେ ଖେଳକୁଦ ସେଠାରେ।।

ରଜ ଦୋଳି ଆଉ କୁଆଁର ପୁନେଇ
ବଣଭୋଜି ସ୍ମୃତି ହୋଇ
ଭାଇ ଭଉଣୀର ମାଡଗୋଳ ପୁଣି
ବାପା,ବୋଉଙ୍କର ଗାଳି ।।

ସବୁ ସେହି ସ୍ମୃତି ସୁନ୍ଦର ଅଚିର
ଖୁସିରେ ଥିଲା ସେ ଜୀବନ
ଭାଇ ଭଉଣୀ ଥିଲୁ ଛୋଟ
କାହିଁକି କେଜାଣି ଭଗବାନଙ୍କର କି ବିଚାର !

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଯାହାକୁ ମୁଁ ବେଶି ଭଲପାଏ

ମୋ ଜୀବନ ଠୁ ଅଧିକ

ସେ ମୋ ବୋଉ

ସବୁ ଦିନ ପାଇଁ ଲିଭି ଗଲା

ମୋ ବୋଉ ଜୀବନର ଦୀପ

ଏହି ସ୍ମୃତି ଫରୁଆ ଭିତରେ

ରହିଗଲା ମୋ ପିଲା ଦିନ ।।

ପାଟକୁରା, କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ନରେନ୍ଦ୍ର କୁମାର ଦାସ



ମଣିଷ ଜୀବନେ ସ୍ମୃତି, ଅନୁଭୂତି
ବହୁ କିଛି ଘଟି ଥାଏ ,
ଦୁଃଖ ସୁଖ ଭୟ କ୍ରୋଧ ପରିସ୍ଥିତି
କେବେ ଆସି ଦେଖା ଦିଏ ।
ଆସନ୍ତାକାଲି ଯେ ରହିଛି ଅନାଇଁ
ଆଜି ହୋଇ ଦେଖା ଦିଏ ,
ଆଜି ଯାହା ଅଛି ବର୍ତ୍ତମାନ
ହୋଇ
କାଲି ସେ ଅତୀତ ହୁଏ ।
ଘଟଣା ବହୁଳ ଜୀବନେ ଆମର
ବହୁ କିଛି ଘଟି ଯାଏ,
ଗୁରୁତ୍ୱ ନ ଥିଲେ ଭୁଲି ଯାଇ ତାହା
ଅତୀତ ଗରଭେ ରହେ ।
ସବୁ ଦିନ କା'ର ସମାନ ନ ଥାଏ
ଉତ୍ଥାନ ପତନ ହୁଏ ,
ଆନନ୍ଦେ ବିଭୋର ବିପଦେ କାତର
କିଛି ସ୍ମୃତି ହୋଇ ରହେ ।

ସବୁ ସ୍ମୃତି କିନ୍ତୁ ସ୍ମରଣୀୟ ନୁହେଁ
ମନୁ ସ୍ୱତଃ ଭୁଲି ଯାଏ ,
କିଛି ସ୍ମୃତି ରେଖାପାତ କରିଥାଏ
ଚିର ସ୍ମରଣୀୟ ହୁଏ ।
କିଛି ସ୍ମୃତି ଅଛି ଗଭୀର ଭାବରେ
ହୃଦୟକୁ ଛୁଇଁ ଥାଏ,
କିଛି ସ୍ମୃତି ଅଛି ସଜ ଫୁଲ ପରି
ଫୁଟି ମହକ ଛୁଟାଏ ।
ଅଛି କିଛି ସ୍ମୃତି ଲୁହ ହୋଇ ଝରେ
ଗଭୀର ଆଘାତ ଦିଏ ,
ଏଭଳି ରହିଛି ଅନୁଭୂତି ଯାହା
ଅଭୁଲା ସ୍ମୃତିରେ ରହେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାବାତ୍ୟା ସ୍ମୃତି ଅଭୁଲା ଅଟଇ
ଏବେ ଦୃଶ୍ୟମାନ ହୁଏ ,
ଲୋମହର୍ଷଣକାରୀ ଅକାଳ ମୃତ୍ୟୁ
ପ୍ରତ୍ୟକ୍ଷଦର୍ଶୀଙ୍କୁ ଛୁଏଁ ।
ବହୁ ମୂଲ୍ୟବାନ ଜୀବନ ଓ ଧନ
ରତ୍ନ ପୋତି ହୋଇ ଯାଏ,
ମହାବାତ୍ୟାର ତାଣ୍ଡବ ଲୀଳାରେ
ଉତ୍କଳ ଶ୍ରୀହୀନ ହୁଏ ।
ସ୍ୱାମୀ ହାତ ଛାଡ଼ି ସ୍ତିରୀ ଭାସି ଗଲା
ମାଆ କୋଳୁ ଶିଶୁ ଯାଏ,
ନିଃସନ୍ତାନ ହୋଇ ବହୁ ପିତା ମାତା
ଲୁହ ବା' ପୋଛିବ  କିଏ  ?
ଝାଟିମାଟି ଘର ଚାଳ ଛପରରର
ଭିତ୍ତିଭୂମି ଲୋପ ହୁଏ ,
ନଭଶ୍ଚୁମ୍ବୀ ଅଟ୍ଟାଳିକା, ଆଜବେଷ୍ଟସ୍
ଟିଣଘର ଶୂନ୍ୟ ହୁଏ ।

ଏରସମା,କୁଜଙ୍ଗ, ପାରାଦୀପାଞ୍ଚଳ
ଧ୍ୱସ୍ତ  ବିଧ୍ୱସ୍ତ ଯେ ହୁଏ,
ପାଦପ ବିହୀନ ସେ ଅଞ୍ଚଳ ଗଲେ
ଏବେ ମଧ୍ୟ ଦୁଃଖ ହୁଏ ।
ପୋକ ମାଛି ପରି ଜୀବ ଜନ୍ତୁ ଲୋକ
ମରି ହଜି ଗଲେ ଯିଏ,
ଅଭୁଲା ସ୍ମୃତିର ଅତଳ ଗର୍ଭରେ
ମର୍ମନ୍ତୁଦ ସ୍ମୃତି ହୁଏ।

ଅବସରପ୍ରାପ୍ତ ଶିକ୍ଷକ
ଦଶରଥ ପୁର, ଯାଜପୁର
ମୋ-୭୭୩୫୬୦୭୮୪

Listen to Odia Podcast Original at https://youtube.com/@drjyotiprasad

# ଅଭୁଲା ସ୍ମୃତି

ବୀଣା ସାହୁ



ସେ ଦିନର ସେହି ଅଭୁଲା ସ୍ମୃତି ଯେ
ମନେ ପଡେ ବାରମ୍ବାର,
ଧୂଳି ଘର ଖେଳ ପିଲା ଦିନ ସାଥୀ
କାହାଣୀ ସେ ଅତୀତର ।

ସମୟ ସ୍ରୋତରେ ସବୁ ବଦଳିଛି
ହଜିଯାଇଛି ସେ ହସ,
ବାକି ରହିଅଛି ମନ ଗହନରେ
ଅଭୁଲା ସ୍ମୃତିର ବାସ ।

କେତେ ଯେ ସୁନ୍ଦର ସେ ଦିନ ଗୁଡ଼ିକ
କେତେ ଯେ ଅଳି ଅର୍ଦଳି,
ଆଜି କାହିଁ ସେହି ନିଷ୍ପାପ ସେ ସ୍ମୃତି
ଯାହାକୁ ହେବନି ଭୁଲି ।

ହୃଦୟର କୋଣେ ସାଇତା ହୋଇଛି
ପ୍ରତିଟି ମୁହୂର୍ତ୍ତ ମୋର,
ଅଭୁଲା ସ୍ମୃତି ଯେ ବଞ୍ଚି ରହିଥିବ
ସାଜି ଶେଷ ଜୀବନର ।

ଶ୍ରାବଣର ସେହି ପ୍ରଥମ ବରଷା
କାଗଜ ଡଙ୍ଗାର ଖେଳ,
ସାଙ୍ଗ ସାଥି ମେଳେ ବୁଲିବା ଆମର
ମନଟି ଥିଲା ନିଶ୍ଚଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖରା ବରଷାକୁ ଖାତିରି ନଥିଲା
ମନେ ଥିଲା ଖାଲି ଆଶା,
ଆଜି ସେ କାହିଁକି ସପନ ପାଲଟି
ବଦଳିଛି ତାର ଭାଷା ।

ନିରବେ ନିଶୀଥେ ଝୁରି ହୁଏ ମନ
ଆଖିରୁ ବୁହଇ ଲୁହ,
ସ୍ମୃତିର ସେହି ଯେ ସୁନେଲି ପୃଷ୍ଠାରେ
ଆଜି ବି ଉଠଇ କୋହ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ନଳିନୀ ପ୍ରଭା ମିଶ୍ର



ଭୁଲି ହୁଏ ନାହିଁ ସ୍ମୃତି ସିଏ
କେବେ ସମୟର ଉପହାର
ବିଜନ ବେଳା ରେ କଡ ଲେଉଟାଏ
ମନ ତଳେ ତା'ର ଘର ।
ଶୈଶବର ଦିନ ଅମାନିଆ ମନ
ଚୁଲୁବୁଲି ପ୍ରଜାପତି
ପ୍ରଗଲ୍ଭ କୈଶୋର ଛୁଇଁ ଦିଏ
ଯେବେ ଆନମନା ହେଲା ମତି ।
ଯୌବନ ର ବେଳ ବସନ୍ତ
ମାଦକ ଆସିଲା ବୟସ ସାଜି
ପରିବର୍ତ୍ତନ ର ଅବସ୍ଥା କ୍ରମରେ
ବିକଶିତ ତନୁ ରାଜି ।
ପାଠ ପଢା ବେଳ ସାଙ୍ଗସାଥୀ
ମେଳ ହସ ଖେଳ ଯେତେ କଥା
ହୋଇଗଲା ଇତି ସମୟ କ୍ରମରେ
ଭାବି ଲାଗେ ଭାରି ବ୍ୟଥା ।

ସ୍ମୃତି ବିସ୍ମୃତି ର ଅତଳ ଗହ୍ୱରୁ
କାହାଣୀର ଅନୁଭୂତି
ଅଭୁଲା ଅତୀତ ଭୁଲି ହୁଏ ନାହିଁ
ସମୟ ଗଲେ ହେ଼ଏ ବିତି ।
ଅଭୁଲା ସ୍ମୃତି ସେ ଅଲିଭା ଅକ୍ଷର
ଜୀବନ ଖାତାର ଧାଡ଼ି
ଜୀବନ ମଣିଷ ସମ୍ବନ୍ଧ ଭିତରେ
ରହିଅଛି ହୋଇ ଜଡ଼ି ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଡଃ ମଞ୍ଜୁଲା ପ୍ରଧାନ

ମୋ ଅତୀତର ଅଭୁଲା ସ୍ମୃତି ଆଜି
ମୋ ମନରେ ପାଲଟି ଯାଇଛି
ପ୍ରଣୟର ମଧୁଗୀତି।

ମନେ ପଡିଯାଏ କୁଆଁର ପୁନେଇଁ
ସାଙ୍ଗ ସାଥି ପୁଚି ଖେଳ, ରଜ
ସଜବାଜ ପୋଡ଼ ପିଠା ଖିଆ ଦୋଳି
ଖେଳେ ବୁଢ଼େ ବେଳ।

ଖୁଦୁରୁକୁଣୀ ପାହାନ୍ତି ଗାଧୁଆ
କୁଆଡେ ସେ ଉଭାଇ ଗଲା,
ଦୋଳ ଯାତରା ହୋଲି ଖେଳ
ସବୁ ହୃଦେ ମୋର ଜାଗିଉଠିଛି,
ଅତୀତର ସେ ଅଭୁଲା ସ୍ମୃତି ଆଜି
ବି ମୁଁ ଭୁଲି ନ ପାରୁଛି।

କଟକ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଟି ରତ୍ନମାଳା ସୁବୁଦ୍ଧି



ଅମୃତ ଶରୀର ଦିବ୍ୟ ଭାବମୟ
ଅତୀତ ସ୍ମୃତି ଜୀବନ୍ତ,
ହସ କାନ୍ଦ ଭରା ହୃଦୟ ମନ୍ଦିର
ଅପାଶୋରା ରୁଚିମନ୍ତ ।

ନୀରବରେ କିଛି କ୍ଷଣ ବସିଗଲେ
ଦୂର ଦିଗ୍ୱଳୟ ଚାହିଁ,
ମନେ ପଡେ ସବୁ ଅତୀତର ସ୍ମୃତି
ପାଶେ ଆସେ ସେତ ଧାଇଁ ।

ମାଆ ମିଠା ସ୍ନେହ ପିତାଙ୍କ ଆକଟ
ବିଦ୍ୟାଳୟ ସାଙ୍ଗସାଥୀ,
ଖେଳକୁଦ ସଙ୍ଗେ ତୋଟା ମାଳ ବୁଲା
ଅଭୁଲା ମୂହୁର୍ତ୍ତ ପୋଥି ।

ସମୟ ବଦଳେ ସ୍ମୃତି ରହିଥାଏ
କ୍ଲାନ୍ତି ଲାଗେ ଯେବେ ମନେ,
ଅତୀତ ସ୍ମୃତିର ଜାଗ୍ରତ ହୁଏ
ତୁନି ତୁନି କହେ କାନେ ।

କି ମଧୁର ସତେ ଅତୀତର ସ୍ମୃତି
ଗଭୀର ଭାବରେ ଛୁଏଁ,
ଭଲ କର୍ମ ଆମ ଅଧିକ ଜୀବନ୍ତ
ସ୍ମୃତି ପାଶେ ମୁଣ୍ଡ ନୁଏଁ ।

ସ୍ମୃତିର ପସରା ହୃଦୟେ ଆସରା
ପ୍ରଭୁଙ୍କର ଆଶୀର୍ବାଦ,
ଜୀବନର ଅନ୍ତ ହେବାଯାଏଁ ରହେ
ସ୍ମୃତି ହୃଦୟ ସମ୍ପଦ ।

ସ୍ମୃତି ତ ଯୁବକ କେବେ ନୁହଁ ବୃଦ୍ଧ
ହୃଦେ ଭରେ ଶାନ୍ତି ହସ,
ସ୍ମୃତି ପ୍ରତିବିମ୍ବ ହୃଦୟର ବିମ୍ବ
ଦୂରେ ଥାଇ ଲାଗେ ପାଶ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

କ୍ରିଷ୍ଣା ସେନାପତି



ଜୀବନର ଛୋଟ କାହାଣୀ କେତେ
ଲେଖା ରହେ ମାନସ ପଟେ
ଖୁସିର ଫୁଲ ଫୁଟେ

ଚିତ୍ର ଆଙ୍କି ମନରେ ରଖେ ସାଇତି
ସେ ପରା ଅଭୁଲା ସ୍ମୃତି
ବେଳେ ବେଳେ ମଧୁର ଅତି

ପାଶୋରି ହୁଏନି ମିଠା ଅଭୁଲା ସ୍ମୃତି
ଆନ୍ଦୋଳିତ କରେ ମନକୁ ନିତି
ଗାଏ ଖୁସିର ଗୀତି

ସ୍ମୃତି ନୁହେଁ ଜୀବନର ଅଲିଭା ପ୍ରୀତି
ଆନନ୍ଦେ ବିଭୋର ମତି
ମ୍ରିୟମାଣ ଦୁଃଖେ ଅତି

ଭାବିଲେ ସ୍ମୃତି ଦିଏ ବହୁ ଆଘାତ
ପାରି ହୁଏ ନାହିଁ ପୋଛିତ
ଲୁହେ ଭରେ ଆଖିତ

ଭୁଲି ହୁଏ ନାହିଁ ମନରୁ ତାହାକୁ
ବାରମ୍ବାର ଆସେ ପାଖକୁ
ଦେଖ ନୂଆ ଛବିକୁ

ମାନସ ପଟର ଅଲିଭା ସ୍ମୃତି କୁ
ସହଜ ନୁହେଁ ମିଟେଇ ବାକୁ
ଖୋଜୁ ଥାଅ ରବର୍ କୁ

ମନରେ ରହେ ହୋଇ ଲିପିବଦ୍ଧ
ଲିଭାଇବା ନୁହେଁ କାହା ସାଧ୍ୟ
ପାଶୋରି ବା ଅସାଧ୍ୟ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଅନାମ ଚରଣ ସାହୁ



ବିସ୍ମୃତ ନହୋଇ ରହିଥାଏ ଛପି
ହୃଦୟରେ ତୋଳି ଘର
ଦୁଃଖ ହେଉ ଅବା ସୁଖର ସଉଦା
ଜୀବନର ଛାୟା ପୁର ।
ଜୀବନ କ୍ଷେତ୍ରରେ ପ୍ରତିଟି ମୋଡ଼ରେ
ଅତୀତ ହୁଅଇ ଉଭା
ମନେ ପଡ଼ିଯାଏ କଷଟି ପଥରେ
ବିଚ୍ଛୁରିତ ତାର ପ୍ରଭା ।
ଶିଖାଇ ଥାଏ ସେ ଜୀବନ ସରସ
ହେବ କେଉଁ ଉପାୟରେ
ଯିଏ ଶିଖି ଯାଏ ଜୀଇଁବାର କଳା
ସୁଖ ଲଭେ ମର୍ତ୍ତ୍ୟ ପୁରେ ।

ମନ ସିଲଟର ଅଲିଭା ଅକ୍ଷର
ଲିଭେଇ ହୁଏନା କେବେ
ମନ ଝରକାରେ ଉଙ୍କିମାରେ ସଦା
ମୋହଭଙ୍ଗ ହୁଏ ଯେବେ ।
ଅଭୁଲା ସ୍ମୃତିର ଆଦର ସମ୍ମାନ
କରିଥାଏ ଯେଉଁ ନର
ମହା ବିପତ୍ତିରୁ ଉଦ୍ଧାର ପାଇସେ
ଦୁନିଆରେ ହୁଏ ବର ।

ବିଭୁତିପୁର, କାକଟପୁର, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ସୁସ୍ମିତା ପଣ୍ଡା




ଜନମିଲି ଯେବେ  ଯେ ମାତୃ କୋଳରେ
ଜାଣି ନ ଥିଲି କାହାକୁ
ଅମୃତ ପିଇ ଲୋଟି ପଡ଼େ ବକ୍ଷରେ
ଜାଣିଲିଏ ଧରଣୀକୁ ।।(୧)

ଶିକ୍ଷା ଲଭିଲି  ମୋର ଜନନୀ ଠାରୁ
ନ କରିବି ହତାଦର
ବହୁତ ଶିଖିଲି ମୁଁ ପରିବାରରୁ
ସଭିଙ୍କୁ କଲି ଆଦର ।।(୨)

ଶୈଶବେ ମାଆ ପାଶେ କରେ ଅଝଟ
କୋଳକୁ ଟାଣେ ତାହାର
ଭୁଲ୍ କଲେ ବାପା କରନ୍ତି ଆକଟ
ବୁଝାନ୍ତି ପିତା ମୋହର ।।(୩)

କୈଶୋରେ ଗୁରୁ ଠାରୁ ପାଇଲି ଶିକ୍ଷା
ଭୁଲ୍ କଲେ ମିଳେ ଶାସ୍ତି
ଦ୍ୱିତୀୟ ଈଶ୍ୱର ଠାରୁ ପାଏ ଦୀକ୍ଷା
ମାନିଲେ ହେବ ଯେ ମୁକ୍ତି ।।(୪)

ଯୌବନେ କଲି ଯେବେ ପଦାର୍ପଣ
ଚଞ୍ଚଳ ହୋଇଲା ମନ
ତୁମ ସାଥେ ହୋଇଗଲା ଦର୍ଶନ
କଲି ପ୍ରେମ ନିବେଦନ ।।(୫)

ସାଦରେ ପ୍ରେମକୁ କରିଲ ଗ୍ରହଣ
ଗଢ଼ିବା ନୂଆ ସଂସାର
ଦୁହେଁ କଲେ ଦୁହିଁଙ୍କ ପାଣିଗ୍ରହଣ
ସାଥୀ ଯେ ସୁଖ ଦୁଃଖର ।।(୬)

କେବେ ଯେ ମୋହରି ହାତ ଛାଡ଼ିନାହଁ
ପଥ ହେଉ କଣ୍ଟକିତ
ଦିବାରାତ୍ରି ଦେଖିଲେ ତୁମରି ମୁହଁ
ସବୁ ଲାଗେ କୁସୁମିତ ।।(୭)

ପରିଣତ ବୟସେ ଯେ ଉପନୀତ
ଈଶ୍ୱର ଙ୍କୁ ସଦା ସ୍ମରି
ହେବା ନାହିଁ ଆମ୍ଭେ ଦୁହେଁ ବିଚଳିତ
ଭବସାଗରୁ ଯେ ତରି ।।(୮)

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ପୁଷ୍ପଲତା ମିଶ୍ର



ଅତୀତର ସ୍ମୃତି ଅଭୁଲା ରହିଛି
ଅପରାହ୍ନ ଜୀବନରେ,
ଭାବିଲେ ସେ ସ୍ମୃତି ମନେ ଦୁଃଖ ଦିଏ
ଭାବନାରେ ମନ ଝୁରେ ।।

ସେ ଅଭୁଲା ସ୍ମୃତି ଆଜି ମୋ ମନରେ
ଆନ୍ଦୋଳିତ କରୁଅଛି,
କାହିଁ ଲୁଚିଗଲା ସେହି ଦିନ ସବୁ
ଅନ୍ଧାରରେ ଖୋଜୁଅଛି ।।

ପାଞ୍ଚ ପଇସାର ଚେନାଚୁର କିଣି
ଖାଉ କାଗଜ ଠୁଙ୍ଗାରେ,
ଆଠେଣି ଚାରେଣି ସଞ୍ଚିତ ହୁଅଇ
ସାଇତା କୁମ୍ଭି ମଧ୍ୟରେ ।।

କଳା ଧଳା ଫଟୋ ଉଠାଉ ତ ଯାଇ
ଷ୍ଟୁଡିଓ ଘର ଭିତରେ,
ଦୁଇ ପାଖେ ଦୁଇ ଆଲୁଅ ଜଳାଇ
ଉଠେ ଫଟୋ ଅନ୍ଧାରରେ ।

ଢିଙ୍କିରେ କୁଟଇ ଧାନ ଓ ଚାଉଳ
ଚୁଲି କାଠେ ହୁଏ ରନ୍ଧା,
କୁଆଡେ ଲୁଚିଲା ଶିଳ ବଟା ପିଠା
ଚକି ହୋଇଅଛି ବନ୍ଧା ।।

କସ୍ତା ଶାଢ଼ୀଟିରେ ବୋଉ ଖୁସି ଥାଏ
କରଇ ଘର ପାଇଟି,
ଗୋବର ପାଣିରେ ମାଟି କାନ୍ଥ ଲିପି
ପକାଏ ଚାଉଳ ଝୋଟି ।।

ଗୁହାଳରେ ବନ୍ଧା ହୁଏ ନେତ ଗାଈ
ଆଜି ତ ଗୁହାଳ ନାହିଁ,
ବାଡି ପୋଖରୀରୁ ମାଛ ଧରା ହୁଏ
ଚୁଲିରେ ବୋଉ ଭାଜଇ ।।

Listen to Odia Podcast Original at https://youtube.com/@drjyotiprasad

ହଜିଗଲା ସେଇ ଅତୀତ ଦିନ ଟି
ରହି ଅଛି ସ୍ମୃତି ହୋଇ,
ଆଧୁନିକ ଯୁଗେ ଯେତେ ଖୋଜିଲେ ବି
ସେ ଦିନ ଫେରିବ ନାହିଁ ।।

ଅଭୁଲା ସ୍ମୃତି ଟି ମୋ ମାଟି ଘରଟି
ଥିଲା ତ ଅତି ସୁନ୍ଦର ,
ମୋ ମାଟି କାନ୍ଥ ଟି ଗୋବରରେ ଲିପେ
ରହିଛି ମୋ ଷଷ୍ଠୀ ଘର ।।

ସେ ମାଟି ଘର ଦାଣ୍ଡ ପିଣ୍ଡାଟିରେ
ବସୁ  ଆମେ ଧାଡ଼ି ଧାଡ଼ି,
ବୁଢ଼ୀ ମାଆ ଠାରୁ ଗପ ଶୁଣି ଶୁଣି
ଯାଉ ଆମେ ପାଠ ପଢ଼ି ।।

ଅତି ଗରମରେ ଥଣ୍ଡା ତ ଲାଗଇ
ଛଣ ଛପରର ଘର ,
ଶୀତ ଦିନରେ ତ ଉଷୁମ ଲାଗଇ
ଆମରି ମାଟିର ଘର ।।

ସକାଳୁ ସକାଳୁ ଉଠି ମୋର ବୋଉ
ଗୋବର ପାଣି ପକାଇ,
ଦାଣ୍ଡର ଅଗଣା ଓଳେଇ ସେ ଦିଏ
ସୁନ୍ଦର ତାହା ଦିଶଇ ।।

ଯେତେ ଖୋଜିଲେ ବି ଆଉ ଫେରିବନି
ହୋଇଛି ଅଭୁଲା ସ୍ମୃତି,
ଯାଇଛି ପୁରୁଣା ଆସି ଅଛି ନୂଆ
ମନରେ ଅଛି ସାଇତି ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ରମେଶ ଟାକ୍ରୀ



ଅତୀତ ଗଲାଣି ତା ବାଟରେ ସିନା
କାହାଣୀ ରହିଛି ପ୍ରୀତି
ଏହି ଛାତି ତଳେ ରହିଛି କେବଳ
ମଧୁର ଅଭୁଲା ସ୍ମୃତି ।୦।

ମୋ ମନ ମାନସୀ ରୂପରେ ରୂପସୀ
ମୋ ବାଟକୁ ରହେ ଚାହିଁ
ଜହ୍ନ ଜୋଛନାରେ ସହକାର ତଳେ
ଏ ମନକୁ ନିଏ ମୋହି ,
କଥା ଦେଇଥିଲା ସାତ ଜନମକୁ
ହେବା ପାଇଁ ମୋର ସାଥୀ ।୧।

ପ୍ରେମର ମହଲ ଗଢ଼ି ଥିଲୁ ଆମେ
ରହିବାକୁ ମିଳିମିଶି
ମାଟିରେ ମିଶିଲା ଆଚାନକେ ସେତ
ଅଦିନିଆ ଝଡ଼ ଆସି ,
ମାନସୀ ବିନା ଏ ଜୀବନ ଲାଗଇ
ମରଣ ଜୁଇର ତାତି ।୨।

ଆଜି ଏ ମନରେ ଗୁଣୁଗୁଣୁ ହୁଏ
ମିଳନର ପ୍ରେମ ଗୀତ
ନାଚେ ମୋ ଆଖିରେ ଆମରି ମିଳନ
ମଧୁମୟ ସେ ଅତୀତ ,

ଜିଇଥିବା ଯାଏ ଏ ଅଭୁଲା ସ୍ମୃତି
ମୋ ପାଇଁ କି ହୀରା ମୋତି ।୩।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ରଞ୍ଜିତା ତ୍ରିପାଠୀ



ବିଗତ ଦିନର କଥା ସବୁ ଯେବେ
ପେଡିରୁ ବାହାରି ଆସେ
ଭାବନା ରାଇଜେ ବୁଡି ଯାଏ କେବେ
ମୁରୁକି ମୁରୁକି ହସେ ।
ରାଗି ଯେବେ ବୋଉ ଗାଳି ଦେଇଥାଏ
ରୁଷି ବସିଥାଏ ମୁହିଁ
ମୁହଁକୁ ଫୁଲାଇ ଚାହିଁ ରହିଥାଏ
କେବେ ଆସିବ ବୁଝାଇ ।
ବୋଉ ହେଲାପରେ ଅନୁଭବ କରେ
ମଧୁରତା ସେ ଗାଳିର
ମନ ମୋ ସେ ଗାଳି ଖୋଜିବା ବେଳକୁ
ବୋଉ ନାହିଁ ଆଜି ମୋର ।
ବରଷା ପାଣିରେ ଓଦା ହେଲେ କାଳେ
ସର୍ଦ୍ଦି କାଶ ହେବ ମୋର
ଓଦା ନ ହେବାକୁ ତାଗିଦ କରେ ସେ
ଜଗିଥାଏ ଦେହ ମୋର ।

କାମ କରିବାକୁ ପଡୁଅଛି ଏବେ
ଖରା ହେଉ କି ବରଷା
ଓଦା ହୋଇ ଦେହ ଖରାପ ହୋଇଲେ
ମନେପଡେ ବୋଉ କଥା ।
ବାହାରକୁ ଯେବେ ଯାଇଥାଏ ମୁହିଁ
ନନା ଥାନ୍ତି ବାଟ ଚାହିଁ
ଶିଘ୍ର କାମ ସାରି ଆସିବାକୁ ସିଏ
ଦିଅନ୍ତି ମନେପକାଇ ।
ଆଜି କେହି ନାହିଁ କହିବାକୁ କିଛି
ମନ ମୋ ଯାହା ଖୋଜଇ
ସେହି ସବୁ କଥା ରହି ଯାଇଅଛି
ଅଭୁଲା ସ୍ମୃତିଟେ ହୋଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଶ୍ୟାମା ପ୍ରସାଦ ବୋଷ



ସୟନେ ସପନେ ଅବା ଜାଗରଣେ
ମନେପଡେ ତୁମ ସ୍ମୃତି
ଶତ ଚେଷ୍ଟାକରି ପାରୁନାହିଁ ଭୁଲି
ତୁମେ ମୋ ଅଭୁଲା ସ୍ମୃତି । ୧

ପ୍ରଥମ ଦେଖାରେ ସମ୍ମୋହିତ କରି
ହୃଦୟକୁ ନେଲ ଜିତି
ମଧୁର କଥାରେ ମୋହିତ କରିଲ
ଝରାଇ ଅମୀୟ ଗୀତି। ୨

ହସରେ ଅଧିର ଗୋଲାପି ଅଧର
କଥା କୁହା ଆଖି ମାତି
ରୂପ ମାଧୁରୀର ମହକ ଅପାର
ନିଦ ଚୋରାଇଲା ରାତି। ୩

ସେଦିନର ସେହି ମଧୁର ଆଳାପ
ଯାଇଅଛି ସେତ ବିତି
ମିଠା ମିଠା କଥା ମଧୁର ପିୟାଲା
ଝରୁଥିଲା ସତେ ପ୍ରୀତି ।୪

ମନ ଚାହିଁଥିଲା ପ୍ରେୟସୀ କରିବି
ରହି ଉଜାଗର ରାତି
ତୁମ ଅଭିସାରି ବେଶ ମନେପଡି
ଦେହରୁ ଛାଡୁନି ତାତି । ୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଅତୀତ ମଧୁର ମିଠା ସପନର

ଥିଲ ତୁମେ ମଧୁମତୀ

ଏ ମନ ମୋହର ବିରହେ ତୁମର

ସାଜିଛି ମଉନାବତୀ । ୬

ବିରହ ଜ୍ୱାଳାର ଯନ୍ତ୍ରଣା କାତର

ଭୁଲାଏ ଆପଣା ବୃତ୍ତି

ଚିରଦିନ ପାଇଁ ତୁମ ସ୍ମୃତି ମୋର

ରହିବ ଅଭୁଲା ସ୍ମୃତି । ୭

ଗ୍ରାମ :- ବେଗୁନିଆଁ , ମଲ୍ଲୀକ୍ ସାହି

ପୋଷ୍ଟ :- ଗୋପ୍ , ଜିଲ୍ଲା :- ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ସନ୍ତୋଷ କୁମାର ସାହୁ



ପ୍ରଥମ ଦେଖାରେ ତୁମ ଓଠେ ହସ
ଦେଖିଲି ମୁଁ ଯେଉଁ ଦିନ
ସମୟ ବଦଳି ଯାଇଅଛି ସିନା
ଅଭୁଲା ସେ ସ୍ମୃତି ଦିନ...
ପାଇଲେ ସୁଯୋଗ ଦେଖିବାକୁ ଇଚ୍ଛା
ତୁମ ହସ ବାରମ୍ବାର
ହୃଦୟକୁ ମୋର ସମର୍ପି ଦିଅନ୍ତି
ତୁମ ପାଇଁ ପ୍ରତିଥର...
ଅତୀତର ସ୍ମୃତି ମନେ ସୃଷ୍ଟି ହେଲେ
ମନେ ପଡ଼େ ତୁମ କଥା
ନଦେଖି ପାରିଲେ ଅଭୁଲା ସ୍ମୃତିଟି
ଅନ୍ତରରେ ଦିଏ ବ୍ୟଥା...
ତୁମରି ଦୂରତା ଅପ୍ରାପ୍ତିର ଦୁଃଖ
ମୋ ମନେ ବଢାଏ କୋହ
ଅଭୁଲା ସ୍ମୃତିଟି କାହିଁକି କେଜାଣି
ବଢ଼ାଏ ପ୍ରଣୟ ମୋହ...
ଅତୀତର ସ୍ମୃତି ଅବଶୋଷ ଖାଲି
ତଥାପି ପଡ଼ୁଛି ମନେ
ପୁଣିଥରେ କେବେ ଦେଖା ହେବ ବୋଲି
ଭାବୁଅଛି ପ୍ରତିଦିନେ...
ଅଭୁଲା ଅତୀତ ନିରାଶ୍ରୟ ବେଳ
ଯାଇଅଛି ସିନା ବିତି
ପ୍ରୀତି ଅନୁଭୂତି ମାନସ ପଟରେ
ଆଙ୍କିଛି ଅଭୁଲା ସ୍ମୃତି...
ମନ ଆଇନାରେ ଅଭୁଲା ସ୍ମୃତିକୁ
ପ୍ରତିଦିନ ଥାଏ ଚାହିଁ
ତୁମ ସ୍ମୃତି ପାଶେ ଥାଉ ମୋ ଜୀବନେ
ଆଉ କିଛି ଲୋଡ଼ା ନାହିଁ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଅନୀତା ମିଶ୍ର



ମନେପଡେ ସାଥି ତୁମ ମଧୁ ସ୍ମୃତି
ସୃଜି କ୍ଷଣିକାର ମୋହ
ଯାଇଅଛ ହଜି ତୁମେ ସିନା ଆଜି
ସ୍ମୃତି ଆସେ ଅହରହ ।

ମନେପଡେ ଦିନେ ସ୍ୱର୍ଣ୍ଣାଭ ସପନେ
ଆସିଥିଲ ଅନୁସରି
ଅଜଣା ପୁଲକେ ଚେଇଁ ଉଠିଥିଲା,
ମନ ପ୍ରାଣ ପ୍ରୀତି ଭରି ।

କ୍ଷଣପ୍ରଭା ସମ ଚମକରେ ତୁମ
ଭରି ଉଠିଥିଲା ମନ
ତୁମ ଫଗୁଣର ରଙ୍ଗ ରୋଷଣୀରେ
ହସିଥିଲା ଉପବନ ।

ଭାବେ ମୋହିଥିଲ କଥା ଦେଇଥିଲ
ରହିଥିବ ପାଶେ ପାଶେ
କାହିଁକି କେଜାଣି କରିଦେଲ ପର
ରହିଲ କେଉଁ ଆବେଶେ ।

ହୋଇ ରହିଥିବ ସୁଖରେ ଦୁଃଖରେ
ସାଥିଟିଏ ମୋର ହୋଇ
କହିଥିଲ ପରା ଭୁଲିଗଲ ପୁଣି
କହିବ କି କାହିଁ ପାଇଁ ।

କରିଥିଲ ମୋତେ ନିଜଠାରୁ ବଳି
ଥିଲି ନୟନର ତାରା
ଭାବିବସେ ଯେବେ ଅତୀତକୁ ଏବେ
ବହେ ଲୋତକର ଧାରା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସମ୍ପର୍କର ସେହି କ୍ଷଣିକ ମୁହୂର୍ତ୍ତ
ମନେପଡେ ରହିରହି
ଭୁଲିଯାଆ ମନ ଚଗଲା ପବନ
କାନେ ଯାଏ କହିକହି ।

ଭୁଲି ତ ହୁଏନା କେମିତି ଭୁଲିବି
ପାଏନା କୂଳ କିନାରା
ଯେତେ ବୁଝେଇଲେ ଅବୁଝା ମନ ମୋ
ଦିଏନାହିଁ ଜମା ଧରା ।

ନୟନୁ ଲୋତକ ଝରେ ଝରଝର
ମନ ଝୁରେ କାହା ପାଇଁ
ଭଲ ପାଇବାର ସେ ମଧୁ ଲଗନ
ଉଠିବ କି ପୁଣି ଚେଇଁ ।

ସେଦିନ ବସନ୍ତ ଆସିଛି ବି ଆଜି
ନାହିଁ ସେହି ଅନୁରାଗ
ତୁମ ବିନା ଲାଗେ ଫିକା ଏ ଜୀବନ
ମନରେ ଆସେ ବିରାଗ ।

ସ୍ମୃତି ତ ଅଭୁଲା ହୁଏନାହିଁ ଭୁଲି
ମନ ମୋ ଅବୁଝା ନଇ
ଆସନ୍ତ କି ଥରେ ଅବୁଝା ମନକୁ
ଦିଅନ୍ତ ଟିକେ ବୁଝେଇ ।

ଯାଇଛି ସେ ଦିନ ପାରୁନାହିଁ ଭୁଲି
ହୃଦୟେ ହୃଦୟ ଛନ୍ଦା ।
ମହକାଉଥିବ ହୋଇ ଚିରଦିନ
ଅଭୁଲା ସ୍ମୃତିରେ ବନ୍ଧା ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଏଲିଜା ଜେନା



ସତେ ତୁମେ ମୋର ପ୍ରାଣ ପ୍ରିୟତମ,
ସ୍ମୃତିର ଅଲିଭା ଶିଖା
ସୁଖ, ଦୁଃଖରେ ପା ଦୁହେଁ ସହଭାଗୀ
ପ୍ରୀତିର ସୁବର୍ଣ୍ଣ ରେଖା ।

ମୋ' ଲୁହ ପୋଛିଛ କେତେ ସରାଗରେ
ଆପଣାର ମୋତେ କରି
ଜାଣିଛି ଜୀବନେ ବନ୍ଧନ ଆମର
ଯିବ ନାହିଁ କେବେ ସରି ।

ସମୁଦ୍ରର ବାଲି ପରି ଅସୀମିତ
ଆମ ବନ୍ଧନର ସୀମା
ଚନ୍ଦ୍ର,ସୂର୍ଯ୍ୟ ପରି ଚିରନ୍ତନ ସତ୍ୟ
କି ଦେବି ତାର ଉପମା ?

ଭାବ ପରା ଆମ ପ୍ରୀତିର କୈବଲ୍ୟ,
ସ୍ମୃତି ର ରଜନୀଗନ୍ଧା
ଅନୁଭବ ର ସ୍ନିଗ୍ଧ ରଜ୍ଜୁରେ ସତେ
ଆମେ ଦୁହେଁ ପରା ବନ୍ଧା ।

କ୍ଷଣେ କ୍ଷଣେ ମୋର ହୃଦୟରେ ଅଛ,
ଅଭୁଲା ସ୍ମୃତି ଯେ ହୋଇ
ଝରି ପଡୁ ଥିବି ତୁମ ଚଲାପଥେ
ଫୁଲ ଆଞ୍ଜୁଳାଏ ହୋଇ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ରୀତାରାଣୀ ଦାଶ



କିଛି ଦିନ ରହେ କ୍ୟାଲେଣ୍ଡର ମଧ୍ୟେ
କିଛିଦିନ ଆତ୍ମା ଠାରେ
ନୁହେଁ ବଡ଼ କଥା କାହାରି ପାଇଁ ତ
କୌଣସି ସମାଚାରରେ
ନୁହେଁ ବାଣ ଫୁଟା ଶବ୍ଦ,
କେବଳ ତୁମେ ହିଁ ଆଉ "ମୁଁ "ଯେ ଥିଲି
ଦୁଇନାମ ଏକ ମତ ।

ବୋକା ଭଳି ହସି କଥା ହେଉଥିଲୁ
ଅନ୍ତରେ ନ ଥିଲା ମିଥ୍ୟା
କେମିତି କେଜାଣି ପବନ ସାଉଁଟି
ରଖିନେଲା କିଛି କଥା
କୋଳାହଳ ପୂର୍ଣ୍ଣ ଥିଲା,
ହଠାତ କ୍ଷଣକରେ ଶାନ୍ତ ହୋଇଗଲା
ଦୁନିଆଁ ନୀରବ ହେଲା ।

କେମିତି ବେଶରେ ଥିଲୁ ଆମେ ଦୁହେଁ
ଗାଉଥିଲୁ କେଉଁ ଗୀତ
କିଛି ସ୍ମୃତି ମୋର ସାଇତା ନାହିଁ ତ
ଶାନ୍ତ ସ୍ଥିର ଥିଲା ଚିତ୍ତ
ଉଙ୍କିମାରେ ଛୋଟ ସ୍ମୃତି,
ତୁମରି ଭାବନା ଥିଲା ଆନମନା
କିଏ ଦେଖେ ଆମ ସ୍ଥିତି ।

ବର୍ଷ ବିତିଗଲା ସବୁ ବଦଳିଲା
ବଦଳିଲା ପରିସ୍ଥିତି
କିନ୍ତୁ ସେହି ସ୍ମୃତି ଅଭୁଲା ହୋଇଲା
ଅପାଶୋରା ତାର ଭିତ୍ତି
ଏବେ ବି ନୁହେଁ ମଳିନ,
ବର୍ଷାର ବାସ୍ନାରେ ଜୀବିତ ହେଉଛି
ଚିରସ୍ଥାୟୀ ଅନୁପମ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ସଂଯୁକ୍ତା ସାହୁ



ଜୀବନର ଚଲାପଥର କେତେବେଳେ
କେଉଁ ମୁହୂର୍ତ୍ତରେ ମୋଡ଼ ବଦଳିଯାଏ
ଅନେକ ସ୍ମୃତି ବାଟ ଦେଇ ଗତିକରେ
କେତେ ଦୁଃଖ ଓ ସୁଖର ସମିଶ୍ରଣରେ
ଅଭୁଲା ସ୍ମୃତି ଆସି ଛିଡାହୁଏ ଆଗରେ
ତିରିଶ ବର୍ଷ ତଳକୁ ଫେରିଗଲେ
ମନେ ପଡେ ଜୀବନର ଅଭୁଲାସ୍ମୃତି
ନାରୀଟି ଜୀବନ ସାର୍ଥକ ମାତୃତ୍ୱରେ
ପ୍ରତ୍ୟେକ ନାରୀଟିଏ ଅପେକ୍ଷା ଥାଏ
ସେ ସୁନ୍ଦର ଅନୁଭୂତିକୁ ସାଥିରେ ଧରି
ମୁଁ ବା ବାଦ୍ ଯିବି କିପରି ସେଥିରୁ
ମୋ ମାତୃତ୍ୱର ପରିପ୍ରକାଶରେ
ମୋ କୋଳକୁ ଆସିଲା ସନ୍ତାନଟିଏ
ସେଦିନ ଆତ୍ମହରା ହୋଇପଡିଥିଲି
ଆଖିରେ ଖୁସିର ଲୁହ ଲହଡି ମାରୁଥିଲା

ସେ ଅନୁଭବକୁ କଣ ଦେଖେଇହୁଏ
ଝିଅରୁ ନାରୀଟିର ରୂପାନ୍ତରିତରେ
କେତେ ଯେ ଝଡ଼ ଝଞ୍ଜା ଖଞ୍ଜାଥାଏ
ଦୁଃଖ,କଷ୍ଟ,ବାଧାବିଘ୍ନକୁ ପିଇଯାଏ
ଯେବେ ମାତୃତ୍ୱ ସେ ଲାଭକରେ ସବୁ
ଯନ୍ତ୍ରଣାକୁ ପିଠି କରି ଆଡେଇଦିଏ
ଭୁଲିଯାଏ ତା'ର ରାଗ ଅଭିମାନ
ଏଇ ତ ମୋ ଜୀବନର ଅଭୁଲା ସ୍ମୃତି
ଅନେକ ଅଭୁଲା ସ୍ମୃତି ବି ମନରେ
ଉଙ୍କିମାରେ ,ଅତୀତ ଫେରିଆସୁଥାଏ
ସବୁ ବର୍ଣ୍ଣିବା ନୁହଁ ସହଜ ତ ଲେଖାରେ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ଭାସ୍କର ରାଉତ



ଦେଖ ଏ ଜୀବନେ ଶ୍ରୀକ୍ଷେତ୍ରକୁ ଦିନେ
ଯାଇଥିଲି ମୁହିଁ ଧାଇଁ,
କଳା ବଦନକୁ ଚକା ନୟନ କୁ
ଦେଖିବି ମନ ଭରେଇ ।।୦।।

ସକାଳ ପହରୁ ବହାରିଣ ଘରୁ
ଧାଡ଼ିରେ ଯେ ଠିଆ ହୋଇ,
ଗଡ଼ିଗଲା ବେଳ ଭିଡ଼ ଅସମ୍ଭାଳ
ଶ୍ୱାସରୁଦ୍ଧ ହୋଇଯାଇ ।
ଅଚେତନ ହୋଇ ପଡ଼ିଗଲି ତହିଁ
ରୋଗୀ ଯାନରେ ପକାଇ ।।

ଚିକିତ୍ସାଳୟକୁ ନେଇଣ ସେଠାକୁ
ଚିକିତ୍ସା ତହିଁ ଚାଲଇ,
ପାହାନ୍ତି ପହର ସମ୍ମୁଖେ ମୋହର
ଉଭା ସେ କଳା ଗୋସାଇଁ ।
ମଥାରେ ମୋହର ହାତଟି ତାଙ୍କର
ଧୀରେ ସେ ଦେଲେ ବୁଲାଇ ।।

ହୋଇଗଲି ସୁସ୍ଥ ହୋଇଲେ ସେ ଗୁପ୍ତ
ତାଙ୍କ ଦେଖା ନ ମିଳଇ,
ଜୀବନର ଗତି ବଦଳିଲା ନିତି
ଦିବ୍ୟାନନ୍ଦେ ବୁଡ଼ି ଯାଇ ।
ଘର ସଂସାର କୁ ଭୁଲିଲି ତାହାକୁ
ତା ନାମ କୁ ଗାଇ ଗାଇ ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭୁଲା ସ୍ମୃତି

ସୁନିତା ମହାନ୍ତି



ଉପମା ଦେବାକୁ ନାହିଁ ମୋର ପାସେ
ନାହିଁ ମୋ ଶବ୍ଦର ଲେଖା
ଭାବେ ଯଦି ବସି ଅଭୁଲା  ସ୍ମୃତିକୁ
ଲାଗେ ଜୀବନ ଅଲେଖା ।

ଶେଫାଳି ଫୁଲକୁ ସାଉଁଟିଲା ପରି
ସାଉଁଟିବି ଯଦି ମନେ
ଲୁହ ଭିଜିଯିବ ଏ ନୟନ କୋଣୁ
ସ୍ମୃତି ଆସିଯିବ ଜାଣେ  ।

କିଶୋର ଯୌବନ ବାର୍ଦ୍ଧକ୍ୟ ବିତିଲେ
ଜୀବନ ନିଏ ବିଦାୟ
ହୃଦୟ କ୍ୟାନଭାସରେ ସାଇତଏହି
ହସ ଖୁସି ଭରା ଦେୟ  ।

ଅଭୁଲା ସ୍ମୃତି କୁ ଭୁଲି ହୁଏ ନାହିଁ
ଜୀବନ ସମୀକ୍ଷା ପୂର୍ଣ୍ଣ

ଗାଇବା ଗୀତିରେ ଲେଖି କବିତାରେ
ଖୁସି ବିରସରେ ସ୍ଥାନ  ।

ଜୀବନ ଏମିତି ପୁସ୍ତକ ଟିଏ ଯେ
ପଢିଲେ ବିତେନି ଦିନ.
ରାତି ଆସିଯାଏ  ସଞ୍ଜ ସାଥିରେ ସେ
ପୃଷ୍ଠାଏ  ଦିନକୁ ଜାଣ  ।

କେତେ ପୃଷ୍ଠା ଏହି ଜୀବନ ପୁସ୍ତକ
ଅଭୁଲା ସ୍ମୃତିରେ ଭରା
ପ୍ରତିଦିନ ପଢି ନୂଆ ନୂଆ କିଛି
ଇତିହାସ ହେବ ପରା  ।

କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆହେ ମନୁଆ ଠାକୁର

କାହ୍ନୁ ଚରଣ ପାଣିଗ୍ରାହୀ



ମଙ୍ଗଳମୟ ହେ ମହାପ୍ରଭୁ ମୋର
ମନୁଆ କଳା ଠାକୁର,
ମହିମଣ୍ଡଳରେ ମଣିଷ ଜନମେ
ମୁଁ ଯେ ଆଶିଷ ତୁମର ।

ଉଠି ପ୍ରଭାତରେ ଶ୍ରୀମୁଖ ଦେଖେରେ
କାଳିଆ ଠାକୁର ତୋର,
ମୁଣ୍ଡିଆଟେ ମାରି କହିଦିଏ ପ୍ରଭୁ
ଶୁଭେ କଟୁ ଦିନ ମୋର ।

ଚଲାପଥ ଆମ ଭାରି ଅଙ୍କାବଙ୍କା
ସଦା କଣ୍ଟକର ଭୟ,
କୁସୁମିତ ହୁଏ କଣ୍ଟକିତ ପଥ
ଶ୍ରୀପୟରେ ଥିଲେ ଲୟ ।

ଚିରନ୍ତନ ସତ୍ୟ ପ୍ରଭୁ ଜଗନ୍ନାଥ
ତୁମ ବିନା ନାହିଁ ମୁକ୍ତି,
ବିପଦ କାଳର ସାଥୀ ମହାପ୍ରଭୁ
ତୁମେ ହିଁ ସର୍ବୋଚ୍ଚ ଶକ୍ତି ।

ଜୀବନଟା ପରା ଅସାର ସପନ
ଠିକଣା ତ ହଜିଯାଏ
ତୁମେ ନଥିଲେ ଜୀବନ ବୀଣା ସୁର
ଛନ୍ଦହରା ହୋଇଥାଏ ।

ପ୍ରେମ କରୁଣାର ଭାବ ଅନୁରାଗ
କରୁ ସଦା ଛନ୍ଦମୟ
ଜୀବନ ପର୍ବର ପାବନ ପଥରେ
କରିଦିଅ ଅମୃତମୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଦିନ ପାଇଁ ରହିଅଛ ତୁମେ
ଭକତର ବନ୍ଧୁ ହୋଇ,
ଭକତ ବତ୍ସଳ ବୋଲାଉଛ ସଦା
ଏ ସଂସାରେ ଭାବଗ୍ରାହୀ ।

ସାରା ବ୍ରହ୍ମାଣ୍ଡର ଆରାଧ୍ୟ ଠାକୁର
ଘେନ ମୋ କୋଟି ପ୍ରଣାମ ,
ସବୁ ପରା ତୁମ ଦାନ ମହାବାହୁ
ରହସ୍ୟ ସୃଷ୍ଟି ବିଧାନ ।

ସତ୍ୟବିହାର ରସୁଲଗଡ଼,ଭୁବନେଶ୍ୱର।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଗ୍ନେୟଗିରିରେ ବଣଭୋଜି

ଚନ୍ଦନ କୁମାର ପାତ୍ର



ଧୂମ୍ରଶିଖା ଉଠେ ଆକାଶ ଛୁଇଁ,
ଦହେ ଦିଗନ୍ତ ଜ୍ୱାଳା;
ଅଗ୍ନିକୁଣ୍ଡରେ ପ୍ରକୃତି ହସେ,
ଅଦ୍ଭୁତ ତା'ର ଲୀଳା ।

ଲାଲ ଲାଭାର ଧାରା ବହେ,
ଗର୍ଜେ ଗିରିର ଛାତି;
ଭୟକୁ ଭୁଲି ବନ୍ଧୁ ମିଳିଲେ,
ହସେ ବଣଭୋଜି ସାଥୀ ।

ଶିଳା ଉପରେ ପତ୍ର ବିଛାଇ,
ସଜିଲା ଭୋଜନ ଥାଳି;
ଧୂଆଁ ସହିତ ସ୍ୱପ୍ନ ଉଡ଼ିଲା,
ହୃଦେ ଉଠିଲା ଲହରି ।

ଅଗ୍ନି ମଝିରେ ଜୀବନ ଗୀତ,
ସାହସର ମଧୁର ରାଗ;
ବିପଦ ବକ୍ଷେ ହସି ଚାଲିବା,
ମାନବର ଶ୍ରେଷ୍ଠ ଭାଗ୍ୟ ।

ପ୍ରକୃତି କେବେ କ୍ରୋଧେ ପ୍ରଜ୍ୱଳି,
କେବେ ବରଷେ ସ୍ନେହ;
ଦୁଇ ରୂପକୁ ସମଭାବେ ଦେଖି,
ଜ୍ଞାନୀ ରଖେ ନିଜ ଦେହ ।

ଆଗ୍ନେୟଗିରି ସାକ୍ଷୀ ହୋଇଲା,
ମିତ୍ରତାର ସେ ମେଳ;
ଭୟର ଭିତରେ ଆନନ୍ଦ ଫୁଟି,
ଜୀବନ ହେଲା ଖେଳ ।

ଧର୍ମଗଡ, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୋକ

ନିବେଦିତା ରଥ



କେବେ ଲାଗେ ଭୋକ ନଗଡାର ଚିତ୍ର
କେବେ ପୁଣି ଲାଗେ ଯନ୍ତ୍ରଣାର ମାନଚିତ୍ର,
ଭୋକ ନୁହେଁ ଖାଲି ପେଟ ଚାଖଣ୍ଡର କଥା,
ପ୍ରାପ୍ତି, ଅପ୍ରାପ୍ତିର, ଦେହ, ଦହନର
ଜୀବନ ମରୁର ଗାଥା ।
ଭୋକ ପୁଣି କେବେ ପଦ ପଦବୀର
ଲାଞ୍ଛ, ମିଛର, ଘୋଡାଦୌଡର
ମରୀଚିକା ମରୁ ଭ୍ରମ,
ଭୋକ ପୁଣି କେବେ ଭୌତିକ ସୁଖର,
ଜୀବନ ସଉଦା, ନିକିତି ତଉଲ ମୁଲ,
ପଶାଖେଳ ପରି ବାଜି ଲାଗିଥାଏ
ସୁଖ, ଶାନ୍ତି ଆଉ ସମ୍ପତ୍ତି ର ଲୋଭ
ତା ଭିତରେ ମାନସିକ ଦ୍ୱନ୍ଦ୍ୱ, ଚାପ ଗ୍ରସ୍ତ
ଜୀବନ, ନକାରାତ୍ମକ ଭାବ
ଜାଳି ପୋଡିଦିଏ ସମ୍ପର୍କର ଭୋକ ।
ଏ ଦୁନିଆରେ ଭୋକ ବଞ୍ଚି ରହୁ
ସ୍ନେହ, ପ୍ରୀତି, ଭାବ, ଭାଇଚାରା ରେ
ଭୋକ ଥାଉ ସଦା ମାନବିକତାର ବାର୍ତ୍ତାରେ

ସୃଜନିକା, ଷ୍ଟେସନ ରୋଡ
ଢେଙ୍କାନାଳ
୬୩୭୦୩୬୮୩୦୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ଗୁରୁ ତୁମେ...

କଳ୍ପନା ବିନ୍ଧାଣୀ



ହେ ଗୁରୁ ତୁମେ ମଙ୍ଗଳମୟ ଯେ
ତୁମେ ତ ମଙ୍ଗଳ ମୂର୍ତ୍ତି
ତୁମ ବିନା ପ୍ରଭୁ ଜୀବନ ମୋ ଶୂନ୍ୟ
ତୁମେ ମୋର ଗତି ମୁକ୍ତି ।
ଅଜ୍ଞାନ ଅନ୍ଧାରେ ଦେଖାଇଛ ବାରେ
ଦିବ୍ୟ ଆଲୋକର ରାହା
ମୋ ଜୀବନ ପଥେ ଆଲୋକ ବର୍ତ୍ତିକା
ତୁମେ ଅଟ ମୋର ସାହା ।
ହେ ଗୁରୁ ତୁମ ଆଶିଷର ଧାରା
ପବିତ୍ର କରୁଣା ଝର
ସେ ଆଶିଷ ପାଇ ଏ ତୁଚ୍ଛ ଜୀବନ
ଧନ୍ୟ ହୋଇଛି ମୋହର ।

ତୁମେ ବ୍ରହ୍ମା ବିଷ୍ଣୁ, ତୁମେ ମହେଶ୍ୱର
ତୁମେ ହିଁ ସତ୍ୟ ସୁନ୍ଦର
ଅଜ୍ଞାନ ତିମିରେ ଆଲୋକର ଜ୍ୟୋତି
ତୁମେ ସାକ୍ଷାତ ଈଶ୍ୱର ।
ତୁମେ ମାତା ପିତା, ତୁମେ ବନ୍ଧୁ ସଖା
ତୁମେ ପ୍ରାଣର ଠାକୁର
ତୁମେହିଁ ତ ସର୍ବ ମମ ଦେବ ଦେବ
ଚେତନାର ଅନ୍ତଃସ୍ୱର ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

# ପାଟବସ୍ତ୍ର ରସଗୋଲା ଭାଙ୍ଗିଲା ମାନ

ବଟକୃଷ୍ଣ ପଣ୍ଡା



ସଜନୀ ଲୋ ......ସଜନୀ .....

ଭାବ ଓ ବିଭବ ଭିତରେ ଅଭାବ

ପ୍ରାଣଟିଏ ଆକୁଳିତ

କୋହର ଭାରକୁ ଧରି ଏକାକିନୀ

ଅଛନ୍ତି ଜଗତ ମାତ ।

ସଜନୀ ଲୋ ....

ଆପଣା ଲୋକର ବିଛେଦ ବେଦନା

ଅଟେ ଯାହା ଅପସୋରା

କାରୁଣ୍ୟ କାହାଣୀ ହୋଇଛି ଜଟିଳ

ତାହା ବଡ଼ କୋହଭରା ।

ସଜନୀ ଲୋ.......

ଅନ୍ତରେ ଅତୃପ୍ତି ବଚନେ ବକ୍ରୋକ୍ତି

ବିଚାର ଗୋଟି ବିଭ୍ରାନ୍ତ

ପାଖରେ ନାହାନ୍ତି ହୃଦପଦ୍ମ ତାଙ୍କ

ମନ ପ୍ରାଣ ବିଚଳିତ ।

ସଜନୀ ଲୋ ......

ବଡ଼ ଘର ବଡ଼ ଗୁମର କଥାଲୋ

ଶୁଣି ହେବ ଆଚମ୍ବିତ

ଭାଇ ଭଉଣୀକୁ ସଙ୍ଗେ ନେଲା ବୋଲି

ପତ୍ନୀ କୋପେ ଜର୍ଜରିତ ।

ସଜନୀ ଲୋ....

ଗୁଣ୍ଡିଚା ଯାତଠୁ ନିଳାଦ୍ରୀଶ ଯାଏ

ଯାଇଛି ଦେଉଳୁ ଚାଲି

ଭକତ ପ୍ରେମରେ ପଡିଛି କାଳିଆ

ଘରଦ୍ୱାର ସବୁ ଭୁଲି ।

ସଜନୀ ଲୋ........

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରତ୍ନ ସିଂହାସନ କରି ଦେଇ ଶୂନ୍ୟ
ନବୁଝି ନାରୀର କଥା
ବିରହ ଜ୍ୱାଳାରେ ହନ୍ତସନ୍ତ ହୋଇ
ଲକ୍ଷ୍ମୀ ପାଉଛନ୍ତି ବ୍ୟଥା।
ସଜନୀ ଲୋ .......

ଭାବର ପ୍ରତୀକ ବ୍ରହ୍ମର ପ୍ରତୀକ
ତିନି ଭୁବନର କର୍ତ୍ତା
ଏସାରା ସଂସାରେ ପ୍ରଚାରିତ ହୁଏ
ତା ନିଜ ସଂସାର ବାର୍ତ୍ତା।
ସଜନୀ ଲୋ .......

ରାଗେ ଜରଜର ଘରଣୀ ହୋଇଛି
ଜାଣେ ମନୁଆଟି ଭଲା
ନିଳାଦ୍ରୀ ବିଜୟେ ପାଟବସ୍ତ୍ର ସାଥେ
ଆଣି ଅଛି ରସଗୋଲା।
ସଜନୀ ଲୋ .... ଆଣି ଅଛି ରସଗୋଲା।

ପ୍ରଭୁ ଲେଉଟାଣୀ ଦେଖିଲୋ ସଜନୀ
ନାଚିଉଠେ ମନ ମୋର
ପତି ପତ୍ନୀଙ୍କର ମିଳନ ଦେଖିଣ
ଖୁସିରେ ହେଲି ବିଭୋର।

***************

ଜୟ ଜଗନ୍ନାଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉପହାର

ସ୍ୱାଗତିକା ଦିସ୍ରି



ତୁମେ ଦେଇଥିବା ନାଳିକାଚ
ହାତ କୁ ମୋର ପାଇଲା
ଖନ ଖନ ତାର ଶବ୍ଦ ସଂଗୀତ
କାନକୁ ଲାଗେ ସୁରିଲା

ତୁମେ ଦେଇ ଥିବା ପାଉଜି ହଲେ
ପାଦକୁ ମୋର ମାନିଲା ।
ଅଣ୍ଟା କୁ ହଲେଇ ଚାଲୁଥିଲେ ମୁଁ
ଛମ ଛମ ହେଇ ବାଜିଲା ।

ତୁମେ ଦେଇ ଥିବା ଆକାଶୀ ଶାଢ଼ୀଟା
ଦେହକୁ ମୋର ସାଜିଲା
ମେଘୁଆ ଆକାଶେ ଇନ୍ଦ୍ରଧନୁ ସତେ
ମୋ କାନିରେ ଲୁଚିଗଲା।

ତୁମେ ଦେଇଥିବା ନାଲି ଟିକିଲି
ମୁହଁ କୁ ମୋର ସାଜିଲା
ଆଇନା ବୋଧେ ଅଭିମାନ କରିଛି
କଥାଟା ତାକୁ ବାଧିଲା ।

ତୁମେ ଦେଇ ଥିବା ମଲ୍ଲୀ ଗଜରା
ଖୋସା କୁ ମୋର ଜମିଲା
ମହକି ବାସେ ମୋ ଦେହସାର
ଭ୍ରମର ବାଇଆ ହେଲା ।

ତୁମେ ଦେଇ ଥିବା କାନ ଝୁମୁକା
ମନକୁ ମୋର ପାଇଲା
ତକିଆ ତଳେ ମୁଁ ଲୁଚେଇ ରଖିଛି
କାଳେ ନେଇଯିବ ନେଲା ବାଲା ।

ବଇଦୁପାଲି , ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ - ୭୩୨୮୯୮୧୭୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଗତିର ଗତି କାଳିଆ

ବିକାଶ କୁମାର ମହାନ୍ତ



ତୁମେ ଅଗତିର ଗତି ହେ କାଳିଆ
ତୁମେ ଅଟ ବିଶ୍ୱଧନ
ନୀଳାଚଳ ଧାମେ ବିରାଜିତ ହୋଇ
ହରୁଛ ସଭିଙ୍କ ମନ।। ୧।।

ବିଷାଦର ଘନ ଅନ୍ଧାର ମଧ୍ୟରେ
ତୁମେ ଅଟ ଦିବ୍ୟଜ୍ୟୋତି
ଭକ୍ତଙ୍କ ହୃଦୟେ ସଦା ବିରାଜିତ
ତୁମର ଦାରୁମୁରତି।। ୨।।

ତୁମରି କୃପାରୁ ସକାଳେ ସୁରୁଜ
ଦେଉଛି କିରଣ ଦାନ
ପବନ ବହୁଛି ପ୍ରାଣବାୟୁ ରୂପେ
ପାଇ କରୁଣାର ଧନ।। ୩।।

ତୁମେ ଅଗତିର ଗତିହେ କାଳିଆ
ତୁମେ ଅଟ ବିଶ୍ୱଧନ
ସବୁ ଜନମରେ ତୁମ ଚରଣରେ
ରହିଥାଉ ମୋର ମନ ।। ୪ ।।

ଦୁଃଖୀ ଅନାଥର ଡାକକୁ ଶୁଣିଛ
ଦେଉଛ ସ୍ନେହର ଛାୟା
ଚରଣର ଧୂଳି ଲାଗିଗଲେ ପ୍ରଭୁ
ଦୂର ହୁଏ ସବୁ ମାୟା।। ୫।।

ଭକ୍ତିର ପୁଷ୍ପକୁ ଚରଣେ ସମର୍ପି
କରୁଛି ଏହି ପ୍ରାର୍ଥନା
ତୁମରି କୃପାରେ ଦୂର ହୋଇ ଯାଉ
ସମସ୍ତ ଦୁଃଖ ଯାତନା।। ୬।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କିଏ ବା ପାରିବ କହି ?

ସନ୍ଧ୍ୟାରାଣୀ ବେହେରା



ସଞ୍ଜ ଗଲେ କଇଁ,
ସୂର୍ଯ୍ୟର ସେହି ସ୍ନିଗ୍ଧ କିରଣକୁ ବୋଲିହୁଏ କାହିଁ ମହୀ ?
ମଧ୍ୟାହ୍ନର ସେହି ଉତ୍ତାପ ଜ୍ୱାଳାକୁ ଭୁଲିଯାଏ ସିଏ କାହିଁ ?
କାହିଁକି ଅବା ଆରଦିନ ପୁଣି ନିଏ ତାକୁ ଆପଣାଇ ?
ସବୁକିଛି ପୁଣି ସହିବାକୁ ହେବ ଅଛପା ତ ତାକୁ ନାହିଁ ?
ବୁଝେନାହିଁ କେହି,
ଯାଏନି ମନ୍ଦିର ପ୍ରତିଟି ମାନବ ଦିଅଁ ଦରଶନ ପାଇଁ
ହୋଇ ଥାଇପାରେ ବାହ୍ୟ କାରୁକାର୍ଯ୍ୟ ନେଇଥିବ ତାକୁ ମୋହି
କଣ ଲୁଚିଛି କାହାରି ମନରେ କିଏବା ପାରିବ କହି ?
ସଭିଙ୍କ ଉଦ୍ଦେଶ୍ୟ ସମାନ ହେବ ଲେଖା ତ କେଉଁଠି ନାହିଁ ?
ଚାହିଁ ରହେ ସିନା କଇଁ,
ପୂର୍ଣ୍ଣିମାର ଜୋସ୍ନାରେ ଟିକେ ଭିଜିଯିବା ପାଇଁ
ଅମବାସ୍ୟାର ତିମିର ଭିତରେ ଅପେକ୍ଷା ତା କାହା ପାଇଁ ?
ଲୁହରେ ଭିଜୁ କି ଖୁସିରେ ଭିଜୁ ସେ ଚାନ୍ଦର କି ଯାଏ ତହିଁ ?
ଭୁଲ ତ କଇଁର, ଚାନ୍ଦ ତ ଉଏଁ ସଭିଙ୍କ ପାଇଁ ।
ଭୁଲିଯାଏ କଇ,
ନିଜ ଅସ୍ତିତ୍ୱ, ନିଜ ପରିଚୟ ସାଗରେ ମିଶିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି ମୋହ ଅଛି ସେ ମହୋଦଧି ପାଶେ ଏକା ଜାଣେ ସେହି
କେଉଁଥି ପାଇଁ ଚାଲିଆସେ ସିଏ ସବୁ ବାଧାକୁ ଏଡାଇ ?
କାହିଁ ମିଶେ ପୁଣି ବାରିଧି କୋଳରେ ମିଠାପଣ ତା ହରାଇ ?
ସବୁକିଛି ଯଦି ବ୍ୟକ୍ତ ଯୋଗ୍ୟ ହୁଏ ସାହିତ୍ୟ ରହିବ କାହିଁ ?
ଲେଖିବ କାହିଁକି କିଏ ଜଣେ ପୁଣି ? କେଉଁ ଆବେଗ ନେଇ ?

ଝାଡବନ୍ଧ, ଗଞ୍ଜାମ ୭୬୧୧୧୪
ଫୋନ୍ ନଂ: ୭୩୭୧୮୫୪୭୩୬


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଷ୍କାମ କର୍ମ

ଅବିନାଶ ରଥ



ପ୍ରତିଟି କର୍ମରେ ପ୍ରଭୁଙ୍କୁ ଯୋଡ଼ିଲେ
କର୍ମ ଯୋଗ କୁହାଯିବ,
ସକାଳୁ ବିଛଣା ଛାଡିବା ମାତ୍ରକେ
ତାଙ୍କୁ ମନେ ପକାଇବ। ୧।

ଦିନସାରା ଯାହା କର୍ମ କରୁଥିବ
ସବୁଥିରେ ଯୋଡୁ ଥିବ,
ରାତ୍ରିର ବେଳରେ ଶୋଇବା ପୂର୍ବରୁ
ତାଙ୍କୁ ଚିନ୍ତା କରୁଥିବ। ୨।

ଏହା ହିଁ ପ୍ରକୃତ ପରା କର୍ମଯୋଗ
ଏହା ହିଁ ନିଷ୍କାମ କର୍ମ,
ସେହି ଅନୁସାରେ କର୍ମ କରୁଥିଲେ
ବୁଝିପାରିବ ସେ ମର୍ମ। ୩।

ଏପରି ସୂତ୍ରରେ କର୍ମ କରୁଥିଲେ
କର୍ମ ଫଳ ଭୋଗନାହିଁ,
ଏହି ଅଟେ ପରା ଅସଲ ତତ୍ତ୍ୱଟି
ମୂଳ ଅଟେ ଆତ୍ମ ପାଇଁ। ୪।

ଏହି ତତ୍ତ୍ୱଟିରୁ ଜ୍ଞାନର ଉଦୟ
ଜ୍ଞାନରୁ ମିଳଇ ମୁକ୍ତି,
ଭକ୍ତ ହୋଇଯିବୁ ମୁକତି ମିଳିଲେ
ଆସିଯିବ ଭାବ ଭକ୍ତି। ୫।

ଏହି ସାରକଥା ମନେ ରଖିଥିବୁ
କରିବୁନି ମନ ଲାଖି,
ପ୍ରତିଦିନ ପ୍ରତି କାର୍ଯ୍ୟରେ ଯୋଡିକି
କରୁଥିବୁ ମନେରଖି। ୬।

କର୍ମ କରିବାକୁ ଆସିଛୁ ଏଠାକୁ
କର୍ମ କରି ଚାଲୁଥିବୁ,
ନିଷ୍କାମ କର୍ମକୁ ସଠିକ ବୁଝିଲେ
ଜଗତୁ ଉଦ୍ଧାର ହେବୁ। ୭।

ଶିବାଜୀ ନଗର, କଟକ ୯୪୩୭୦୩୭୨୮୦

Listen to Odia Podcast Original at https://youtube.com/@drjyotiprasad

# ବନ୍ଧୁ

ବିଷ୍ଣୁ ପ୍ରସାଦ ମିଶ୍ର



ପ୍ରକୃଷ୍ଟ ବନ୍ଧୁତ୍ୱ ଅଟଇ ଅତୁଟ
ପ୍ରକୃତି ଧରା'ର ସମ ,,
ଧରା ସାଇତିଛି ଅତୁଟ ବନ୍ଧନ
ବନ୍ଧୁତ୍ୱ ବୃକ୍ଷର ପ୍ରେମ ।।

ବନ୍ଧୁତ୍ୱତା ଅଛି ଋତୁ ଗଣ ମଧ୍ୟେ
ବନ୍ଧୁ ଯେ ଦିନ ରାତି ,,
ବନ୍ଧୁତ୍ୱ ଦେଖରେ ପଞ୍ଚ ମହାଭୂତେ
କିଏ ନ ଛାଡ଼େ କା କତି ।।

ବନ୍ଧୁତ୍ୱ ରହିଛି ହୃଦରୁ ସ୍ପନ୍ଦନ
ନିଶ୍ୱାସ ପ୍ରଶ୍ୱାସ ବନ୍ଧୁ ,,
ବନ୍ଧୁତ୍ୱର ଏ'କି ଅପୂର୍ବ ମିଳନ
ନଦୀର ସହିତେ ସିନ୍ଧୁ ।।

ବସନ୍ତ ଫଗୁଣ ବନ୍ଧୁତାରେ ଆନ
ଶ୍ରାବଣ ବରଷା ସାଥୀ ,,
ବନ୍ଧୁତାର ଯୋଗୁଁ ଚନ୍ଦ୍ର ନିକଟେ
କୁମୁଦିନୀ ମନେ ପ୍ରୀତି ।।

ବନ୍ଧନ ଦେଖ ଫୁଲ ଓ ଭଅଁର
ବନ୍ଧୁ, ପବନ ଓ ବାସ ,,
ଜନ୍ମ ସହିତ ମୃତ୍ୟୁଟି ବନ୍ଧୁତ୍ୱ
ସତ୍ୟତାର ପରିଭାଷ ।।

ବନ୍ଧୁତ୍ୱର ଭାବ ମନରୁ ମନଟି
ଭିନ୍ନ ଏକ ସମ୍ମିଳନ ,,
ଭାଷା ଭାବନାରେ ସ୍ମୃତିର ଛନ୍ଦରେ
ସମ୍ମୋହନ ଉଚ୍ଚାଟନ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ଧନ, ମିଳନ, ସମ୍ମାନ, ମୋହନ,

ସାଥୀ ପ୍ରୀତି ରୀତି ମାନ ,,

ବନ୍ଧୁ ଖାଲି ନୁହେଁ, ଦେଖାର କଥାର

ଯଥା ପ୍ରଥା ପ୍ରଣୟନ ।।

ବନ୍ଧୁତ୍ୱତା ସତେ ହୃଦର ସ୍ପନ୍ଦନେ

ସ୍ମୃତି ଚିନ୍ତନରୁ ସାଜେ ,,

ସେହି ବନ୍ଧନରେ ବନ୍ଧୁ ବାନ୍ଧିଥିଲେ

ଯୁଗ ଯୁଗାନ୍ତର ରାଜେ ।।

ରଥଶର୍ମା କଲୋନୀ

କୋରାପୁଟ

୯୧୨୪୦୪୯୧୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନର ସ୍କେଚ୍

ସାଗରିକା ଦାସ



ଯେତେ ଘଉଡାଇଲେ ବି ଅତୀତ

ମୋ ଶୂନ୍ୟଶାନ ଚା' କପ୍ ପାଖେ

ସଂଜ ସକାଳେ ରୁଣ୍ଝୁଣ କରି ବସିଯାଏ ,

ତା ଜରିଲାଗି ଘାଗରା ଓଢ଼ଣୀରେ

ମୋ ବ୍ୟଥା ବେଦନାର ଏମ୍ରୋଡରୀ,

ଆଖିର ଚମକରେ ତା' ମୋ ହଜିଯାଇଥିବା ସ୍ୱପ୍ନ

ମୋ ଅଧାଗଢ଼ା ପ୍ରେମ ଗଳ୍ପ ,

ହସର ଫୁଆରାରେ ମୋ

ଅଲରା ଭାବନାର ଦିଲ୍ ଖୁସ ତାନ

ତା' ଆଖିର ଲୁହରେ ଝଲକେ

ମୁଁ ହାରିଯାଇଥିବା ଅଗଣିତ ପରୀକ୍ଷା

ସେ ଲୁହ ଝରେନି କି ଶୁଖେନି ।

ଛାଡନା' ପାଉଁଶ ମୁଠାଏ ତ ଜୀବନ

କାହିଁ ଯେ ଆସିଛୁ ତୁ ?

ତୋ ଆଇନା ଦେଖାନା ମୋତେ

ମୁଁ ଯେ ନିରାଶାର ଧୂସର ଦିଗନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁ ଯେ ଅତୀତ ର ବିସ୍ମୃତ ଆଳାପ,
କି ଘୂଣ୍ଟି କରିବୁ ଯେ ଶିଖାଇବା ନା'ରେ ?
ପାଉଁଶ ମୁଠାଏ ଧରିଛି, ହୁଗୁଳା ମୋ ମୁଷ୍ଟି
ସହଚରୀ ବର୍ତ୍ତମାନକୁ ବି ଚିହ୍ନେନା
କି ଖଞ୍ଜେ ଆସେ ଯାଏ ସେ ?
ଭବିଷ୍ୟତ, ସେ ଯେ ପ୍ରଣୟିନୀ ମୋର
ମନମାନିନୀ ମୁଁ ଏବେ ବି ସଜାଡ଼େ
ଆଶାର କୁତବମୀନାରରେ
ଅଜସ୍ର ରଂଗ ଭରେ
ସଇତାନ "ବିଶ୍ୱାସ" ସବୁଠି ଜାଗାମାଡି ବସେ
ଭୁଲିଯାଏ ଏ ଦେହ ଏ ମନ ମାନ-ଅଭିମାନ' ସ୍ୱାଭିମାନ ସଂଜ୍ଞା
ପାଲଟିବାକୁ ଯାଉଛି ମୁଠାଏ ପାଉଁଶ
ମାତ୍ର, ଶେଷ ପବନ ଉଡିଗଲେ ।

ନୂଆଦିଲ୍ଲୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ

ନନ୍ଦିତା ବଡ଼ାଇ



ତୁମେ ଏପରି ଜଣେ ନାରୀ ହୁଅ ,
ଯିଏ ନିଜକୁ ସଜାଇଥାଏ କିନ୍ତୁ ସଂଘର୍ଷକୁ ଭୟ କରେ ନାହିଁ ।
ତୁମେ ଜୀବନରେ ଅନେକ ଲୋକଙ୍କୁ ପାଇବ ଯେଉଁମାନେ ତୁମକୁ ତଳକୁ ଆଣିବାକୁ ଚେଷ୍ଟା କରିବେ,
କିନ୍ତୁ ତୁମେ ନିଜେ ହିଁ ନିଜକୁ ଉପରକୁ ଉଠାଇବା ପାଇଁ ସାହସ ରଖିବାକୁ ହେବ ।
ତୁମ ହାତରେ କେହି ଦେଇଥିବା ଫୁଲ ଥାଉ କି ନଥାଉ,
ତୁମେ ଅର୍ଜିତ ଫୁଲଟିକୁ ନିଜେ ରଖିବାକୁ ନିଶ୍ଚିତ ହୁଅ ।
ଏହି ପ୍ରଦର୍ଶନର ଦୁନିଆରେ,
ତୁମ ମନରେ ଜ୍ଞାନର ଭଣ୍ଡାର ରଖ ।
ତୁମ ହୃଦୟରେ ଦୟା ନିଶ୍ଚୟ ରଖ,
କିନ୍ତୁ ସୂକ୍ଷ୍ମତା ବିଷୟରେ ମଧ୍ୟ ବୁଝାମଣା ରଖ ।
କାହାର ସାଜସଜ୍ଜା ନାହିଁ,
କେବଳ ନିଜର ଅସ୍ତିତ୍ୱ ପାଲଟିଯାଅ ।
ଆଉ ଦୁନିଆ ମନେ ରଖିବ ନାହିଁ ଯେ ତୁମେ କେତେ ମୂଲ୍ୟବାନ,
କିନ୍ତୁ ତୁମକୁ ମନେ ରଖିବାକୁ ପଡିବ ଯେ ତୁମେ ମଧ୍ୟ କାହାର ଭଉଣୀ ଏବଂ ଝିଅ ।
ଏହିପରି ତୁମ ମୁହଁରେ ଆତ୍ମବିଶ୍ୱାସ ରଖ ।
ତୁମେ ଏପରି ଜଣେ ନାରୀ ହୁଅ ।

କଦଳୀମୁଣ୍ଡା, ପଡ଼ିଆବାହାଲ, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

# ଝିପି ଝିପି ବର୍ଷା

କିରନ୍ ସ୍ୱାଇଁ



କଳା କଳା ଘନ ବାଦଲରେ
ଆକାଶ ଯାଇଛି ଘେରି,
ଥଣ୍ଡା ଥଣ୍ଡା ପବନ ବହୁଛି
ଚାରିଆଡ଼କୁ ପ୍ରସାରି ।
ବିଜୁଳି ଚମକେ ବାଦଳ ଗର୍ଜେ
ନାଚିଉଠେ ମନ ପ୍ରାଣ,
ଭୂଇଁରୁ ବାହାରେ ସୁନ୍ଦର ବାସ୍ନା
ପକ୍ଷୀମାନେ ଗାଆନ୍ତି ଗାନ ।
ମୟୂର ପଙ୍ଖକୁ ବିସ୍ତାର କରି
ଗଗନେ କରଇ ନୃତ୍ୟ,
ପାଣିରେ ଭାସେ କାଗଜ ଡଙ୍ଗା
ଦେଖିବାକୁ ବେଶ୍ ହୃଦ୍ୟ ।
ଗଛଲତା ସବୁ ଧୋଇ ହୋଇଯାଏ
ନିର୍ମଳ ଦିଶଇ ଅମ୍ବର,
ପ୍ରକୃତିର ଏହି ସୁନ୍ଦର ରୂପରେ
ଭରିଯାଏ ସ୍ୱର୍ଗ ସମ ମଞ୍ଜର ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶିକ୍ଷା ସବୁ ସମ୍ପର୍କଠୁ ଆଗରେ

ଅଭିମନ୍ୟୁ ପାତ୍ର



ସମ୍ପର୍କ ଜୀବନକୁ ସୁନ୍ଦର କରେ,

କିନ୍ତୁ ଶିକ୍ଷା ଜୀବନକୁ ସାର୍ଥକ କରେ ।

ପ୍ରେମ ହୃଦୟକୁ ଖୁସି ଦିଏ,

ବନ୍ଧୁତା ମନକୁ ସାହସ ଦିଏ,

ପରିବାର ଆଶ୍ରୟ ଦିଏ,

କିନ୍ତୁ ଶିକ୍ଷା ମଣିଷକୁ ନିଜ ପରିଚୟ ଦିଏ ।

ଯେଉଁ ପ୍ରେମ

ଶିକ୍ଷାର ପଥରେ ବାଧା ସୃଷ୍ଟି କରେ,

ସେ ପ୍ରେମ ନୁହେଁ—

ସେ କେବଳ କ୍ଷଣିକ ଆକର୍ଷଣ ।

ଯେଉଁ ସମ୍ପର୍କ

ସ୍ୱପ୍ନକୁ ଭାଙ୍ଗିଦିଏ,

ସେ ସମ୍ପର୍କରୁ ଦୂରେଇ ରହିବା ହିଁ ଭଲ ।

କାରଣ...

ଆଜିର ଶିକ୍ଷା

ଆସନ୍ତାକାଲିର ସମ୍ମାନ ।

ଆଜିର ପରିଶ୍ରମ

ଆସନ୍ତାକାଲିର ସଫଳତା ।

ପ୍ରେମ ପୁଣି ମିଳିପାରେ,

ବନ୍ଧୁ ପୁଣି ମିଳିପାରେ,

ନୂଆ ସମ୍ପର୍କ ମଧ୍ୟ ଗଢ଼ିଉଠିପାରେ,

କିନ୍ତୁ ହାରିଯାଇଥିବା ସମୟ

କେବେ ବି ଫେରି ଆସେ ନାହିଁ ।

ତେଣୁ...

ହୃଦୟକୁ ଯେତେ ଭଲପାଅ,

ସ୍ୱପ୍ନକୁ ତାଠାରୁ ଅଧିକ ଭଲପାଅ ।

ସମ୍ପର୍କକୁ ଯେତେ ସମ୍ମାନ ଦିଅ,

ଶିକ୍ଷାକୁ ତାଠାରୁ ଅଧିକ ସମ୍ମାନ ଦିଅ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରଣ,

ଶିକ୍ଷା ଥିଲେ ସମ୍ପର୍କ ନିଜେ ସମ୍ମାନ ଦେବ,

କିନ୍ତୁ ସମ୍ପର୍କ ପାଇଁ ଶିକ୍ଷାକୁ ହରାଇଦେଲେ,

ନା ସମ୍ପର୍କ ରହିବ,

ନା ସମ୍ମାନ ।

ସେଥିପାଇଁ—

ଶିକ୍ଷା ସବୁ ସମ୍ପର୍କଠୁ ଆଗରେ,

କାରଣ ଶିକ୍ଷା ହିଁ ସେହି ସମ୍ପର୍କ,

ଯାହା ଜୀବନସାରା କେବେ ବିଶ୍ୱାସଘାତ କରେ ନାହିଁ ।

ଗୋପ, ପୁରୀ

ମୋ- ୮୨୪୯୦୮୯୮୧୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିସାରିକା

ଶୁଭେନ୍ଦୁ କୁମାର ପାଢ଼ୀ



ହେ ଅଭିସାରିକା !

ତୁମେ ସ୍ୱୟଂ ସମ୍ପୂର୍ଣ୍ଣ, ତୁମେ ସ୍ୱାଧୀନ, ସଂଶୟ ବିନା ଆଗକୁ ଚାଲ

ନିଶାର୍ଦ୍ଧ ରାତିରେ ତୁମେ ନୀରବ ବାଟୋଇ

ଛାୟା ସହ ବାଟ ଚାଲ ଗୋପନ ର କେତେ କଥା କହି

ହୃଦୟ ରେ ଲୁଚାଇଛ ସପନ ଅନେକ

ଭେଟିବାକୁ ଇଚ୍ଛା ତୁମ ଇପ୍ସିତ ପୁରୁଷ ।।

ଜଳୁ ଅଛ କେତେ ତୁମେ ଧରି ପ୍ରେମ ତାତି

ପ୍ରେମିକ ର ନୟନ ରେ ତାରକା ଟେ ହୋଇ

ଅସୁମାରୀ ସ୍ୱପ୍ନ ନେଇ, ଭୟାତୁର ହୋଇ

ସନ୍ତର୍ପ ରେ ଚାଲୁଥାଅ ପାଦ ଚାପି ଚାପି ।।

ମନେ ଭରି ଅଛି ତୁମ ପ୍ରେମ ଅନୁରାଗ

ପାଦେ ପାଦେ ଭୟ ଥାଇ କରନା ସଂଶୟ

ଆକାଂକ୍ଷିତ ପୁରୁଷ ର ପ୍ରେମ ଦିଏ ଡାକ

ରହିକି ପାରିବ ତୁମେ ତା ବିହୁନେ କୁହ ।।

ପବନ ବଖାଣେ ତୁମ ଗୁପତ ସଂକେତ

ପତ୍ର କମ୍ପନ ରେ ଶୁଭେ ତୁମ ପ୍ରେମ ଗୀତ

ନିଶାର୍ଦ୍ଧ ରଜନୀ ସାଜେ ଆଜି ତୁମ ସାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ନିର୍ଭୟରେ ଚାଲୁଥାଅ ପଥକୁ ନିରେଖି ।।
ଲଜ୍ଜା ନାହିଁ, ଦ୍ୱିଧା ନାହିଁ, କଣ୍ଟକିତ ପଥ
ଅନ୍ଧକାରେ ଜାଳି ଚାଲ ପ୍ରେମର ପ୍ରଦୀପ
ସେ ପ୍ରଦୀପେ ଲୁଚିଅଛି ଆକାଂକ୍ଷାର ଚିହ୍ନ
ଚାଲୁଥାଅ ବାଟ ତୁମେ ପ୍ରେମେ ହୋଇ ମଗ୍ନ ।।

ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ
ବିଭାଗୀୟ ମୁଖ୍ୟ ( ଅର୍ଥନୀତି )
ଜୟ ପ୍ରକାଶ ସାନ୍ଧ୍ୟ ଡ଼ିଗ୍ରୀ ମହାବିଦ୍ୟାଳୟ, ଭବାନୀପାଟଣା
ଦୂରଭାଷ - ୭୦୦୮୮୪୮୬୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ଓ ମୋର ଅଭିମାନୀ ମନ

ସୁଶାନ୍ତ ଶେଖର ଦାଶ



ମନ ଫେରାଇ ନେଲି
ଭବ୍ୟ ଓ ଆଭିଜାତ୍ୟ ଦୁନିଆରୁ,
ଅର୍ଥ ଓ ବସ୍ତୁବାଦୀ ମାନସିକତାରୁ,
ଧର୍ମ ଓ ଜାତିବର୍ଣ୍ଣର ସଂକୀର୍ଣ୍ଣତାରୁ,
ହିଂସା, ଘୃଣା, ଭାତୃଭାବହୀନତାରୁ,
ମିଥ୍ୟା ମୋହ ଓ ବନ୍ଧନରୁ...
ଛଳନାମୟ ଅବିବେକୀ ସମୟରୁ ।

ମୁଁ ଫେରିଆସିଲି
ଶାନ୍ତ, ସୌମ୍ୟ ଏକ ଅରଣ୍ୟକୁ,
ହିଂସା ଓ ବିଦ୍ୱେଷବିହୀନ ପରିବେଶକୁ,
ପରିଚୟ ପଚାରୁନଥିବା ବୃକ୍ଷରାଜିକୁ,
ନିରବତାକୁ ଉପଲବ୍ଧି କରିବାକୁ,
ଶବ୍ଦହୀନତାରେ ନିଜକୁ ଶୁଣିବାକୁ,
ଯାହା ଅଛି ତାହାକୁ ସ୍ୱୀକାରିବାକୁ,
ଜନହୀନ ଇଲାକାରେ...
ଖୋଜୁଥିବା ମଣିଷଟିକୁ ପାଇବାକୁ ।

ପଛରେ ଛାଡ଼ିଆସିଲି
ମୁହଁରେ ମୁଖୋଟା ପିନ୍ଧା ସଭ୍ୟତାକୁ,
ଉଚ୍ଚ ଘରେ ରହୁଥିବା ନିଚ ଚେତନାକୁ,
ନିଜ ଛାୟା ଚିହ୍ନି ପାରୁନଥିବା କାୟାକୁ,
ଅର୍ଥ ସଂଗ୍ରହ ଅନୀତି ପ୍ରତିଯୋଗିତାକୁ,
ଜରାଶ୍ରମରେ ଭିଜା ଦରଦୀ ଆଖିକୁ,
ଦୃଢ଼ କାନ୍ଥ ଓ ଛାତ ଆବଦ୍ଧ ଈଶ୍ୱରଙ୍କୁ
ସଭ୍ୟତାର ବିକାଶ ପଥେ...
ଛାଡ଼ିଆସିଲି, ହଜିଥିବା ମାନବିକତାକୁ ।

ପଳାୟନ କରିନି ମୁଁ—

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଜୁଛି ମଣିଷଟିଏ ଅତି ନିକଟରୁ,
ପାଇବାକୁ ଟିକେ ଶାନ୍ତି ସତ୍ୟ ସ୍ପନ୍ଦନରୁ,
ଶୀତଳତା ମାପୁଥିଲି ଶୀତଳ ଛାୟାରୁ,
ଦରାଣ୍ଡେ ହୃଦୟଟିଏ ଉଭାନ ଉତ୍ତାରୁ,
ମାନବତା ମାପୁଥିଲି ଶୂନ୍ୟ ଅସ୍ତିତ୍ୱରୁ
ବିଲୀନ ମଣିଷଟିକୁ ଖୋଜୁଥିଲି ....
ଦୁନିଆଁର ବ୍ୟସ୍ତ ବହୁଳ ଭିଡ଼ ଭିତରୁ,
ମନ୍ଦିର ମସଜିଦ ସାମ୍ନା ଲମ୍ବା ଧାଡ଼ିରୁ,
ସଭ୍ୟତା ପ୍ରଗତିର ଉଜ୍ଜ୍ୱଳ ଦୀପ୍ତିରୁ ।

@ରୟାଲ ଲାଗୁନ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମକୁ ଲେଖୁଛି ଚିଠି

ଆକୁଳାନନ୍ଦ ପୃଷ୍ଟି



ଶୁଭେଚ୍ଛା ଜଣାଇ ଲେଖୁଛି ତୁମକୁ
ପ୍ରିୟ ଛାତ୍ରଛାତ୍ରୀ ଗଣ
ଚିଠିଟିକୁ ମୋର ପଢ଼ିବ ବୁଝିବ
କରିବ ବିଦ୍ୟା ଅର୍ଜନ ।

ପାଞ୍ଚ ବର୍ଷ ପୁରି ଛଅ ଚାଲିଲାଣି
ଏଥର ସିଲଟ ଧର
ଚକ୍ ଖଡ଼ିରେ ଓଡ଼ିଆ ଅକ୍ଷର
ଲେଖା ଅଭ୍ୟାସ କର ।

ଅକ୍ଷର ସହିତ ସଂଖ୍ୟା ଲେଖି ଗଣ
କ୍ରମ ଅନୁସାରେ ଏକରୁ ନଅ
ଏକ ଡାହାଣରେ ଶୂନଟିଏ ଲେଖି
ଏକ ଦଶ ଶୂନ ଦଶ କୁହ ।

ପ୍ରତି ଅକ୍ଷରକୁ ଆରମ୍ଭରେ ରଖି
ଶବ୍ଦଟିଏ କୁହ ଲେଖ

ଅଜଣା ଶବ୍ଦର ଅର୍ଥ ବୁଝିବାକୁ
ଚିତ୍ର ଥିଲେ ବୁଝି ଦେଖ ।

ଦୁଇ ଅଙ୍କେ ଗଢ଼ା ପ୍ରଥମ ସଂଖ୍ୟା
ଏକ ଦଶ ଶୂନ ଦଶ
ନଅ ଦଶ ନଅ ଅନେଶ୍ୱତ ଠାରେ
ଦି ଅଙ୍କ ସଂଖ୍ୟା ଶେଷ ।

ମାତ୍ରା ଫଳା ଯୁକ୍ତାକ୍ଷର ଲେଖିଶିଖ
ଲେଖ ସୁନ୍ଦର ଅକ୍ଷର
ଲେଖିଲେ ପଢ଼ିଲେ ତ୍ରୁଟି ସୁଧୁରିବ
ନିଇତି ଅଭ୍ୟାସ କର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାନ ମଧ୍ୟମ ବଡ଼ ସଂଖ୍ୟା ଚିହ୍ନି
ବୁଝିବ ସ୍ଥାନୀୟମାନ
ଅଙ୍କ ମାନଙ୍କୁ ଅକ୍ଷରରେ ଲେଖ
ବଢ଼ାଇବା ପାଇଁ ଜ୍ଞାନ ।

କ୍ରମେ କ୍ରମେ ବହି ପଢ଼ିବ ବୁଝିବ
ଗାଇବ ଶିଶୁ ସଙ୍ଗୀତ
ପ୍ରଶ୍ନ ଅନୁସାରେ ଉତ୍ତର କହିବ
ଲେଖିବ ଅଳ୍ପ ବହୁତ ।

ଭାଙ୍ଗିବ ଯୋଡ଼ିବ ଗଢ଼ି ସଜାଡ଼ିବ
ଅକ୍ଷର ଖେଳ
ହସି ଖେଳି ନାଚି ଜ୍ଞାନ ଅରଜିବ
ହେବନି ଭୋଳ ।

ଶୃଙ୍ଖଳା ଶିଖିବ ଗୁରୁଙ୍କୁ ମାନିବ
ହେବନି ଦୁଷ୍ଟ
ଆଜି କାମ ଆଜି କାଲିକି ନ ରଖ
ସମୟ କରନି ନଷ୍ଟ ।

କାହାରି ମନରେ ଆଘାତ ଦେବନି
ହୁଅ ସମସ୍ତଙ୍କ ପ୍ରିୟ
ସବୁରି ଖୁସିରେ ନିଜେ ଖୁସି ହୁଅ
ପରିବେଶ ମଧୁମୟ ।

ବହି କି ଭାବିବ ତୁମ ପ୍ରିୟ ସାଥୀ
ବୃକ୍ଷଙ୍କୁ ଦେବତା ଜ୍ଞାନ
ତୁମ କର୍ମ ପାଇଁ ଗର୍ବ କରନ୍ତୁ
ପିତା ମାତା ଗୁରୁଜନ ।

ଏଇଠି କରୁଛି ଇତି
ଆଉ ଥରେ ତୁମ ଶୁଭ ମନାସୁଛି
ହେ' ମୋ ପ୍ରିୟ ଛାତ୍ର ଛାତ୍ରୀ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ - ୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ଜୀବନ ଏକ ପଥ

ହେମନ୍ତ କୁମାର ଗନ୍ତାୟତ



ଏ ଜୀବନ ଏକ ପଥ ତହିଁ ଚାଲେ ଦେହ ରଥ
ନିତିଦିନ ଯାତ୍ରା କରେ ସୁଖ ଦୁଃଖ ଦୁଇ ଧାରେ
ଲଭିବାକୁ ସେହି ପ୍ରୀତ । ( ଘୋଷା)

ଅଙ୍କା ବଙ୍କା ଦାଣ୍ଡେ ଚାଲେ ଆନନ୍ଦକୁ ନିଜେ ଭୁଲେ
ବିଷୟ ରସରେ ରସୀ ପାଇଥାଏ କ୍ଷୀଣ ଖୁସି
କ୍ଷଣେ ହୋଇଯାଏ ଶାନ୍ତ ।
ଏ ଜୀବନ ଏକ ପଥ ତହିଁ ଚାଲେ ଦେହ ରଥ
ନିତିଦିନ ଯାତ୍ରା କରେ ସୁଖ ଦୁଃଖ ଦୁଇ ଧାରେ
ଲଭିବାକୁ ସେହି ପ୍ରୀତ ।

ମନେ ବଳେ ନୂଆଁ ତୃଷା କରେ ଏକ ନବ ଆଶା
ଭ୍ରମେ ପୁଣି ଦାଣ୍ଡ ଦାଣ୍ଡ ପାଏ ନାହିଁ ସୁଖ ଭାଣ୍ଡ
ମାୟା ଧରି ଥାଏ ହାତ ।
ଏ ଜୀବନ ଏକ ପଥ ତହିଁ ଚାଲେ ଦେହ ରଥ
ନିତିଦିନ ଯାତ୍ରା କରେ ସୁଖ ଦୁଃଖ ଦୁଇ ଧାରେ
ଲଭିବାକୁ ସେହି ପ୍ରୀତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଶେଷେ ଯାଏ ଗୁରୁ ଦ୍ୱାର ରଥ ହୋଇଯାଏ ସ୍ଥିର

ଶୋଧନ କରନ୍ତି ଗାତ୍ର ଖୋଲିଯାଏ ଜ୍ଞାନ ନେତ୍ର

ସାରଥି ଦେଖାନ୍ତି ସେତ ।

ଏ ଜୀବନ ଏକ ପଥ ତହିଁ ଚାଲେ ଦେହ ରଥ

ନିତିଦିନ ଯାତ୍ରା କରେ ସୁଖ ଦୁଃଖ ଦୁଇ ଧାରେ

ଲଭିବାକୁ ସେହି ପ୍ରୀତ ।

ବରିଷ୍ଠ ଦର୍ଶନ ଅଧ୍ୟାପକ

ଆସିକା, ଗଞ୍ଜାମ।

୯୮୬୧୩୩୪୮୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଶ୍ୱିନ ପ୍ରିୟା

ପ୍ରିନସ୍ କୁମାରୀ ପାଣିଗ୍ରାହୀ



ମୁଁ ଶରତ-ଜନ୍ମା ଶୁଭ୍ରା,
ବର୍ଷ ସାରା ଉଭାନ ରହି,
କାହିଁ ଜାଣି ଆଶ୍ୱିନେ
ଲାଗେ ସତେଜ, ସ୍ନିଗ୍ଧ, ଶ୍ୱେତପ୍ରଭା ।
ରାସ୍ତାକଡ଼ ବିଲବାଡ଼ି ରେ ମୋର ଅବସ୍ଥିତି
ପାର୍ବଣକୁ କରେ ଦ୍ୱିଗୁଣିତ ।
କିଏ ମୋତେ ଘାସ କହେ, କିଏ କହେ ଫୁଲ,
କିନ୍ତୁ ମୁଁ ଦୁଇଟିର ଏକାଧାର, ସୌମ୍ୟ ସାର ।
ମା ଙ୍କ ଆଗମନର ଦୂତ,
ପ୍ରତି ଅଲୋଡ଼ା ଜମିର ନବଙ୍କାନ,
କବି-କଲମର ପାର୍ବଣ ସହ ଜଡିତ ଗାନ,
ଶରତର ଚିର ସାଥୀ, ଅମୃତ ଛାୟା ।
ଶ୍ୱେତସିକ୍ତ, ସୁଗନ୍ଧହୀନ, ନିର୍ମଳ ରୂପୀ,
ଶୋଭା କରେ ରମଣୀ-ହୃଦୟକୁ ଆକର୍ଷିତ ।
ମନେ ହୁଏ—
ସ୍ୱପ୍ନର ଶିଳ୍ପୀ ହୋଇ
ମୁଁ ସେମାନଙ୍କ ମାନସପଟରେ ଗଢ଼ା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶରତ ର ପତ୍ରଝଡ଼ାରେ,

ମୁଁ ଆଶ୍ୱିନରେ ଫୁଟେ ।

ମୋର ଉପସ୍ଥିତି କହେ,

ସେମାନଙ୍କ କଳ୍ପନା ଅନର୍ଥକ ନୁହେଁ—

ଏହା ବାସ୍ତବ ।

ଗୋଲାପ ପରି ଚିର ପ୍ରତ୍ୟାଶିତ ନହେଲେ ବି,

ମୁଁ କାଶତଣ୍ଡୀ—ଆଶ୍ୱିନ ପ୍ରିୟା ।

ଶୁଭ୍ର ଶୋଭା-ମଣ୍ଡନ ଧାରୀ,

ମା ଙ୍କ ଆଗମନରେ ବାଞ୍ଛିତ ।

ନାମ- ପ୍ରିନ୍ସ କୁମାରୀ ପାଣିଗ୍ରାହୀ

ଠିକଣା- ବ୍ରହ୍ମପୁର,ଗଞ୍ଜାମ

ଫୋନ ନଂ- ୯୩୪୮୯୯୪୦୯୦

ଇମେଲ- princekumaripani@gmail.com

Listen to Odia Podcast Original at https://youtube.com/@drjyotiprasad

# ମା ଆସିଲେଣି ?

ଅଭୟ କୁଣ୍ଡ



ମନରେ ଭୀତି ଥରୁଛି ଛାତି
ହୃଦୟ ହୁଏ ହାଣି
କିଏ କହୁଛି ଏ ପଟେ ଚାହାଁ
ଜନନୀ ଆସିଲେଣି ।

ମୁହଁରେ ହସ ମନରେ ବିଷ
ଆଖିରେ ଏକ ଲୟ
କିଏ କେଉଁଠି କରେ ଚିତ୍କାର
ମନରେ ଭାରି ଭୟ ।

ବରଷା ନାହିଁ ବିନା ମେଘରେ
ଘଟୁଛି ବଜ୍ରପାତ
ବଜ୍ର ପଡ଼ିବ ମୁଣ୍ଡ ଗଡ଼ିବ
କାହାର ହେବ ଅନ୍ତ ।

ମାଆ ଆସିଲେ ଭୋକ ଶୋଷକୁ
ସଭିଏଁ ଯିବେ ଭୁଲି
ସବୁରି ମୁଖେ ଗୋଟିଏ କଥା
ସମୟ ଯାଅ ଚାଲି ।

ମା ଆସିଲେ ଦେବେ ଯେ ଗାଳି
କାରଣ ବିନା ଯେବେ
ମୁହଁ ଫୁଲେଇ ଝିଅ ବସିବ
ବୁଝିବ ନାହିଁ କେବେ ।

ମୃଦୁ ମଳୟ ପ୍ରସାର ହୁଏ
ମାଆଙ୍କ ବିନା ଏଠି
ମାଆ ଆସିଲେ ଗୋଟିଏ ପ୍ରଶ୍ନ
କିଏ ଅଛ କେଉଁଠି ?

Listen to Odia Podcast Original at https://youtube.com/@drjyotiprasad

ଦେଖିନି ଯିଏ ମା ' ର ରୂପ
ଜୀବନ ସାରା କେବେ
ସବୁ ଥାଇ ବି ନିଃସ୍ୱ ସିଏ
ଅଜଣା ଏଇ ଭବେ ।

ଜଗତଜିତା ମାଆ ଆମର
କରେ କି ସିଏ କାହାକୁ ପର
ମା କୁ ଯିଏ କରିଛି ପର
ସୁଖିନି ଲୁହ ଆଖିରୁ ତା'ର ।

ଏକଥା ଭାବି ଦେହରେ ଜ୍ୱର
ମନରେ ବଢ଼େ ତାତି
ଆଜି ଦିନକ ପାଇଁ ହେଉ ବି
ନ ପାହୁ ଏହି ରାତି ।

ଆଖିରେ ମୋର ଇସାରା କଲି
ଇଙ୍ଗିତେ ଦେଲି କହି
ମା ଆମର କୁଆଡେ ଗଲେ
ଦେଖିଛ କିଏ ଭାଇ ?

ମାଆର ଗାଳି ଦାଣ୍ଡର ଧୂଳି
ଏକଥା ମନେ ରଖ
ମାଆର ମାଡ଼ ଖାଇ ନ ଯିଏ
ଥରେ ଖାଇ କି ଦେଖ ।

ବଳଭଦ୍ରପୁର ନିମାପଡ଼ା ପୁରୀ
ମୋ - ୯୪୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

# ଭସ୍ମାସୁର

ଅମୃତନାରାୟଣ ଶତପଥୀ



ଭସ୍ମାସୁର ସାଜି ସଂସାରକୁ ଭସ୍ମ କରିଥାଏ ଯେ ଦୁର୍ନୀତି,
ଅନେକ ନୀତି ନିୟମ ଥିଲେ ବି କମ୍ ହେଉନି ତା ଗତି।(୧)
ପ୍ରତିଦିନର ସମ୍ବାଦପତ୍ର ଦୁର୍ନୀତି ରଙ୍ଗେ ରଞ୍ଜିତ,
କାହିଁକି ମନୁଷ୍ୟ ହୋଇପାରୁନାହିଁ ନୀତିବାନ ଓ ସଂଯତ।(୨)
ଛୋଟ ଛୋଟ ଯାହା ଭାବି ମନୁଷ୍ୟ ଦୁର୍ନୀତିର କରେ କର୍ମ,
ତାହା ଭବିଷ୍ୟତରେ ରାକ୍ଷସ ପରାଏ କରଇ ପୁଣି ଅକର୍ମ।(୩)
ନୈତିକତାର ଅଭାବରେ ପୁଣି ଭସ୍ମାସୁର ହୋଇଯାଇ,
ଅନୀତି ଦୁର୍ନୀତି ଗ୍ରାସିତ ହୋଇ ସଂସାରେ ଦୁଃଖ ଭୋଗଇ।(୪)
ଭସ୍ମାସୁର ସମ ଅଧିକାରୀ ହୋଇ ପାଇଥାଏ ସିନା ବର,
ମୋହିନୀ ମୋହରେ ମୋହିତ ହୋଇ ଜୀବନ ଯେ ନାରଖାର।(୫)
ନାରଖାର ସେହି ଜୀବନରୁ ପୁଣି ପାଇବା ପାଇଁ ମୁକତି,
ସଚ୍ଚୋଟତାର ପକ୍ଷଧର ହେବା ଉଚିତ ଛାଡି ଦୁର୍ନୀତି।(୬)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଜ୍ଞାପନର କରୁଣ କାହାଣୀ

ଚନ୍ଦ୍ରମଣୀ ବେହେରା



ଅନିଶ୍ଚିତ ସ୍ୱାଧୀନତାର ଅସ୍ତଗାମୀ ସୂର୍ଯ୍ୟ ତଳେ,
ଆଜି ବି ମଣିଷ ଖୋଜେ ନିଜ ଆକାଶର ଠିକଣା ।
ଭଙ୍ଗୁର ଶୈଶବର ଭଙ୍ଗା ଖେଳନା ଭିତରେ
ଲୁଚି ରହିଛି ହଜାର ଅବ୍ୟକ୍ତ କାନ୍ଦଣା ।
ଦହନୀୟ ଯୌବନର ଅଗ୍ନିଶିଖାରେ
ସ୍ୱପ୍ନମାନେ ଜଳି ପାଉଁଶ ହୋଇଯାନ୍ତି;
ଜୀବନର ପଥରେ ଫୁଲ ନୁହେଁ,
କେବଳ କଣ୍ଟାର ଇତିହାସ ଲେଖାଯାଏ ।
ଚାଳିଶ ବର୍ଷୀୟ କୁମାରୀ କନ୍ୟାର
ନିରବ ଆଖିରେ ଜମା ହୁଏ
ଅସଂଖ୍ୟ ଅପୂର୍ଣ୍ଣ ସ୍ୱପ୍ନର ଶବଯାତ୍ରା;
ସମାଜର ନିଷ୍ଠୁର ପ୍ରଶ୍ନବାଣରେ
ପ୍ରତିଦିନ ରକ୍ତାକ୍ତ ହୁଏ ତା'ର ଆତ୍ମସମ୍ମାନ ।
ବିରହମୟ ଦାମ୍ପତ୍ୟର ଶୁଖିଲା ନଦୀକୂଳରେ
ପ୍ରେମର ନାଉ କେବେଠି ଭିଡ଼େ ନାହିଁ;
ଦୁଇଟି ହୃଦୟ ଏକ ଛାତ ତଳେ ଥାଇ ମଧ୍ୟ
ଅଜଣା ଦ୍ୱୀପ ପରି ଦୂରେ ରହିଯାଆନ୍ତି ।
ବିପଦଜନକ ମାତୃତ୍ୱର ଯନ୍ତ୍ରଣାରେ
ଜଣେ ମା' ମୃତ୍ୟୁକୁ ଆଲିଙ୍ଗନ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନକୁ ଜନ୍ମ ଦିଅନ୍ତି;
ତାଙ୍କ ଅଶ୍ରୁର ମୂଲ୍ୟ
କୌଣସି ସଭ୍ୟତାର ଇତିହାସ ଲେଖିପାରେ ନାହିଁ ।
ମୁକ୍ତାକାଶ ଏନ୍ତୁଡ଼ିଶାଳରେ
ଜନ୍ମ ନିଏ ଭବିଷ୍ୟତର ଅସହାୟ ପିଢ଼ି;
ନୀଳ ଆକାଶ ସାକ୍ଷୀ ହୁଏ,
କିନ୍ତୁ ମାନବତା ନିରବ ରହେ ।
ଅଭିଶପ୍ତ ବାର୍ଦ୍ଧକ୍ୟର ନିଃସଙ୍ଗ ସନ୍ଧ୍ୟାବେଳେ
ବିସ୍ଥାପନର ବେଦନା ବୁକୁ ଚିରି କହେ—
"ଘର ହରାଇବା କେବଳ ମାଟି ହରାଇବା ନୁହେଁ,
ହରାଇବା ନିଜର ମୂଳ, ନିଜର ପରିଚୟ, ନିଜର ଇତିହାସ ।"
ଏହି ତ କରୁଣ କାହାଣୀ—
ଯେଉଁଠାରେ ମଣିଷ ବଞ୍ଚିଥାଏ,
କିନ୍ତୁ ଜୀବନ ମରିଯାଏ;
ଯେଉଁଠାରେ ସ୍ୱପ୍ନ ଜନ୍ମ ନିଏ,
କିନ୍ତୁ ଆଶାର ଶବଦାହ ପ୍ରତିଦିନ ହୋଇଚାଲେ ।
ବିସ୍ଥାପନ କେବଳ ଭୂମିର ପରିବର୍ତ୍ତନ ନୁହେଁ—
ଏହା ଏକ ଜାତିର ସ୍ମୃତି,
ଏକ ସମାଜର ବିବେକ,
ଏବଂ ମାନବତାର ଅନନ୍ତ ଆର୍ତ୍ତନାଦ ।

ଠିକଣା- ସାହ୍ଲେପାଲି, ରୁଚିଦା, ଭୁକ୍ତା, ଜିଲ୍ଲା ବରଗଡ, ମୋବାଇଲ ୯୭୭୭୧୫୨୩୫୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏକାନ୍ତର ସ୍ୱଗତୋକ୍ତି

କୃଷ୍ଣା କାବେରୀ ଖଣ୍ଡାଇ



ଭିଡ଼ଠାରୁ କିଛି ଦୂର, ଆକାଶର ଏଇ ନୀଳ ଛାୟା ତଳେ,
ଆଜି ମୁଁ ଖୋଜୁଛି ମୋତେ, ଏଇ ଏକାନ୍ତବାସର ଉଜାଣି ଜଳେ ।
ଚାରିପଟେ ନିରବତା, ଏକ ଅବ୍ୟକ୍ତ ମୌନତାର ସାଜ,
କେତେ ଯେ ଅକୁହା କଥା, ଖୋଜୁଛି ଏଇ ମନର ସରାଜ ।
ସହରର କୋଳାହଳ, ମୋ କାନରେ ଆଉ ବାଜୁନି ଆଜି,
ମୁଁ ଲୀନ ହୋଇଯାଇଛି, ନିଜର ଏଇ ଶୂନ୍ୟପଣ ସାଜି ।
କେତେ ସ୍ମୃତି, କେତେ ଆଭାସ, ଭାସି ଆସୁଛି ଧୀରେ,
ଏଇ ନିର୍ଜନ ରାତିର ନୀରବତା, ମୋ ଆତ୍ମାକୁ ଛୁଇଁଯାଏ ଧୀରେ ।
କହିବାକୁ ଅନେକ ଥିଲା, ହେଲେ ସବୁ କିଛି ରହିଗଲା,
ସେଇ ଅଭିମାନର ପାହାଡ଼, ମୋ ମୁହଁକୁ ଚୁପ୍ କରିଦେଲା ।
ଅନୁଭୂତିର ଏଇ ଖେଳ, ଏଇ ଚିରନ୍ତନ ବେଦନା,
ଏକାନ୍ତରେ ହିଁ ମିଳେ, ମୋ ନିଜର ସତ୍ୟ ସାଧନା ।
ଅତୀତର ଝରକା ଦେଇ, ମୁଁ ଦେଖୁଛି ସେଇ ପୁରୁଣା ବାଟ,
ଯେଉଁଠି ଆମେ ହଜିଥିଲେ, ଭୁଲି ଦୁନିଆର ସବୁ ଘାଟ ।
ସେଇ ଫିକା ପଡ଼ିଥିବା ଚିଠି, ଆଉ ସୁଖିଲା ମଉଳା ଫୁଲ,
ଏକାନ୍ତବାସରେ ଆଜି, ମୋତେ ମନେ ପକାଏ ସେଇ ଭୁଲ୍ ।
ସମୟର ବାଲିଘଡ଼ି, କିପରି ଖସିଗଲା ଅଜାଣତରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଏକା ବସି ଭାବୁଛି, କାହିଁକି ରହିଲି ମୁଁ ଏଇ ଅଶ୍ରୁପଥରେ ?

କିଛି ଆଖିର ଲୁହ, କିଛି ହୃଦୟର ଗଭୀର କ୍ଷତ,

ସବୁ ମିଶିଯାଏ ଆଜି, ମୋ ଏଇ ନିରବତାର ପଥ ।

ନା ଅଭିଯୋଗ କାହାକୁ, ନା କାହା ପ୍ରତି କୌଣସି ଆଶା,

ଏକାନ୍ତବାସ ହିଁ ଦେଲା, ମୋତେ ବଞ୍ଚିବାର ପ୍ରକୃତ ଭାଷା ।

ଏଇ ରାତିର ନୀରବତା, ମୋ ମନର ବୀଣାରେ କହୁଛି ଗୀତ,

ଏକାକୀତ୍ୱର ଯନ୍ତ୍ରଣା, ଆଜି ହୋଇଛି ମୋର ପରମ ମିତ ।

ଭାରାକ୍ରାନ୍ତ ହୃଦୟରୁ, ଶେଷରେ ଝରିପଡ଼େ କିଛି ମୁକ୍ତା,

ଏକାନ୍ତବାସ ହିଁ କରେ, ସମସ୍ତ ବନ୍ଧନରୁ ମୁକ୍ତା ।

ଏଇ ନିର୍ଜନ ମୁହୂର୍ତ୍ତ, ମୋ ପାଇଁ ଏକ ଦର୍ପଣ ପରି,

ଯେଉଁଠି ଦେଖିପାରେ ମୁଁ, ମୋତେ ନିଜ ଭିତରେ ଧରି ।

ଯଦି କେବେ ଖୋଜିବ ମୋତେ, ଭିଡ଼ ଭିତରେ ପାଇବନି ଆଉ,

ମୁଁ ହଜିଯାଇଛି ମୋ ଭିତରେ, ଏକାନ୍ତର ଏଇ ଗଭୀର ଛାୟା ଗାଉ ।

ଏଇ ନିରବତା, ଏଇ ଏକାନ୍ତ, ଏଇ ମୋର ଅସଲ ପରିଚୟ,

ଏଠାରେ ହିଁ ମିଳିଯାଏ, ସଂସାରର ସବୁଠୁ ବଡ଼ ବିଜୟ ।

ଜିଲ୍ଲା - ଭଦ୍ରକ

ବ୍ଲକ - ବନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଭଲ କରିବାର ଠିକଣା

ସନାତନ ମହାକୁଡ଼



ମୂଳ ରଚନା ବଙ୍ଗଳା--ରାମପ୍ରସାଦ କର

ଓଡ଼ିଆ ଭାଷାନ୍ତର- ସନାତନ ମହାକୁଡ଼

ଯେଉଁ ଠିକଣା ମନକୁ ପଠାଇଲେ ମନ ଭଲ ରହେ,

ସେହି ଠିକଣାଟି ତୁମେ ମୋତେ କହିଥିଲ ।

କିନ୍ତୁ ଏଠି ସହର ଓ ଗାଁ ସବୁଠି କେବଳ ରକ୍ତପାତ ।

ସମାଜରେ, ପରିବାରରେ ଅନେକ ବିଷାକ୍ତ ପିମ୍ପୁଡ଼ି— ସେମାନେ କେବେ ମଣିଷ ଥିଲେ ବୋଲି ମନେ ପଡ଼େ ନାହିଁ । ଅସମୟରେ, ଅନାବଶ୍ୟକ ଭାବରେ ସେମାନେ ନିରନ୍ତର ମୃତ୍ୟୁକୁ ଡାକି ଆଣନ୍ତି ।

ସର୍ବସ୍ୱ ବାଜି ଲଗାଇ ହାରିଯାଇଥିବା ଲୋକମାନେ ଆଜି ମଣିଷର ଛାୟାକୁ ଧାରଣ କରି ଠିଆ ହୋଇଛନ୍ତି ।

ଏଠାରେ ସ୍ୱପ୍ନହୀନ, ବିଷାଦଭରା ଦିନ କଟୁଛି ।

ଏଠାରେ କାହାର ମନ ଭଲ ନାହିଁ ।

ତୁମେ କହିଥିଲ — ଜଣେ ମାୟାମୟ ଗୋରକ୍ଷକ ଆମକୁ ଭୁବନଡାଙ୍ଗାର ପଡିଆକୁ ନେଇଯିବ;

ଯେଉଁଠାରେ ସମସ୍ତ ନାରୀ ନଦୀ ପାଲଟି ଯାଇଛନ୍ତି ଆଉ ସମସ୍ତ ପୁରୁଷ ନକ୍ଷତ୍ର ହୋଇଯାଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଠି ବର୍ଷାମେଘ, ବୃକ୍ଷଲତା, ନଦୀ ଓ ନକ୍ଷତ୍ରମାନଙ୍କ ମଧ୍ୟରେ ଏକ ଅପୂର୍ବ ପ୍ରେମର ଖେଳ ନିରନ୍ତର ଚାଲିଥାଏ ।

ଆଜି ପର୍ଯ୍ୟନ୍ତ ସେ ଗୋରକ୍ଷକ ଆସିନାହାନ୍ତି ।

ଶତ ଚେଷ୍ଟା କରି ମଧ୍ୟ ମୁଁ ସେଠାରେ ପହଞ୍ଚିପାରିନାହିଁ ।

ମୁଁ ଆଜି ମଧ୍ୟ ଅପେକ୍ଷାରେ ଅଛି—

ଯଦି କେବେ ତୁମେ ମୋତେ

ସେହି ଠିକଣାରେ ପହଞ୍ଚାଇ ଦିଅ ।

****

ଗ୍ରାମ/ପୋ ଅ-ବେରୁଆଁବାରୀ-୭୫୨୦୮୨

ଜିଲ୍ଲା-ନୟାଗଡ଼, ଓଡ଼ିଶା।

ଦୂରଭାଷ- ୯୩୩୯୭୧୦୧୭୮

ଇମେଲ୍-sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇଟା ଦୁନିଆଁରେ ନୀତି

ଅମରେଶ ଚନ୍ଦ୍ର ଭଇଁନା



ଚୋର୍ , ଠେଁଟ୍ , ଦାଗି ରଜା ହେଲେ ଇନ
ସାଧୁ ମାଗୁଛନ ଭିକ୍
ମଦୁଆ ଗଞ୍ଜୁଆ ଗିଆଁନ୍ ଦଉଛନ୍
ଭଲ କରି ଟିକେ ସିଖ୍ ।
ସତ୍ କହେଲେ ଜହଲ୍ ଯିବୁ
ଅସତେ ସର୍ଗେ ଠାନ୍
ଖରାପ୍ କଥାର୍ ଚର୍ଚା ହଉଛେ
ଭଏରା ଶୁନୁଛେ ଗିଆଁନ୍ ।
ନାମ୍ କିର୍ତନ୍ ନାଁ ଥି ଦେଖ
ହଉଛେ ନଗ୍ଁଲା ନାଚ୍
ଧରମ୍ କରମ୍ ଆର୍ କିଏ କରୁଛେ ହୋ
କାମ୍ ହେସି ଦେଲେ ଲାଁଚ୍ ।

ଯାହା ପଢ଼ଲେ ଭି କାମ ନେଇ ମିଳେ
କିଏ ଦେବା ତତେ ଚାକିରି
ବିନା ପଢ଼ି କୁଟୁମ୍ ବସିଆ ରାଜ କରବୁ
ହେବୁ ଯଦି ନେତା ମନତିରି ।
କେନ୍‌କେ ଯିବୁ କାହାକେ କହେବୁ
ସଭେ କାନ୍‌ଦେଲେ ଚୁଟି
ହଁକ ମାଗ୍‌ଲେ ଇନ ଲାଠି ଖାଏବୁ
ଇଟା ଦୁନିଆଁରେ ନୀତି ।

ବର୍ଗାଁ, ତେନ୍ତୁଲିଟିକ୍ରା, ବରଗଡ଼
ମୋ-୯୩୩୭୦୫୦୩୮୪

Listen to Odia Podcast Original at https://youtube.com/@drjyotiprasad

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଥଯାତ୍ରା

ଶାନ୍ତିଲତା ସାହୁ



ପୁରୀରେ ବାରମାସରେ ତେରଯାତ୍ରା ଓ ନାନାଉତ୍ସବ ପାଳିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ଦ୍ୱାଦଶ ଯାତ୍ରା ମଧ୍ୟରୁ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ପୃଥିବୀପ୍ରସିଦ୍ଧ । ଏହି ଯାତ୍ରାରେ ମହାପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ରଥରେ ବିଜେ ହୋଇ ଶ୍ରୀମନ୍ଦିର ସିଂହଦ୍ୱାରରୁ ଗୁଣ୍ଡିଚାମନ୍ଦିରକୁ ଯାତ୍ରା କରନ୍ତି । ଶ୍ରୀଜୀଉମାନେ ରଥରେ ଯାତ୍ରା କରୁଥିବାରୁ ଏହି ଯାତ୍ରାର ନାମ ରଥଯାତ୍ରା ରଖାଯାଇଛି । ମୁଖ୍ୟତଃ ଏହା ରଥଯାତ୍ରା ନାମରେ ନାମିତ ହୋଇଥିଲେ ମଧ୍ୟ ଏହି ଯାତ୍ରାକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଗୁଣ୍ଡିଚାଯାତ୍ରା, ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ଆଡ଼ପଯାତ୍ରା, ଦଶାବତାର ଯାତ୍ରା ମଧ୍ୟ କୁହାଯାଇଥାଏ ।

ଶ୍ରୀ ଜଗନ୍ନାଥଙ୍କ ଅନ୍ୟନାମ 'ପୀତବାସ' । ତେଣୁ 'ନନ୍ଦିଘୋଷ' ରଥ ମୁଖ୍ୟତଃ ହଳଦିଆ ରଙ୍ଗର ବସ୍ତ୍ରରେ ଆବୃତ ହୋଇଥାଏ । ରଥର ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳି । ଏହା ୩୨ ଖଣ୍ଡ କାଠରେ ନିର୍ମିତ । ୧୬ଟି ଚକ ସହ ଗରୁଡ଼, ଧ୍ୱଜାଧିପତି - ହନୁମାନ, ଆୟୁଧ - ଚକ୍ର ଓ ଶଙ୍ଖ, ଶକ୍ତି - ବିମଳା ଓ ବିରଜା । ରଥର ପାର୍ଶ୍ୱଦେବତା ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ ଗୋବର୍ଦ୍ଧନ ଧାରଣ, ରାଘବ ଓ ନୃସିଂହ, ସାରଥୀ - ଦାରୁକ, ରଥରଜ୍ଜୁ - ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ, ରଥଦେବୀ - ଯୋଗମାୟା, ଦ୍ୱାରପାଳ - ଜୟ ଓ ବିଜୟ, ନେତ – ତ୍ରୈଲୋକ୍ୟମୋହିନୀ । ଏ ସମସ୍ତଙ୍କୁ ନେଇ ପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚାମନ୍ଦିରକୁ ଯାଇଥାନ୍ତି ।

ବଳଭଦ୍ରଙ୍କର ଅନ୍ୟନାମ 'ନୀଳାମ୍ବର' । ତେଣୁ ତାଙ୍କ ରଥ ସବୁଜ ଓ ନାଲି ବସ୍ତ୍ରରେ ଆବୃତ ହୋଇଥାଏ । ରଥର ଉଚ୍ଚତା ୩୨ ହାତ ଦଶଆଙ୍ଗୁଳି । ୭୬୩ ଖଣ୍ଡ କାଷ୍ଠରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ନିର୍ମିତ ହୋଇଥାଏ । ୧୪ଟି ଚକ ଏବଂ ରକ୍ଷକ - ବାସୁଦେବ, ଆୟୁଧ - ହଳ ଓ ମୂଷଳ, ସାରଥୀ - ମାତଳି, ରଥରଜ୍ଜୁ - ବାସୁକୀ, ଏ ସମସ୍ତଙ୍କୁ ନେଇ ମହାପ୍ରଭୁ ବଳଭଦ୍ର, ଗୁଣ୍ଡିଚାମନ୍ଦିରକୁ ଯାତ୍ରାରେ ବାହାରନ୍ତି ।

ସୁଭଦ୍ରାଙ୍କର ରଥର ନାମ ଦର୍ପଦଳନ । ରଥଟି ଦର୍ପଦଳନ ହୋଇଥିବାରୁ ଏହା କଳା ଓ ଲାଲ୍ ରଙ୍ଗର ବସ୍ତ୍ରରେ ଆବୃତ ହୋଇଥାଏ । ଏହାର ଉଚ୍ଚତା ୩୧ ହାତ ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ଏହା ୧୨ ଚକ ବିଶିଷ୍ଟ । ଦର୍ପଦଳନର ରକ୍ଷକ - ଜୟଦୁର୍ଗା, ଧ୍ୱଜାଧିପତି- ତ୍ରିପୁରାସୁନ୍ଦରୀ, ସାରଥୀର ନାମ ଅର୍ଜୁନ, ରଥରକ୍ଷକ - ଉଗ୍ରଚଣ୍ଡୀ, ୪ଟି ଅଶ୍ୱର ନାମ - ରୁଚିକା, ମୋଚିକା, ଜିତା ଓ ଅପରାଜିତା । ରଥରଜ୍ଜୁ - ସ୍ୱର୍ଣ୍ଣଚୂଡ଼ ନାଗ, ଦ୍ୱାର ପାଳିକା - ଗଙ୍ଗା-ଯମୁନା, ନେତ – ନାଦାମ୍ବିକା, ଏ ସମସ୍ତଙ୍କୁ ନେଇ ଦେବୀ ସୁଭଦ୍ରା ଗୁଣ୍ଡିଚା ମନ୍ଦିରକୁ ଯାତ୍ରାରେ ବାହାରନ୍ତି ।

ରଥଯାତ୍ରା ଦିନ ମଙ୍ଗଳ ଆଳତୀ, ଅବକାଶ, ମଇଲମ, ରୋଷହୋମ, ସୂର୍ଯ୍ୟପୂଜା, ରଥ ପ୍ରତିଷ୍ଠା ପୂଜା – ହୋମ ସଂସ୍କାରାଦି କାର୍ଯ୍ୟ, ଖେଚେଡ଼ି ଭୋଗ, ମଙ୍ଗଳାର୍ପଣ, ତୋରଲାଗି, ପୁଷ୍ପାଞ୍ଜଳି ଓ ପହଣ୍ଡିବିଜେ ନୀତିମାନ ଅନୁଷ୍ଠିତ ହୋଇଥାଏ । ଧାଡ଼ି ପହଣ୍ଡିରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ଯଥାକ୍ରମେ ରଥରେ ବିଜେ ହେବା ପରେ ରାମକୃଷ୍ଣ ଓ ମଦନମୋହନ ବିଜେ ହୁଅନ୍ତି । ତାଳଧ୍ୱଜ ରଥରେ ବଳଭଦ୍ରଙ୍କ ସହିତ ରାମକୃଷ୍ଣ, ଦର୍ପଦଳନ ରଥରେ ସୁଭଦ୍ରାଙ୍କ ସହିତ ସୁଦର୍ଶନ ଓ ନନ୍ଦିଘୋଷ ରଥରେ ଜଗନ୍ନାଥଙ୍କ ସହିତ ମଦନମୋହନ ବିଜେ ହୁଅନ୍ତି । ଘଣ୍ଟଘଣ୍ଟା କାହାଳୀ ସହ ବଣିଆଘରୁ ଠାକୁରଙ୍କ ଚିତା ଆସି ଲାଗି ହୁଏ । ପାଟଖଣ୍ଡୁଆ ଆଦି ଲାଗିହେବାପରେ ରାଜକୀୟ ଆଡ଼ମ୍ବର ମଧ୍ୟରେ ଉତ୍କଳର ଗଜପତି ମହାରାଜା ଆସି ରଥରେ ସୁନାଖଡ଼ିକାରେ ଛେରାପହଁରା କରନ୍ତି । ଗଜପତିଙ୍କ ଛେରାପହଁରା ପରେ ରଥଗୁଡ଼ିକରେ ଅଶ୍ୱ ବନ୍ଧାଯାଏ । ତାଳଧ୍ୱଜ ରଥରେ କଳା ରଙ୍ଗର ଅଶ୍ୱ, ଦର୍ପଦଳନ ରଥରେ ନାଲି ରଙ୍ଗର ଅଶ୍ୱ ଓ ନନ୍ଦିଘୋଷ ରଥରେ ଧଳା ରଙ୍ଗର ଅଶ୍ୱ ବନ୍ଧାଯାଇ ଚାରମାଳ ଉଠାଯାଏ । ରଥଗୁଡ଼ିକ ବଡ଼ଦାଣ୍ଡରେ ଗଡ଼ିଚାଲେ । ଏହାପରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁଣ୍ଡିଚାମନ୍ଦିରରେ ପୂଜା ପାଆନ୍ତି । ଏହା ଆଡ଼ପମଣ୍ଡପ ନାମରେ ମଧ୍ୟ ନାମିତ ଏବଂ ଏଠି ମିଳୁଥିବା ଅଭଡ଼ାକୁ ଆଡ଼ପଅଭଡ଼ା କୁହାଯାଏ ।

ଆଷାଢ଼ଶୁକ୍ଳ ଷଷ୍ଠୀ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାରଘରୁ ମହାଲକ୍ଷ୍ମୀଙ୍କ ବିଜେପ୍ରତିମାଙ୍କୁ ବିମାନରେ ବସାଇ ରାତ୍ରକାଳରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ଶ୍ରୀ ଜଗନ୍ନାଥଙ୍କ ରଥ ନିକଟରେ, ମହାଲକ୍ଷ୍ମୀଙ୍କ ବିମାନ ଗୁଣ୍ଡିଚାମନ୍ଦିର ଜୟବିଜୟ ଦ୍ୱାର ନିକଟରେ ପହଞ୍ଚିଲେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଅର୍ପଣ କରାଯାଏ । ଏହି ସମୟରେ ଶ୍ରୀଜଗନ୍ନାଥଙ୍କ ପୂଜାପଣ୍ଡା, ଶ୍ରୀଜୀଉମାନଙ୍କର ପୂଜା ବଢ଼ାଇ ଟେରା ପକାଇଦିଅନ୍ତି । ଶ୍ରୀ- ମହାଲକ୍ଷ୍ମୀ ଦର୍ଶନ ନ ପାଇ ଅଭିମାନରେ ଗୁଣ୍ଡିଚାମନ୍ଦିରରୁ ବାହାରିଆସି ଶ୍ରୀଜଗନ୍ନାଥଙ୍କ ରଥ ଭାଙ୍ଗି କେହି ନ ଜାଣିବାପାଇଁ ବଡ଼ଦାଣ୍ଡରେ ନଆସି ବିନା ବାଜା ରୋଷଣୀରେ ହେରାଗୋହିରୀ ସାହି ବାଟଦେଇ ଶ୍ରୀମନ୍ଦିରକୁ ଲେଉଟି ଆସନ୍ତି । ଅଷ୍ଟମୀଦିନ ଗୁଣ୍ଡିଚାମନ୍ଦିର ସମ୍ମୁଖରେ ତିନିରଥକୁ ଦକ୍ଷିଣମୁଖୀ କରାଇ ବୁଲାଇ ଦିଆଯାଏ । ନବମୀଦିନ ଗୁଣ୍ଡିଚାମନ୍ଦିରରେ ଶ୍ରୀଜୀଉମାନଙ୍କର ପ୍ରସିଦ୍ଧ ନବମୀ ସନ୍ଧ୍ୟା ଦର୍ଶନ ହୁଏ । ଏହା ଭକ୍ତମାନଙ୍କ ନିମନ୍ତେ ଆଡ଼ପ ମଣ୍ଡପରେ ଶେଷ ଦର୍ଶନ ହୋଇଥାଏ । ଦଶମୀଦିନ ବାହୁଡ଼ାଯାତ୍ରା । ଗୁଣ୍ଡିଚା ମନ୍ଦିରରୁ ଠାକୁରମାନଙ୍କୁ ପହଣ୍ଡିକରି ରଥରେ ବିଜେ କରାଯାଏ । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭକ୍ତମାନେ ଟାଣିଥାନ୍ତି । ବଡ଼ଶଙ୍ଖଠାରେ ପହଞ୍ଚିଗଲା ପରେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷରଥ ଶରଧାବାଲିରୁ ଟଣାଯାଏ । ସମସ୍ତ ରଥ ବାଟରେ ମାଉସୀମା ମନ୍ଦିରରେ ମାଉସୀମାଙ୍କ ହସ୍ତରୁ ପୋଡ଼ପିଠା ମଣୋହି ପାଇଁ ଅଟକିଯାଏ । ମାଉସୀମାଙ୍କ ହାତରୁ ପୋଡ଼ପିଠାଖାଇ ତିନିରଥ ଗଡ଼ିଚାଲେ ସିଂହଦ୍ୱାର ଅଭିମୁଖେ । ଶ୍ରୀଜୀଉଙ୍କ ମସ୍ତକରେ ଲାଗିଥିବା ଟାହିଆ ରାଘବଦାସ ମଠରୁ ଆସିଥାଏ । ଏହାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ।

ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାର ନିକଟରେ ପହଞ୍ଚିଲେ ଶ୍ରୀଜଗନ୍ନାଥଙ୍କ ରଥ ରାଜନଅର ସମ୍ମୁଖରେ ଅଟକି ରହେ । ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କର ବିଜେ ପ୍ରତିମାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଲିଙ୍କିରେ ବସାଇ ପାଲିଙ୍କିଟିକୁ ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଇ ରଥ ଚାରିପଟେ ବୁଲାଇବା ପରେ ଶ୍ରୀମନ୍ଦିରକୁ ଲେଉଟାଇ ଆଣନ୍ତି । ଶ୍ରୀଜୀଉଙ୍କ ଆଜ୍ଞାମାଳ ମହାଲକ୍ଷ୍ମୀଙ୍କୁ ପ୍ରଦତ୍ତ ହୁଏ । ଏହାପରେ ତିନିରଥ ସିଂହଦ୍ୱାର ନିକଟରେ ପହଞ୍ଚନ୍ତି, ରଥଉପରେ ଠାକୁରମାନେ ତିନିଦିନ ଅବସ୍ଥାନ କରନ୍ତି । ବାହୁଡ଼ା ପରଦିନ ଏକାଦଶୀରେ ଠାକୁରଙ୍କର ସୁନାବେଶ ହୋଇଥାଏ । ତା'ପରଦିନ ଠାକୁରମାନଙ୍କୁ ଅଧରପଣା ଭୋଗ ଲାଗିକରାଯାଏ । ଅଧରପଣା ଅର୍ପଣ ସମୟରେ ପଞ୍ଚ ଉପଚାର ବିଧିରେ ପୂଜାହେବାପରେ ଅଧରପଣା ପାତ୍ର ଭାଙ୍ଗିଦିଆଯାଏ । ରଥର ପାର୍ଶ୍ୱ ଦେବାଦେବୀ, ଚଣ୍ଡୀଚାମୁଣ୍ଡାମାନେ, ଶ୍ରୀଜୀଉଙ୍କ ଶ୍ରୀମୁଖଲାଗି ଏହି ଅଧରପଣା ପାଇବା ପରେ ସମସ୍ତେ ସ୍ୱ ସ୍ୱ ଆଳୟକୁ ପ୍ରତ୍ୟାବର୍ତ୍ତନ କରନ୍ତି । ତୃତୀୟଦିନ ଠାକୁରମାନେ ନୀଳାଦ୍ରିବିଜେ କରନ୍ତି । ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ପହଣ୍ଡି ଆରମ୍ଭ ହୁଏ । ଏହି ସମୟରେ ଶ୍ରୀଜଗନ୍ନାଥଙ୍କର ଘରଣୀ ମା ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମା ବିମାନରେ ଆସି ସିଂହଦ୍ୱାରପାର୍ଶ୍ୱ ମେଘନାଦ ପାଚେରୀ ଉପରିଭାଗରେ ଥିବା ଚାହାଣୀ ମଣ୍ଡପରେ ବିଜେ ହୁଅନ୍ତି । ରଥଉପରୁ ଦଇତାପତିମାନେ ପହଣ୍ଡିବିଜେକରି ଶ୍ରୀଜଗନ୍ନାଥଙ୍କୁ ଆଣୁଥିବା ସମୟରେ ଶ୍ରୀମହାଲକ୍ଷ୍ମୀଙ୍କ ସହିତ ପ୍ରଭୁଙ୍କର ଚାହାଣୀ ବିନିମୟ ହୁଏ । ଏହାପରେ ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ଦ୍ୱାରା ମା'ଙ୍କ ନିକଟରେ ରସଗୋଲା ଅର୍ପଣ କରାଯାଇ ମାନଭଞ୍ଜନ କରାଯାଏ । ମା' ମହାଲକ୍ଷ୍ମୀ ରସଗୋଲା ଗ୍ରହଣ କରିବା ପରେ ନିଜ ଅଭିମାନ ଦୂରକରି ସିଂହଦ୍ୱାର ଖୋଲିବାପାଇଁ ନିର୍ଦ୍ଦେଶ ଦିଅନ୍ତି । ଏହାପରେ ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କୁ ରଥରୁ ପହଣ୍ଡି କରି ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରାନ୍ତି । ଏହାପରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ବିଜେ କରନ୍ତି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାସ୍ତବିକ ରଥଯାତ୍ରା : ଜୀବନର ଲକ୍ଷ୍ୟ

ନିତ୍ୟ ରଞ୍ଜନ ନନ୍ଦ



ଭାରତୀୟ ସଂସ୍କୃତି ଓ ସନାତନ ବୈଦିକ ପରମ୍ପରାରେ 'ରଥଯାତ୍ରା' କେବଳ କାଠ ନିର୍ମିତ ରଥର ବାହ୍ୟ ପର୍ବ ନୁହେଁ, ବରଂ ଏହା ମାନବ ଜୀବନର ସବୁଠାରୁ ବଡ଼ ପ୍ରତୀକାତ୍ମକ ବାସ୍ତବତା । ଶାଶ୍ୱତ ବୈଦିକ ସିଦ୍ଧାନ୍ତ ଅନୁସାରେ, ଏହି ମାନବ ଶରୀର ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ରଥ ଏବଂ ଆମର ସମଗ୍ର ଜୀବନ ହେଉଛି ଏକ ନିରନ୍ତର ରଥଯାତ୍ରା । ଜୀବନର ପରମ ଲକ୍ଷ୍ୟ ହେଉଛି ଅଜ୍ଞାନତାର ଅନ୍ଧକାରରୁ ବାହାରି ପରମାତ୍ମାଙ୍କ ଆନନ୍ଦ ସ୍ୱରୂପ ମୋକ୍ଷ ପଦକୁ ପ୍ରାପ୍ତ କରିବା । ଏହି ଦୁର୍ଗମ ଯାତ୍ରାକୁ ସଫଳ କରିବାକୁ ହେଲେ ଆମକୁ ଶାସ୍ତ୍ରର ଆଲୋକରେ ନିଜ ଭିତରେ ଥିବା ରଥ, ରଥୀ, ସାରଥୀ, ଲଗାମ ଓ ଅଶ୍ୱମାନଙ୍କୁ ଚିହ୍ନିବାକୁ ହେବ ଏବଂ ଏକ କ୍ରମବଦ୍ଧ ଜ୍ଞାନ ଦ୍ୱାରା ନିଜକୁ ପରିଚାଳିତ କରିବାକୁ ହେବ । ତେବେ ଆସନ୍ତୁ, ବେଦ ଓ ଉପନିଷଦର ମନ୍ତ୍ର ସମୂହକୁ ପ୍ରମାଣ ସ୍ୱରୂପ ଗ୍ରହଣ କରି ଏହି ବାସ୍ତବିକ ରଥଯାତ୍ରାର ରହସ୍ୟକୁ ବୁଝିବା ।

କଠୋପନିଷଦ୍ ପ୍ରଥମ ଅଧ୍ୟାୟର ତୃତୀୟ ବଲ୍ଲୀରେ ଯମାଚାର୍ଯ୍ୟ ବାଜଶ୍ରବା ଋଷିଙ୍କ ପୁତ୍ର ନଚିକେତାଙ୍କୁ ଉପମା ମାଧ୍ୟମରେ ବାସ୍ତବିକ ରଥଯାତ୍ରା ସମ୍ବନ୍ଧରେ ସର୍ବପ୍ରଥମେ ରଥର ସ୍ୱରୂପ ବୁଝାଇ କହନ୍ତି:

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ ॥
(କଠୋପନିଷଦ୍ ୧/୩/୩)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅର୍ଥାତ୍ ହେ ନଚିକେତା ! ତୁମେ ଶରୀରକୁ ରଥ ବୋଲି ଜାଣ ଏବଂ ଆତ୍ମାକୁ ସେହି ରଥର ସ୍ୱାମୀ ବା 'ରଥିନ' (ରଥୀ) ବୋଲି ଜାଣ । ତୁମର ବୁଦ୍ଧିକୁ 'ସାରଥୀ' ଏବଂ ମନକୁ ଘୋଡ଼ାମାନଙ୍କୁ ଆୟତ୍ତ କରୁଥିବା 'ଲଗାମ' ବୋଲି ଜାଣ ।

କଠୋପନିଷଦର ଏହି ପ୍ରଥମ ସିଦ୍ଧାନ୍ତକୁ ପୁଷ୍ଟ କରି ମହର୍ଷି କପିଳ ନିଜର ସାଂଖ୍ୟ ଦର୍ଶନ ରେ କହନ୍ତି:

ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ ପ୍ରକୃତେର୍ମହାନ ମହତୋଽହଙ୍କାରୋ... (ସାଂଖ୍ୟସୂତ୍ର)

ଆମର ଶରୀର, ମନ ଓ ବୁଦ୍ଧି ହେଉଛି ଜଡ଼ ପ୍ରକୃତିର ସୃଷ୍ଟି । ପ୍ରକୃତି ନିଜେ ଜଡ଼, ତେଣୁ ରଥ ନିଜେ ଚାଲିପାରେ ନାହିଁ । ଆତ୍ମା ହେଉଛି ଚେତନ 'ପୁରୁଷ', ଯିଏ ଶରୀରଠାରୁ ସମ୍ପୂର୍ଣ୍ଣ ପୃଥକ । ଯେପରି ରଥୀ ବିନା ରଥର କୌଣସି ମୂଲ୍ୟ ନାହିଁ, ସେହିପରି ଚେତନ ଆତ୍ମା ବିନା ଏହି ଶରୀର ରୂପକ ରଥର କୌଣସି ଅସ୍ତିତ୍ୱ ହିଁ ନାହିଁ ।

ରଥର ବିଭିନ୍ନ ଅଙ୍ଗକୁ ଚିହ୍ନାଇବା ପରେ ଯମାଚାର୍ଯ୍ୟ ରଥର ଗତିଶୀଳତା ଓ ତାର ପ୍ରଭାବ ବିଷୟରେ କହନ୍ତି:

ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାନ୍ ।
ଆତ୍ମେନ୍ଦ୍ରିୟମନୋଯୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ ॥
(କଠୋପନିଷଦ୍ ୧/୩/୪)

ଅର୍ଥାତ୍ ଜ୍ଞାନୀମାନେ ମାନବର ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟକୁ ରଥର 'ହୟ' ବା ଦ୍ରୁତଗାମୀ ଅଶ୍ୱ (ଘୋଡ଼ା) ବୋଲି କହନ୍ତି ଏବଂ ସଂସାରର ସମସ୍ତ ଭୋଗ୍ୟ ବିଷୟ (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ) କୁ ସେହି ଘୋଡ଼ାମାନଙ୍କର ଦୌଡ଼ିବା ପାଇଁ ଥିବା 'ଗୋଚର' ବା ରାସ୍ତା ବୋଲି କହନ୍ତି । ଯେତେବେଳେ ଆତ୍ମା ମନ ଏବଂ ଇନ୍ଦ୍ରିୟମାନଙ୍କ ସହିତ ମିଶିଯାଏ, ସେତେବେଳେ ସେ ସଂସାରର ସୁଖ-ଦୁଃଖକୁ ଅନୁଭବ କରେ, ତେଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନୀଷୀମାନେ ତାକୁ 'ଭୋକ୍ତା' ଆଖ୍ୟା ଦେଇଛନ୍ତି ।

ଇନ୍ଦ୍ରିୟ ଓ ଭୋଗର ଏହି ସମ୍ବନ୍ଧକୁ ନେଇ ଋଗ୍‌ବେଦର ଏକ ପ୍ରସିଦ୍ଧ ମନ୍ତ୍ରରେ ଜୀବ ଓ ପରମାତ୍ମାର ସ୍ଥିତିକୁ ସ୍ପଷ୍ଟ କରାଯାଇଛି:

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରି ଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ତ୍ୟନଶ୍ନନ୍ନନ୍ୟୋ ଅଭି ଚାକଶୀତି ॥
(ଋଗ୍‌ବେଦ ୧/୧୬୪/୨୦)

ବ୍ୟାଖ୍ୟା: ଏହି ଶରୀର ରୂପକ ବୃକ୍ଷରେ ଦୁଇଟି ଚେତନ ପକ୍ଷୀ (ଜୀବାତ୍ମା ଓ ପରମାତ୍ମା) ପରମ ସଖା ଭାବେ ବାସ କରନ୍ତି । ସେଥିମଧ୍ୟରୁ ଜୀବାତ୍ମା ଇନ୍ଦ୍ରିୟମାନଙ୍କ ଦ୍ୱାରା ଆକର୍ଷିତ ହୋଇ ସଂସାରର କର୍ମଫଳ ରୂପକ ସ୍ୱାଦିଷ୍ଟ ବା ତିକ୍ତ ଫଳକୁ ଭୋଗ କରେ (ଭୋକ୍ତା ହୁଏ) । କିନ୍ତୁ ଦ୍ୱିତୀୟ ସତ୍ତା ପରମାତ୍ମା, କୌଣସି ଫଳ ଭୋଗ ନକରି କେବଳ ସାକ୍ଷୀ ସ୍ୱରୂପ ସବୁ ଦେଖୁଥାନ୍ତି ଏବଂ ଜୀବକୁ ସତ୍‌ପଥ ପ୍ରଦର୍ଶନ କରନ୍ତି ।

ଯଦି ରଥର ସାରଥୀ ଅଯୋଗ୍ୟ ହୁଏ, ତେବେ ରଥର କିପରି ବିନାଶ ହୁଏ, ସେ ସମ୍ବନ୍ଧରେ ଯମଦେବ ସଚେତନ କରି କହନ୍ତି:

ଯସ୍ତ୍ୱବିଜ୍ଞାନବାନ୍‌ଭବତ୍ୟମନସ୍କଃ ସଦାଽଶୁଚିଃ।
ନ ସ ତତ୍ପଦମାପ୍ନୋତି ସଂସାରଂ ଚାଧିଗଚ୍ଛତି ॥
(କଠୋପନିଷଦ୍ ୧/୩/୭)

ଅର୍ଥାତ୍ ଯେଉଁମାନେ ଆତ୍ମଜ୍ଞାନହୀନ, ଯାହାଙ୍କର ମନ ନିଜ ଆୟତ୍ତରେ ନାହିଁ (ଅଚେତନମନା) ଏବଂ ଯିଏ ଆଚରଣରେ ସଦା ଅଶୁଚିମୟ ବା ଅପବିତ୍ର, ସେହି ବ୍ୟକ୍ତି କେବେହେଲେ ନିଜର ପରମ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରେ ନାହିଁ । ସେ ସର୍ବଦା ଜନ୍ମ ଓ ମୃତ୍ୟୁର କଷ୍ଟଦାୟକ ସଂସାର-ଚକ୍ରରେ ହିଁ ଘୂରି ବୁଲୁଥାଏ ।

ଏହି ଅସଂଯମତାର ଭୟାବହତାକୁ ଦର୍ଶାଇ ମହର୍ଷି ମନୁ ମନୁସ୍ମୃତିରେ ଲେଖିଛନ୍ତି:

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍।

ସନ୍ନିୟମ୍ୟ ତୁ ତାନ୍ୟେଵ ତତଃ ସିଦ୍ଧିଂ ନିୟଚ୍ଛତି ॥

(ମନୁସ୍ମୃତି ୨/୯୩)

ବ୍ୟାଖ୍ୟା: ଯେତେବେଳେ ମନୁଷ୍ୟ ଇନ୍ଦ୍ରିୟମାନଙ୍କର ଭୋଗ-ବିଳାସରେ ନିଜକୁ ବୁଡ଼ାଇ ଦିଏ, ସେତେବେଳେ ସେ ନିଶ୍ଚିତ ଭାବେ ପତନର ମାର୍ଗକୁ ବାଛିନିଏ । କିନ୍ତୁ ଯେତେବେଳେ ସେ ସେଗୁଡ଼ିକୁ ଦୃଢ଼ ଭାବରେ ନିୟନ୍ତ୍ରଣ କରେ, ସେତେବେଳେ ଯାଇ ସେ ଜୀବନର ପରମ ସିଦ୍ଧି ପ୍ରାପ୍ତ ହୁଏ ।

ଅସଂଯମର ପରିଣାମ ପରେ, ଯମାଚାର୍ଯ୍ୟ ଜ୍ଞାନୀ ଓ ସଂଯମୀ ପୁରୁଷର ମହତ୍ତ୍ୱ ବୁଝାଇ କହନ୍ତି:

ଯସ୍ତୁ ବିଜ୍ଞାନବାନ୍‌ଭବତି ସମନସ୍କଃ ସଦା ଶୁଚିଃ।

ସ ତୁ ତତ୍ପଦମାପ୍ନୋତି ଯସ୍ମାଦ୍ ଭୂୟୋ ନ ଜାୟତେ ॥

(କଠୋପନିଷଦ୍ ୧/୩/୮)*

ବ୍ୟାଖ୍ୟା: ପରନ୍ତୁ ଯେଉଁ ମନୁଷ୍ୟ ବିବେକୀ ଓ ଜ୍ଞାନବାନ୍ ହୋଇଥାନ୍ତି, ଯାହାଙ୍କର ମନ ସର୍ବଦା ନିଜ ବଶରେ ଥାଏ (ସଚେତନମନା) ଏବଂ ଯିଏ ସଦା ଶୁଚିମାନ୍ ବା ପବିତ୍ର ହୋଇ ରହନ୍ତି, ସେ ହିଁ ସେହି ପରମ ପଦ ବା ମୋକ୍ଷକୁ ପ୍ରାପ୍ତ କରନ୍ତି, ଯେଉଁଠାରୁ ତାଙ୍କୁ ଆଉ ପୁନର୍ବାର ଦୁଃଖମୟ ସଂସାରକୁ ଫେରିବାକୁ ପଡ଼େ ନାହିଁ ।

ଏହି ସଂଯମର ଉଦାହରଣ ଦେଇ ଶ୍ୱେତାଶ୍ୱତର ଉପନିଷଦ୍ କହେ:

ସୁସାରଥିରଶ୍ୱାନିବ ଯନ୍ମନୁଷ୍ୟାନ୍ ନେନୀୟତେଽଭୀଶୁଭିର୍ବାଜିନ ଇବ।

(ଶ୍ୱେତାଶ୍ୱତର ୨/୯)

ଅର୍ଥାତ୍ ଜଣେ ଦକ୍ଷ ଓ ଚତୁର ସାରଥୀ ଯେପରି ଶକ୍ତିଶାଳୀ ଲଗାମ ଦ୍ୱାରା ଦ୍ରୁତଗାମୀ ଘୋଡ଼ାମାନଙ୍କୁ ନିଜ ନିୟନ୍ତ୍ରଣରେ ରଖି ରଥକୁ ସୁରକ୍ଷିତ ସ୍ଥାନକୁ ନେଇଯାଏ, ସେହିପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଦ୍ଧ ବିବେକପୂର୍ଣ୍ଣ ବୁଦ୍ଧି ଦ୍ୱାରା ମନୁଷ୍ୟ ଚଞ୍ଚଳ ମନକୁ ବଶୀଭୂତ କରି ଜୀବନ ଯାତ୍ରାକୁ ମଙ୍ଗଳମୟ କରିଥାଏ ।

ଏହି ଆଧ୍ୟାତ୍ମିକ ଯାତ୍ରାର ପରାକାଷ୍ଠା ବା ଶେଷ ଗନ୍ତବ୍ୟ ସ୍ଥଳ କେଉଁଠି, ତାହା ପ୍ରକାଶ କରି ଯମାଚାର୍ଯ୍ୟ କହନ୍ତି:

ବିଜ୍ଞାନସାରଥିର୍ଯ୍ସ୍ତୁ ମନଃ ପ୍ରଗ୍ରହବାନ୍ନରଃ।
ସୋଽଧ୍ୱନଃ ପାରମାପ୍ନୋତି ତଦ୍ୱିଷ୍ଣୋଃ ପରମଂ ପଦମ୍
(କଠୋପନିଷଦ୍ ୧/୩/୯)

ଅର୍ଥାତ୍ ଯେଉଁ ମନୁଷ୍ୟ ନିଜର ସତ୍-ଅସତ୍ ନିର୍ଣ୍ଣୟ କରୁଥିବା ଶୁଦ୍ଧ ବୁଦ୍ଧିକୁ (ବିଜ୍ଞାନକୁ) ସାରଥୀ ବନାଏ ଏବଂ ନିଜ ମନକୁ ଲଗାମ ଭଳି ସର୍ବଦା ଦୃଢ଼ ଭାବରେ ଧରି ରଖେ, ସେ ହିଁ ଏହି ଜୀବନ ପଥର ସମସ୍ତ ବାଧାବିଘ୍ନକୁ ପାର୍ ହୋଇ ସର୍ବବ୍ୟାପୀ ପରମାତ୍ମାଙ୍କର ସେହି ସର୍ବଶ୍ରେଷ୍ଠ ପଦ (ମୋକ୍ଷ ଆନନ୍ଦ) କୁ ହାସଲ କରିଥାଏ ।

ମନକୁ ଏହିଭଳି ଦୃଢ଼ ଓ ପବିତ୍ର ଲଗାମ କରିବା ପାଇଁ ଶୁଦ୍ଧ ସଂକଳ୍ପ ନେବାକୁ ଯଜୁର୍ବେଦରେ କୁହାଯାଇଛି :

ହୃତ୍ପ୍ରତିଷ୍ଠଂ ଯଦଜିରଂ ଜବିଷ୍ଠଂ ତନ୍ମେ ମନଃ ଶିବସଂକଳ୍ପମସ୍ତୁ ॥
(ଯଜୁର୍ବେଦ ୩୪/୬)

ବ୍ୟାଖ୍ୟା: ହେ ପ୍ରଭୁ ! ହୃଦୟରେ ଅବସ୍ଥିତ, ଅତ୍ୟନ୍ତ ବେଗବାନ ଏବଂ କେବେ ହେଲେ କ୍ଷୟ ନହେଉଥିବା ମୋର ଏହି ମନ ଯେପରି ଜଣେ କୁଶଳୀ ସାରଥୀ ଭଳି ମୋତେ ସର୍ବଦା ଶୁଭ, ପବିତ୍ର ଓ ମଙ୍ଗଳମୟ କାର୍ଯ୍ୟ ଆଡ଼କୁ ନେଇଯାଉ । ମୋର ମନ ସଦା ଶିବସଂକଳ୍ପ (କଲ୍ୟାଣକାରୀ ବିଚାର) ରେ ପରିପୂର୍ଣ୍ଣ ରହୁ ।

ଏହି ପ୍ରକାରେ ବେଦ, ଉପନିଷଦ ଏବଂ ଦର୍ଶନ ଶାସ୍ତ୍ରର ଜ୍ଞାନ ରୂପକ ପବିତ୍ର ଗଙ୍ଗାରେ ଅବଗାହନ କଲେ ଏହା ସ୍ପଷ୍ଟ ହୁଏ ଯେ ଆମର ବାସ୍ତବ ରଥଯାତ୍ରା କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହ୍ୟ ପରିପାଟୀରେ ସୀମିତ ନୁହେଁ । ଏହା ହେଉଛି ପ୍ରତିଦିନ, ପ୍ରତି କ୍ଷଣ ଏବଂ ପ୍ରତି ମୁହୂର୍ତ୍ତରେ ନିଜ ଭିତରେ କରିବାକୁ ଥିବା ଏକ ଅନ୍ତରୀଣ ସାଧନା । ଯେତେବେଳେ ଆମେ ଆମର ବାସ୍ତବ ରଥର ଅଶ୍ୱ ସଦୃଶ ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟଙ୍କୁ ଇନ୍ଦ୍ରିୟଗୋଚର ବିଷୟ ରୂପକ ବିଷାକ୍ତ ମାର୍ଗରୁ ନିବୃତ୍ତ କରି ଶୁଦ୍ଧ ବୁଦ୍ଧି ଦ୍ୱାରା ପରିଚାଳିତ କରିବା, ସେତେବେଳେ ହିଁ ଆମର ଏହି ଜୀବନ ରଥ ସଫଳ ହେବ । ଆସନ୍ତୁ, ବୈଦିକ ଜ୍ଞାନର ଆଲୋକରେ ମନକୁ ସଂଯମ କରି, ନିଜର ଶୁଦ୍ଧ ବୁଦ୍ଧିକୁ ସାରଥୀ ବନାଇ, ପରମାତ୍ମାଙ୍କ ଦିବ୍ୟ ଧାମ ଅଭିମୁଖେ ଆମ ଜୀବନ ରଥକୁ ଆଗେଇ ନେବା । ଏହା ହିଁ ମାନବ ଜୀବନର ସର୍ବଶ୍ରେଷ୍ଠ ଓ ବାସ୍ତବିକ ରଥଯାତ୍ରା ।

ଡି ଏଲ୍ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର

ମୋ -୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ

ଆଶୁତୋଷ ନାୟକ



ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ, ଅଖିଳ ବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ । ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି । ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା । ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ର ବି ହଲି ନଥାଏ । ସେଥିପାଇଁ ମହାଭାରତ ଯୋଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ଥ ଅର୍ଜୁନ ବୁଝାଇ କହିଛନ୍ତି “କରି କରାଉ ଥାଏ ମୋହି ମୋ ବିନୁ ଅନ୍ୟ ଗତିନାହିଁ ।” ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦେଶ୍ୟ ରହିଥାଏ । ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ । ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ । ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାଯ୍ୟ ସଫଳ ହୋଇନଥାଏ । କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ ।

ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଜ୍ଞାନୀ ମନେ କରୁଛି । ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି । ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦପାଠ ସଦୃଶ । ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ, ଆଜିର ସ୍ୱାର୍ଥପର ମନୁଷ୍ୟ । ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନକୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୁରେଇଯାଉଛି । ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁ । କିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି । ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୀୟସ୍ୱଜନକୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ । ସେଇମାନେ ବିପଦ ସମୟରେ ହାତଛାଡି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ । ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି "ସମ୍ପଦ ବେଳେ ସର୍ବେ ଶାଖା ବିପଦେ ନଦିଅନ୍ତି ଦେଖା" । "ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର ।"

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗାପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚପାଣ୍ଡବ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୃତରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେ ନାହିଁ । ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ "ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କଲେ ।"

ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ବି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ । ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ ।ସେଥିପାଇଁ କୁହାଯାଏ । "ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି ।"

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି । ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପ୍ରଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର । ଗର୍ବୀର ଗର୍ବ ଚୁର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ । କେତେବେଳେ ଭକ୍ତ ହାତରେ ସ୍ୱର୍ଶ ପାଇଁ ମାନ ଭାଙ୍ଗନ୍ତି "ମାନଗୋବିନ୍ଦ" ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଆଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ । ସେ ଭାବର ନିକଟ, ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭାବରେ ଆରାଧନା, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି । ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତର ନାଥ ଜଗନ୍ନାଥ ।

ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡିତ ହୋଇଥିଲେ । ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ । ନିଜ ମାଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ । ତେଣୁ ସେ ଗାଇ ଉଠିଥିଲେ "ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ କଳିଯୁଗରେ ବିଶ୍ୱର ସର୍ବଶେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ । ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ । ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳାକୁ ବୁଝିବା ଅସମ୍ଭବ । ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ । ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ ।

ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଧିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଧିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁନ୍ଦର, ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ । କାଳିଆ ସାଆନ୍ତଙ୍କ ସିଂହ ଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଇଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସ୍ନେହ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନଙ୍କୁ ହତ୍ୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି "ମଣିଷପଣିଆ" ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି । ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡରେ କେହି ବି ଅସ୍ୱୀକାର କରିପାରିବେ ନାହିଁ ।

ଗୋପାଳପୁର,ବାଲେଶ୍ୱର

ମୋବାଇଲ-୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ରାବଣ ଓ କାଉଡ଼ି ଯାତ୍ରା

ହେମନ୍ତ କୁମାର ଗନ୍ତାୟତ



## *ମହେଶ୍ୱରଙ୍କ ମହିମାର ମାସ ଶ୍ରାବଣ ଓ କାଉଡ଼ି ଯାତ୍ରା*

ଆମ ହିନ୍ଦୁ ଧର୍ମର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ଏହି ତ୍ରିଦେବଙ୍କ ମଧ୍ୟରୁ ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା ଓ ବିଷ୍ଣୁଙ୍କୁ ପାଳନ କର୍ତ୍ତା (ସ୍ଥିତି) ରୂପେ ପୁରାଣାଦିରେ ବର୍ଣ୍ଣନା କରାଯାଇଥିବା ବେଳେ ମହେଶ୍ୱରଙ୍କୁ ସଂହାର କର୍ତ୍ତାର ଅଧିକାରୀ ବୋଲି କୁହାଯାଇଛି । ଏ ସଂହାର ପଦଟି ସମ୍ ଉପସର୍ଗ ଓ ହାର ମୂଳ ଶବ୍ଦକୁ ନେଇ ଗଠିତ । ଯାହାର ଅର୍ଥ ଠିକ୍ ଭାବରେ, ପୂର୍ଣ୍ଣ ଭାବରେ ବା ଏକତ୍ର ଭାବରେ ହରଣ କିମ୍ବା ନଷ୍ଟ କରିବା । ଏହି କାର୍ଯ୍ୟକୁ ଯିଏ ସୁଚାରୁ ରୂପେ ସମ୍ପାଦନ କରନ୍ତି ଏବଂ ଯିଏ ମହାନ ତଥା ଈଶ୍ୱର ଅଟନ୍ତି ସେ ହେଉଛନ୍ତି ମହେଶ୍ୱର । ତେଣୁ ଏହି ଦେବଙ୍କୁ ଶାସ୍ତ୍ରରେ "ମହାଷ୍ଟାସାର୍ବୀଶ୍ୱରଷ୍ଟ କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ବା ସମର୍ଥଃ" କୁହାଯାଇଛି । ଏହା ସହ ସେ ଅକାଳମୃତ୍ୟୁର ହରଣର କର୍ତ୍ତା ଯୋଗୁଁ ମୃତ୍ୟୁଞ୍ଜୟ, ସଦା ସର୍ବଦା ଧ୍ୟାନସ୍ଥ ହେତୁ ମହାଯୋଗୀ, ସଦାଶମ୍ଭୁ କୁହାଯାଏ । କେବଳ ସେ ମହାଯୋଗୀ ନୁହଁନ୍ତି ଅପିତୁ ସେ ହେଉଛନ୍ତି ସକଳ ଶାସ୍ତ୍ରର ବେତ୍ତା ଏବଂ ଜ୍ଞାନ ପ୍ରଦାୟକ । ତେଣୁ ଏହି ଈଶଙ୍କୁ ଆଦିଗୁରୁ ବୋଲି ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି । ସେହିପରି ସେ ଦେବ ଦେବ ମହାଦେବ ଓ କାଳଙ୍କର କାଳ ଯୋଗୁଁ ତା'ଙ୍କୁ ମହାକାଳ ମଧ୍ୟ କୁହାଯାଏ । ମହାପ୍ରଭୁଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ତୁରିତ ବର ପ୍ରଦାନ କରିଥାନ୍ତି । ଏଣୁ ଦେବଙ୍କୁ ଆଶୁତୋଷ ଏବଂ ପ୍ରଥମ ଦେବତା ହେତୁ ଆଦିଦେବ କୁହାଯାଏ । ଏହି ଭଗବାନ ଦେବ, ଦାନବ, ମାନବ, ଭୂତ, ପ୍ରେତ ଓ ପିଶାଚ ଜାତିର କେବଳ ନାଥ ନୁହଁନ୍ତି; ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛନ୍ତି ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ନାଥ । ଅତଃ ଏହାଙ୍କୁ ପଶୁପତିନାଥ ବୋଲି କୁହାଯାଏ । ଏ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ ଅପଶକ୍ତି, ଅନ୍ୟାୟ ଓ ଅନୀତି ଆଦିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରିବା ସହ ସଂସାରକୁ ସୁଖ ,ଶାନ୍ତି ତଥା ମଙ୍ଗଳ ପ୍ରଦାନ କରିଥାନ୍ତି । ତେଣୁ ମହେଶ୍ୱରଙ୍କୁ ସତ୍ୟ - ଶିବ - ସୁନ୍ଦର ମଧ୍ୟ କୁହାଯାଏ ।

ଏହି ମହେଶଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ଶ୍ରାବଣ ମାସ । ଯାହାକୁ ସେ ସ୍ୱୟଂ କହିଛନ୍ତି:-

ଦ୍ୱାଦଶସ୍ୱପି ମାସେଷୁ ଶ୍ରାବଣୋ ମେ 'ତିବଲ୍ଲଭଃ

ଶ୍ରବଣାହଁ ଜନ୍ମାହାତ୍ମ୍ୟଂ ତେନାସୌ ଶ୍ରବଣ ମତଃ ।।

ଅର୍ଥାତ୍ ବାର ମାସ ମଧ୍ୟରେ ଶ୍ରାବଣ ମାସ ମୋର ସବୁଠାରୁ ପ୍ରିୟ ଅଟେ । ଏହି ମାସର ଶ୍ରବଣ ଯୋଗ୍ୟ ମହିମା ଏବଂ ଶ୍ରବଣା ନକ୍ଷତ୍ର ସହିତ ଏହାର ସମ୍ବନ୍ଧ ଯୋଗୁଁ ଏହାକୁ 'ଶ୍ରାବଣ' କୁହାଯାଏ । ଉକ୍ତ ମାସରେ ଭଗବାନ ଶିବଙ୍କ ଯେଉଁ ଅନନ୍ୟ ସ୍ୱରୂପ ରହିଛି, ଯାହାଙ୍କୁ ଶିବଲିଙ୍ଗ ରୂପେ ପୂଜିତ କରାଯାଏ । ଯାହାର ପାଞ୍ଚ ଗୋଟି ମୁଖ ରହିଛି ଯଥା:- ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଏବଂ ଈଶାନ । ଏଣୁ ଏହାଙ୍କୁ ପଞ୍ଚାନନ ଅଭିହିତ କରାଯାଇଛି । ଯାହା ମହାଦେବଙ୍କ ପାର୍ଥିବ ସ୍ୱରୂପ ଅଟେ ।

ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ, ଶ୍ରବଣା ନକ୍ଷତ୍ର ନାମରେ ଶ୍ରାବଣ ମାସ ନାମିତ ହୋଇଛି । ଏହି ପବିତ୍ର ମାସର ଧାର୍ମିକ ଓ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ବିଧିବିଧାନ ସହକାରେ ପୂଜା କଲେ ଆଶୁତୋଷ ସମସ୍ତ ମନସ୍କାମନା ପୂର୍ଣ୍ଣ କରିଥାଆନ୍ତି । ପୁରାଣରେ ବର୍ଣ୍ଣିତ ରହିଛି ଯେ, ମାତା ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ । ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ମାସରେ ମାତା ପାର୍ବତୀ ଓ ଭଗବାନ ଶିବ ଭୂଲୋକକୁ ଭ୍ରମଣ କରିବାକୁ ଆସିଥାନ୍ତି । ଏଣୁ ଶ୍ରାବଣ ମାସର କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରାବଣ ମାହାତ୍ମ୍ୟ ପଠନ କରାଯାଇଥାଏ । ଏ ମାସର ପ୍ରତ୍ୟେକ ସୋମବାର ଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଦେବଙ୍କୁ ଜଳ ଅର୍ପଣ କଲେ, ସେ ସନ୍ତୁଷ୍ଟ ହୁଅନ୍ତି । କାରଣ ସମସ୍ତ ଉପଚାରମାନଙ୍କ ମଧ୍ୟରେ ଶିବଙ୍କ ଅତୀବ ପ୍ରିୟ ଜଳ । ଏଣୁ ଶାସ୍ତ୍ରରେ କୁହାଯାଇଛି ଯେ "ଶିବ ଜଳଧାରା ପ୍ରିୟଃ ।" ସେ'ପରି ପୁରାଣରେ ବର୍ଣ୍ଣନା ରହିଛି ଯେ, ଯେତେବେଳେ ଦେବତା ଓ ଦାନବ ମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଯାଇଥିଲା; ସେତେବେଳେ ପ୍ରଥମେ ହଳାହଳ ନାମକ ଏକ ଭୟଙ୍କର ଗରଳ ଓ ଅମୃତ ଦ୍ୱୟ ଶ୍ରାବଣ ମାସ ଅମାବାସ୍ୟା ଦିନ ଉତ୍ପନ୍ନ ହୋଇଥିଲା । ସେହି ବିଷ ପ୍ରଭାବରେ ସମଗ୍ର ସଂସାରର ପ୍ରାଣୀମାନେ ଅଚେତନ ହୋଇଗଲେ । ଏହି ଘୋର ବିପଦରୁ ଉଦ୍ଧାର କରିବା ପାଇଁ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ । ସେହି ପ୍ରାର୍ଥନା ସ୍ୱରୂପ ଅନୁରୋଧକୁ ରକ୍ଷାକରି, ମହାଦେବ ଉକ୍ତ ବିଷକୁ ପାନ କରି ଦେଇଥିଲେ । ଯାହା ଫଳରେ ଶିବଙ୍କ କଣ୍ଠ ଦେଶ ନୀଳବର୍ଣ୍ଣ ହୋଇଯାଇଥିଲା । ସେହି ବିଷଜ୍ୱାଳାକୁ ଲାଘବ କରିବା ଉଦ୍ଦେଶ୍ୟରେ ଦେବଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳିଥିଲେ । ସେ'ପରି ଶିବଙ୍କ ପରମ ଭକ୍ତ ଲଙ୍କାପତି ରାବଣ ନୀଳକଣ୍ଠଙ୍କ ଗରଳ ଜ୍ୱାଳକୁ ପ୍ରଶମିତ କରିବା ପାଇଁ, ହିମାଳୟରୁ ପବିତ୍ର ଗଙ୍ଗା ଜଳ ଆଣି ଭୋଳାନାଥଙ୍କୁ ଅର୍ପଣ କରିଥିଲେ । ଅତଃ ଏହି ପବିତ୍ର ମାସରେ ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କାଉଡ଼ି ଯାତ୍ରାର ପରମ୍ପରା ରହିଆସିଛି । ଭଗବାନ ପର୍ଶୁରାମ ପ୍ରଥମେ କାଉଡ଼ି ଯାତ୍ରା ଆରମ୍ଭ କରିଥିଲେ ବୋଲି ଦେଖିବାକୁ ମିଳେ । ସେ ଉତ୍ତର ପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ ।

ବହୁ ପୁରାତନ କାଳରୁ ଶିବ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କୁ ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି । କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୋଇ ନଥା'ନ୍ତି ଜଳାଭିଷେକ ଦ୍ୱାରା ତାଠାରୁ ବେଶି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରସନ୍ନ ହୋଇଥାନ୍ତି । ସେଥିପାଇଁ ଆଜି ମଧ୍ୟ ଶ୍ରାବଣ ମାସରେ ଭାରତ ଓ ନେପାଳର ଲକ୍ଷ ଲକ୍ଷ ଭକ୍ତ ଜଳଧାରା ଧରି ଯାତ୍ରା କରି ଆସୁଛନ୍ତି । ରାସ୍ତାରେ ଚାଲିବା ବେଳେ ପଥ ଲାଘବ ପାଇଁ କାଉଡ଼ିଆମାନେ ବୋଲ ବମ - ବୋଲ ବମ କହିଥାନ୍ତି ।

ବୋଲ ବମ ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କୁହାଯାଏ । ଏହି କାଉଡ଼ିଆ ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ କାନ୍ଧରେ କଳସୀ ଭାର ଧରି ନିଷ୍ଠାର ସହିତ ସଂପୂର୍ଣ୍ଣ ପଥ ଖୋଲା ପାଦରେ ଅତିକ୍ରମ କରିଥାନ୍ତି । କେହି କେହି ଗୋମୁଖ ଓ ଗଙ୍ଗୋତ୍ରୀରୁ ଗଙ୍ଗା ଜଳ ଆଣିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାବନ ଶିବ ମନ୍ଦିର ନିକଟସ୍ଥ ପବିତ୍ର ନଦୀ ପାଖରୁ ଜଳ ଆଣିଥାନ୍ତି । ଆମ ଓଡିଶାର ଅଧିକାଂଶ ଭକ୍ତ କଟକ ସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢ଼ାଳିଥାନ୍ତି । ସେପରି ଗଞ୍ଜାମ ଜିଲ୍ଲା ପବିତ୍ରା ଋଷିକୂଲ୍ୟା ନଦୀରୁ ଜଳ ନେଇ ଅନେକ ଶିବାଳୟକୁ ଯାଇଥାନ୍ତି । ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଆଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଶ୍ରାବଣ ମାସରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ଭକ୍ତି ସହକାରେ ପୂଜାକଲେ, ପୂଜାର ଫଳ ହଜାର ଗୁଣ ମିଳିବା ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ହୋଇଥାଏ ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ।
୯୮୬୧୩୩୪୮୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗତର ନାଥ, କାଳିଆ ସାଆନ୍ତ

ଆଶିଷ କୁମାର ସାହୁ



ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।

ଏହି ଶ୍ଲୋକଟିକୁ ଛୋଟବେଳୁ ଅନେକ ଥର ଶୁଣିଛି । କିନ୍ତୁ ଏହାର ପ୍ରକୃତ ଅର୍ଥ କଣ, ତାହା ମୁଁ ସେହିଦିନ ବୁଝିପାରିଲି, ଯେଉଁଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ମୋ ଭଳି ଜଣେ ସାଧାରଣ ଭକ୍ତଙ୍କ ଡାକ ଶୁଣି ମୋତେ ନିଜ କୃପାର ଦର୍ଶନ କରାଇଲେ ।

ରଥଯାତ୍ରା... କେବଳ ଏକ ପର୍ବ ନୁହେଁ, ଏହା ହେଉଛି କୋଟି କୋଟି ଭକ୍ତଙ୍କ ହୃଦୟର ସ୍ପନ୍ଦନ । ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଆୟୋଜିତ ରଥଯାତ୍ରା ପରି ରେଢ଼ାଖୋଲ ବଡ଼ଦାଣ୍ଡ ସେଦିନ ଭକ୍ତ ସମୁଦ୍ରରେ ପରିଣତ ହୋଇଥିଲା । ଚାରିଆଡ଼େ କେବଳ "ଜୟ ଜଗନ୍ନାଥ" ଶଙ୍ଖଧ୍ୱନି, ଘଣ୍ଟନାଦ ଓ ହରିବୋଲର ଧ୍ୱନି । ଲାଗୁଥିଲା ସ୍ୱର୍ଗ ନିଜେ ପୃଥିବୀକୁ ଓହ୍ଲାଇ ଆସିଛି ।

ମୋର ମଧ୍ୟ ବହୁତ ଇଚ୍ଛା ଥିଲା ରଥ ଦଉଡ଼ିରେ ହାତ ଲଗାଇ ମହାପ୍ରଭୁଙ୍କ ରଥ ଟାଣିବାକୁ । କିନ୍ତୁ ଭାଗ୍ୟର ବିଧାନ ଅଲଗା ଥିଲା । କିଛି ମାସ ପୂର୍ବରୁ ମୋର ପ୍ରିୟ ବାପାଙ୍କ ଦେହାନ୍ତ ହୋଇଥିଲା । ତାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଏପର୍ଯ୍ୟନ୍ତ ସମ୍ପନ୍ନ ହୋଇନଥିଲା । ପରିବାରର ପରମ୍ପରା ଓ ଆସ୍ଥାକୁ ସମ୍ମାନ କରି ମୁଁ ରଥ ଟାଣିବାରୁ ନିଜକୁ ବିରତ ରଖିଲି । ମନ ମଧ୍ୟରେ ଅପାର ବେଦନା ଥିଲା । ଲାଗୁଥିଲା ଯେପରି ମୋ ହାତ ଖାଲି ରହିଗଲା । ମୁଁ ଦୂରରେ ଠିଆ ହୋଇ ରଥ ଉପରେ ବିରାଜମାନ ମହାପ୍ରଭୁଙ୍କୁ ଦେଖିବାକୁ ଚେଷ୍ଟା କରୁଥିଲି । କିନ୍ତୁ ଭକ୍ତଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ ରଥ ତ ଦେଖାଯାଉଥିଲା, କିନ୍ତୁ ତିନି ଠାକୁରଙ୍କ ମୁଖମଣ୍ଡଳ ଆଦୌ ଦେଖାଯାଉ ନଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାରମ୍ବାର ପାଦ ଆଙ୍ଗୁଠି ଉପରେ ଠିଆ ହେଲି, ଏପଟ ସେପଟ ଗଲି, ଲୋକଙ୍କ ଫାଙ୍କରୁ ଦେଖିବାକୁ ଚେଷ୍ଟା କଲି । କିନ୍ତୁ ବିଫଳ ହେଲି । ଧୀରେ ଧୀରେ ମନ ଭାଙ୍ଗିଗଲା । ଆଖିରେ ଲୁହ ଆସିଗଲା ।

ମୁଁ ରଥ ଆଡ଼କୁ ଚାହିଁ ମନେ ମନେ କହିଲି, "ହେ କାଳିଆ ସାଆନ୍ତ ! ତୁମେ ତ ଜଗତର ନାଥ । ଆଜି ମୁଁ କେଡେ ଅଭାଗା ! ରଥ ଟାଣିପାରିଲି ନାହିଁ । ତୁମକୁ ଦେଖି ମଧ୍ୟ ପାରୁନାହିଁ । ମୁଁ କେବଳ ଥରେ ତୁମକୁ ଦେଖିବାକୁ ଚାହେଁ । ଯଦି ତୁମ ଇଚ୍ଛା ଥାଏ, ମୋତେ ଥରେ କେବଳ ଦର୍ଶନ ଦିଅ ।"

ପ୍ରାର୍ଥନା ଶେଷ ହେବାର କିଛି କ୍ଷଣ ପରେ ହଠାତ୍ ଭିଡ଼ରେ ଏକ ଛୋଟ ପରିବର୍ତ୍ତନ ହେଲା । ମୋ ସାମ୍ନାରେ ଥିବା ଲୋକମାନେ ସାମାନ୍ୟ ସରିଗଲେ । କୌଣସି କାରଣ ବିନା ଏକ ସ୍ୱଷ୍ଟ ଦୃଶ୍ୟପଥ ସୃଷ୍ଟି ହେଲା । ମୋ ଦୃଷ୍ଟି ସିଧା ରଥ ଉପରକୁ ପହଞ୍ଚିଗଲା ।

ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ତ କରୁଣାମୟ ମୁଖମଣ୍ଡଳ ସ୍ୱଷ୍ଟ ଭାବେ ଦେଖିଲି । ଲାଗିଲା, ସେ ଯେପରି ମୋ ଆଡ଼କୁ ଚାହିଁ ହସୁଛନ୍ତି । କିଛି କ୍ଷଣ ପରେ ବଡ଼ଭାଇ ବଳଭଦ୍ର ଓ ମା ସୁଭଦ୍ରାଙ୍କର ମଧ୍ୟ ସ୍ୱଷ୍ଟ ଦର୍ଶନ ହେଲା ।

ସେହି ମୁହୂର୍ତ୍ତରେ ସମୟ ଯେପରି ଅଟକି ଯାଇଥିଲା । ଚାରିଆଡ଼ର କୋଳାହଳ ଆଉ ଶୁଣାଯାଉନଥିଲା । କେବଳ ମୁଁ... ଆଉ ମୋ କାଳିଆ ସାଆନ୍ତ ।

ମୋ ଆଖିରୁ ଧାର ଧାର ଲୁହ ବହି ଯାଉଥିଲା । ମୁଁ ଦୁଇ ହାତ ଯୋଡ଼ି କହିଲି, "ପ୍ରଭୁ, ତୁମେ ସତରେ ଜଗତର ନାଥ । ତୁମ ପାଇଁ କେହି ବଡ଼ କି ଛୋଟ ନୁହେଁ । ତୁମେ ଧନୀ-ଗରିବ, ଜାତି-ଧର୍ମ, ଉଚ୍ଚ-ନୀଚ କିଛି ଦେଖ ନାହିଁ । ତୁମେ କେବଳ ଭକ୍ତର ହୃଦୟର ଡାକ ଶୁଣ । ପ୍ରଭୁ ! ତୁମେ ସତରେ ଭାବର ଠାକୁର । ତୁମେ ଭକ୍ତର ହୃଦୟର କଥା ଶୁଣ । ତୁମେ କାହାକୁ ଦୂରେଇ ଦିଅ ନାହିଁ ।"

ସେହି ଦିନ ମୁଁ ବୁଝିଲି, ଜଗନ୍ନାଥ କେବଳ ପୁରୀର ଦେବତା ନୁହଁନ୍ତି । ସେ ସମଗ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଗତର ନାଥ । ସେ କେବଳ ରାଜାଙ୍କର ନୁହେଁ, ଗରିବର ମଧ୍ୟ ପ୍ରଭୁ । ସେ କେବଳ ପଣ୍ଡିତଙ୍କର ନୁହେଁ, ସାଧାରଣ ମଣିଷର ମଧ୍ୟ ଭଗବାନ । ତାଙ୍କ ପାଖରେ ଭକ୍ତି ହିଁ ସବୁଠାରୁ ବଡ଼ ପରିଚୟ ।

ଆଜି ମଧ୍ୟ ଯେତେବେଳେ ସେହି ଘଟଣା ମନେ ପଡ଼େ, ଆଖି ଲୁହରେ ଓଦା ହୋଇଯାଏ । ମୁଁ ଜାଣିନି ଅନ୍ୟମାନେ ଏହାକୁ କିପରି ଦେଖିବେ । କିନ୍ତୁ ମୋ ପାଇଁ ଏହା ମହାପ୍ରଭୁଙ୍କ ଅସୀମ କରୁଣାର ଏକ ଜୀବନ୍ତ ଅନୁଭୂତି । ସେହି ଦିନଠାରୁ ମୋର ବିଶ୍ୱାସ ଆହୁରି ଦୃଢ଼ ହୋଇଯାଇଛି । ଭକ୍ତର ଆଖିରେ ଲୁହ ଆସିଲେ, କାଳିଆ ସାଆନ୍ତ ନିରବ ରହନ୍ତି ନାହିଁ । ସେ କୌଣସି ନା କୌଣସି ଉପାୟରେ ନିଜ କୃପା ପ୍ରକାଶ କରନ୍ତି ।

ହେ ଦୀନବନ୍ଧୁ, ହେ ପତିତପାବନ, ହେ କାଳିଆ ସାଆନ୍ତ !

ତୁମ ଚରଣରେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ ।

ଜୟ ଜଗନ୍ନାଥ ।

ଆଶିଷ କୁମାର ସାହୁ
ସହକାରୀ ଶିକ୍ଷକ
ବାରବାଙ୍କ ଉଚ୍ଚ ବିଦ୍ୟାଳୟ, ଝାରବାଙ୍କ
ରେଢ଼ାଖୋଲ, ସମ୍ବଲପୁର, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରୁଷୋ

ସୁଧାଂଶୁ ଶେଖର ଦ୍ୱିବେଦୀ



ଗଣତନ୍ତ୍ର: ଅର୍ଥାତ୍ ଜନତାଙ୍କ କଥା ଉଠିଲେ ରୁଷୋଙ୍କ ନାମ ମନେ ପଡେ । ୪୦୦ ବର୍ଷ ପୂର୍ବରୁ ଜଣେ ଅବୋଧ ବାଳକ ଜେନେଭା ସହରର ଧୂଳି ମାଟିରେ ଜୀବନ ପାଇଁ ରାହା ଖୋଜୁଥିଲା । ପିଲାଟି ଦିନରୁ ମା' ଚାଲି ଯାଇଥିଲେ । ବାପା ହାତଘଡି କାରିଗର ଥାଆନ୍ତି । ସ୍ୱଭାବରେ ବଦରାଗି । ଟିକେ ଟିକେ କଥାରେ ରାଗି ଯାଆନ୍ତି । ସେ ଦିନେ ବାଳକକୁ ସାନଭାଇ ପାଖରେ ଜିମା ଦେଇ ଅନ୍ୟ ଦେଶକୁ ଚାଲିଗଲେ । ଦାଦା ବାଳକକୁ ଚିତ୍ରକଳା ଶିଖାଇବା ଲାଗି ଜଣେ କଳାକାର ନିକଟକୁ ପଠାଇଲେ । ବର୍ଷେ ଯାଏ ବାଳକ ସେମିତି କିଛି ଚିତ୍ରକଳା ଶିଖିପାରିଲା ନାହିଁ । ସେତେବେଳକୁ ତା ଭିତରେ କିଛି ଖରାପ ଗୁଣ ସ୍ଥାନ ପାଇ ସାରିଥାଏ । ୧୬ ବର୍ଷ ବୟସରେ ସେ ଦାଦାଙ୍କ ଘର ଛାଡ଼ି ପଳାଇଲା । ୨୦ ବର୍ଷ ଯାଏ ଏଠି ସେଠି ବିଚଳିତ ଅବସ୍ଥାରେ ଘୁରି ବୁଲିଲା । ଭିକ୍ଷା ମାଗି ଜୀବନ ଜିଇଁଲା, କଷ୍ଟ ସହିଲା । ସେ ବାଳକ କେହି ମହାପୁରୁଷ ନଥିଲା । କିନ୍ତୁ ଇତିହାସରେ ତା' ନାମ ଅମର ହୋଇ ରହିଛି ।

ରୁଷୋଙ୍କ ଜୀବନରେ ବାରମ୍ବାର ଅସଫଳତା ପ୍ରାପ୍ତ ହୋଇଛି । ତାଙ୍କୁ ଅନେକଥର ତିରସ୍କାର, ନିନ୍ଦା, ଅପମାନିତ କରା ହୋଇଛି । କିନ୍ତୁ ସେ ନଥିଲେ ହୁଏତ ଫ୍ରାନ୍‌ସ ଦେଶର ନାମ ଭୂଗୋଳ ମାନଚିତ୍ରରେ ନଥାନ୍ତା । ଦୁନିଆସାରା କ୍ରାନ୍ତିର ଡାକରା ହୁଅନ୍ତା ନାହିଁ । ସେ ସମୟରେ ଫ୍ରାନ୍‌ସରେ ଲୁଇ ବଂଶର ଶାସନ ଚାଲି ଥାଏ । ରାଜା ଅତ୍ୟନ୍ତ ଅତ୍ୟାଚାରୀ ଏବଂ କ୍ରୁର ଥାଆନ୍ତି । ତାଙ୍କ ଶାସନରେ ପ୍ରଜାମାନଙ୍କର କିଛି ବି ଅଭିଯୋଗ ସମାଧାନ ହୁଏ ନାହିଁ । ବରଂ ପ୍ରଜାମାନଙ୍କୁ ଦଣ୍ଡିତ କରାଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଜାଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ସେ କ୍ରାନ୍ତିର ମଶାଲ ଧରିଲେ । ସେମାନଙ୍କୁ ଏକତ୍ର କରି ରାଜାଙ୍କ ବିରୁଦ୍ଧରେ ଆନ୍ଦୋଳନ କଲେ । ଆନ୍ଦୋଳନରେ ତାଙ୍କର ମୁଖ୍ୟ ଉଦ୍ ଘୋଷ ଥିଲା- ପ୍ରଜାମାନେ ରାଷ୍ଟ୍ରର ଦେବତା । ସେମାନଙ୍କ ଇଚ୍ଛା ବିରୁଦ୍ଧରେ ରାଜା ସିଂହାସନରେ ବସିପାରିବେ ନାହିଁ । ତାଙ୍କ ଆହ୍ୱାନରେ ପ୍ରଜାମେଳିର ତୀବ୍ର କ୍ରାନ୍ତିର ନିଆଁ ଜଳିଲା । ଦେଶରେ ଏକ ନୂଆ ପରିବର୍ତ୍ତନ ଆସିଲା । ରାଜବଂଶ ସମାପ୍ତ ହେଲା । ଗଣରାଜ୍ୟ ସ୍ଥାପନା ହେଲା । ଲୋକଙ୍କର, ଲୋକଙ୍କପାଇଁ, ଲୋକମାନଙ୍କ ଦ୍ୱାରା ଦେଶ ଶାସନ ପାଇଁ ଘୋଷଣା ହେଲା । ତାଙ୍କ ଆହ୍ୱାନର ଚିତ୍ରପଟ ସାରା ଦୁନିଆ ଜାଣିଲା ।

ଏହା ବି ଏକ ସଂଯୋଗ ଯେ ରୁଷୋ ପୁସ୍ତକ ଲେଖୁଥିଲେ । ଫ୍ରାନ୍ସ ଦେଶର ସ୍ଥାପନା ପରେ ସେ ପେରିସ୍ ଚାଲିଗଲେ । ଶ୍ରେଷ୍ଠ ସହିତ୍ୟିକଙ୍କ ସହିତ ବନ୍ଧୁତା କଲେ । ସେମାନଙ୍କ ଠାରୁ ସାହିତ୍ୟର ଧାରା ବିଷୟରେ ଅବଗତ ହେଲେ । ସେଠାରେ ତାଙ୍କୁ ବିଭିନ୍ନ ପ୍ରକାର ଚାକିରୀ ଅନୁଦାନ କରାଗଲା । ମାତ୍ର ସେ ତାହାକୁ ଉଚିତ୍ ମନେ କଲେ ନାହିଁ । ପତ୍ର ପତ୍ରିକାରେ ତାଙ୍କ ଲେଖା ଛପିଲା । ଲୋକମାନେ ତାଙ୍କ ବିଷୟରେ ଜାଣିଲେ, ଚିହ୍ନିଲେ ।

ମନୁଷ୍ୟ ସ୍ୱତନ୍ତ୍ର ଉତ୍ପନ୍ନ ହୋଇଛି । କିନ୍ତୁ ସବୁ ସମୟ ପରିସ୍ଥିତିର ଜଞ୍ଜିରରେ ବନ୍ଧା ହୋଇଥାଏ । ରୁଷୋଙ୍କୁ ପ୍ରକୃତି ପ୍ରତି ଅତ୍ୟଧିକ  ଆଦର ଥାଏ । ସେ ଘଣ୍ଟା ଘଣ୍ଟା ବଗିଚାରେ ବସି ଫୁଲର ରଙ୍ଗ, ପବନରେ ହଲୁଥିବା ଫୁଲକୁ ଅନୁଧ୍ୟାନ କରନ୍ତି । ପ୍ରଜାପତି ଫୁଲ ଚାରିପଟେ ଉଡିଉଡି ମକରନ୍ଦ ପାନ କରିବା ଉପଭୋଗ କରନ୍ତି । ଚଢ଼େଇଙ୍କର କଳରବ ଶୁଣନ୍ତି । ପ୍ରକୃତି ଓ ଗ୍ରାମ ପରିବେଶକୁ ନେଇ ସେ ଏକ ପୁସ୍ତକ ରଚନା କଲେ "ସ୍ୱର୍ଗୀୟ ଗ୍ରାମ" । ପୁସ୍ତକଟି ସବୁଆଡେ ଚର୍ଚ୍ଚା ହେଲା । ଫ୍ରାନ୍ସ ସରକାର ପୁସ୍ତକଟିର ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କୁ ଜୀବନ ସାରା ଆର୍ଥିକ ସହାୟତା ମିଳିବ ବୋଲି ଘୋଷଣା କଲା । କିନ୍ତୁ ରୁଷୋ ନିଜର ସ୍ୱତନ୍ତ୍ରତା ବିକ୍ରି ନ କରି ସହାୟତା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଲେ ।

Listen to Odia Podcast Original at https://youtube.com/@drjyotiprasad

ତାପରେ ରୁଷୋଙ୍କ ଦ୍ୱାରା ଲିଖିତ ପୁସ୍ତକ "ଏମଲି" ଶିକ୍ଷା ନିମନ୍ତେ ଅଦ୍ୱିତୀୟ ରୂପେ ପ୍ରସିଦ୍ଧି ପାଇଲା । ସେଥିପାଇଁ ତାଙ୍କୁ ଦୁନିଆର ମହାନ ଶିକ୍ଷା ଶାସ୍ତ୍ରୀ କୁହାଯାଏ । ତାଙ୍କ କହିବା ଅନୁସାରେ ମାତା ପିତା ହିଁ ପିଲାଙ୍କର ପ୍ରକୃତ ଗୁରୁ । ଘରେ ପିଲାମାନଙ୍କୁ ଯେଉଁ ସଂସ୍କାର ଉପଲବ୍ଧି ହୁଏ ତାହା ଅତୁଲ୍ୟ ଅଟେ । ସ୍କୁଲ ଶିକ୍ଷାରେ ତାହା ବଦଳାଇ ହେବ ନାହିଁ । କିନ୍ତୁ ବହୁତ ଲୋକ ତାଙ୍କ ପ୍ରେରଣାକୁ ହାସ୍ୟସ୍ପଦ ବୋଲି ମନେକଲେ । ସେମାନଙ୍କ କହିବା ଅନୁସାରେ ରୁଷୋ ତାଙ୍କର ୫ଟି ପିଲାଙ୍କ ନିମନ୍ତେ କଣ କରିଛନ୍ତି ? ପିଲାଙ୍କର କୌଣସି ଉତ୍ତରଦାୟିତ୍ୱ ନାହିଁ । ବିଦ୍ୱାନମାନେ ସେଥିପାଇଁ ଖୁବ୍ ବିରୋଧ କଲେ । ରୁଷୋଙ୍କ ବିଚାର ନିରର୍ଥକ ବୋଲି ଜଣାଇଲେ । ସ୍ଥିତି ଏଭଳି ଉପୁଜିଲା କି ରଷୋ ଫ୍ରାନ୍ସରେ ରହିବା କଠିନ ହୋଇଗଲା । କିଛି ମାନସମ୍ମାନ ମିଳିଲା ନାହିଁ । ଯାହାଫଳରେ ସେ ଫ୍ରାନ୍ସ ଛାଡି ଲଣ୍ଡନ ଚାଲି ଗଲେ । ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଗଲା । ସେଠି ଅବସ୍ଥାନ ସମୟରେ ସେ ନିଜର ଆତ୍ମକଥା ରଚନା କଲେ । ଆତ୍ମକଥାରେ ନିଜର ବିବଷତା ବିଷୟରେ ସ୍ପଷ୍ଟ ଜଣାଇଥିଲେ । କିନ୍ତୁ କିଛିବର୍ଷ ପରେ ଲଣ୍ଡନରେ ରହୁଥିବା ଘନିଷ୍ଠ ବନ୍ଧୁଙ୍କ ସହ ଝଗଡା ହେବା କାରଣରୁ ପୁନଃ ଫ୍ରାନ୍ସ ଫେରି ଆସିଲେ । ତାଙ୍କର ଅନ୍ତିମ ଦିନ ଗୁଡିକ ମଧ୍ୟ ସୁଖରେ ଅତିବାହିତ ହୋଇପାରି ନଥିଲା । ତଥାପି ସାହିତ୍ୟ, କଳା ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ବିଚାର ମିମନ୍ତେ ତାଙ୍କୁ ସ୍ମରଣ କରାଯାଏ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

# ଆମ ରାଜଧାନୀ ସାହିତ୍ୟ ହାଟ

କୃଷ୍ଣଚନ୍ଦ୍ର ମହାପାତ୍ର



ଚାଣକ୍ୟଙ୍କ ମତରେ -

"ରୂପ, ଯୌବନ, ସମ୍ପନ୍ନ ବିଶାଳ କୁଳ ସମ୍ଭବା

ବିଦ୍ୟାହୀନଂ ନ ଶୋଭତେ ନିର୍ଗନ୍ଧାଇବ କିଂଶୁକା "

ସବୁ କିଛି ଥାଇ ମଧ୍ୟ ଯଦି ବିଦ୍ୟା ନାହିଁ, ସେ ଜୀବନ ନିରର୍ଥକ । ମାନବ ତାର ସମସ୍ତ ଅତ୍ୟାବଶ୍ୟକୀୟ ଜିନିଷ ପାଇବା ପରେ ନିଜର ଜ୍ଞାନ ଅର୍ଜନ ପାଇଁ ପିପାସୁ ସାଜିଥାଏ । ସେଥିପାଇ ଭକ୍ତକବି ମଧୁସୂଦନ  ଛୋଟ ପିଲାଙ୍କ ମନରେ ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଲେଖିଥିଲେ -

"ବିଦ୍ୟା ଅଟଇ ମହାଧନ

ବାଳକେ କର ଉପାର୍ଜନ ।

ବିଦ୍ୟା ଅଟଇ ମହାମିତ୍ର

ହୃଦୟେ ଘେନ କରି ଯତ୍ନ ।

ବିଦ୍ୟା ଅଟଇ ମହାମିତ୍ର

ସେ ସଙ୍ଗେ ହୁଅ ହେ ପବିତ୍ର ।

ବିଦ୍ୟା ଅଟଇ ମହାବଳ

ସେ ବଳେ ଜିଣ ଭୂମଣ୍ଡଳ ""

ସୁନ୍ଦର ପଙ୍କ୍ତି ମାଧ୍ୟମରେ ବିଦ୍ୟା ଆହରଣର ଗୁରୁତ୍ୱ ଉପରେ ବର୍ଣ୍ଣନା କରିଛନ୍ତି । ସମସ୍ତ ଧନକୁ ଭାଗ କରାଯାଇ ପାରେ । କିନ୍ତୁ ବିଦ୍ୟା ଏବଂ ତତ୍ ସହିତ ଜ୍ଞାନକୁ ଭାଗ କରାଯାଇ ନପାରେ । ବିଦ୍ୟାକୁ ଯେତେ ବଣ୍ଟନ କରିବ, ସେତେ ବିଦ୍ୟାର ଶ୍ରୀ ବୃଦ୍ଧି ଘଟିବ । ତେଣୁ ସବୁଠି ବିଦ୍ୱାନର ପ୍ରଶଂସା । କାନ୍ତକବିଙ୍କ ଭାଷାରେ -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ବିଦ୍ୟାକୁ ଅମୂଲ୍ୟ ରତନ ଜାଣ
ପାଠୁଆକୁ ମିଳେ ସବୁଠି ମାନ
ଅପାଠୁଆ ହେଲେ କେହି
ସଂସାର ଭିତରେ ଜଣେ ବୋଲି ତତେ କାହିଁରେ ଗଣିବେ ନାହିଁ "

ସାହିତ୍ୟ । ସହିତସ୍ୟ ଭାବ ଇତି ସାହିତ୍ୟ । ସମସ୍ତଙ୍କୁ ଭାବରେ ବାନ୍ଧିବାର କଳା ହିଁ ସାହିତ୍ୟ । ଜୀବନ ଜିଜ୍ଞାସାର ଚିତ୍ର ପରିସ୍ଫୁଟ । ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ମତରେ - "ଭାବ, ଭାଷା ସମନ୍ୱୟରେ ସାହିତ୍ୟ ହୁଏ ନାହିଁ । ମନୁଷ୍ୟ ସଙ୍ଗେ ମନୁଷ୍ୟର, ଅତୀତ ସହିତ ବର୍ତ୍ତମାନର, ଦୂର ସହିତ ନିକଟର ଅନ୍ତରଙ୍ଗ ମିଳନକୁ ସାହିତ୍ୟ କହନ୍ତି ।"

ଜୀବନ, ସମାଜ ଆଦିର ଚିତ୍ର ବହନ କରିବା ପାଇଁ ସମାଜକୁ ଦିଗ୍ ଦର୍ଶନ ଦେଇଥାଏ । ପାଶ୍ଚାତ୍ୟ ସମାଲୋଚକ ହଡସନଙ୍କ ମତରେ - "It is fundamentally an expression of life through the medium of language"

ସାହିତ୍ୟର ବ୍ୟାପକତା ଜ୍ଞାନର ପରିସୀମା ମଧ୍ୟରେ ସୀମାବଦ୍ଧ ନୁହେଁ । ଜୀବନକୁ ସରସ, ସୁନ୍ଦର, ନିରାମୟ କରିବା ଏହାର ଲକ୍ଷ୍ୟ ।

ଜ୍ଞାନ ଅର୍ଜନ କରିବା ସହିତ୍ୟ ସାହିତ୍ୟ ଅଧ୍ୟୟନ ପୂର୍ବକ ତାହାର ଶ୍ରୀବୃଦ୍ଧି କରିବା ପାଇଁ ଜ୍ଞାନ ପିପାସୁ ଖୋଜିଥାଏ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା, ତାଳପତ୍ର ପୋଥି, ଶିଳାଲେଖ ଇତ୍ୟାଦି । ସମୟ କ୍ରମରେ ଆସ୍ତେ ଆସ୍ତେ ତାଳପତ୍ର ପୋଥି ବିଲୁପ୍ତ ହେଲାଣି । ଶିଳାଲେଖ, ତାମ୍ର ପଟ୍ଟା ମଧ୍ୟ ଅନୁରୂପ ଅବସ୍ଥା । ଯାହା କିଛି ବର୍ତ୍ତମାନ ଅଛି, ତାହା ସଂଗ୍ରହାଳୟରେ । ଏହା ବାଦ ପୁସ୍ତକରେ ଲିପିବଦ୍ଧ ତଥ୍ୟ ସଂଗ୍ରହ କରିବା ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡିଥାଏ । ଯାହାକି ସମୟ ସାପେକ୍ଷ । କିନ୍ତୁ ପ୍ରାୟତଃ ବିଭିନ୍ନ ଭାଷାର ରଚନାବଳୀ ଗୋଟିଏ ଜାଗାରେ ଉପଲବ୍ଧି ହୋଇଥାଏ । ପକେଟରେ ପଇସା ଥାଇ ମଧ୍ୟ ଚାହୁଁଥିବା ବହିଟି ମିଳିବାରେ କଷ୍ଟ ହୋଇଥାଏ । ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ପୁସ୍ତକମେଳା । ସେହି ମେଳାରେ ମଧ୍ୟ ପାଠକ ଇଚ୍ଛା କରୁଥିବା ପୁସ୍ତକ ମିଳେ ନାହିଁ । କିନ୍ତୁ ପ୍ରତିବର୍ଷ ଆମର ରାଜଧାନୀରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ସେ ଦୃଷ୍ଟିରୁ ଅନନ୍ୟ । ବିଭିନ୍ନ ପ୍ରାନ୍ତରୁ ପୁସ୍ତକ ପ୍ରକାଶକ ମାନେ ରାଜଧାନୀର ଏହି ଦୀର୍ଘ ସମୟ ଧରି ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ବା ସାହିତ୍ୟ ହାଟରେ ଭାଗ ନେଇଥାନ୍ତି । ପାଠକଟିଏ ବିଭିନ୍ନ ଦୋକାନ ପରିଭ୍ରମଣ ସହିତ ତାଙ୍କର ଇଚ୍ଛା କରୁଥିବା ଦୁଷ୍ପ୍ରାପ୍ୟ ପୁସ୍ତକଟି ରିହାତି ଦରରେ ପାଇ ଯେ କେତେ ଖୁସି ଅନୁଭବ କରେ, ତାହା ଅନୁଭବି ହିଁ ଜାଣିପାରିବେ । ଆମ ରାଜଧାନୀ ଭୁବନେଶ୍ୱରରେ ଲେଖକ ସାମୁଖ୍ୟ ଆନୁକୂଲ୍ୟରେ  ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ମଧ୍ୟ ଚଳିତ ନଭେମ୍ବର ୧୯ ତାରିଖ ଠାରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ହାଟ, ଯେଉଁଠି ଗ୍ରାହକ ତାର ଇଚ୍ଛା ମୁତାବକ ଜିନିଷ କିଣିଥାଏ । ଠିକ୍ ସେହିପରି ପୁସ୍ତକ ମେଳାରେ ପାଠକ ନିଜ ଇଚ୍ଛା ପ୍ରକାରେ ବିଭିନ୍ନ ଦୋକାନ ବୁଲି ବୁଲି ତାର ପୁସ୍ତକ କ୍ରୟ କରିଥାଏ । ହାଟରେ କେବଳ ପୁସ୍ତକ ଦୋକାନ ମୁଖ୍ୟତଃ ଅଧିକ ଥିବାରୁ ଏହାକୁ ସାହିତ୍ୟ ହାଟ କହିବା ଯୁକ୍ତି ସଙ୍ଗତ । ଏତଦ୍ଭିନ୍ନ ପ୍ରତିଦିନ ସାହିତ୍ୟ ସଂପର୍କୀତ ଆଲୋଚନା, ନୃତ୍ୟ, ଗୀତ, ବିଭିନ୍ନ ପ୍ରତିଯୋଗୀତା ଏହି ହାଟର ମୁଖ୍ୟ ଆକର୍ଷଣ । ଯେହେତୁ ଏହା ରାଜଧାନୀରେ ଅନୁଷ୍ଠିତ ହେଉଛି, ନିଶ୍ଚିତ ଭାବରେ ଏହା ଆମ ରାଜଧାନୀ ସାହିତ୍ୟ ହାଟ କହିବାରେ ଦ୍ୱିରୁକ୍ତି ନାହିଁ । ଅନ୍ୟ ଏକ ଗୋଷ୍ଠୀ ଦ୍ୱାରା ମଧ୍ୟ ପରବର୍ତ୍ତୀ ସମୟରେ ପୁସ୍ତକମେଳା ଅନୁଷ୍ଠିତ ହୋଇଥାଏ । କାଦମ୍ବରୀ ପତ୍ରିକା ତରଫରୁ ପ୍ରତିବର୍ଷ ପତ୍ରିକାର ହାଟ ବସିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ । ଭାଷା ସାହିତ୍ୟର ଉନ୍ନତି ପାଇଁ ଏଭଳି ସାହିତ୍ୟ ହାଟର ଆବଶ୍ୟକତା ଅଛି, ଏହା ନିଃସନ୍ଦେହରେ କୁହାଯାଇପାରେ । ଚତୁର୍ବର୍ଗ ଫଳ ହି ସାହିତ୍ୟର ଉଦ୍ଦେଶ୍ୟ । ଯଥାର୍ଥରେ କୁହାଯାଇଛ -

"ଧର୍ମାର୍ଥ କାମ ମୋକ୍ଷଣାଂ ବୈକ୍ଷଣ୍ୟଂ କଳାମୁଚ
କରୋତି କୀର୍ତ୍ତିମ୍ ପ୍ରୀତିଂ ଚ ସାଧକାବ୍ୟ ନିବନ୍ଧନମ୍ "

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାସ୍ତୁଶାସ୍ତ୍ର ମାନିବା ଆବଶ୍ୟକ କି ?

ସରୋଜିନୀ ବେହେରା



ବାସ୍ତୁଶାସ୍ତ୍ର ହେଉଛି ଭାରତୀୟ ସ୍ଥାପତ୍ୟ ଏବଂ ଗୃହ ନିର୍ମାଣର ଏକ ପ୍ରାଚୀନ ବିଜ୍ଞାନ । 'ବାସ୍ତୁ' ଶବ୍ଦର ଅର୍ଥ ହେଉଛି ଯେଉଁ ସ୍ଥାନରେ ମଣିଷ ବାସ କରେ । ପ୍ରକୃତିର ପଞ୍ଚତତ୍ତ୍ୱ (ପୃଥିବୀ,ଜଳ, ଅଗ୍ନି, ବାୟୁ, ଆକାଶ) ମଧ୍ୟରେ ସନ୍ତୁଳନ ରକ୍ଷା କରି ଘର, ମନ୍ଦିର କିମ୍ବା ଅନ୍ୟ ଭବନ ନିର୍ମାଣ କରିବା ଏହାର ମୂଳ ଉଦ୍ଦେଶ୍ୟ । ଏହାର ଉଲ୍ଲେଖ ପ୍ରାଚୀନ ମାନସାର, ବୃହତ ସଂହିତା ଆଦିରେ ମିଳିଥାଏ । ବାସ୍ତୁଶାସ୍ତ୍ର ଜୀବନଶୈଳୀକୁ ସୁନ୍ଦର ଓ ବ୍ୟବସ୍ଥିତ କରିବାର ଏକ ପାରମ୍ପରିକ ମାର୍ଗ ।

ବାସ୍ତୁଶାସ୍ତ୍ରର କିଛି ନିୟମ ବ୍ୟବହାରିକ ଦୃଷ୍ଟିକୋଣରୁ ଯୁକ୍ତିସଙ୍ଗତ ହୋଇପାରେ -

ଏହା ଭାରତର ପୁରାତନ ସ୍ଥାପତ୍ୟ ପରମ୍ପରାର ଅଂଶ ।

ସୂର୍ଯ୍ୟକିରଣ ଓ ବାୟୁ ଚଳାଚଳକୁ ଗୁରୁତ୍ୱ ଦିଏ ।

ବାସ୍ତୁରେ ବିଶ୍ୱାସ କରୁଥିବା ଲୋକଙ୍କୁ ଏହା ଆତ୍ମବିଶ୍ୱାସ ଓ ଆତ୍ମସନ୍ତୋଷ ଦେଇଥାଏ ।

ଘରର ଆଲୋକ, ବାୟୁ ଓ ସ୍ଥାନ ବିନ୍ୟାସ ସମ୍ବନ୍ଧୀୟ କିଛି ନିୟମ ଉପଯୋଗୀ ହୋଇପାରେ ।

କେବଳ ବାସ୍ତୁ ମାନିଲେ ଧନ, ଚାକିରୀ କିମ୍ବା ସଫଳତା ନିଶ୍ଚିତ ବୋଲି ବିଜ୍ଞାନ ସମର୍ଥନ କରେ ନାହିଁ ।

ବାସ୍ତୁର ସମସ୍ତ ନୀତିକୁ ବୈଜ୍ଞାନିକ ଗବେଷଣା ସମର୍ଥନ କରେ ନାହିଁ ।

ପରିଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସ୍ଥିତି ଓ ସୁଯୋଗ ହିଁ ମନୁଷ୍ୟ ଜୀବନକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭାବିତ କରିଥାଏ ।

*ଛୋଟ ଜମିରେ ବାସ୍ତୁ ନିୟମ ମାନିବା କଷ୍ଟକର ହୋଇଥାଏ ।

*ସ୍ୱଷ୍ଟ ପ୍ରମାଣ ନଥାଇ କିଛି ଲୋକ ବାସ୍ତୁଦୋଷକୁ ନେଇ ଚିନ୍ତିତ ହୋଇ ପଡନ୍ତି ।

ବାସ୍ତୁଶାସ୍ତ୍ରକୁ ପରମ୍ପରା ଓ ବ୍ୟକ୍ତିଗତ ବିଶ୍ୱାସ ଭାବରେ ଦେଖା ଯାଇଥାଏ । ଯଦିଓ ଏହାର କିଛି ନିୟମ ଭଲ ତେଣୁ ଏହା ଉପଯୋଗୀ ହୋଇପାରେ । କିନ୍ତୁ ଜୀବନର ସଫଳତା ଓ ବିଫଳତା କେବଳ ବାସ୍ତୁ ଉପରେ ନିର୍ଭର କରେ ବୋଲି ଆମେ କହି ପାରିବା ନାହିଁ । ତେଣୁ ଏହାକୁ ମାନିବା ନମାନିବା ବ୍ୟକ୍ତିଗତ ଆସ୍ଥାର ବିଷୟ ହୋଇଥାଏ । ସଫଳତା ଓ ଖୁସି ପାଇଁ ଏହାକୁ ମାନିବା ବାଧ୍ୟତାମୂଳକ ନୁହେଁ ।

ପାଳଲହଡ଼ା, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାସ୍ତୁଶାସ୍ତ୍ର ମାନିବା ଆବଶ୍ୟକ କି ?

ନିବେଦିତା ପଣ୍ଡା



ବାସ୍ତୁ ଶାସ୍ତ୍ର ହେଉଛି ଭାରତୀୟ ସନାତନ ସଂସ୍କୃତିର ଏକ ପ୍ରାଚୀନ ବିଜ୍ଞାନ । ଏହା ଗୃହ ନିର୍ମାଣ ଏବଂ ସ୍ଥାପତ୍ୟ କଳାର ଏକ ପାରମ୍ପରିକ ଶୈଳୀ, ଯାହା ପ୍ରକୃତିର ପଞ୍ଚଭୂତ (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) ସହ ମଣିଷର ବାସସ୍ଥାନକୁ ସନ୍ତୁଳିତ କରିବାର ମାର୍ଗ ଦେଖାଇଥାଏ । ଆଧୁନିକ ଯୁଗରେ ଘର ତିଆରି କରିବା ସମୟରେ "ବାସ୍ତୁ ଶାସ୍ତ୍ର ମାନିବା ନିତ୍ୟାନ୍ତ ଆବଶ୍ୟକ କି ନାହିଁ" — ଏହାକୁ ନେଇ ସମାଜରେ ଦୁଇଟି ଭିନ୍ନ ମତ ଦେଖିବାକୁ ମିଳେ ।

***ବାସ୍ତୁ ଶାସ୍ତ୍ରର ଗୁରୁତ୍ୱ ଓ ବୈଜ୍ଞାନିକ ଆଧାର***

ବାସ୍ତୁ ଶାସ୍ତ୍ର କେବଳ ଅନ୍ଧବିଶ୍ୱାସ ନୁହେଁ, ଏହା ପଛରେ କେତେକ ବୈଜ୍ଞାନିକ ଓ ବ୍ୟବହାରିକ କାରଣ ମଧ୍ୟ ରହିଛି:

**ଆଲୋକ ଓ ବାୟୁର ଚଳାଚଳ**- ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାର ବା ଝରକା ପୂର୍ବ କିମ୍ବା ଉତ୍ତର ଦିଗରେ ରହିଲେ ଘରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଓ ଶୁଦ୍ଧ ବାୟୁ ଆସିଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ।

**ସକାରାତ୍ମକ ଶକ୍ତି**- (Positive Energy): ବିଶ୍ୱାସ କରାଯାଏ ଯେ ବାସ୍ତୁ ନିୟମ ଅନୁଯାୟୀ ନିର୍ମିତ ଘରେ ରହିଲେ ମନ ଶାନ୍ତ ରହେ, ପରିବାରରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ ଏବଂ ମାନସିକ ଚାପ ହ୍ରାସ ପାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**ଦିଗର ସଠିକ୍ ବ୍ୟବହାର-** ରୋଷେଇ ଘର ଅଗ୍ନି କୋଣରେ ଏବଂ ଶୋଇବା ଘର ଦକ୍ଷିଣ-ପଶ୍ଚିମ ଦିଗରେ ରହିବା ଦ୍ୱାରା ଘରର ସାମଗ୍ରିକ ପରିବେଶ ସନ୍ତୁଳିତ ରହେ ।

***ଆଧୁନିକ ଦୃଷ୍ଟିକୋଣ ଏବଂ ବାଧ୍ୟତାବାଧକତା***

ଆଜିର ବ୍ୟସ୍ତବହୁଳ ଜୀବନ ଓ ସହରୀକରଣ ଯୋଗୁଁ ବାସ୍ତୁ ଶାସ୍ତ୍ରକୁ ଶତପ୍ରତିଶତ ମାନିବା ସମସ୍ତଙ୍କ ପାଇଁ ସମ୍ଭବ ହୋଇନଥାଏ:

**ଜାଗାର ଅଭାବ-** ସହରଗୁଡ଼ିକରେ ଫ୍ଲାଟ୍ ବା ଆପାର୍ଟମେଣ୍ଟ ସଂସ୍କୃତି ଯୋଗୁଁ ନିଜ ଇଚ୍ଛା ଅନୁସାରେ ଦିଗ ନିର୍ଦ୍ଧାରଣ କରିବା କଷ୍ଟକର ।

**ମାନସିକ ଶାନ୍ତି ଓ କର୍ମ-** ଅନେକ ଆଧୁନିକ ଚିନ୍ତାଧାରାର ବ୍ୟକ୍ତି ମାନନ୍ତି ଯେ ମଣିଷର କର୍ମ, ପରିଶ୍ରମ ଏବଂ ସକାରାତ୍ମକ ଚିନ୍ତାଧାରା ହିଁ ତାର ସଫଳତାର ଚାବିକାଠି । ଯଦି ପରିବାରରେ ଭଲପାଇବା ଓ ଶାନ୍ତି ଥାଏ, ତେବେ ବାସ୍ତୁ ଦୋଷ ବିଶେଷ ପ୍ରଭାବ ପକାଏ ନାହିଁ ।

***ଏହା କଣ ନିତ୍ୟାନ୍ତ ଆବଶ୍ୟକ ?***

ଏହାର ସହଜ ଉତ୍ତର ହେଉଛି — ଏହା ନିତ୍ୟାନ୍ତ ବାଧ୍ୟତାମୂଳକ ନୁହେଁ, ବରଂ ଏହା ବ୍ୟକ୍ତିର ବ୍ୟକ୍ତିଗତ ବିଶ୍ୱାସ ଉପରେ ନିର୍ଭର କରେ ।

ଯଦି ବାସ୍ତୁ ନିୟମ ମାନିବା ଦ୍ୱାରା ଆପଣଙ୍କୁ ମାନସିକ ସନ୍ତୋଷ ଓ ଆତ୍ମବିଶ୍ୱାସ ମିଳୁଛି, ତେବେ ଏହାକୁ ମାନିବା ଭଲ । ମାତ୍ର ବାସ୍ତୁ ନିୟମକୁ ନେଇ ଅତ୍ୟଧିକ ଚିନ୍ତିତ ହେବା, ଭୟଭୀତ ହେବା କିମ୍ବା ତିଆରି ହୋଇସାରିଥିବା ଘରକୁ ବାରମ୍ବାର ଭାଙ୍ଗିବା ଆଦୌ ଉଚିତ୍ ନୁହେଁ ।

***ଶେଷକଥାରେ ଏତିକି କୁହାଯାଇପାରେ ଯେ***

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାସ୍ତୁ ଶାସ୍ତ୍ରକୁ ଏକ କଠୋର ନିୟମ ଭାବେ ନଦେଖି, ଏହାକୁ ସୁସ୍ଥ ଓ ଆଲୋକିତ ଜୀବନଶୈଳୀର ଏକ ମାଧ୍ୟମ ଭାବେ ଗ୍ରହଣ କରାଯିବା ଉଚିତ୍ । ବିଜ୍ଞାନ ଓ ପରମ୍ପରାର ସନ୍ତୁଳନ ରକ୍ଷା କରି, ଘରକୁ ସ୍ୱଚ୍ଛ, ଶାନ୍ତ ଏବଂ ସକାରାତ୍ମକ ରଖିବା ହିଁ ପ୍ରକୃତ ବାସ୍ତୁ । ସର୍ବୋପରି, ଯେଉଁ ଘରେ ସ୍ନେହ, ଆଦର ଓ ପବିତ୍ରତା ଥାଏ, ସେଠାରେ ଈଶ୍ୱର ସଦାସର୍ବଦା ବାସ କରନ୍ତି ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜି ବି ଆମେ ଅନ୍ଧବିଶ୍ୱାସୀ କି ?

କାହ୍ନୁଚରଣ ପାଣିଗ୍ରାହୀ



ହଁ, ଏବେ ବି ଅନେକ ମଣିଷ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ବଶବର୍ତ୍ତୀ ହେଉଛନ୍ତି । ବିଜ୍ଞାନର ଉନ୍ନତି ଆଶାନୁରୂପ ବିକାଶ ଘଟିଥିଲେ ହେଁ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଯେଉଁଠି ଏବେ ବି ସଭ୍ୟତାର ଆଲୋକ ପହଞ୍ଚି ପାରିନାହିଁ । ଏପରିକି ସଭ୍ୟ ଶିକ୍ଷିତ ଅଞ୍ଚଳରେ କେତକ କ୍ଷେତ୍ରରେ ଅନ୍ଧବିଶ୍ୱାସ ରହିଛି । ତେଣୁ ସମାଜରୁ ଅନ୍ଧବିଶ୍ୱାସ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୋଇପାରିନାହିଁ ।

ସେଦିନ "ରେବତୀ" ସମୟ ଓ ଆଜିର ବିକଶିତ ସ୍ୱାଧୀନ ଆଧୁନିକତାର ପ୍ରାବଲ୍ୟ ଦେଶରେ ଅନ୍ଧବିଶ୍ୱାସର ହାର ବହୁମାତ୍ରାରେ ଲୋପ ପାଇଥିଲେ ହେଁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଇ ନାହିଁ ।

ବେଳେ ବେଳେ ଧର୍ମୀୟ ଭାବନା ଓ ବିଶ୍ୱାସ ଭିତରେ ଅନ୍ଧବିଶ୍ୱାସ ଗଳାବାଟ ଖୋଜି ମଣିଷ ଭିତରେ ପ୍ରବେଶ କରିଥାଏ ।

କିନ୍ତୁ ଏହା ସହିତ ସତ୍ୟ ଏଇଆ ବି ଯେ, ଅନେକ ଲୋକ ଏବେ ପ୍ରଶ୍ନ କରୁଛନ୍ତି, ବୁଝିବାକୁ ଚେଷ୍ଟା କରୁଛନ୍ତି । ଚାଲନ୍ତୁ ଖୋଲି ଆଲୋଚନା କରିବା ।

୧. ଏବେ ବି ସମାଜରେ କିଛି କୁସଂସ୍କାର ଦେଖାଯାଉଛି

***କ. ସ୍ୱାସ୍ଥ୍ୟ ଓ ଜୀବନ ସହ ଜଡ଼ିତ***

**ଗୁଣି-ଗାରେଡ଼ି** : ରୋଗ ହେଲେ ଡାକ୍ତର ନ ଯାଇ ଗୁଣିଆ ପାଖକୁ ଦୌଡ଼ିବା । ବିଶେଷ କରି ଗାଁରେ । ସାପ କାମୁଡ଼ାରେ ଗୁଣିଆ ପାଖକୁ ଯିବା ।

**ଡାହାଣୀ ଆଖ୍ୟା** : ଏବେ ବି କିଛି ଆଦିବାସୀ ଅଞ୍ଚଳରେ ମହିଳାଙ୍କୁ ଡାହାଣୀ କହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାରିବା ଓ ନିର୍ଯାତନା ଦେବା ଦୃଷ୍ଟି ଗୋଚର ହୁଏ ।

**ନଜର ଲାଗିବା** : ପିଲା କାନ୍ଦିଲେ ତୁରନ୍ତ "ନଜର ଲାଗିଲା" ବୋଲି ଲଙ୍କା-ମରିଚ ପୋଡିବା ।

***ଖ. ବିବାହ ଓ ସାମାଜିକ ଜୀବନ***

**ଶନିବାର-ମଙ୍ଗଳବାର ବିବାହ ମନା** : ତାରିଖ ନମିଳିଲେ ବି ଏଇ ୨ଦିନକୁ ଟାଳିବା ।

**ବିଧବାଙ୍କ ଉପରେ କଟକଣା** : କେତେକ ପରିବାରରେ ବିଧବା ମହିଳାଙ୍କୁ ଶୁଭ କାମରେ ବସାନ୍ତି ନାହିଁ ।

**ଜାତି ଓ ରାଶି ମିଳନ** : ଶିକ୍ଷିତ ହୋଇବି କେବଳ କୁଣ୍ଡଳୀ ମିଳୁନି ବୋଲି ଭଲ ସମ୍ପର୍କ ଭାଙ୍ଗିବା ।

***ଗ. ଶିକ୍ଷିତ ଲୋକଙ୍କ ନୂଆ ଅନ୍ଧବିଶ୍ୱାସ***

**ନମ୍ବର ଓ ରଙ୍ଗ** : "୧୩ ଅଶୁଭ", "କଳା ରଙ୍ଗ ଖରାପ" ବୋଲି ବିଶ୍ୱାସ ।

**ବାସ୍ତୁ ଭୟ** : ଘର କଣ ଟେଢା ହେଲେ ବି ଭାଙ୍ଗି ନୂଆ କରିବା ।

**ସୋସିଆଲ ମିଡିଆ ଚେନ୍ ମେସେଜ** : "ଏଇ ମେସେଜ ଫରୱାର୍ଡ ନକଲେ ଅମଙ୍ଗଳ ହେବ" ।

୨. କାହିଁକି ମଣିଷ ଏବେ ବି ଏଥିରେ ବନ୍ଧା ହୋଇଛି ?*

**୧. ଭୟ** ଭବିଷ୍ୟତର ଅନିଶ୍ଚିତାକୁ ନେଇ ଭୟ । "ଯଦି ଏଇଆ ନକଲେ କିଛି ହୋଇଯିବ" ଭାବି ପୁରୁଣା ଅନ୍ଧବିଶ୍ୱାସକୁ ଆଦରି ନେଉଥିବାର ଦେଖାଯାଏ । ଅଶିକ୍ଷା କାରଣରୁ ଏ ସବୁ ଭାବନା ଆସେ ।

**୨. ଶିକ୍ଷାର ଅଭାବ** ବିଜ୍ଞାନକୁ ବୁଝିନପାରିବା । ଘଟଣା ଓ କାରଣର ସମ୍ପର୍କ ନ ଜାଣିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**୩. ପରମ୍ପରାର ଦବଦବା** "ଆମ ପୂର୍ବପୁରୁଷ କରି ଆସୁଥିଲେ" -କିଛି ପ୍ରଶ୍ନ ନକରି ସେହି ଧାରାରେ ମାନିଚାଲିବା ।

**୪. ଲାଭଖୋର ଲୋକ** କିଛି ଗୁଣିଆ, ଭଣ୍ଡ ବାବା ଲୋକଙ୍କର ଦୁର୍ବଳତାର ସୁଯୋଗ ନେଇ ଭୟ ଦେଖାଇ ଟଙ୍କା ଲୁଟୁଥାନ୍ତି ।

**୫. ମାନସିକ ଦୁର୍ବଳତା** ଚାକିରି/ରୋଜଗାର ନମିଳିଲେ, ରୋଗ ହେଲେ ଶୀଘ୍ର ଫଳ ପାଇବାକୁ ଚାହିଁବା ଫଳରେ ଅନ୍ଧବିଶ୍ୱାସର ଶୀକାର ହୋଇଥାନ୍ତି ।

୩. କିନ୍ତୁ ସମୟ ବଦଳିଛି , ସଚେତନତା ସୃଷ୍ଟି ହୋଇଛି, - ପରିବର୍ତ୍ତନର ସ୍ୱର ସୁଦୃଢ଼ ହେଉଛି ।

**ଶିକ୍ଷା ଓ ଇଣ୍ଟରନେଟ୍** : ସମାଜରେ ଶିକ୍ଷାର ପ୍ରସାର ଘଟିଛି । ବିଜ୍ଞାନ ପ୍ରତି ଆଗ୍ରହ ବଢ଼ିଛି । ଇଣ୍ଟରନେଟ ବ୍ୟବହାର ବ୍ୟାପକ ହୋଇଛି । ଗୋଟିଏ କ୍ଲିକରେ ଲୋକ ସତ-ମିଥ୍ୟା ଯାଞ୍ଚ କରିପାରୁଛନ୍ତି ।

**ଯୁବପିଢ଼ିର ପ୍ରଶ୍ନ** : ସଚେତନତା ବୃଦ୍ଧି ଫଳରେ ଯୁବପିଢ଼ି ପ୍ରତିଟି କଥାରେ କାରଣ ଜାଣିବାକୁ ଆଗ୍ରହୀ । "କାହିଁକି ?", "ଏହାର ଲଜିକ୍ କ'ଣ ?" ବୋଲି ପଚାରୁଛନ୍ତି ।

**ଆଇନ** : ବିଭିନ୍ନ ଅନ୍ଧବିଶ୍ୱାସ ବିରୋଧୀ ଆଇନ ଆସିଛି ।

**ସଚେତନତା** : ଡାକ୍ତର, ଶିକ୍ଷକ, ସରକାର ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ସହ ଗାଁ-ଗାଁରେ ସଚେତନତା ଯାତ୍ରା କରୁଛନ୍ତି । ବସ୍ତି ବାସିନ୍ଦା ମାନଙ୍କ ପାଇଁ ମଧ୍ୟ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି ।

ଓଡିଶାରେ ବି ଅନେକ ଯୁବ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବେ ଗ୍ରାମାଞ୍ଚଳରେ ଯାଇ ଅନ୍ଧବିଶ୍ୱାସ କୁସଂସ୍କାର ବିରୁଦ୍ଧରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ବୁଝାଉଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୪. ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ପ୍ରଭେଦ କ'ଣ ?

**ବିଶ୍ୱାସ** : ମୋତେ ଶକ୍ତି ଦିଏ, ଆଶା ଦିଏ, ମନୁଷ୍ୟକୁ ଭଲ କରେ ।

**ଉଦାହରଣ**: ଠାକୁରଙ୍କୁ ପୂଜା କରି ମନକୁ ଶାନ୍ତି ମିଳିବା ।

**ଅନ୍ଧବିଶ୍ୱାସ** : ମୋତେ ଭୟ ଦେଇ, ଟଙ୍କା ଲୁଟେ, ମଣିଷକୁ ଛୋଟ କରେ ।

**ଉଦାହରଣ** : "ଏଇ ମହିଳା ଡାହାଣୀ, ତାକୁ ମାରିଦିଅ" ।

**କୁସଂସ୍କାର** : ଯାହା ବିଜ୍ଞାନ ଓ ମାନବତା ବିରୋଧୀ ।

**ଉଦାହରଣ** : ରୋଗୀକୁ ଡାକ୍ତର ନ ଦେଖାଇ ଘରେ ବାନ୍ଧି ରଖିବା । ଗୁଣି ଗାରେଡ଼ି ଦ୍ୱାରା ଭଲ କରିବାକୁ ପ୍ରୟାସ କରି ଅବହେଳା କରିବା ।

୫. ଆମେ କ'ଣ କରିପାରିବା ?

**ପ୍ରଶ୍ନ କର** : "ଏହା କାହିଁକି ହେଉଛି ?" ବୋଲି ନିଜକୁ ପଚାର ।

**ଜ୍ଞାନ ବଢାଅ** : ବିଜ୍ଞାନ ଓ ଶାସ୍ତ୍ର ଉଭୟକୁ ପଢ । ରାମାୟଣରେ ବି ରାମ କହିଛନ୍ତି - "ବୁଦ୍ଧି ଲଗାଇ କର୍ମ କର" ।

**ସମ୍ମାନ ସହ ବୁଝାଅ** : ବଡମାନଙ୍କୁ ଗାଳି ନକରି ଭଲଭାବେ ବିଜ୍ଞାନ ବୁଝାଅ ।

**ଉଦାହରଣ ହୁଅ** : ତୁମେ ଯଦି ଅନ୍ଧବିଶ୍ୱାସ ନକର, ତେବେ ତୁମକୁ ଦେଖି ୪ ଜଣ ଶିଖିବେ ।

ହଁ, ଏବେ ବି ଅନେକ ଲୋକ ଅନ୍ଧବିଶ୍ୱାସ ଭିତରେ ବନ୍ଧା ହୋଇଛନ୍ତି । କିନ୍ତୁ ଶିକୁଳି ଏବେ ଢିଲା ହେବାକୁ ଲାଗିଛି । ସ୍ୱାମୀ ବିବେକାନନ୍ଦ କହିଥିଲେ: "ଶିକ୍ଷା ହିଁ ସମସ୍ତ ସମସ୍ୟାର ସମାଧାନ ।"

ଧର୍ମ ଆମକୁ ମଣିଷ କରେ, ଭୟ କରେ ନାହିଁ । ଯେଉଁ ବିଶ୍ୱାସ ଭୟ ଦେଉଛି, ଘୃଣା ଶିଖାଉଛି - ସେହି ଅନ୍ଧବିଶ୍ୱାସ ପ୍ରତି ସଜାଗ ହେବାର ଆବଶ୍ୟକତା ରହିଛି । ଆଲୋକ ଆସିଲେ ଅନ୍ଧାର ନିଜେ ଚାଲିଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜି ବି ଆମେ ଅନ୍ଧବିଶ୍ୱାସୀ କି ?

ଅନୁସୂୟା ଦେବତା



ଏକବିଂଶ ଶତାବ୍ଦୀର ସୂର୍ଯ୍ୟାଲୋକରେ ଆଲୋକିତ ଆମର ଏହି ଆଧୁନିକ ସମାଜ । ହାତ ପାପୁଲିରେ ସାରା ଦୁନିଆର ଜ୍ଞାନ ଏବଂ ମହାକାଶରେ ମଣିଷର ନୂଆ ଘର । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଏବଂ କୃତ୍ରିମ ବୁଦ୍ଧିମତ୍ତା (AI)ର ଏହି ଯୁଗରେ ଆମେ ଆମକୁ 'ଶିକ୍ଷିତ' ଏବଂ 'ସଭ୍ୟ' ବୋଲି ଦାବି କରୁଛୁ । କିନ୍ତୁ ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ଆନ୍ଦୋଳିତ କରେ— ସତରେ କ'ଣ ଆମେ ମାନସିକ ସ୍ତରରେ ସ୍ୱାଧୀନ ? ନା ଆଜି ବି ଆମେ ଅନ୍ଧବିଶ୍ୱାସର ଦାସ ?

ଯଦି ଆମେ ନିଜ ଚାରିପାଖର ସତ୍ୟତାକୁ ଅନୁଧ୍ୟାନ କରିବା, ତେବେ ଉତ୍ତରଟି ଅତ୍ୟନ୍ତ ଦୁଃଖଦାୟକ । ଉଚ୍ଚ ଶିକ୍ଷାର ଡିଗ୍ରୀ, ବିଜ୍ଞାନର ଆବିଷ୍କାର ଏବଂ ବାହ୍ୟ ଚାକଚକ୍ୟ ସତ୍ତ୍ୱେ, ଆମ ମାନସିକତାର ଗଭୀରରେ ଅନ୍ଧବିଶ୍ୱାସର ଚେର ଆଜି ବି ଶକ୍ତ ହୋଇ ରହିଛି ।

ଆଜିର ମଣିଷ କମ୍ପ୍ୟୁଟର ଚଲାଉଛି, ରୋବୋଟିକ୍ସ ବ୍ୟବହାର କରୁଛି, କିନ୍ତୁ ଘରୁ ବାହାରିବା ସମୟରେ ବିଲେଇ ରାସ୍ତା କାଟିଦେଲେ ଗାଡ଼ି ରୋକି ଦେଉଛି । ଉଚ୍ଚ ଶିକ୍ଷିତ ଲୋକମାନେ ବି ନିଜର ଭାଗ୍ୟ ବଦଳାଇବା ପାଇଁ ଗ୍ରହ-ନକ୍ଷତ୍ରର ଚକ୍ରବ୍ୟୂହରେ ଛନ୍ଦି ହୋଇ ହାତର ଦଶଟି ଆଙ୍ଗୁଠିରେ ଦଶଟି ରତ୍ନ ପିନ୍ଧୁଛନ୍ତି ।

ଯେତେବେଳେ କୌଣସି ଶିକ୍ଷିତ ପରିବାର ରୋଗର ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ନ ଯାଇ ଗୁଣିଆ କିମ୍ବା ବାବାଙ୍କ ଶରଣାପନ୍ନ ହୁଏ, ସେତେବେଳେ ପ୍ରଶ୍ନ ଉଠେ— ଶିକ୍ଷା ସତରେ ଆମକୁ ସଚେତନ କଲା ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧବିଶ୍ୱାସର ସବୁଠାରୁ ବଡ଼ ଜନ୍ମଦାତା ହେଉଛି 'ଭୟ' ।

ଭବିଷ୍ୟତର ଭୟ: ଚାକିରି, ସ୍ୱାସ୍ଥ୍ୟ, ପରିବାର ଏବଂ ସମ୍ପତ୍ତିକୁ ହରାଇବାର ଆଶଙ୍କା ।

ଅଜ୍ଞତାର ଭୟ: ପ୍ରାକୃତିକ କାରଣକୁ ନ ବୁଝି ତାହାକୁ କୌଣସି 'ଅଦୃଶ୍ୟ ଶକ୍ତି' କିମ୍ବା 'ଅଭିଶାପ'ର ରୂପ ଦେବା ।

ଏହି ଭୟକୁ ଆଧାର କରି କିଛି ସ୍ୱାର୍ଥପର ବ୍ୟକ୍ତି ଏବଂ ଭଣ୍ଡ ବାବା ଆମର କୋମଳ ମାନସିକତାକୁ ଶୋଷଣ କରନ୍ତି । ଆମେ କେବଳ ସେମାନଙ୍କର ନିର୍ଦ୍ଦେଶକୁ ଆଖି ବୁଜି ମାନିନେଉ— ଏହା ଗୁଲାମୀ ନୁହେଁ ତ ଆଉ କ'ଣ ?

ସୋସିଆଲ୍ ମିଡିଆର ଏହି ଯୁଗରେ ଅନ୍ଧବିଶ୍ୱାସ କେବଳ ଗାଁ-ଗହଳିରେ ସୀମିତ ହୋଇ ରହିନାହିଁ, ଏହା 'ଡିଜିଟାଲ୍' ହୋଇସାରିଛି ।

"ଏହି ମେସେଜକୁ ୧୦ ଜଣଙ୍କୁ ପଠାନ୍ତୁ, ନଚେତ୍ ଅଶୁଭ ହେବ"

"ଏହି ଚିତ୍ରକୁ ଲାଇକ୍ କଲେ ଲୋଟେରୀ ଲାଗିବ"

ଏଭଳି ଗୁଜବ ଏବଂ ଭ୍ରାନ୍ତ ଧାରଣାଗୁଡ଼ିକ ମିନିଟ୍‌କରେ ଲକ୍ଷ ଲକ୍ଷ ଶିକ୍ଷିତ ଲୋକଙ୍କ ଦ୍ୱାରା ଶେୟାର୍ ହେଉଛି । ଏହା ପ୍ରମାଣ କରେ ଯେ ଆମେ ବୈଷୟିକ ଜ୍ଞାନକୌଶଳକୁ ଗ୍ରହଣ କରିଛୁ ସତ, କିନ୍ତୁ 'ବିଜ୍ଞାନସମ୍ମତ ଚିନ୍ତନ' କୁ ଆପଣେଇ ନାହୁଁ ।ଆଜି ବି ଆମେ ଅନ୍ଧବିଶ୍ୱାସର ଦାସ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତରେ ଶ୍ରବଣକୁମାର କଣ ପିତୃମାତୃ ଭକ୍ତ ?

ହରପ୍ରିୟା ରାଉତରାୟ



ଶ୍ରବଣ କୁମାର, ହଁ ଶ୍ରବଣ କୁମାରଙ୍କର ପିତୃମାତୃ ଭକ୍ତି ଥିଲା । ତ୍ରେତୟା ଯୁଗର କଥା ।

ଶ୍ରବଣ କୁମାର ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ପିତା ଅନ୍ଧ ଏବଂ ମାତା ଅନ୍ଧୁଣୀ ଥିଲେ । ତେଣୁ ସେ ତାଙ୍କ ପିତାମାତାଙ୍କର ବହୁତ ସେବାଯତ୍ନ କରୁଥିଲେ । ଏଥିରେ ତାଙ୍କ ମାତା ବହୁତ ଦୁଃଖି ହେଉଥିଲେ ଓ କହୁଥିଲେ କେତେ ଆମ ପାଇଁ ସେବା କରିବୁ ତୁ ଚିନ୍ତା କରନା ହେଲେ ଶ୍ରବଣ କୁମାର ମାନନ୍ତି ନାହିଁ ସବୁ କାର୍ଯ୍ୟ କରିଥାନ୍ତି । ଦିନକର କଥା ପିତା କହିଲେ ଆରେ ପୁତ୍ର ତୁ ତ ଆମର ସବୁ ମନୋସ୍କାମନା ପୂରା କରୁଛୁ ଆଉ ଗୋଟେ ଇଚ୍ଛା ଅଛି ତାହା ପୂରଣ କରି ପାରିବୁ ? ପୁତ୍ର ଶ୍ରବଣ କୁମାର କହିଲେ ହଁ କାହିଁକି ନୁହେଁ କଣ କୁହ । ପିତା କହିଥିଲେ ଆମର ଟିକେ ଇଚ୍ଛା ହେଉଛି ତୀର୍ଥସ୍ଥାନ ବୁଲିଯିବାକୁ ନେଇ ପାରିବୁ । ହଁ ମୁଁ ପାରିବି । ଗୋଟିଏ ଭାର ଠିକ୍ କରି ଦୁଇପଟରେ ଦୁଇଟି ଟୋକେଇ ରଖି ବ୍ୟବସ୍ଥା କରି ଗୋଟିଏ ପାର୍ଶ୍ୱରେ ମାତାକୁ ଗୋଟିଏ ପାର୍ଶ୍ୱରେ ପିତାଙ୍କୁ ବସାଇ ଅନେକ ତୀର୍ଥସ୍ଥାନ ଭ୍ରମଣ କରାଇଥିଲେ । କିନ୍ତୁ ଯେତେବେଳେ ଅଯୋଧ୍ୟାରେ ସରଯୂ ନଦୀ କୂଳରେ ପହଞ୍ଚି ବିଶ୍ରାମ ନେଉଥିଲେ ସେତେବେଳେ ଶ୍ରବଣ କୁମାର ମାତାଙ୍କୁ ବହୁ ଜୋରରେ ଶୋଷ ଲାଗିଥିଲା । ସେ କହିଥିଲେ ପୁତ୍ର ମୋତେ ଭାରି ଶୋଷ ହେଉଛି ଟିକେ ପାଣି ଆଣି ଦେବୁ । ପୁତ୍ର କହିଥିଲେ ତୁମେ ଏଇଠି ବସିଥାଅ ମୁଁ ଯାଉଛି ପାଣି ନେଇ ଆସେ । ସେତେବେଳେ ଅଯୋଧ୍ୟାର ରାଜା ଥିଲେ ରାଜା ଦଶରଥ । ଦଶରଥଙ୍କର ଭାରି ଶିକାର ପ୍ରିୟ ଥିଲେ । ତେଣୁ ଯେତେବେଳେ ଶ୍ରବଣ କୁମାର କମଣ୍ଡଲୁରେ ପାଣି ଭରିଛନ୍ତି ସେତେବେଳେ ରାଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦଶରଥ ଭାବିଲେ ବୋଧେ ହରିଣ ପାଣି ପିଉଛି ସେ ଠିକ୍ ସେହି ସମୟରେ ଶବ୍ଦଭେଦୀ ଶର ନିକ୍ଷେପ କରିଥିଲେ, ସେ ଶର ଯାଇ ଶ୍ରବଣ କୁମାର ଛାତିରେ ବିଦ୍ଧ ହୋଇଥିଲା । ଶ୍ରବଣ କୁମାର ବିକଳରେ ଆର୍ତ୍ତନାଦ ଚିତ୍କାର କରିଥିଲେ । ଏହି ଶବ୍ଦ ଶୁଣି ରାଜା ଦଶରଥ ଦୌଡି ଆସିଥିଲେ ଏବଂ ଶ୍ରବଣ କୁମାରକୁ ଦେଖି ଗଭୀର ଦୁଃଖରେ ମର୍ମାହତ ହୋଇଥିଲେ ଏବଂ ତାଙ୍କ ଛାତିରେ ବିଦ୍ଧ ହୋଇଥିବା ଶରକୁ ବାହାର କରି ଦେଇଥିଲେ । ସେ କିନ୍ତୁ ବିକଳରେ କହିଥିଲେ ଏଇଠି ମୋର ବାପା ମାଆ ବସିଛନ୍ତି ତାଙ୍କୁ ନେଇ ଟିକେ ପାଣି ଦେଇଦେବ ଏତିକି କହି ସାରିବା ପରେ ତାଙ୍କର ଜୀବନ ଚାଲିଯାଇଥିଲା, ରାଜା ଦଶରଥ ଦୁଃଖରେ ମର୍ମାହତ ହୋଇ ପାଣି ନେଇ ତାର ବାପା ମାଆଙ୍କ ପାଖକୁ ଯାଇଥିଲେ । ବାପା ମାଆଙ୍କ ପାଖରେ ପହଞ୍ଚିଲା ପରେ ସେମାନେ ଜାଣି ଦେଇଥିଲେ ଇଏ ଆମ ଶ୍ରବଣର ପାଦ ଶବ୍ଦ ନୁହେଁ ତେଣୁ ସେ କହିଲେ ତୁମେ କିଏ ଆମର ଶ୍ରବଣ କାହିଁ ସେ ସବୁ କଥା କହି ଦେଇଥିଲେ ଏସବୁ ଶୁଣିବା ପରେ ବାପା ମାଆ ବି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ରାଜା ଦୁଃଖରେ ଭାଙ୍ଗି ପଡିଥିଲେ । ସତରେ ଶ୍ରବଣ କୁମାର ଭକ୍ତି ଓ  ସେବା ମହନୀୟ । ମାତା ପିତା ପାଇଁ ଜୀବନ ହାରି ଦେଇଥିଲେ । ଏହା ରାମାୟଣ ଯୁଗର କଥା ସତରେ ତାଙ୍କ ନାମ ଇତିହାସ ବକ୍ଷରେ ଲିପିବଦ୍ଧ ହୋଇ ରହିଛି ରହିଥିବ ମଧ୍ୟ ଏଥିରୁ ଆମେ ଶିକ୍ଷାଲାଭ କରିବାକୁ ପାଇଲୁ ଯେ ପିତାମାତାଙ୍କୁ ଭକ୍ତି କରିବା ଉଚିତ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତରେ ଶ୍ରବଣକୁମାର କଣ ପିତୃମାତୃ ଭକ୍ତ ?

ସୀମା କାନୁନଗୋ



ସତରେ ପିତୃମାତୃ ଭକ୍ତ ଥିଲେ ଶ୍ରବଣ କୁମାର । ପିତା ମାତାଙ୍କର ସେବା କର୍ମ ଥିଲା ତା' ପାଇଁ ଥିଲା ପରମ ଧର୍ମ । ଆଖି ନଥିବା ପିତାମାତା ତା' ପାଇଁ ଥିଲେ ଜୀବନ୍ତ ଦେବତା । ସେ ସେମାନଙ୍କ ସେବା କରିବା ତା ଜୀବନର ବ୍ରତ ଥିଲା । ପିତାମାତା ଇଚ୍ଛୁକ ଥିଲେ ତୀର୍ଥମାନ ଭ୍ରମଣ କରିବା ପାଇଁ ।

ଗରୀବ ପରିବାର ହେଇଥିବାରୁ ଯିବା ଆସିବା କରିବାର ଅନ୍ୟ ସାଧନ ବି କିଛି ନଥିଲା । ତେଣୁ ଶ୍ରବଣ କୁମାର ଗୋଟିଏ ବାହୁଙ୍ଗୀ ଆଣି ବାହୁଙ୍ଗୀର ଦୁଇପଟେ ଦୁଇଟି ଟୋକେଇ ରଖି ରଶି ବାନ୍ଧି, ସେହି ଟୋକେଇରେ ନିଜ ବୃଦ୍ଧ ପିତାମାତାଙ୍କୁ ବସାଇ କାନ୍ଧରେ ବାହୁଙ୍ଗୀ ନେଇ ତୀର୍ଥସ୍ଥାନ ମାନ ଭ୍ରମଣ କରାଉଥିଲା ।

ଯେତେବେଳେ ଅଯୋଧ୍ୟା ପାଖ ବନରେ ପିତାମାତାଙ୍କୁ ରଖି ପିଇବା ପାଇଁ ନଦୀରୁ ଜଳ ଆଣୁଥିଲା, ସେହି ସମୟରେ ରାଜା ଦଶରଥଙ୍କ ଶବ୍ଦ ଭେଦୀରେ କ୍ଷତାକ୍ତ ହେଲା। ଦଶରଥ ଅଜାଣତରେ କରିଥିବା ଭୁଲ୍ ଯୋଗୁଁ ଶ୍ରବଣ କୁମାର ପରି ପିତୃମାତୃ ଭକ୍ତ ଯୁବକଟି ଅକାଳରେ ମୃତ୍ୟୁବରଣ କଲା । ମୃତ୍ୟୁବରଣ କରିବା ସମୟରେ ମଧ୍ୟ ନିଜ ତୃଷାର୍ତ୍ତ ପିତାମାତାଙ୍କ ପାଇଁ ସେ ଚିନ୍ତିତ ଥିଲା ଏବଂ ରାଜା ଦଶରଥଙ୍କୁ ତା' ପିତାମାତାଙ୍କୁ ପାଣି ନେଇ ପିଆଇବାକୁ ରାଜା ଦଶରଥଙ୍କୁ ଅନୁରୋଧ କରିଥିଲା । ଏହି ସବୁ ଘଟଣାରୁ ତା ପିତୃମାତୃ ଭକ୍ତିର ପରିଚୟ ମିଳିଥାଏ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭକ୍ତ ଅଧିକ, ଭକ୍ତି ନାହିଁ

ଜସ୍ମିନ୍ ସାହୁ



ଚଳିତ ବର୍ଷ ରଥଯାତ୍ରାରେ ଯେଉଁଠି ଦେଖିବ ଚାରିଆଡ଼େ କେବଳ ଗୋଟିଏ କଥା, ଯେ "ଭକ୍ତ ଅଧିକ ହେଲେ ଭକ୍ତି ନାହିଁ ।" ଆମ ସମସ୍ତଙ୍କ ଅତିପ୍ରିୟ କାଳିଆ ଠାକୁର ବିନା ଟାହିଆରେ ଏବଂ ସତେଜତାହୀନ ଶ୍ରୀମୁଖରେ ଦର୍ଶନ ଦେଇଛନ୍ତି । କାଳିଆ ଠାକୁରଙ୍କ ଟାହିଆକୁ ନେଇ କେତେ ଯେ ବିବାଦ ସୃଷ୍ଟି ହେଲା, ପୁଣି କିଏ କେଉଁ କାରଣ ଦର୍ଶାଇ ସେ ବିବାଦକୁ ଟାଳିଦେଲେ ବି ଗୋଟିଏ କଥା କେବେ ବି ବଦଳିବ ନାହିଁ, ଯେ ଭକ୍ତମାନଙ୍କ ଠାରୁ ହିଁ ଭଗବାନ । ଗୋଟିଏ ଭକ୍ତର ଅପୂର୍ବ ଭକ୍ତି ଭଗବାନଙ୍କୁ ସୁନ୍ଦର କରେ । ଭକ୍ତ ତ ପ୍ରତିବର୍ଷ ଠାରୁ ଅଧିକ ହେଲେଣି ହେଲେ ଭକ୍ତି ଏତେ ମାତ୍ରାରେ ନାହିଁ ଯେ ଠାକୁରଙ୍କ ଶ୍ରୀମୁଖରେ ସତେଜତା ଆଣିପାରିବ । ଏହା କହିବା ପଛରେ ତାତ୍ପର୍ଯ୍ୟ ମଧ୍ୟ ଅଛି । ଏହାକୁ ବୁଝିବା ଯଥେଷ୍ଟ ନୁହେଁ, ଅନୁଭବ ହେବା ଆବଶ୍ୟକ ।

ଆମେ ଓଡ଼ିଆ ଜାତି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ଜଡ଼ିତ । ଶ୍ରୀଜଗନ୍ନାଥ ଆମ ପାଇଁ ଯେତିକି ପ୍ରାଧାନ୍ୟ ଆମ ଭକ୍ତି ମଧ୍ୟ ସେତିକି ଦୃଢ଼ ହେବା ଉଚିତ୍ । ଆମେ ଯେତେ ଆଧୁନିକ ହେଉଛୁ, ଆମ ଭକ୍ତି ସେତିକି ତୀବ୍ରରେ ବଢ଼ିପାରୁ ନାହିଁ । ଏବେ ତ ଯୁଗ ଆଧୁନିକ ସହ ଡିଜିଟାଲ ମଧ୍ୟ ହୋଇଗଲାଣି । ଏବେ ପିଲା ଠାରୁ ବୁଢ଼ା ଯାଏଁ ସମସ୍ତଙ୍କ ହାତରେ ମୋବାଇଲ । ମୋବାଇଲ ଧୀରେ ଧୀରେ ସଙ୍କେତ ପାଲଟି ସାରିଲାଣି ଲୋକ ମାନଙ୍କର, ଯାହା ହାତରେ ମୋବାଇଲ ସିଏ ଶିକ୍ଷିତ ହେଲେ ଭଗବାନଙ୍କ ସାମ୍ନାରେ ସମସ୍ତେ ସମାନ । କିଏ ବି ଶିକ୍ଷିତ ନୁହେଁ କି କିଏ ବି ଅଶିକ୍ଷିତ ନୁହେଁ । ମୋବାଇଲର ରିଲ୍ସ ଦେଖି ଭଗବାନଙ୍କ ପ୍ରତି ଆସକ୍ତ ହେଲେ ବି ତାହା ହୃଦୟରୁ ଆସି ନଥାଏ । ଶ୍ରୀଜଗନ୍ନାଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ଜଗତର ପାଳନକର୍ତ୍ତା । ତାଙ୍କ ସାମ୍ନାକୁ ଗଲେ କେବଳ ଭକ୍ତିରେ ଦୁଇ ହାତ ଟେକିବା ଦରକାର, ହେଲେ ଆଜିକାଲି ଲୋକମାନେ ଆଉ ହାତକୁ ନ ଟେକି, ହାତରେ ଫୋନ୍ ଧରି ଫୋଟ ଉଠେଇବାକୁ ପ୍ରାଧାନ୍ୟ ଦେଇଥାନ୍ତି । ଭକ୍ତ ହେବାଟା ସହଜ, ହେଲେ ମନରେ ଭକ୍ତି ଆସିବା ବହୁତ କଷ୍ଟ । ଶ୍ରୀଜୀଉଙ୍କର ଦର୍ଶନ ମାତ୍ରେ ଷଡ଼ ରିପୁର ଆଉ କୌଣସି ପ୍ରକାରର ସ୍ଥାନ ମନରେ ରୁହେ ନାହିଁ । ତାଙ୍କ ଚକାନୟନ ସହିତ ଆମ ଆଖି ମିଶିଗଲେ ଯେଉଁ ଲୁହ ଧାର ଧାର ହୋଇ ବହେ, ତା'ଠାରୁ ପବିତ୍ର ଆଉ କିଛି ବି ହୋଇ ନଥାଏ । ଶ୍ରୀଜଗନ୍ନାଥଙ୍କ ରୂପକୁ ଆମେ ମୋବାଇଲର ଗ୍ୟାଲେରିରେ ନୁହଁ, ଆମ ହୃଦୟରେ ରଖିବା ଉଚିତ । ଯେଉଁ ଚତୁର୍ଦ୍ଧାମୂର୍ତ୍ତିକୁ ଆମେ ଦର୍ଶନ କରୁଛେ, ସେ କେବଳ ଉପରେ ନୁହଁ, ଆମ ହୃଦୟରେ ବିରାଜମାନ ହୁଅନ୍ତି । ଥରେ ଭାବିଲ ଦେଖି ଆମେ ଆମ ହୃଦୟର ଫଟୋ ଉଠାଇ ପାରିବା ? ନାହିଁ । ଆମେ କେବଳ ହୃଦୟର ଧକ ଧକକୁ ଅନୁଭବ କରିପାରିବା ।

ଚତୁର୍ଦ୍ଧାମୂର୍ତ୍ତିର ଫଟୋ ଉଠେଇ ଆମେ ମୋବାଇଲରେ ରଖୁଛେ ଏଥିପାଇଁ, ଯେ ଘରକୁ ଗଲା ପରେ ଆମେ ମନ ଭରି ତାଙ୍କୁ ଦେଖିପାରିବା, ହେଲେ ସତ କଥା ଏୟା, ଯେ ବ୍ୟସ୍ତବହୁଳ ଜୀବନରେ ଆମେ ଘରକୁ ଆସିଲେ ଭୁଲି ଯାଇଥାଉ, କିନ୍ତୁ ଆମେ ଆମ ଆଖିରେ ଯେବେ ଚତୁର୍ଦ୍ଧାମୂର୍ତ୍ତିକୁ ମନ ଭରି ଦେଖୁ, ସେତେବେଳେ ଆମେ ଯେଉଁଠି ଥାଉ ନା କାହିଁକି ଆଖି ବୁଜିଲା କ୍ଷଣି ତାଙ୍କ ରୂପକୁ ଆମେ ଜଳଜଳ କରି ଦେଖିଥାଉ । ଆମେ ହାତରେ କେବଳ ଗୋଟେ ଜିନିଷକୁ ଜାବୁଡ଼ିକି ଧରିପାରିବା । ଆମେ କଣ ଧରିବା ତାହା ଆମ ଉପରେ ନିର୍ଭର କରୁଛି, ଶ୍ରୀଜଗନ୍ନାଥଙ୍କର ଚରଣାମୃତ ଅଥବା ପାଦୁକ ନା ମୋବାଇଲ । ମୋବାଇଲରେ ଫଟୋ ଉଠାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଆମେ କେବଳ ଫଟୋ ଉଠାଇବା ଉଦ୍ଦେଶ୍ୟରେ ଠାକୁରଙ୍କ ପାଖକୁ ଯିବା ତାହା ଉଚିତ୍ ନୁହେଁ । ଆମେ ଦର୍ଶନ କରିବାକୁ ଗଲେ କେବଳ ଦର୍ଶନ କରି ସେଠୁ ଦୌଡ଼ାଦୌଡ଼ି ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତରବରରେ ପଳେଇ ଆସୁ, କିନ୍ତୁ ଶ୍ରୀଜଗନ୍ନାଥଙ୍କ ଆରତୀ ବନ୍ଦନା ସମ୍ପୂର୍ଣ୍ଣ ନ ହେଲା ପର୍ଯ୍ୟନ୍ତ ସେଠାରୁ ଆସିବା ଉଚିତ୍ ନୁହେଁ । ବ୍ୟସ୍ତବହୁଳ ଜୀବନରେ ଆମେ ସବୁ କାର୍ଯ୍ୟ ଚଞ୍ଚଳ ମନରେ କରୁଥିଲେ ମଧ୍ୟ ଦିନରେ ଗୋଟିଏ ଥର ମନ୍ଦିରକୁ ଯାଇ କାଳିଆ ସାଆନ୍ତଙ୍କ ଆଗରେ ସ୍ଥିର ମନରେ ଦର୍ଶନ କରି ଧ୍ୟାନ କରିବା ଉଚିତ୍ ।

ଆଜିକାଲି ଡିଜିଟାଲ ଯୁଗରେ ନୂତନ ପିଢ଼ି ପ୍ରାୟ ସବୁକ୍ଷେତ୍ରରେ ମୋବାଇଲକୁ ପ୍ରାଧାନ୍ୟ ଦିଅନ୍ତି, ହେଲେ ଠାକୁରଙ୍କ ସାମ୍ନାରେ ଠିଆ ହୋଇ ମୋବାଇଲକୁ ଛାଡ଼ିଲେ ହିଁ ଆମେ ତାଙ୍କପ୍ରତି ଥିବା ଆମର ଭକ୍ତିକୁ ଅନୁଭବ କରିପାରିବା । ଠାକୁରଙ୍କ ଦର୍ଶନର ଭିଡ଼ ମଧ୍ୟରେ ଲୋକ ଯେତିକି ମୋବାଇଲ ମଧ୍ୟ ସେତିକି, ଏ ପରିସ୍ଥିତି କେବଳ ପୁରୀରେ ସୀମିତ ନୁହେଁ, ସବୁଆଡ଼େ ଏହି ଘଟଣା, କିନ୍ତୁ ସତ କଥା ଏୟା, ଯେ ମୋବାଇଲ ସଂଖ୍ୟା କମିଲେ ହିଁ ଭକ୍ତଙ୍କ ମନରେ ଭକ୍ତି ବଢ଼ିବ, ସେତେବେଳେ ହିଁ କୁହାଯାଇପାରିବ, ଯେ "ଭକ୍ତ ଯେତିକି ଭକ୍ତି ମଧ୍ୟ ସେତିକି ।"

।। ଜୟ ଜଗନ୍ନାଥ ।।

ଜସ୍ମିନ ସାହୁ
ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad